

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 306, Wednesday, 28 February 2024, Puri, Pages- 29, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୦୬, ବୁଧବାର, ୨୮ ଫେବୃଆରୀ ୨୦୨୪, ପୁରୀ, ୨୯ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 306, Wednesday, 28 February 2024, Puri, Pages- 29, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୦୬, ବୁଧବାର, ୨୮ ଫେବୃଆରୀ ୨୦୨୪, ପୁରୀ, ୨୯ ପୃଷ୍ଠା, ମୂଲ୍ୟ - ୭ ଟଙ୍କା






ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ selfiedunia96@gmail.com କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 306, Wednesday, 28 February 2024, Puri, Pages- 29, Rs. 7/- ■ ଦଶମ ବର୍ଷ, ସଂଖ୍ୟା-୩୦୬, ବୁଧବାର, ୨୮ ଫେବୃଆରୀ ୨୦୨୪, ପୁରୀ, ୨୯ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


### ମିଶନ ଶକ୍ତି ମା'ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ

- ଆସନ୍ତା ୫ ବର୍ଷରେ ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଖୋଲିବ
- ମିଶନ ଶକ୍ତି ସଦସ୍ୟାଙ୍କୁ ମିଳିବ ୟୁନିଫର୍ମ ଓ ବ୍ଲେଜର
- ଓଡିଶାର ରୂପାନ୍ତରରେ ମା' ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି-ମୁଖ୍ୟମନ୍ତ୍ରୀ
- ଆସନ୍ତା ୫ ବର୍ଷ ମଧ୍ୟରେ ୭୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ମା' ମାନଙ୍କୁ ଯୋଗାଇ ଦିଆଯିବ

ଭୁବନେଶ୍ୱର (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡିଶାର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠି ମା' ମାନଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥା, ମିଶନ ଶକ୍ତି ମା' ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ । ମା' ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ମୋ ସରକାର ନିରନ୍ତର ଭାବେ କାମ କରିଚାଲିଛି । ସେ ଆହୁରି ମଧ୍ୟ କହିଥିଲେ ଯେ ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ମା' ମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ



ବିଜିନେସ୍ ସହାୟତା ଯୋଗାଇ ଦିଆଯାଇଅଛି । ମା' ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ପାର୍ଟନର ହୋଇଛନ୍ତି । ନୂଆ ଓଡିଶା ଗଠନରେ ସାମିଲ ହୋଇଛନ୍ତି । ଆଜି ମିଶନ ଶକ୍ତି ମା' ମାନଙ୍କର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି । ସ୍ୱୟଂ ସହାୟକ ଗୋଷ୍ଠିର ମା' ମାନେ ଦୁବାଇ ଓ ସିଙ୍ଗାପୁରକୁ exposure visit ରେ ଯାଉଥିବାରୁ ଖୁସି ବ୍ୟକ୍ତ କରି କହିଥିଲେ ଯେ ଆଗକୁ ଅଧିକରୁ ଅଧିକ ମା' ମାନେ ବିଦେଶ ଯିବେ । ସ୍ୱୟଂ ସହାୟକ ଗୋଷ୍ଠିର ମା' ମାନେ SHG ▶(ପୃଷ୍ଠା-୧୫)

### ବାରବାଟୀ ଷ୍ଟାଡିୟମ୍ ନବୀକରଣ ପ୍ରକଳ୍ପର ଶିଳାନ୍ୟାସ

## ବିଭିନ୍ନ ଜିଲ୍ଲାରେ ହେବ ୪୧ଟି କ୍ରିକେଟ୍ ଏକାଡେମୀ

କଟକ (ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମ୍‌ର ନବୀକରଣ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହେବାକୁ ଥିବା ୪୧ଟି କ୍ରିକେଟ୍ ଏକାଡେମୀର ମଧ୍ୟ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି । ଭର୍ଚ୍ଚୁଆଲ ମାଧ୍ୟମରେ ଏହାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ । ବିଶ୍ୱସ୍ତରୀୟ ହେବ ଐତିହାସିକ ବାରବାଟୀ ଷ୍ଟାଡିୟମ । ଭର୍ଚ୍ଚୁଆଲ ମାଧ୍ୟମରେ ଆଜି ଏହାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାସହ ୩୦ ଜିଲ୍ଲା ପାଇଁ ୪୧ କ୍ରିକେଟ୍ ଏକାଡେମୀର ମଧ୍ୟ ଉଦଘାଟନ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୫T ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଯୋଗ ଦେଇଥିଲେ । ବାରବାଟୀ ଷ୍ଟାଡିୟମରେ ଅତ୍ୟାଧୁନିକ ସୁବିଧା ରହିବ । ଏକାସଙ୍ଗେ ୬୦ ହଜାର ଦର୍ଶକ ବସି ଖେଳ ଦେଖି ପାରିବେ । ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅତ୍ୟାଧୁନିକ ଜିମ୍ ସେଣ୍ଟର, ମଲ୍, ଷ୍ଟାର ହୋଟେଲ ଓ ଅଫିସ୍ ରହିବ । ଷ୍ଟାଡିୟମ ସମ୍ମୁଖକୁ ସାଧାରଣ ଲୋକଙ୍କ ପାଇଁ ବିକଶିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଶୀଳାନ୍ୟାସ ପାଇଁ ବାରବାଟୀରେ ଭବ୍ୟ କାର୍ଯ୍ୟକ୍ରମ ▶(ପୃଷ୍ଠା-୧୫)

## ଯୁକ୍ତ ୨ ଫିଜିକ୍ସ ପିଲା ପାଇବେ ଗ୍ରେସମାର୍କ

ଭୁବନେଶ୍ୱର(ବ୍ୟୁରୋ)

ଯୁକ୍ତ ୨ ଫିଜିକ୍ସ ପରୀକ୍ଷାରେ ତ୍ରୁଟି ହୋଇଛି ବୋଲି ମାନିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା CHSE କର୍ତ୍ତୃପକ୍ଷ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଆଶୋକ ନାୟକ କହିଛନ୍ତି, ଆଉଟ ଅଫ୍ ସିଲାବସ୍ ନୁହେଁ, ଚଏସ୍ ଡେଫିସିଟ୍ ରହିଥିଲା । ରେଗୁଲାର ଓ ଏକ୍ସ ରେଗୁଲାର ସିଲାବସକୁ ନେଇ ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା ।ସେ କହିଛନ୍ତି, କେବଳ ରେଗୁଲାର ପିଲାଙ୍କ ପ୍ରଶ୍ନରେ ମୋଟ ୧୯ ନମ୍ବର ଚଏସ ଡେଫିସିଟ୍ ରହିଛି । ଯେଉଁ ପିଲା ଏସବୁ ପ୍ରଶ୍ନ ଆଟେମ୍ପଟ ନେଇଥିବେ ଗ୍ରେସ୍ ମାର୍କ ପାଇବେ । ଆଟେମ୍ପଟ ନେଇ ନ ଥିଲେ ପିଲାଙ୍କୁ ଗ୍ରେସ୍ ମାର୍କ ମିଳିବ ନାହିଁ । ଯେତିକି ଚଏସ ଡେଫିସିଟ ପ୍ରଶ୍ନ ଆଟେମ୍ପଟ ନେଇଥିବେ ତାହାର ପୂରା ମାର୍କ ପାଇବେ । ତେଣୁ ସବୁ ପିଲାଙ୍କୁ ସମାନ ଗ୍ରେସ୍ ମାର୍କ ମିଳିବ ନାହିଁ ।ପରୀକ୍ଷା ନିୟନ୍ତ୍ରକ ଆଶୋକ ନାୟକ ଆହୁରି କହିଛନ୍ତି, କେବଳ ଗୋଟିଏ ପ୍ରଶ୍ନ ରେଗୁଲାର ପିଲାଙ୍କ ସିଲାବସକୁ କଭର କରିନି । ସେହି ଏକ ମାର୍କ ପିଲା ନିଶ୍ଚିତ ପାଇବେ । କେଉଁଠି ତ୍ରୁଟି ରହିଲା, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ । ଖୁବ୍ ଶୀଘ୍ର ଏକ୍ସପର୍ଟ କମିଟି ବସିବ । ଏକ୍ସପର୍ଟ କମିଟି ବସି ନିଷ୍ପତ୍ତି ନେବ । ସୂଚନାଯୋଗ୍ୟ, ଯୁକ୍ତ ଦୁଇ ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ । ଗୋଟିଏ କି ଦୁଇଟି ନୁହେଁ, ଫିଜିକ୍ସରେ ସିଲାବସ୍ ବାହାରୁ ୨୭ ମାର୍କର ପ୍ରଶ୍ନ ଆସିଥିବା ଅଭିଯୋଗ ଆଣିଥିଲେ ।

## ପୋଲିସ-ମାଓବାଦୀ ଗୁଳି ବିନିମୟ ଟଳିଲେ ୪ ମାଓବାଦୀ

ମାଲକାନଗିରି(ଅମୃତ ମିଡିଆ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ତୁଙ୍ଗଲି ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ଏଥିରେ ୪ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ, ବିଜାପୁର ଜିଲା ତୁଙ୍ଗଲି ଜଙ୍ଗଲ ଅଞ୍ଚଳରେ ଯବାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଥିଲା । ସେତିକିବେଳେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ । ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ । ମଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଦୀର୍ଘ ▶(ପୃଷ୍ଠା-୧୫)

## ମେ' ୧୫ ସୁଦ୍ଧା ପ୍ରକାଶ ପାଇପାରେ ଯୁକ୍ତଦୁଇ ପରୀକ୍ଷାଫଳ

ଭୁବନେଶ୍ୱର(ବ୍ୟୁରୋ)



ମେ' ୧୫ ଭିତରେ ପ୍ରକାଶ ପାଇପାରେ ଯୁକ୍ତ ଦୁଇ ପରୀକ୍ଷା ଫଳ । ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ ପାଇବ । ଆଜି ଏହି ସୂଚନା ଦେଇଛନ୍ତି CHSE ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ । ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ତାରିଖ ଭିତରେ ରେଜଲ୍ଟ ବାହାର କରାଯିବ ବୋଲି CHSE ପରୀକ୍ଷା ନିୟନ୍ତ୍ରକ କହିଛନ୍ତି । ସେ କହିଛନ୍ତି, ମାର୍ଚ୍ଚ ୨୦ ତାରିଖରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ସରିବ । ପରୀକ୍ଷା ସରିବାର ଦୁଇ ଦିନ ପରେ କିମ୍ବା ମାର୍ଚ୍ଚ ୨୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ । ମାର୍ଚ୍ଚ ୨୨ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ହେବ ।ସେହିପରି ଏପ୍ରିଲ ୪ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ । ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ । କଳା, ବିଜ୍ଞାନ ଓ ବାଣିଜ୍ୟ ▶(ପୃଷ୍ଠା-୧୫)

# ଚନ୍ଦ୍ର ଭଳି ଆରମ୍ଭ ହେବ ମିଶନ ଶୁକ୍ର

- ୨୦୩୦ ସୁଦ୍ଧା ସ୍ପେଶ୍ ଷ୍ଟେସନ ସ୍ଥାପନ
- ଗଗନଯାନ ମିଶନରେ ମହାକାଶକୁ ଯିବାକୁ ଥିବା ୪ ଜଣ ମହାକାଶଚାରୀଙ୍କ ନାଁ ଘୋଷଣା



ନୂଆଦିଲ୍ଲୀ

ଇସ୍ରୋର ଗଗନଯାନ ମିଶନ ମାଧ୍ୟମରେ ମହାକାଶକୁ ଯିବାକୁ ଥିବା ୪ ଜଣ ମହାକାଶଚାରୀଙ୍କ ନାଁ ଘୋଷଣା କରାଯାଇଛି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଚାରି ବୀରଙ୍କ ନାମ ଘୋଷଣା କରିଛନ୍ତି । ପ୍ରଥମ କରି ଭାରତୀୟ ବାୟୁସେନାର ଚାରି ଜଣ ଅଧିକାରୀ ମହାକାଶ ଯାତ୍ରା କରିବେ । ସେମାନେ ହେଉଛନ୍ତି ଗ୍ରୁପ୍ କ୍ୟାପଟେନ୍ ପ୍ରଶାନ୍ତ ବାଳକୃଷ୍ଣ, ଗ୍ରୁପ୍ କ୍ୟାପଟେନ୍ ଅଜିତ କୃଷ୍ଣ, ଗ୍ରୁପ୍ କ୍ୟାପଟେନ୍ ଅଙ୍ଗଦ ପ୍ରତାପ ଓ ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଲା । ବାୟୁସେନାର ଏହି ସାହସୀ ଯୋଦ୍ଧାଙ୍କ ନାମ ଘୋଷଣା କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ୪ ଜଣ କେବଳ ବ୍ୟକ୍ତି ନୁହନ୍ତି, ୧୪୦ କୋଟି ଜନତାଙ୍କ ଶକ୍ତି । ଦେଶର ନାଁକୁ ମହାକାଶକୁ ନେଇଯିବାର ଶକ୍ତି ହେଉଛନ୍ତି ଏହି ୪ ଜଣ । ଏମାନେ ବର୍ତ୍ତମାନର ଭାରତର ବିଶ୍ୱାସ ଓ ଶୌର୍ଯ୍ୟ ।ମହାକାଶଚାରୀଙ୍କ ପରିବାର ବର୍ଗଙ୍କୁ ସହଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଥମ ଥର ପାଇଁ ଭାରତ ନିଜ ରକେଟରେ ନିଜ ବୀରଙ୍କୁ ମହାକାଶ ପଠାଇବ । ଆଉ କିଛି ଦିନ ମଧ୍ୟରେ ଆମେ ପୁଣି ଥରେ ଚନ୍ଦ୍ରକୁ ଯାଉଛନ୍ତି । ଚନ୍ଦ୍ରରୁ ସାମ୍ପଲ ସଂଗ୍ରହ କରି ତାକୁ ପୃଥିବୀ ପୃଷ୍ଠକୁ ଆଣିବୁ । ମିଶନ ଶୁକ୍ର ନେଇ ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ସେ କହିଛନ୍ତି ଯେ, ଆଉ କିଛି ଦିନ ମଧ୍ୟରେ ଚନ୍ଦ୍ର ଭଳି ମିଶନ ଶୁକ୍ର ମଧ୍ୟ ଆରମ୍ଭ ହେବ । ଏଥିସହ ୨୦୩୦ ସୁଦ୍ଧା ଭାରତର ନିଜର ସ୍ପେଶ୍ ଷ୍ଟେସନ ସ୍ଥାପନ ହୋଇସାରିଥିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ମହିଳା ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳାଙ୍କ ବିନା ଏଭଳି କୌଣସି ମିଶନର କଳ୍ପନା କରି ହେବନି ।

### ସେ କହିଲେ...



'ଅବସରପ୍ରାପ୍ତ ଜିଲ୍ଲା ଜଜ୍‌ମାନେ ୧୯,୦୦୦-୨୦,୦୦୦ ଟଙ୍କା ପେନସନ ପାଉଛନ୍ତି । ଦୀର୍ଘ ସେବା ପରେ, ସେମାନେ କିପରି ସେମାନଙ୍କର ଜୀବନ ପରିଚାଳନା କରିବେ ? ଅବସରପ୍ରାପ୍ତ ବିଚାରପତିମାନେ ୬୧-୬୨ ବର୍ଷ ବୟସରେ ପ୍ରାକ୍ଟିସ କରିପାରିବେ ନାହିଁ । ଏହା ହେଉଛି ଏକ ପ୍ରକାର କାର୍ଯ୍ୟାଳୟ ଯେଉଁଠାରେ ଆପଣ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯାଆନ୍ତି । ଆପଣ ହଠାତ୍ ପ୍ରାକ୍ଟିସ କରି ୬୧-୬୨ ବର୍ଷ ବୟସରେ ହାଇକୋର୍ଟ ଯାଇପାରିବେ ନାହିଁ । ଆମେ ଏହାର ସଠିକ ସମାଧାନ ଚାହୁଁଛୁ । ଆପଣ ଜାଣନ୍ତି କି ଜିଲ୍ଲା ଜଜ୍ ପ୍ରକୃତରେ ଯନ୍ତ୍ରଣା ଭୋଗୁଛନ୍ତି ।

ଡି.ୱାଇ ଚନ୍ଦ୍ରଚୂଡ
ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି

# ମାର୍ଚ୍ଚ ମାସରୁ ଦେଶରେ ଲାଗୁହେବ ସିଏଏ !

ନୂଆଦିଲ୍ଲୀ




ଦୀର୍ଘ ୪ ବର୍ଷ ତଳୁ ଆଇନରେ ପରିଣତ ହୋଇ ସାରିଥିବା ନାଗରିକତ୍ୱ ସଂଶୋଧନ ଆଇନ ବା ସିଏଏ ଲାଗୁ କରିବାକୁ କେନ୍ଦ୍ର ସରକାରଙ୍କ ମନେ ପଡ଼ିଛି । ୪ ବର୍ଷ ତଳେ ଏହା ଲୋକସଭା ଓ ରାଜ୍ୟ ସଭାରେ ପାରିତ ହେବା ପରେ ଆଇନରେ ପରିଣତ ହୋଇଥିଲା । କିନ୍ତୁ ଏଯାଏ ଏହାର ନିୟମ ପ୍ରଣୟନ ହୋଇ ପାରୁ ନଥିଲା । କିନ୍ତୁ ଠିକ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ସିଏଏରେ କ'ଣ ସବୁ ନିୟମ ରହିବ, ତା'ର ନିଷ୍ପତ୍ତି ନେଇ ସାରିଛନ୍ତି । ସେହିପରି ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଏହା ଦେଶରେ ଲାଗୁ ହେବ ବୋଲି କିଛି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । କିନ୍ତୁ ଏଥିରେ ଥିବା ନିୟମ ଓ ବ୍ୟବସ୍ଥା ସମ୍ପର୍କରେ ଏଯାଏ କିଛି ବି ଜଣାପଡ଼ି ନାହିଁ । ରିପୋର୍ଟରେ କେବଳ କୁହାଯାଇଛି ଯେ ଆସନ୍ତା ମାସରୁ ସିଏଏ ଲାଗୁ ହୋଇପାରେ । ପ୍ରଥମ ଦଫାରେ ୩ଟି ଦେଶରେ ଧାର୍ମିକ ନିର୍ଯାତନା ସହି ନ ପାରି ଶରଣାର୍ଥୀ ଜୀବନ କାଟୁଥିବା ଲୋକଙ୍କୁ ତତ୍କାଳ ବା ଫାଷ୍ଟଟ୍ରାକ ନିୟମ ଆଧାରରେ ଭାରତର ନାଗରିକତା ପ୍ରଦାନ କରାଯିବ ।କେନ୍ଦ୍ରର କ୍ଷମତାସୀନ ବିଜେପି ସରକାର ମୁସଲିମଙ୍କୁ ଛାଡ଼ି ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ସବୁ ଧର୍ମର ଲୋକଙ୍କୁ ନାଗରିକତା ପ୍ରଦାନ କରିବାକୁ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଆଣିଥିଲେ । ବିଶେଷ କରି ବାହାର ରାଷ୍ଟ୍ରରେ ଧାର୍ମିକ ଆକ୍ରୋଶର ଶିକାର ହେଉଥିବା ହିନ୍ଦୁମାନଙ୍କୁ ଭାରତର ନାଗରିକତା ଦେବା ପାଇଁ ସିଏଏ ଲାଗୁ ହେବ ବୋଲି କୁହାଯାଇଥିଲା ।କେନ୍ଦ୍ରର ମୋଦି ସରକାର ଡିସେମ୍ବର ୨୦୧୯ରେ ଏହି ଆଇନ୍ ଆଣିଥିଲେ । ଏହି ଆଇନ୍ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ନିର୍ଯାତିତ ହିନ୍ଦୁ, ଶିଖ, ଜୈନ, ବୈଦ୍ଧ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ଭାରତ ନାଗରିକତ୍ୱ ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ତେବେ ମୁସଲମାନ ସମ୍ପ୍ରଦାୟକୁ କାହିଁକି ଏହି ଆଇନରେ ରଖାଯାଇ ନାହିଁ ବୋଲି ବିରୋଧୀ ପ୍ରଶ୍ନ କରି ସରକାରଙ୍କୁ ଘେରିଥିଲେ । ଜବାବରେ ସରକାର କହିଥିଲେ ଏହି ତିନି ଦେଶରେ ସର୍ବାଧିକ ଲୋକ ମୁସଲମାନ ସମ୍ପ୍ରଦାୟର ରହିଛନ୍ତି । ଏଠାରେ ରହୁଥିବା ଅଳ୍ପସଂଖ୍ୟକ ହିଁ ନିର୍ଯାତିତ ହେଉଛନ୍ତି । ତେଣୁ ସେମାନଙ୍କ ପାଇଁ ସିଏଏ ଆସିଛି । ତଥାପି ଏହାକୁ ବିରୋଧ କରି କରୋନା ଆସିବା ଯାଏ ଦିଲ୍ଲୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା ।

## ମହାମହିମ ରାଷ୍ଟ୍ରପତିଙ୍କ ଜିଲ୍ଲା ଗସ୍ତନେଇ ଚୂଡ଼ାନ୍ତ ପ୍ରସ୍ତୁତି

ବାରିପଦା(ଅମୃତ ମିଡିଆ)

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତୃତୀୟ ଥର ପାଇଁ ନିଜ ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାକୁ ଆସୁଛନ୍ତି । ଆସନ୍ତା ଫେବୃୟାରୀ ୨୮ ତାରିଖରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀରୁ ଝାଡ଼ଖଣ୍ଡର ରାଞ୍ଚି ବିମାନ ବନ୍ଦର ରେ ପହଞ୍ଚି ସେଠାରୁ ଦିନ ୩.୫୦ ମିନିଟ ସମୟରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାହାରି ୪.୪୫ ମିନିଟରେ ରାଇରଙ୍ଗପୁର ଦାଣ୍ଡବୋଷ ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ । ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ୱତନ୍ତ୍ର କାରକେଡରେ ରାଇରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ ପାର୍ଶ୍ୱରେ ହେବାକୁ ଥିବା ହଲିଡେ ହୋମର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ଭରଚୁଆଲ ମୋଡ଼ରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ । ରାଇରଙ୍ଗପୁରରେ ୨୨୦ନଂ ଜାତୀୟ ରାଜପଥ ଉପରେ ଦୁଇଲେନ ବିଶିଷ୍ଟ ବାଇପାସ ରୋଡ଼ ନିର୍ମାଣ, ରାଇରଙ୍ଗପୁରରୁ ଯଶୀପୁର ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥର ପ୍ରଶସ୍ତିକରଣ, ବାଇଦାପୋଷି ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଓ ଆଦିବାସୀ ରିସର୍ଚ୍ଚ ସେଣ୍ଟରର ଶିଳାନ୍ୟାସ ଏବଂ ବଡ଼ସାହି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଉଦଘାଟନ, ଭରଚୁଆଲ ମୋଡ଼ରେ କରିବେ ବୋଲି ଜଣାଯାଇଛି । ପରେ ସେଠାରୁ ରାଇରଙ୍ଗପୁର ମହୁଲଡିହା ସ୍ଥିତ ନିଜ ବାସଭବନକୁ ପହଞ୍ଚି ସେଠାରେ ସମ୍ପର୍କୀୟ ଓ ବିଜେପିର ବରିଷ୍ଠ ନେତାମାନଙ୍କ ସହିତ ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ରାଇରଙ୍ଗପୁର ନିଜ ଘରେ ରାତ୍ରିଭୋଜନ ସହିତ ବିଶ୍ରାମ ନେବେ । ପରଦିନ ଫେବୃଆରୀ ୨୯ ତାରିଖ ଗୁରୁବାର ସକାଳୁ ସେ ନିଜ ଘରୁ ଦାଣ୍ଡବୋଷ ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଖିଚିଂ ଅଭିମୁଖେ ଯାତ୍ରା କରି ସକାଳ ୯.୧୫ ସମୟରେ ଶୁକ୍ରୁଳି ସ୍ଥିତ ପାଣ୍ଡରଶିଳ ଫୁଟବଲ ପଡ଼ିଆରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ଖିଚିଂ ସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରିବେ । ସେଠାରେ ମା'ଙ୍କ ଦର୍ଶନ ଓ ଆଳତିରେ ଉପସ୍ଥିତ ରହିବେ ରାଷ୍ଟ୍ରପତି । ଖିଚିଂ ସ୍ଥିତ ମା କୀଚକେଶ୍ୱରୀ ମନ୍ଦିରକୁ ଆସିବା ପାଇଁ ମନ୍ଦିର କମିଟି ପକ୍ଷରୁ ୨୦୨୩ ମସିହା ଡିସେମ୍ବର ୨୮ ତାରିଖରେ ଇ-ମେଲ ଯୋଗେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଆଗମନକୁ ନେଇ କାର୍ଯ୍ୟସୂଚୀ ମିଳିବା ପରେ ଅତ୍ୟନ୍ତ ଉତ୍ସାହ ସହକାରେ ▶(ପୃଷ୍ଠା-୧୫)

## ନାଲକୋ ଦାମନଯୋଡ଼ିରେ ଦୁର୍ଘଟଣା, ଦୁଇ ମୃତ

ଜୟପୁର(ଅମୃତ ମିଡିଆ)



ଦାମନଯୋଡି ନାଲକୋ ରେ ନିର୍ମାଣ କାମ ଚାଲିଥିବା ବେଳେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଜଣେ ଶ୍ରମିକ ଗୁରୁତର ଆହତ ହୋଇଛି ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ସନତ କୁନେଇ ଓ ଶାମା ରାଜବଂଶି ,ଆହତ ହୋଇଥିବା ବ୍ୟକ୍ତିର ନାମ ଏ ଆନସାରି ବୋଲି ଜଣା ପଡିଛି । ଦାମନଯୋଡି ନାଲକୋରେ ସମ୍ପ୍ରସାରଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ହଠାତ୍ ଘଟିଛି ଦୁର୍ଘଟଣା । ଦିନ ୧୨ଟା ସମୟରେ ନିର୍ମାଣ ସ୍ଥାନରେ କାର୍ଯ୍ୟ କରୁଥିବା ସମୟରେ ଲୁହା ରଡ ଖସି ଶ୍ରମିକଙ୍କ ଉପରେ ପଡ଼ିଯାଇଥିଲା । ଫଳରେ ତଳେ ସିମେଣ୍ଟ କଂକ୍ରିଟ କାମ ଚାଲୁରହିଥିବା ବେଳେ କାମ କରୁଥୁବା ଶ୍ରମିକଙ୍କ ଉପରେ ଲୁହା ରଡ଼ ପଡିଯାଇଥିଲା । ଘଟଣା ସ୍ଥଳରେ ୩ଜଣ ଝାଡଖଣ୍ଡର ଶ୍ରମିକ କାମ କରୁଥିଲେ । ରଡ଼ ପଡିଯିବା କାରଣରୁ ଦୁଇଜଣଙ୍କ ମୃତ ହୋଇଥିବା ଖବର ରହିଛି ।









# ଶୁଭ ସକାଳ



# ଗ୍ରହଙ୍କ ସ୍ଥିତି

ଅନେକ ସମୟରେ ଦୈନନ୍ଦିନ ଜୀବନରେ ଏପରି କିଛି ଘଟିଥାଏ,ଯାହା ବିଭିନ୍ନ ସଙ୍କେତ ଦେଇଥାଏ। ଜାତକରେ ଗ୍ରହଙ୍କ ସ୍ଥିତି ଠିକ ନଥିଲେ ବ୍ୟକ୍ତିଙ୍କୁ ଜୀବନରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ମାତ୍ର ଆପଣ ଜାଣିଛନ୍ତି କି, ବ୍ୟକ୍ତିଙ୍କ ମୁହଁରୁ ସେମାନଙ୍କ ଗ୍ରହର ସ୍ଥିତି ବିଷୟରେ ବହୁ କିଛି ଜାଣି ହୋଇଥାଏ। ଜାଣନ୍ତୁ ଏହା ବିଷୟରେ... କିଛି ଲୋକଙ୍କ ଆଖି ନିକଟରେ ହଠାତ ଚମକ କମି ଯାଇଥାଏ। ଏହାସହ ତାଙ୍କୁ ହାଲିଆ ମଧ୍ୟ ଅନୁଭୂତ ହୋଇଥାଏ। ଆତ୍ମ ବିଶ୍ୱାସ କମିଯାଇଥାଏ। ଏହା ଜାତକରେ ସୂର୍ଯ୍ୟଙ୍କ ସ୍ଥିତି ଖରାପ ଥିବାର ସଙ୍କେତ ଦେଇଥାଏ। ସୂର୍ଯ୍ୟଙ୍କ ସ୍ଥିତି ମଜଭୂତ କରିବା ପାଇଁ ହାତ ଉପରକୁ ଉଠାଇ 'ଓଁ'ଉଚ୍ଚାରଣ କରିବା ସହ ୨୪ ଥର ଗାୟତ୍ରୀ ମନ୍ତ୍ରର ଜପ କରିବା ଉଚିତ। ଏହା ଖୁବ ଶଭୁଫଳ ପ୍ରଦାନ କରିଥାଏ। ବହୁ ସମୟରେ ଆଖି ତଳ କଳା ପଡ଼ିଥିବାର ଦେଖାଯାଏ। କେଶ କମ ବୟସରେ ଅଧିକ ଧଳା ହୋଇଥାଏ। ଏପରି ହେଲେ ଜାତକରେ ଚନ୍ଦ୍ରମା ଖରାପ ସ୍ଥିତିରେ ଥାଆନ୍ତି ବୋଲି କୁହାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା କରିବା ସହ ଅଧିକ ମାତ୍ରାରେ ଗଛ ଲଗାଇବା ଉଚିତ। ଅଧିକ ମାତ୍ରାରେ ପାଣି ପିଇଲେ ମଧ୍ୟ ଶୁଭଫଳ ମିଳିଥାଏ। କିଛି ସମୟରେ ଦେଖାଯାଏ ଯେ ମୁହଁ ଅଧିକ ଶୁଷ୍କ ଓ ବିଭିନ୍ନ ଦାଗ ସୃଷ୍ଟି ହୋଇଥାଏ। ଏପରି ହେଲେ ଜାତକରେ ମଙ୍ଗଳ ଗ୍ରହଙ୍କ ସ୍ଥିତି ଖରାପ ଥିବାର ସଙ୍କେତ ବୋଲି କୁହାଯାଏ। ଏହି ଲୋକଙ୍କୁ ମିଠା ଦ୍ରବ୍ୟ କମ ଖାଇବା ଉଚିତ।



# ଘରୋଇ ଫେସ୍ ପ୍ୟାକ୍‌ରେ ଚମକାନ୍ତୁ

ପୂଜାପର୍ବ ସମୟରେ ସଭିଏଁ ବିଶେଷ କରି ଯୁବତୀମାନେ ନିଜ ତ୍ୱଚା ପ୍ରତି ଅଧିକ ଧ୍ୟାନ ଦେଇଥାଆନ୍ତି। ମାତ୍ର ଏହି ସମୟରେ କର୍ମବ୍ୟସ୍ତତା ମଧ୍ୟରେ ପାର୍ଲର ଯିବାକୁ ଅଧିକାଂଶ ସମୟ ମିଳିପାରି ନଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ଘରେ ସହଜ ଉପାୟରେ ଏଭଳି କିଛି ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଯାହା ତ୍ୱଚାର ଚମକ ବୃଦ୍ଧି କରିବା ସହ ସୌନ୍ଦର୍ଯ୍ୟ ବଢାଇଥାଏ। ଏଭଳି ଘରୋଇ ଫେସ୍ ପ୍ୟାକ୍ ପ୍ରସ୍ତୁତି କରିବା ପାଇଁ ପ୍ରାକୃତିକ ଜିନିଷର ଅଧିକ ବ୍ୟବହାର ହେଉଥିବାରୁ ତ୍ୱଚା ପାଇଁ ଉପକାରୀ ହୋଇଥାଏ। ଏହା ତ୍ୱଚାର ଦାଗ ମଧ୍ୟ ଦୂର କରିଥାଏ। ବ୍ରଣ ସମସ୍ୟା ମଧ୍ୟ ଦୂର କରିଥାଏ। ଜାଣନ୍ତୁ..

## ଗୋଲାପ ଫେସ୍ ପ୍ୟାକ୍



ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ କିଛି ଗୋଲାପ ଫୁଲର ପାଖୁଡାକୁ ପେଶି ଦିଅନ୍ତୁ। ଏଥିରେ ମହୁ ମିଶାଇ ଉଭୟକୁ ଭଲ ଭାବେ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ଏହା ଭଲରେ ଶୁଖିବା ପରେ ମୁହଁ ଧୋଇ ଦିଅନ୍ତୁ।

## ଦହି ଫେସ୍ ପ୍ୟାକ୍

ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ ୨ ରୁ ୩ ଚାମଚ



ଦହି ନିଅନ୍ତୁ। ଏଥିରେ ଏକ ଚାମଚ ମହୁ ଓ ଏକ ଚାମଚ ଲେମ୍ବୁ ରସ ମିଶାନ୍ତୁ। ଭଲ ଭାବେ ମିଶାଇବା ପରେ ଏହାକୁ ମୁହଁରେ ଲଗାଇ ୧୦ ରୁ ୧୫ ମିନିଟ ରଖନ୍ତୁ। ପରେ ମୁହଁ ଧୋଇ ଦିଅନ୍ତୁ।

## ମୁଲତାନୀ ମାଟି ଫେସ୍ ପ୍ୟାକ୍

ଏକ ପାତ୍ରରେ ମୁଲତାନୀ ମାଟି,ଏଲୋବେରା ଜେଲ୍ ଓ ଦହି ମିଶାନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ଶୁଖିବା ଯାଏଁ ରଖନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ।



## ବେସନ ଫେସ୍ ପ୍ୟାକ୍

ଏକ ପାତ୍ରରେ ବେସନ,ସାମାନ୍ୟ ହଳଦୀ ଓ କଞ୍ଚା କ୍ଷୀର ମିଶାନ୍ତୁ। ଏହାକୁ ଭଲ ଭାବେ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ଶୁଖିବା ପରେ ଧୋଇ ଦିଅନ୍ତୁ।

## ଚନ୍ଦନ ଫେସ୍ ପ୍ୟାକ୍

ଏକ ପାତ୍ରରେ ଚନ୍ଦନ ଗୁଣ୍ଡ,ଗୋଲାପ ଜଳ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨ ଥର ଏହି ଫେସ୍ ପ୍ୟାକ୍‌ର ବ୍ୟବହାର କରିପାରିବେ।



# ଚାଉଳ କରିବ ଧନବାନ



ଜୀବନରେ ଅନେକ ସମୟରେ ପରିଶ୍ରମ କରିବା ପରେ ମଧ୍ୟ ଆଶାନୁରୂପକ ଲାଭ ମିଳିନଥାଏ। ଅଯଥାରେ ଟଙ୍କା ଖର୍ଚ୍ଚ ହେବା ସହ ଆଶାନୁଯାୟୀ ସଞ୍ଚୟ ହୋଇପାରିନଥାଏ। ଅଭାବ ଲାଗି ରହିଥାଏ। ଜ୍ୟୋତିଷ ଶାସ୍ତ୍ରରେ ଜୀବନରେ ଥିବା ବିଭିନ୍ନ ସମସ୍ୟାକୁ ଦୂର କରିବା ସହ ଭାଗ୍ୟ ଚମକାଇବା ପାଇଁ କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଏଭଳି କିଛି ସହଜ ଉପାୟ ବିଷୟରେ ଜାଣନ୍ତୁ.. ହିନ୍ଦୁ ଧର୍ମରେ ଥିବା ମାନ୍ୟତା ଅନୁଯାୟୀ, ଅକ୍ଷତର ଅର୍ଥ ପୂଜାରେ ବ୍ୟବହାର ହେଉଥିବା ସେହି ଚାଉଳ ଯାହା ଅଖଣ୍ଡିତ ଥାଏ। ତିଳକରେ ଏହି ଚାଉଳକୁ ମିଶାଇ ମଥାରେ ଲଗାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଏହାସହ ତମ୍ବା ଲୋଟାର ଚାରିପାଖରେ ଲାଲ ସୂତା ବାନ୍ଧି ଅଳ୍ପ ଚାଉଳ ମିଶାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ। ଏହାଦ୍ୱାରା ଭାଗ୍ୟରେ ସୁପରିବର୍ତ୍ତନ ହୋଇଥାଏ। ବ୍ୟକ୍ତିଙ୍କୁ ଆଦୌ ଧନର ଅଭାବ ହୋଇନଥାଏ। ମାନ୍ୟତାନୁଯାୟୀ, ପୂର୍ଣ୍ଣିମା ଦିନ ସକାଳେ ଉଠିବା ପରେ ସ୍ନାନ ସାରି ଏକ ସଫା ଲାଲ ରେଶମୀ କପଡାରେ ୨୧ଟି ଅଖଣ୍ଡିତ ଚାଉଳ ମା'ଲକ୍ଷ୍ମୀଙ୍କ ନିକଟରେ ରଖି ପୂଜାର୍ଚ୍ଚନା କରନ୍ତୁ। ଏହାପରେ ଏହାକୁ ଧନ ରଖୁଥିବା ସ୍ଥାନରେ ରଖନ୍ତୁ। ଏହାଦ୍ୱାରା ଧନର ଅଭାବ ଦୂର ହେବା ସହ ଧନସମ୍ପତ୍ତି , ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ। ଅଭାବ ମଧ୍ୟ ଦୂର ହୋଇଥାଏ। ମାନ୍ୟତା ଅନୁଯାୟୀ, ଆର୍ଥିକ ସମସ୍ୟା ଲାଗି ରହୁଥିଲେ,ଏଥିରୁ ମୁକ୍ତି ପାଇଁ ଓ ପରିଶ୍ରମର ସଠିକ ଫଳ ପ୍ରାପ୍ତି ପାଇଁ ସୋମବାର ୫୦୦ ଗ୍ରାମ ଅଖଣ୍ଡିତ ଚାଉଳ ପ୍ରଭୁ ଶିବଙ୍କ ମନ୍ଦିରରେ କୌଣସି ଅସହାୟଙ୍କୁ ଦାନ କରନ୍ତୁ। ଏହି ଉପାୟକୁ ଲଗାତାର ୫ଟି ସୋମବାର କରିବା ଦ୍ୱାରା ଧନ ସହ ଜଡିତ ସମସ୍ତ ସମସ୍ୟା ଦୂର ହୋଇଥାଏ।

# ଚମକିବ କାଠ ବାସନ



ଲୋକେ ନିଜ ଘରେ ବିଭିନ୍ନ ପ୍ରକାର ବାସନକୁସନ ରଖିଥାଆନ୍ତି । ତେବେ ସମସ୍ତ ପ୍ରକାର ବାସନକୁ ସଫା କରିବା ପାଇଁ କିଛି ସରଳ ପଦ୍ଧତି ରହିଛି । ଯାଦ୍ୱାରା ବାସନକୁ ସହଜରେ ଚମକାଇ ହେବ । ବିଶେଷ କରି କାଠ ବାସନକୁ ସଠିକ ଭାବେ ସଫା ନକଲେ ଏହା ଖୁବ ଶୀଘ୍ର ଖରାପ ହୋଇଯାଏ । ଅନେକ ଥର କାଠ ଜିନିଷ ଧୋଇବା ପରେ ଏହାକୁ ସିଧାସଳଖ ଷ୍ଟାଣ୍ଡରେ ରଖିଦେଇଥାଆନ୍ତି, ମାତ୍ର ଏଭଳି କରିବା ଦ୍ୱାରା ଏଥିରେ ପାଣି ଲାଗି ରହିବାରୁ ଏହା ଖରାପ ହୋଇଯାଏ । ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ କିଛି ସମୟ ରଖନ୍ତୁ । ଏହାପରେ କାଠ ବାସନକୁ ଏହି ପାଣିରେ ପକାଇ କିଛି ସମୟ ରଖିବା ପରେ ଶୁଖିଲା କପଡାରେ ପୋଛି ଦିଅନ୍ତୁ । ଏହାଦ୍ୱାରା ବାସନ ଅଧିକ ଦିନ ଯାଏଁ ଭଲ ରହିଥାଏ । ଉଷୁମ ପାଣିରେ କିଛି ଲୁଣ ମିଶାଇ ଏଥିରେ କାଠ ବାସନକୁ ରଖନ୍ତୁ । କିଛି ସମୟ ପରେ ଏହାକୁ କାଢି ଏହାକୁ ଶୁଖିଲା କପଡାରେ ପୋଛି ଦିଅନ୍ତୁ । ବେକିଙ୍ଗ ସୋଡା ଓ ଲେମ୍ବୁ ରସର ମିଶ୍ରଣକୁ ରଖନ୍ତୁ । ଏହାକୁ କାଠ ବାସନରେ ଲଗାଇ କିଛି ସମୟ ରଖି ଦିଅନ୍ତୁ । ଏହାପରେ ପାଣିରେ ଧୋଇ ଭଲ ଭାବେ ଶୁଖିଲା କପଡାରେ ପୋଛି ରଖନ୍ତୁ ।





# ଲକ୍ଷ୍ମଣ ଗଛ

## ଚୁମ୍ବକ ଭଳି ଘରକୁ ଟାଣେ ଟଙ୍କା


ଅଧିକାଂଶ ଲୋକେ ବହୁ ପରିଶ୍ରମ କରିବା ପରେ ମଧ୍ୟ ଆଶାନୁରୂପକ ସଞ୍ଚୟ ହୋଇପାରେ ନାହିଁ । ଫଳରେ ସର୍ବଦା ଚିନ୍ତାଗ୍ରସ୍ତ ମଧ୍ୟ ରହିଥାଆନ୍ତି । ବାସ୍ତୁ ଶାସ୍ତ୍ରରେ ଆର୍ଥିକ ସମସ୍ୟା ଦୂର ପାଇଁ ଅନେକ ଉପାୟ ବର୍ଣ୍ଣନା କରାଯାଇଛି । ଧନ ପ୍ରାପ୍ତିର ଏଭଳି ହିଁ ଏକ ଉପାୟ ଲକ୍ଷ୍ମଣ ଗଛ ସହ ଜଡିତ । ଘରେ ଏହି ଗଛକୁ ଲଗାଇବା ଦ୍ୱାରା ମା'ଲକ୍ଷ୍ମୀ ଖୁବ ପ୍ରସନ୍ନ ହେବା ସହ ଆଶୀର୍ବାଦ ରହିଥାଏ । ମା'ଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ । ତେବେ ଏହି ଗଛର ଚମତ୍କାରୀ ଗୁଣ ବିଷୟରେ ଜାଣନ୍ତୁ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ବାସ୍ତୁ ଦୋଷ ଥିଲେ, ତେବେ ଫୁଲ କୁଣ୍ଡରେ ଏହି ଗଛ ଲଗାନ୍ତୁ । ଏହି ଗଛକୁ ଲଗାଇବା ଦ୍ୱାରା ସମସ୍ତ ବାସ୍ତୁ ଦୋଷ ଦୂର ହୋଇଥାଏ । ନକରାତ୍ମକ ଶକ୍ତି ମଧ୍ୟ ଦୂର କରିଥାଏ । ଆର୍ଥିକ ସମସ୍ୟା ସହ ଧନ ଅଯଥା ଖର୍ଚ୍ଚ ହେଉଥିଲେ, ଟଙ୍କା ସଞ୍ଚୟ ହୋଇ ପାରୁ ନଥିଲେ, ଲକ୍ଷ୍ମଣ ଗଛ ଖୁବ ପ୍ରଭାବଶାଳୀ । ଏହି ଗଛ ଧନକୁ ଚୁମ୍ବକ ଭଳି ଟାଣିଥାଏ ବୋଲି କୁହାଯାଏ । ଘରେ ଏହି ଗଛ ଲଗାଇବା ଦ୍ୱାରା ଦ୍ରାରିଦ୍ର୍ୟତା ଦୂର ହୋଇ ଧନର ଆଗମନ ହୋଇଥାଏ । ପରିବାରରେ ସୁଖସମୃଦ୍ଧି ପ୍ରବେଶ କରିଥାଏ । ଘରେ ସର୍ବଦା ଛୋଟ ଛୋଟ କଥାରେ କଳହ ହେଉଥିଲେ, ନକରାତ୍ମକ ଶକ୍ତି ପ୍ରଭାବ ରହୁଥିଲେ ଏହି ସମସ୍ୟା ଦୂର ପାଇଁ ଘରେ ଲକ୍ଷ୍ମଣ ଗଛ ନିଶ୍ଚୟ ଲଗାନ୍ତୁ । ଏହା ନକରାତ୍ମକ ଶକ୍ତି ଦୂର କରି ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ । କଳହ ମଧ୍ୟ ହୋଇନଥାଏ । ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ଏହି ଗଛ ଖୁବ ଶୁଭଙ୍କର । ଭାଗ୍ୟ ଆପଣଙ୍କ ଉପରେ ଅସନ୍ତୋଷ ଥିବା ଭଳି ଅନୁଭବ ହେଉଥିଲେ, ଏହି ଗଛ ସଫଳତାର ଚାବି କାଠି ଭଳି କାମ କରେ ବୋଲି କୁହାଯାଇଛି । ତେଣୁ ସଫଳତା ସହ ସମସ୍ୟା ଦୂର ପାଇଁ ଘରେ ଏହି ଗଛ ଲଗାନ୍ତୁ । ବାସ୍ତୁ ଅନୁଯାୟୀ ଏହି ଗଛକୁ ଘର ବାଲକୋନିରେ ଉତ୍ତର-ପୂର୍ବ ଦିଗରେ ଲଗାଇବା ଖୁବ ଶୁଭଙ୍କର । ଏହାଦ୍ୱାରା ଖୁବ ଲାଭ ମିଳିଥାଏ ।



# ଭୋଜନର ୫ଟି ନିୟମ

କଥାରେ ଅଛି ମନୁଷ୍ୟ ନିଜ ଜୀବନରେ ଶାନ୍ତିରେ ଦୁଇ ବକ୍ତ ଖାଦ୍ୟ ଖାଇବା ପାଇଁ ସକାଳୁ ରାତି ଯାଏଁ ପରିଶ୍ରମ କରିଥାଏ । ମାତ୍ର ଅନେକ ସମୟରେ କର୍ମବ୍ୟସ୍ତତା ମଧ୍ୟରେ ହେଉ ଅଥବା ଜାଣତରେ ଅଜାଣତରେ ଏଭଳି କିଛି ଭୁଲ ହୋଇଯାଏ, ଯାହାର କୁପ୍ରଭାବ ଜୀବନ ଉପରେ ପଡିଥାଏ । ଧାର୍ମିକ ଶାସ୍ତ୍ରରେ ଏଭଳି କେତେକ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାର ପାଳନ କରିବା ଦ୍ୱାରା ଶୁଭଫଳ ମିଳିଥାଏ । ସେଗୁଡିକର ଅବମାନନା କରିବା ଦ୍ୱାରା ଜୀବନରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ଯେପରି ଗୁରୁବାରରେ ନଖ ଓ କେଶ ନକାଟିବା, ମଙ୍ଗଳବାର ଓ ଶନିବାର ନଖ ନକାଟିବା,ସନ୍ଧ୍ୟା ସମୟରେ ନ ଶୋଇବା ଆଦି । ଏଭଳି ହିଁ ଭୋଜନ ସମୟରେ ମଧ୍ୟ କେତେକ ନିୟମ ପାଳନ କରିବା ନେଇ ଶାସ୍ତ୍ରରେ ମାନ୍ୟତା ରହିଛି । ଜାଣନ୍ତୁ.. ଶାସ୍ତ୍ର ଅନୁଯାୟୀ ଯେଉଁ ସମୟରେ ଭୋଜନ କରୁଛନ୍ତି, ଭୋଜନ ଥାଳି ରଖାହେବା ମାତ୍ରେ ଭୋଜନ ମନ୍ତ୍ର ଉଚ୍ଚାରଣ କରନ୍ତୁ । ନଚେତ୍ ? ମା' ଲକ୍ଷ୍ମୀଙ୍କୁ ସ୍ମରଣ କରି ଭୋଜନ କରନ୍ତୁ । ପ୍ରଣାମ କରନ୍ତୁ । ଏଭଳି କରିବା ଦ୍ୱାରା ଖାଦ୍ୟ ସେବନ ପରେ ଏହା ମାନସିକ ଓ ଶାରୀରିକ ଭାବେ ଶାନ୍ତି ପ୍ରଦାନ କରିଥାଏ । ଶରୀରକୁ ସୁସ୍ଥ ରଖିଥାଏ । ସର୍ବଦା ଭୂମିରେ ଆସନ ପକାଇ ଭୋଜନ କରିବା ଉଚିତ । ଏହାଦ୍ୱାରା ପୃଥିବୀର ସକରାତ୍ମକ ତରଙ୍ଗ ପାଦ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରିଥାଏ । ଭୋଜନ କରିବା ସମୟରେ ମନୁଷ୍ୟ ସକରାତ୍ମକ ରହିଥାଏ ଫଳରେ ଶରୀର ଉପରେ ମଧ୍ୟ ଏହାର ଉତ୍ତମ ପ୍ରଭାବ ପଡିଥାଏ । ଶାସ୍ତ୍ର ଅନୁଯାୟୀ, ଭୋଜନ ଥାଳିରେ କଦାପି ଏକାସହ ୩ଟି ରୁଟି ରଖି ଖାଆନ୍ତୁ ନାହିଁ । ଏକାସହ ୩ଟି ରୁଟି ମଧ୍ୟ ପରଷନ୍ତୁ ନାହିଁ । କୌଣସି ଶୁଭ କାର୍ଯ୍ୟରେ ୩ ଅଙ୍କ ବିଶିଷ୍ଟ ଜିନିଷ ବାରଣ କରାଯାଇଥାଏ । ଭୋଜନ ମଧ୍ୟ ଶୁଭ । ତେଣୁ ଏକାସହ ୩ ସଂଖ୍ୟାରେ ପରଷା ଯିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ଶାସ୍ତ୍ର ଅନୁଯାୟୀ, ଆବଶ୍ୟକତା ଅନୁସାରେ ହିଁ ଥାଳିରେ ଭୋଜନ ନିଅନ୍ତୁ । ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ । ଅଧିକ ଭୋଜନ ନେଇ ଥାଳିରେ ଏହାକୁ ନଷ୍ଟ କରନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି । ଭୋଜନର ମଧ୍ୟ ଅସମ୍ମାନ ହୋଇଥାଏ । ଖାଦ୍ୟ ଖାଇବା ପରେ ଭୋଜନ ଥାଳିରେ କଦାପି ହାତ ଧୁଅନ୍ତୁ ନାହିଁ । ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି । ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ସମସ୍ୟା ଦେଖାଯିବା ସହ ଅଭାବ ଓ ଅଯଥାରେ ଟଙ୍କା ଖର୍ଚ୍ଚ ହୋଇଥାଏ ।





# ଯୋଗାସନ

ଯୁବକ ହୁଅନ୍ତୁ ଅଥବା ଯୁବତୀ, ପ୍ରତ୍ୟେକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ନିତାନ୍ତ ଆବଶ୍ୟକ। ଅଧିକାଂଶ ଲୋକେ ମୋଟାପଣ ଓ ଶରୀରର ମେଦବହୁଳତା କମ୍ କରିବା ପାଇଁ ଡାଏଟିଙ୍ଗ୍, ଯୋଗ ଓ ବ୍ୟାୟାମ, ବିଭିନ୍ନ ଯୋଗାସନ କରିବା ପାଇଁ ପରାମର୍ଶ ଦିଆଯାଇଥାଏ। ମାତ୍ର ଅନେକ ସମୟରେ ଡାଏଟିଙ୍ଗ,ବ୍ୟାୟାମ କରିବା ପରେ ମଧ୍ୟ ଅଧିକ ଲାଭ ମିଳିନଥାଏ। ଏହାସହ ଶରୀରର ଅନେକ ସ୍ଥାନରେ ଫ୍ୟାଟ୍ ଜମାଟ ବାନ୍ଧି ରହିଥାଏ। ହାତ, ଗୋଡ ଓ ପେଟ ତୁଳନାରେ ପିଠି ଅଂଶରେ ଥିବା ଫ୍ୟାଟ୍ କମ କରିବାରେ ଖୁବ ସମସ୍ୟା ହୋଇଥାଏ। ହାତ ଓ ଗୋଡରେ ଥିବା ଫ୍ୟାଟ୍ ସହଜରେ ହ୍ରାସ କରାଯାଇପାରେ। ମାତ୍ର ପିଠିରେ ଥିବା ଫ୍ୟାଟ୍‌କୁ ହ୍ରାସ କରିବା ପାଇଁ ଅଧିକ ସମୟ ଲାଗିଥାଏ। ମାତ୍ର ନିୟମିତ କିଛି ଯୋଗାସନ କରିବା ଦ୍ୱାରା ଫ୍ୟାଟ୍‌କୁ କମ କରି ହେବ। ଫ୍ୟାଟ୍ ରୁ ମୁକ୍ତି ପାଇବା ପାଇଁ ନିୟମିତ ୩ଟି ଯୋଗାସନ କରିବା ଦ୍ୱାରା ଖୁବ ଲାଭ ମିଳିଥାଏ। ଜାଣନ୍ତୁ.. ଧନୁରାସନ – ଏହି ଆସନ କରିବା ଦ୍ୱାରା ପିଠିରେ ଥିବା ଫ୍ୟାଟ୍ ହ୍ରାସ ହୋଇ ରକ୍ତ ସଞ୍ଚାଳନ ସଠିକ ଭାବେ ହେବାରେ ସହାୟକ ହୋଇଥାଏ। ପାଦହସ୍ତାସନ – ଏହି ଆସନ ଦ୍ୱାରା ମଧ୍ୟ ପିଠିରେ ଥିବା ଫ୍ୟାଟ୍ ହ୍ରାସ ହୋଇଥାଏ। ଚକ୍ରାସନ – ଏହି ଆସନ କରିବା ଦ୍ୱାରା ପିଠିରେ ଥିବା ଫ୍ୟାଟ୍ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏହି ଆସନ ନିୟମିତ ଭାବେ କରିବା ଦ୍ୱାରା ପେଟରେ ଥିବା ଫ୍ୟାଟ କମିଥାଏ। ଏହି ଆସନ ଦ୍ୱାରା ହାତ, ଗୋଡ ଓ ପିଠି ମାଂସପେଶୀକୁ ମଜଭୂତ କରିଥାଏ।



# ଆଶ୍ରୟ ସ୍ଥଳୀ ପାଲଟିଛି ସ୍ୱଚ୍ଛ ଭାରତ ପାଇଖାନା

**ଲକ୍ଷ୍ମୀପୁର(ଅମୃତ ମିଡିଆ):** ସ୍ୱଚ୍ଛ ପରିବେଶ ପାଇଁ ସରକାର ଆରମ୍ଭ କରିଛନ୍ତି ସ୍ୱଚ୍ଛ ଭାରତ ଯୋଜନା। ଏଥିପାଇଁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ଯୋଜନାରେ ଘରେ ଘରେ ପାଇଖାନା ଯୋଗାଇ ଦିଆଯାଉଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ



ଖଟଲାମାରି ଗାଁରେ ଏସବୁ ଏକ ପ୍ରହସନ ପାଲଟିଛି। ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ ହୋଇଥିବା ପାଇଖାନା ପିଲାମାନଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି। ଗାଁରେ ୧୧ ଟି ପରିବାର ବସବାସ କରୁଛନ୍ତି। ସମସ୍ତେ ଅନୁସୂଚିତ ଜନଜାତି ବର୍ଗର ଓ ଦାରିଦ୍ର୍ୟ ସୀମାରେଖା ତଳେ। ଏମାନଙ୍କ ମଧ୍ୟରୁ କେବଳ ଦୁଇଟି ପରିବାରକୁ ଆବସିକ ଯୋଜନା ଘର ମିଳିଛି। ଅନ୍ୟ ମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ସମସ୍ତେ କୁଲି ମଜୁରୀ କରି ଚଳନ୍ତି। କଣ ପାଇଁ ସମସ୍ତ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ ତାହା ଆଶ୍ଚର୍ଯ୍ୟର କଥା। ଏହି ଗାଁର ଦୁଇଟି ସ୍ଥାନରେ ଦୁଇ ଗୋଟି ଲେଖାଏଁ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମିତ ହୋଇଛି। କିନ୍ତୁ ତାହାକୁ ପାଇଖାନା ରୂପେ ବ୍ୟବହାର ନ କରି ପିଲା ଓ ବୁଢା ବୁଢୀ ଲୋକମାନେ ଆଶ୍ରୟ ସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ସରକାର ସମସ୍ତ ଆଦିବାସୀ ପରିବାରକୁ ଆବାସ ଯୋଜନା ଜରିଆରେ ଘର ଯୋଗାଇ ଦେବାକୁ ଡିଣ୍ଡିମ ପିଟୁଛନ୍ତି। ହେଲେ ଏଠାରେ ମାତ୍ର ୧୧ ପରିବାର ଥିଲେ ମଧ୍ୟ, ସମସ୍ତ ପରିବାରକୁ ଆଜି ଯାଏଁ ଏଥିରେ ସାମିଲ୍ କରାଯାଇନାହିଁ। ଯାହା ଫଳରେ ଖଟଲାମାରି ଗାଁରେ ଥିବା ଆଦିବାସୀ ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏବଂ ସ୍ୱଚ୍ଛ ଭାରତ ଯୋଜନାରେ ଉର୍ଦ୍ଦିଷ୍ଟ ପାଇଖାନାକୁ ଆଶ୍ରୟ ସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି।

# ୧୩,୪୨୩ ଛାତ୍ରୀଛାତ୍ରଙ୍କୁ ୧୩.୫ କୋଟି ଛାତ୍ରବୃତ୍ତି ପ୍ରଦାନ

**ସମ୍ବଲପୁର(ଅମୃତ ମିଡିଆ):** ସମ୍ବଲପୁରରେ ଓଡ଼ିଶା ସରକାରଙ୍କ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ମନ୍ଦଲିଆ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ସମୃଦ୍ଧି କାମନା କରିଥିଲେ। ଉଚ୍ଚଶିକ୍ଷାରେ କୌଣସି ଛାତ୍ରୀଛାତ୍ରଙ୍କ ପାଇଁ ଅର୍ଥ ଯେପରି ପ୍ରତିବନ୍ଧକ ନ ହୁଏ ସେହି ଲକ୍ଷ୍ୟରେ ଏହି ଛାତ୍ରବୃତ୍ତିର ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଏହି ରାଶିକୁ ପାଠପଢ଼ା ବା କ୍ରୀଡ଼ା ଆଦି କ୍ଷେତ୍ରରେ ଖର୍ଚ୍ଚ କରିବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ଯଦି ଛାତ୍ରୀଛାତ୍ର ଏକମାସ ବା ତିନିମାସ ଅଥବା ବର୍ଷ କିଆ ବୃତ୍ତି ପାଇବେ ସେ ସମ୍ପର୍କରେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସୂଚିତ କରିବାକୁ କହିଛନ୍ତି। ସେ ଆହୁରି କହିଥିଲେ, ଛାତ୍ରଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆସନ୍ତା ମାର୍ଚ୍ଚ ୫ରେ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ କରିବେ। ଏହି କାର୍ଡ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନେ ୱାଇଫାଇ ଆକ୍ସେସ୍, ପୁସ୍ତକ କ୍ରୟରେ ରିହାତି, ବସ୍ ଓ ଟ୍ରେନ୍ ଯାତ୍ରାରେ ରିହାତି, ଅନ୍‌ଲାଇନ୍ କ୍ଲାସ, ଅନ୍‌ଲାଇନ୍ କ୍ୟାରିୟର କାଉନସେଲିଂ, ଫୋନ୍






ରିଚାର୍ଜ କରିବା ଭଳି ସୁବିଧା ପାଇବେ। ଏହି ମ୍ୟାଜିକ୍ କାର୍ଡ ଆଧାରକାର୍ଡ ସଦୃଶ। ଯଦି କୌଣସି ଛାତ୍ରୀ ବା ଛାତ୍ର ଭଲ ପ୍ରଦର୍ଶନ କରିବେ ତା'ହେଲେ ସେମାନଙ୍କ କାର୍ଡକୁ ସିଲଭର କାର୍ଡରେ ଅପଗ୍ରେଡ୍ କରାଯିବ ଓ ପର୍ଯ୍ୟାୟକ୍ରମେ ଏହାକୁ ଗୋଲଡେନ୍ ଓ ପ୍ଲାଟିନମ୍ କାର୍ଡକୁ ଅପଗ୍ରେଡ କରାଯିବ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଅଧ୍ୟୟନ ଖର୍ଚ୍ଚକୁ ପରିଚାଳନା କରିପାରିବେ ବୋଲି ସେ ସୂଚନା ଦେଇଥିଲେ। ଟିକସ ଦେଉ ନ ଥିବା ବେତନଧାରୀ ବେସରକାରୀ କର୍ମଚାରୀ ଭାବେ ଜୀବିକା ନିର୍ବାହ କରୁଥିବା ମାତାପିତାଙ୍କ ସନ୍ତାନମାନଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏଥିରେ ଛାତ୍ରୀମାନଙ୍କୁ ୧୦ ହଜାର ଓ ଛାତ୍ରମାନଙ୍କୁ ୯ଟଙ୍କା ଲେଖାଏ ବୃତ୍ତି ପ୍ରଦାନ କରାଯାଇଛି। ଜିଲ୍ଲାର ୨୧ ଶିକ୍ଷାନୁଷ୍ଠାନର ୧୩,୪୨୩ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ମୋଟ ୧୩ କୋଟି ୫୦ ଲକ୍ଷ ଟଙ୍କାର ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କରାଯାଇଛି। ସେଥିମଧ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୨୩୬୪ ଜଣଙ୍କୁ ୨ କୋଟି ୩୫ ଲକ୍ଷ, ସରକାରୀ ମହିଳା କଲେଜ ସମ୍ବଲପୁରର ୧୬୫୭ ଛାତ୍ରୀଙ୍କୁ ୧କୋଟି ୭୧ ଲକ୍ଷ, ଏନ୍‌ଏସ୍‌ସିବି କଲେଜ ସମ୍ବଲପୁରର ୧୦୧୭ ଜଣଙ୍କୁ ୧ କୋଟି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୋଟ ୮୭୫ ଜଣଙ୍କୁ ୮୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ରାଶି ଅନ୍‌ଲାଇନ ମାଧ୍ୟମରେ ସମସ୍ତ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଜମାଖାତାରେ ଜମା କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ୧୭ ଶିକ୍ଷାନୁଷ୍ଠାନର ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୁଅ ଆକ୍ରମଣରେ ବାପାଙ୍କ ମୃତ୍ୟୁ

**ସମ୍ବଲପୁର(ଅମୃତ ମିଡିଆ):** ସମ୍ବଲପୁର ସଦର ଥାନା ଘେନୁପାଲି ଗାଁରେ ବୃଦ୍ଧ ବାପକୁ ହତ୍ୟା କଲା ସୈତାନ ପୁଅ। ବାପାକୁ ହତ୍ୟା କରି ଫେରାର ମାରିଲା ପୁଅ। ବାପକୁ ପିଟିପିଟି ହତ୍ୟା କରିବା ପରେ ଅଭିଯୁକ୍ତ ପୁଅ ଘଟଣାସ୍ଥଳରୁ ଫେରାର ମାରିଥିଲା। ମୃତକଙ୍କ ନାଁ ଲିଙ୍ଗରାଜ କୁମୁରା ହୋଇଥିବାବେଳେ ଅଭିଯୁକ୍ତ ପୁଅ ହେଉଛନ୍ତି ଅମୂଲ୍ୟ କୁମୁରା। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତ୍ରିରେ କୌଣସି କାରଣକୁ ନେଇ ବାପ ପୁଅଙ୍କ ମଧ୍ୟରେ ଝଗଡା ହୋଇଥିଲା। ପୁଅ ଉତ୍ୟକ୍ତ ହୋଇ ବାପାକୁ ପ୍ରବଳ ମାଡ଼ ମାରିଥିଲା। ଏଥିରେ ବାପା ଲିଙ୍ଗରାଜ ଅଚେତ ହେବାରୁ ପୁଅ ଫେରାର ମାରିଥିଲା। ତେବେ ସ୍ଥାନୀୟ ଲୋକେ ବାପକୁ ହସ୍ପିଟାଲ ପଠାଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଗତକାଲି ବିଳମ୍ବିତ ରାତ୍ରିରେ ଏହି ଘଟଣା ଘଟିଥିବାବେଳେ ହତ୍ୟାର କାରଣ ଜଣାପଡିନାହିଁ।

## ଫେରାର ଅଭିଯୁକ୍ତ ଗିରଫ

**ଗୁରୁଡିଝାଟିଆ(ଅମୃତ ମିଡିଆ):** ନାବାଳିକାକୁ ଦୁର୍ଷ୍କର୍ମ କରିବା ଅଭିଯୋଗରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତକୁ ଗୁରୁଡିଝାଟିଆ ପୁଲିସ ଗିରଫ କରି ହାଜାତ ଚାଲାଣ କରିଛି। ଅଭିଯୁକ୍ତର ଘର ଗୋବରା ପଞ୍ଚାୟତ ଅନ୍ତର୍ଗତ ମହୁରିଆରେ ହୋଇଥିବା ବେଳେ ତାର ନାମ କାଳନ୍ଦି ସିନ୍ଧୁ(୩୫) ବୋଲି ଜଣାପଡ଼ିଛି। ୨୦୨୧ ମସିହାରେ ଗୁରୁଡିଝାଟିଆ ଥାନା ମୋକଦ୍ଦମା ନଂ-୫୪ରେ ଅଭିଯୁକ୍ତ ଥାଇ କାଳନ୍ଦି ଫେରାର ଥିଲା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ମନ୍ତେଇ ନଈରୁ ପୁଣି ଧସିଲା ଅତଡ଼ା

## ବନ୍ଧରେ ୫୦ ଫୁଟ୍ ଗଭୀର ଘାଇ

**ଧାମରା(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳରେ ପ୍ରବାହିତ ମନ୍ତେଇ ନଦୀରେ ବାରମ୍ବାର ଅତଡ଼ା ଧସୁଛି। ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ପଥର ପ୍ୟାକିଂ କାମ ଚାଲିଥିବା ବେଳେ ଆଜି ନଦୀର ହବାଳୀ ଘାଟଠାରେ ୫୦ ଫୁଟ୍ ଲମ୍ବର ଅତଡ଼ା ଧସିଯାଇଛି। ସୂଚନା ଅନୁସାରେ, ୨୦୨୨ ମସିହା ଅକ୍ଟୋବର ହୋଇଛି। ତେବେ କାମ ଚାଲିଥିବା ବେଳେ ସୋମବାର ସକାଳେ ହବାଳୀ ଘାଟଠାରେ ଗଭୀର ଫାଟ ସୃଷ୍ଟି ହୋଇ ୫୦ ଫୁଟ୍‌ର ଅତଡ଼ା ନଦୀଗର୍ଭକୁ ଧସିଯାଇଥିବା ଦେଖିବାକୁ ମିଳିଥିଲା। ଏ ସଂପର୍କରେ ଧାମରା କଇଥଖୋଲା ସ୍ଥିତ ଜଳସମ୍ପଦ ବିଭାଗର କନିଷ୍ଠଯନ୍ତ୍ରୀ ସୁବାସ ନାୟକଙ୍କୁ ପଚାରିବାରୁ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ



ମାସରେ ବାଲେଶ୍ୱର ଜଳସମ୍ପଦ ଡିଭିଜନ୍ ପକ୍ଷରୁ ନଦୀବନ୍ଧର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ମନ୍ତେଇ ନଦୀର ହବାଳୀ ଘାଟଠାରୁ ଉତ୍ତର ଦିଗରେ ୭୦୦ ମିଟର ଯାଏ ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଏବେ ପଥର ପ୍ୟାକିଂ, ଡମ୍ପିଂ ଓ ସ୍ୱର୍ କାମ ଚାଲୁ ରହିଛି। ଏହି କାର୍ଯ୍ୟ ମାର୍ଚ୍ଚ ୨୦୨୪ ସୁଦ୍ଧା ସାରିବାକୁ ଧାର୍ଯ୍ୟ କରାଯାଇଥିବା ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ, ହବାଳୀ ଫେରିଘାଟ ଠାରୁ ଦକ୍ଷିଣ ଦିଗରେ ଥିବା ବାତ୍ୟା ଅଶ୍ରୟସ୍ଥଳ ଠାରେ ମଧ୍ୟ ନଦୀବନ୍ଧରେ ଫାଟ ଦେଖାଦେଇଛି। ଏହାର ମରାମତି ପାଇଁ ୧୧ କୋଟି ୨୭ ଲକ୍ଷ ଟଙ୍କାର ଟେଣ୍ଡର ହୋଇ ସାରିଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କନିଷ୍ଠଯନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

# ଆହାର ଖାଦ୍ୟରୁ ବାହାରିଲା ପୋକ

### ନ ଖାଇ ଫେରିଲେ ଲୋକେ, ଉତ୍ତେଜନା ପ୍ରକାଶ

**ଆଠଗଡ(ଅମୃତ ମିଡିଆ):** ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ଖାଦ୍ୟରେ ପୋକ ଦେଖିବାକୁ ମିଳିଛି। ଫଳରେ ଲୋକେ ଖାଦ୍ୟ ଫିଙ୍ଗି ଦେଇ ପଳାଇଥିବା ଜଣାପଡ଼ିଛି। ଗତ ସୋମବାର ଦ୍ୱିପ୍ରହର ସମୟରେ ଖାଇବା ପାଇଁ ଲୋକମାନଙ୍କର ଗହଳି ଲାଗିଥିଲା। ଡାକ୍ତରଖାନାରେ ରହିଥିବା ରୋଗୀ ସହାୟକଙ୍କ ସହିତ ରୋଗୀଙ୍କୁ ଦେଖିବାକୁ ଆସିଥିବା ସମ୍ପର୍କୀୟ ଏବଂ କିଛି ସ୍ଥାନୀୟ ଗରିବ ଶ୍ରେଣୀର ଲୋକମାନେ ଖାଇବା ପାଇଁ ଧାଡି ଲଗାଇ ଛିଡା ହୋଇଥିଲେ। କିଛି ଲୋକ ମଧ୍ୟ ଭିତରେ ଖାଉଥିବା ଦେଖାଯାଇଥିଲା। ଏମିତି ସମୟରେ କିଛି ରୋଗୀଙ୍କ ସମ୍ପର୍କୀୟମାନେ ନେଇଥିବା ଡାଲମାରେ ପୋକ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖାଦ୍ୟ ପାଇଁ ଉଦ୍ଦିଷ୍ଟ ଡାଲମାରେ ପୋକ ପଡ଼ିଥିବା ଦେଖି ଖାଉଥିବା ଲୋକମାନେ ଖାଦ୍ୟସବୁ ଫୋପାଡି ଦେଇଥିବା ଜଣାପଡିଛି। ଏଥିସହିତ ଯେଉଁମାନେ ଖାଦ୍ୟ ନେଇଥିଲେ ସେମାନେ ମଧ୍ୟ ତାହା ଫେରାଇ ଦେଇଥିଲେ। ଫଳରେ ଲୋକେ ଉପାସରେ ଫେରିବା ପାଇଁ ବାଧ୍ୟ ହୋଇଥିଲେ। ଯେଉଁଥିପାଇଁ ଡାକ୍ତରଖାନା ପରିସର ସ୍ଥିତ ଆହାର କେନ୍ଦ୍ରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଆହାର



କେନ୍ଦ୍ରର ପରିମଳ ଅବସ୍ଥା ଉପରେ ମଧ୍ୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହାର କେନ୍ଦ୍ରରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆ ଯାଉନଥିବାରୁ ସେଠାରେ ଦୁର୍ଗନ୍ଧ ବାହାରୁଥିବା ଏବଂ ବ୍ୟବହାର ହେଉଥିବା ବାସନ କୁସନ ଠାରୁ ଆରମ୍ଭ କରି ଚଟାଣ ଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ମଧ୍ୟ ରହୁ ନ ଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ାକ୍ତର ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ଏହା ତାଙ୍କର ଅଧିକାର ପରିସର ଭିତରେ ନ ଥିବା କହିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଠଗଡ଼ ଏନଏସିର ନିର୍ବାହୀ ଅଧିକାରୀ ଡ଼ଃ ପ୍ରଦୀପ କୁମାର ସାହା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏ ଖବର ତାଙ୍କ ନଜରକୁ ଆସିବା ପରେ ସଂପୃକ୍ତ ଖାଦ୍ୟ ଯୋଗାଣକାରୀ ସଂସ୍ଥାକୁ ତାଗିଦ୍ କରାଯାଇଛି। ଆଗାମୀ ଦିନରେ ଏଭଳି ଅନିୟମିତତା ଦେଖାଦେଲେ ସଂପୃକ୍ତ ସଂସ୍ଥା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ।

# ଖୁବ୍‌ଶୀଘ୍ର ସରିବ ତାଳଚେର-ବିମଳାଗଡ଼ ରେଳ ଲାଇନ୍ : ଧର୍ମେନ୍ଦ୍ର

**ତାଳଚେର(ଅମୃତ ମିଡିଆ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମେତ ଦେଶର ୪୧,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ଦିଗରେ ଆଉ ଏକ ପଦକ୍ଷେପ ନେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ତାଳଚେର ଷ୍ଟେସନ୍‌ରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପ୍ରଧାନ କହିଥିଲେ, ରେଳ ଲାଇନ୍ ଆମ ଦେଶର ସମୃଦ୍ଧିର ପ୍ରତୀକ। ମୋଦି ସରକାର ଓଡ଼ିଶାକୁ ଆଜି ରେଳବାଇ କ୍ଷେତ୍ରରେ ୨୩୦୦ରୁ ଅଧିକ କୋଟି ଟଙ୍କାର ଉପହାର ମିଳିଛି। ଦେଶରେ ପ୍ରାୟ ୫୫୪ଟି ରେଳଷ୍ଟେସନ୍‌ର ପୁନର୍ବିକାଶ ହୋଇଥିବା ବେଳେ ଓଡ଼ିଶାରେ ୨୧ଟି ଅମୃତ ଭାରତ ରେଳ ଷ୍ଟେସନ୍‌ର ଶିଳାନ୍ୟାସ ହୋଇଛି। ଏଥିଲାଗି ଓଡ଼ିଶା ପାଇଁ ୯୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଓଡ଼ିଶାରେ ୫୨ଟି ରୋଡ୍ ଓଭରବ୍ରିଜ୍ ଏବଂ ରୋଡ୍ ଅଣ୍ଡରବ୍ରିଜ୍‌ର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ୫୨ଟି ପ୍ରକଳ୍ପ ପାଇଁ ମୋଟ ୧୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଆଜି ଅମୃତ ଭାରତ ରେଳ ଷ୍ଟେସନ ଅଧିନରେ ୧୨.୮ କୋଟି ଟଙ୍କା ବ୍ୟୟରେ ତାଳଚେର ଷ୍ଟେସନକୁ ବିକଶିତ କରାଯାଉଛି। ୨୩.୭୬ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ସିଟି ଷ୍ଟେସନ୍, ୧୮.୭୭ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା ରୋଡ୍, ୧୮୫ କୋଟି ଟଙ୍କା ବ୍ୟୟରେ ଭଦ୍ରକ, ୧୯୭.୪ କୋଟି ବ୍ୟୟରେ ବାଲେଶ୍ୱର ରେଳ ଷ୍ଟେସନ୍, ୧୭.୫୦ କୋଟି ଟଙ୍କା ବ୍ୟୟରେ ବ୍ରଜରାଜନଗର ଷ୍ଟେସନ୍ ସହ ୨୧ଟି ଷ୍ଟେସନ୍‌ର ନବୀକରଣ ହେବ। ଏହାବ୍ୟତୀତ ରେଳବାଇ ପକ୍ଷରୁ ୨୫ କୋଟି ୪୧ ଲକ୍ଷ ବ୍ୟୟରେ ଅନୁଗୁଳ ଷ୍ଟେସନ୍‌ର ଉନ୍ନତୀକରଣ ମଧ୍ୟ ହେଉଛି। ୨୬ କୋଟି ୧୧ ଲକ୍ଷ ବ୍ୟୟରେ ଢେଙ୍କାନାଳ ଷ୍ଟେସନ୍ ଓ ୨୨ କୋଟି ବ୍ୟୟରେ ମେରାମଣ୍ଡଳୀ ଷ୍ଟେସନ୍‌କୁ ବିକଶିତ କରାଯାଉଛି। ଖୁବ୍‌ଶୀଘ୍ର ତାଳଚେର-ବିମଳାଗଡ଼ ରେଳ ଲାଇନ୍ ସମ୍ପୂର୍ଣ୍ଣ ହେବ। ଅନୁଗୁଳ-ସୁକିନ୍ଦା ରୋଡ୍ ମଧ୍ୟରେ ନୂଆ ଲାଇନ୍ ବି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇସାରିଛି। ତାଳଚେର-ଅନୁଗୁଳ ଲୁପ୍ ଲାଇନ୍ ପାଇଁ ଭାରତ ସରକାର ନିୟମିତ ଭାବେ ଅର୍ଥ ମଞ୍ଜୁର ପ୍ରଦାନ କରିଛନ୍ତି। ତେବେ ତାଳଚେର-ବିମଳାଗଡ଼ ରେଳ ଲାଇନ୍ ପାଇଁ ଜମି ଅଧିଗ୍ରହଣ ବାଧକ ସାଜିଛି ବୋଲି ଶ୍ରୀ ପ୍ରଧାନ କହିଥିଲେ। ମୋଦି ସରକାର ପୂର୍ବରୁ ରେଳବାଇ କ୍ଷେତ୍ରରେ ଦେଶରେ ବାର୍ଷିକ ହାରାହାରି ୩ ଲକ୍ଷ କୋଟି ଟଙ୍କାର କାମ ହେଉଥିଲା ମାତ୍ର ଏବେ ବାର୍ଷିକ ହାରାହାରି ୧୧ ଲକ୍ଷ କୋଟି ଟଙ୍କାର କାମ ହେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଡିଆରଏମ୍ ଏ.ଏସ୍. ବାଜୁଆ, ତାଳଚେର ନଗରପାଳ ପବିତ୍ର ଭୂତିଆ, ବିଜେପି ନେତା କାଳନ୍ଦୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ବଙ୍ଗୋମୁଣ୍ଡାକୁ ଏନ୍‌ଏସି ମାନ୍ୟତା ଦାବି

**କଣ୍ଟାବାଞ୍ଜି ୨(ଅମୃତ ମିଡିଆ):** ୧୨ ଘଣ୍ଟିଆ ବଙ୍ଗୋମୁଣ୍ଡା ବନ୍ଦ। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡାକୁ ଏନ୍‌ଏସି ମାନ୍ୟତା ଦାବି ନେଇ ବଙ୍ଗୋମୁଣ୍ଡା ପଞ୍ଚାୟତବାସୀଙ୍କ ପକ୍ଷରୁ ୧୨ ଘଣ୍ଟିଆ ବଙ୍ଗୋମୁଣ୍ଡା ବନ୍ଦ ପାଳନ ହେଉଛି। ବଙ୍ଗୋମୁଣ୍ଡାକୁ ଏନ୍‌ଏସି ନକରାଯାଇ ଦୀର୍ଘ ବର୍ଷ ହେଲା ଅଣଦେଖା କରିଚାଲିଛନ୍ତି। ଏ ନେଇ ବାରମ୍ବାର ଆନ୍ଦୋଳନ ପରେ ଫଳ ଶୂନ୍। ନିକଟରେ ନୂତନ ଏନ୍‌ଏସି ଘୋଷଣା ହୋଇଥିଲା। ହେଲେ ଏଥିରେ ବଙ୍ଗୋମୁଣ୍ଡା ନାଁ ନାହିଁ। ଯାହାକି ଅଞ୍ଚଳବାସୀ ନିରାଶ କରିଛି। ଶେଷରେ ବାଧ୍ୟ ହୋଇ ପଞ୍ଚାୟତବାସୀ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ ଟା ଯାଏଁ ବଙ୍ଗୋମୁଣ୍ଡା ବନ୍ଦ ଡାକରା ଦେଇଛନ୍ତି। ଯାହାକୁ ବିଭିନ୍ନ ସଂଗଠନ ପକ୍ଷରୁ ସମର୍ଥନ କରାଯାଇଛି। ଏହି ବନ୍ଦ ଡାକରା ଲାଗି ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ ରହିଛି। ଛାତ୍ରଛାତ୍ରୀଙ୍କ ପରୀକ୍ଷା ଯୋଗୁ ସ୍କୁଲ-କଲେଜ ଏବଂ ଜରୁରୀକାଳୀନ କାର୍ଯ୍ୟକୁ ଏହି ବନ୍ଦରୁ ବାଦ୍ ଦିଆଯାଇଛି। ସେପଟେ ଶାନ୍ତିଶୃଙ୍ଖଳା ପାଇଁ ଛକ ଛକରେ ପୋଲିସ ମୁତୟନ ହୋଇଛି। ଯଦି ଆଗାମୀ ଦିନରେ ସରକାର ଏହି ଦାବି ପୂରଣ ନ ହେଲେ, ତେବେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସରକାରୀ ଯୋଜନାରୁ ବଞ୍ଚିତ ଅସହାୟ ନନ୍ଦିନୀ

### ମିଳୁନି ଭତ୍ତା, ପାଖରେ ନାହିଁ ରାସନ କାର୍ଡ

**ଘୁ.ଉଦୟଗିରି (ଅମୃତ ମିଡିଆ):** ସରକାର ଗରିବଙ୍କ ପାଇଁ ମାଳମାଳ ଯୋଜନା କରିଛନ୍ତି। ହେଲେ ସରକାରଙ୍କ ଯୋଜନାରୁ ଅନେକ ସ୍ଥାନରେ ପ୍ରକୃତ ଗରିବମାନେ ଉପକୃତ ହୋଇପାରୁ ନଥିବା ଅଭିଯୋଗ ହେଉଛି। କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ନିବାସୀ ନନ୍ଦିନୀ ଦଳେଇ (୩୨) ହେଉଛନ୍ତି ଏହାର ଜ୍ୱଳନ୍ତ ଉଦାହାରଣ।



ନନ୍ଦିନୀଙ୍କ ସ୍ୱାମୀ କେଶବ ସାହୁଙ୍କ ୨୦୧୯ ମସିହାରେ ମୃତ୍ୟୁ ହୋଇଥିଲା। କେଶବଙ୍କ ଆଜକୁ ୪ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲେ ବି ଦୁଃଖର ବିଷୟ ତାଙ୍କ ପତ୍ନୀଙ୍କ ନାମରେ ଏକ ରାସନକାର୍ଡ ହୋଇପାରି ନାହିଁ। ସେହିପରି ନନ୍ଦିନୀ ବିଧବା ଭତ୍ତା ନିମନ୍ତେ ଅନେକଥର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ତାଙ୍କୁ ସୁଫଳ ମିଳିପାରୁନାହିଁ। ତାଙ୍କ ସ୍ୱାମୀଙ୍କ ନାମରେ ଆଧାରକାର୍ଡ ଏବଂ ମୃତ୍ୟୁ ପ୍ରମାଣ ପତ୍ର ନ ଥିବାରୁ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ନନ୍ଦିନୀ ବିଧବା ଭତ୍ତା ଓ ରାସନକାର୍ଡ ପାଇପାରୁ ନାହାନ୍ତି। ନନ୍ଦିନୀଙ୍କ ବର୍ତ୍ତମାନ କେହି ସାହାରା ନାହାନ୍ତି। ଏଣୁ ତାଙ୍କୁ ବିଧବା ଭତ୍ତା ପ୍ରଦାନ ସହିତ ଅନ୍ତୋଦୟ ଯୋଜନାରେ ସାମିଲ କରିବା ନିମନ୍ତେ ସେ ସରକାରଙ୍କ ନିକଟରେ ଅନୁରୋଧ କରୁଛନ୍ତି।

# ରାଇପାହାଡ଼ ବିଦ୍ୟୁତ୍‌କରଣରେ ବାଧକ ସାଜିଛି ଆନ୍ଧ୍ର !

**ନନ୍ଦପୁର (ଅମୃତି ମିଡିଆ):** ଦୁଇ ରାଜ୍ୟ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଲମ୍ବା ଆଲୋଚନା ପରେ ବି ସୀମାନ୍ତ ରାଇପାହାଡ଼ ଗ୍ରାମକୁ ନେଇ ଆରମ୍ଭ ହୋଇଥିବା ବିବାଦ ସଂପୂର୍ଣ୍ଣ ତୁଟିନି। ଗ୍ରାମବାସୀଙ୍କୁ ବିଦ୍ୟୁତ୍ ବିତରଣ କରି ଆନ୍ଧ୍ର ନିଜର ଉପସ୍ଥିତି ଜାରି ରଖିଛି। ଯାହାର ଫଳସ୍ୱରୂପ ଓଡ଼ିଶା ସରକାରଙ୍କ ତରଫରୁ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ସତ୍ତ୍ୱେ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ପାରୁନାହାନ୍ତି। ଡୁମୁରିଗୁଡାଠାରୁ ରାଇପାହାଡ଼ ପର୍ଯ୍ୟନ୍ତ ବିଦ୍ୟୁତ୍ ପୋଲ ପୋତା କାର୍ଯ୍ୟ ଓ ଗ୍ରାମରେ ଟ୍ରାନ୍ସଫର୍ମର ସ୍ଥାପନ କାମ ସାରିଛି ଟିପିଏସ୍‌ଓଡିଏଲ୍। କିନ୍ତୁ ପ୍ରତି ଘରକୁ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟରେ ବାଧକ ସାଜିଛି ଆନ୍ଧ୍ର। ଆନ୍ଧ୍ର ପକ୍ଷରୁ ଗାଁର ପ୍ରତି ଘରକୁ ଦିଆଯାଇଥିବା ସଂଯୋଗ ଏ ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ବିବାଦ ପରେ କିଛି ଦିନ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲା। କିନ୍ତୁ



ପରେ ପୁଣି ବିଦ୍ୟୁତ୍ ଯୋଗାଣ ଆରମ୍ଭ କରିବା ପରେ ଚିନ୍ତାରେ ପଡ଼ିଛନ୍ତି ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ। ବିଦ୍ୟୁତ୍ ଯୋଗାଣ ନିୟମ ପ୍ରକାରେ ଗୋଟିଏ ଘରକୁ ଦୁଇଟି ବିଦ୍ୟୁତ୍ ସଂଯୋଗ ଦିଆଯାଇ ପାରିବ ନାହିଁ। ତେଣୁ ପ୍ରଥମେ ଆନ୍ଧ୍ର ପ୍ରଦତ୍ତ ବିଦ୍ୟୁତ୍ ସେବା କଟାଯାଉ ବୋଲି ବିଦ୍ୟୁତ୍ କାର୍ଯ୍ୟ ତଦାରଖରେ ଯାଇଥିବା ଟିପିଏସ୍‌ଓଡିଏଲ୍ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ନନ୍ଦପୁର ଯନ୍ତ୍ରୀ ବିକାଶ ଚୌଧୁରୀ କହିଛନ୍ତି। ଏଭଳି ସ୍ଥିତିରେ ନନ୍ଦପୁର ବ୍ଲକ୍ ଓ କୋରାପୁଟ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ରାଇପାହାଡ଼ ଗ୍ରାମର ବିକାଶ ହୋଇପାରୁନି ବୋଲି ରାଇପାହାଡ଼ ଗ୍ରାମବାସୀଙ୍କ ସମେତ ଗୋଲୁର ପଞ୍ଚାୟତର ଲୋକପ୍ରତିନିଧି ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ଅନ୍ତର୍ଗତ ରାଇପାହାଡ଼ ଗ୍ରାମରେ ଆନ୍ଧ୍ରର ଅନୁପ୍ରବେଶ ଓ ସରକାରୀ ଯୋଜନା କାର୍ଯ୍ୟକାରୀ ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀ ଦୁଇ ଦଫା ବୈଠକରେ ଆନ୍ଧ୍ର କୌଣସି ପ୍ରମାଣ ଦେଖାଇ ନପାରିବାରୁ ରାଇପାହାଡ଼ରୁ ହଟିବାକୁ ନିଷ୍ପତ୍ତି ନେଇଥିଲା। ଏପରିକି ବୈଠକ ପରେ ଆନ୍ଧ୍ର ରାଇପାହାଡ଼ରେ ସବୁ କାର୍ଯ୍ୟ ବନ୍ଦ କରିଦେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ଅନୁପ୍ରବେଶ କରି ଲୁଚିଛପି ସେବା ଜାରି ରଖିଛି। ଏପଟେ ଓଡ଼ିଶା ସରକାର ରାଇପାହାଡ଼ ଗ୍ରାମର ସମସ୍ତ ପରିବାରକୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। କିଛି ପରିବାର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେଣି। କିନ୍ତୁ ଗ୍ରାମବାସୀ ଓଡ଼ିଶାର ଆଲୁଅ ଓ ପକ୍କା ରାସ୍ତା ନିର୍ମାଣକୁ ଅପେକ୍ଷା କରିଛନ୍ତି।

## ସମ୍ପାଦକୀୟ...

# ତେଜହୀନ ସୂର୍ଯ୍ୟ ମନ୍ଦିର !

ସକଳ ଶକ୍ତିର ଆଧାର ହେଉଛନ୍ତି ସୂର୍ଯ୍ୟ ଦେବତା । ଯାହାଙ୍କ ପାଖରେ କେବଳ ଆଧାର ହିଁ ଆଧାର । ସେ ତ କେବଳ ଆଧାରଯୁକ୍ତ । ତାଙ୍କ୍ ପାଖରେ କେବଳ ଆଧାର ହିଁ ଆଧାର । ସେ ଯେବେ ସକଳ ଶକ୍ତିର ଆଧାର, ତେଣୁ ତାଙ୍କ ପାଖରେ କ'ଣ ବା ଅଭାବ ରହିପାରେ । ସବୁ ଶକ୍ତିର ଉତ୍ସ ସୂର୍ଯ ଦେବତା ଆଜି ଅବହେଳିତ ! କେବେ ବି ବିଶ୍ୱାସଯୋଗ୍ୟ କି ସୂର୍ଯ୍ୟ ଦେବତା ଆଜି ଅବହେଳିତ, କେବେ ବି ବିଶ୍ୱାସ ଯୋଗ୍ୟ କି ସେ ବି ଆଧାରହୀନ ହୋଇପାରନ୍ତି ! କେବେ ବି ନୁହେଁ । କେହି କେବେ ବି ଏଭଳି କଥାକୁ ବିଶ୍ୱାସ ପରିସର ଭିତରକୁ ଆଣିପାରିବେ ନାହିଁ କିମ୍ବା ଏଭଳି କଥାକୁ କେବେ ବି ସହଜରେ ଗ୍ରହଣ କରିପାରିବେ ନାହିଁ ଯେ ସୂର୍ଯ୍ୟ ବି ହୋଇପାରନ୍ତି ଆଧାରହୀନ ! ଏଭଳି କଥାରେ ବିସ୍ମିତ ହେବାର କୌଣସି କାରଣ ନାହିଁ । ଯାହା ସତ୍ୟ, ତାହା ସତ୍ୟ, ସେଭଳି କଥାରେ ବିସ୍ମୟସୂଚକର ସ୍ଥାନ ନାହିଁ । ସୂର୍ଯ୍ୟ ଯେ ସକଳ ଶକ୍ତିର ଆଧାର, ଏହା ବିଶ୍ୱବିଦିତ । ହେଲେ ଆମେ ଯେଉଁ ସୂର୍ଯ୍ୟଙ୍କ କଥା କହୁଛୁ, ସେ ସୂର୍ଯ୍ୟ କେବେ ଉତ୍କର୍ଷର କଳାକ୍ଷେତ୍ର କଳିଙ୍ଗ- ଉତ୍କଳ ସ୍ଥିତ କୋଣାର୍କରେ ତାଙ୍କର ପ୍ରଥମ କିରଣ ପ୍ରଦାନ କରୁଥିଲେ । ଆମେ କହୁଛୁ କୋଣାର୍କର ସୂର୍ଯ୍ୟ ମନ୍ଦିର କଥା, ଆମେ କହୁଛୁ କଳା-ଉତ୍କର୍ଷର କଳାକ୍ଷେତ୍ର କଳିଙ୍ଗର କଥା, ଆମେ କହୁଛୁ ଉତ୍କଳ ସ୍ଥିତ କଳିଙ୍ଗ ସ୍ଥିତ କୋଣାର୍କ କଥା, କୋଣାର୍କ ସୂର୍ଯ୍ୟ ମନ୍ଦିର କଥା ଯେଉଁ ମନ୍ଦିରରେ ଦିନେ ସକାଳର ପ୍ରଥମ ସୁର୍ଯ୍ୟ କିରଣ ପଡୁ ଥିଲା । ଯେଉଁ ମନ୍ଦିର ଦିନେ ବିଶ୍ୱର ଅଷ୍ଟାଶ୍ଚର୍ଯ୍ୟ ମଧ୍ୟରେ ନିଜର ସ୍ଥାନ ସଂରକ୍ଷଣ କରିବାରେ ସକ୍ଷମ ହେଉଥିଲା । ସେହି ମନ୍ଦିରର ଦୁରବସ୍ଥା କଥା ଆଜି କହିଲେ ନ ସରେ ସବୁ ଶକ୍ତିର ଉତ୍ସ ସୂର୍ଯ ଦେବତା ଆଜି ଅବହେଳିତ ! କେବେ ବି ବିଶ୍ୱାସଯୋଗ୍ୟ କି ସୂର୍ଯ୍ୟ ଦେବତା ଆଜି ଅବହେଳିତ, କେବେ ବି ବିଶ୍ୱାସ ଯୋଗ୍ୟ କି ସେ ବି ଆଧାରହୀନ ହୋଇପାରନ୍ତି ! କେବେ ବି ନୁହେଁ । କେହି କେବେ ବି ଏଭଳି କଥାକୁ ବିଶ୍ୱାସ ପରିସର ଭିତରକୁ ଆଣିପାରିବେ ନାହିଁ କିମ୍ବା ଏଭଳି କଥାକୁ କେବେ ବି ସହଜରେ ଗ୍ରହଣ କରିପାରିବେ ନାହିଁ ଯେ ସୂର୍ଯ୍ୟ ବି ହୋଇପାରନ୍ତି ଆଧାରହୀନ ! ଏଭଳି କଥାରେ ବିସ୍ମିତ ହେବାର କୌଣସି କାରଣ ନାହିଁ । ଯାହା ସତ୍ୟ, ତାହା ସତ୍ୟ, ସେଭଳି କଥାରେ ବିସ୍ମୟସୂଚକର ସ୍ଥାନ ନାହିଁ । ସୂର୍ଯ୍ୟ ଯେ ସକଳ ଶକ୍ତିର ଆଧାର, ଏହା ବିଶ୍ୱବିଦିତ । ହେଲେ ଆମେ ଯେଉଁ ସୂର୍ଯ୍ୟଙ୍କ କଥା କହୁଛୁ, ସେ ସୂର୍ଯ୍ୟ କେବେ ଉତ୍କର୍ଷର କଳାକ୍ଷେତ୍ର କଳିଙ୍ଗ- ଉତ୍କଳ ସ୍ଥିତ କୋଣାର୍କରେ ତାଙ୍କର ପ୍ରଥମ କିରଣ ପ୍ରଦାନ କରୁଥିଲେ । କେବେ ବିଶ୍ୱ ଐତିହ୍ୟରେ ନିଜର ସ୍ଥାନ ମଣ୍ଡନ କରୁଥିବା କୋଣାର୍କର ସୂର୍ଯ୍ୟ ମନ୍ଦିରର ଚିତ୍ର ଆଜି ପୁରାପୁରି ବଦଳି ଯାଇଛି । ଚିତ୍ର ଆଜି ବିଚିତ୍ର ହୋଇଯାଇଛି । ଚିତ୍ର ଆଜି ବିକଳ ହୋଇଯାଇଛି । ଚିତ୍ର ଆଜି ନଷ୍ଟ ଭ୍ରଷ୍ଟ ହୋଇ ଯାଇଛି । କୋଣାର୍କର ସୂର୍ଯ୍ୟମନ୍ଦିରରେ କଳା କାରିଗରମାନଙ୍କ ଦ୍ୱାରା ଯେଭଳି ସୁନ୍ଦର ତଥା ସଶକ୍ତ ଚିତ୍ରମାନ ଅଙ୍କା ଯାଇଥିଲା, ତାହା ବି ଅତି ସୂକ୍ଷ୍ମ ଭାବରେ, ସେଭଳି ସୂକ୍ଷ୍ମତା ଆଜି ବି ବିଶ୍ୱରେ ବିରଳ । ସେଭଳି ସୂକ୍ଷ୍ମତା ଆଜି ବି ବିଶ୍ୱରେ ଜଟିଳ । ସେଭଳି ସୂର୍ଯ୍ୟ ମନ୍ଦିର, ବିଶ୍ୱ ବିଦିତ ସୂର୍ଯ୍ୟମନ୍ଦିର ଯାହା ଆଜି ବି ବିଶ୍ୱରେ ତା'ର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ବାରେ ସକ୍ଷମ ହୋଇ ପାରିଛି, ସେଭଳି ମନ୍ଦିରର ଅବସ୍ଥା, ଅବସ୍ଥା ତ ନୁହେଁ, ଯାହାକୁ ଦୁରବସ୍ଥା କୁହାଯାଇପାରେ ଯାହା ରାଜ୍ୟ ସରକାରଙ୍କ ଚରମ ଅବହେଳାର ଚରମ ନିଦର୍ଶନ ବୋଲି କୁହାଯାଇପାରେ । ଏଭଳି ଅବହେଳା, ଯାହା ବିଗତ ସରକାରଙ୍କ ଅମଳରୁ ଆରମ୍ଭ ହୋଇଛି, ଯାହାର ପରିସମାପ୍ତି ଏ ଯାବତ୍ ହୋଇ ପାରିନି । ଯେଉଁ ଅବହେଳାକୁ ସେହି ଅବହେଳା, ସେମିତି ଅବହେଳା ଆଜି ବି ହୋଇ ଚାଲିଛି ଅଥଚ ସରକାର ଏବେ ବି ନିଦା ବିଷ୍ଟୁ ଅଥଚ ବିଷ୍ଣୁଙ୍କୁ ସୂର୍ଯ୍ୟଙ୍କ ଚଳନ୍ତୀ ପ୍ରତିମା ଭାବେ ଧରି ନିଆ ଯାଇଛି । ସେହି ସୂର୍ଯ୍ୟ ଯାହାଙ୍କୁ ଆମେ ସକଳ ଶକ୍ତିର ଆଧାର ବୋଲି କହୁଛୁ । ହେଲେ ଆଧାରହୀନ ଆଜି ସୁର୍ଯ୍ୟ ଦେବତା କାରଣ ସରକାର କୋଣାର୍କ ସ୍ଥିତ ସେହି ସୁର୍ଯ୍ୟ ମନ୍ଦିର ପ୍ରତି ଏଭଳି ଅବହେଳା କରିଛନ୍ତି, ଯାହାକୁ ଭାବିଲେ ଆଖିରୁ ଲୁହ ଝରିପଡ଼ିବ, ଆଉ ଯଦି ଦେଖିଲେ ତେବେ ଆଖିରୁ ଲୁହ ନୁହେଁ, ଲହୁ ଝରି ପଡ଼ିବ । ଆଜିର ଏତେ ଚଳ ଚଞ୍ଚଳ ବିଜେଡି ସରକାର, ଏତେ ପପୁଲାର୍ ବିଜେଡି ସରକାର ଯାହା କେବଳ ନାମକୁ ମାତ୍ର କିନ୍ତୁ କାମରେ କାହିଁ । ସରକାର ରାଜ୍ୟକୁ ବିକାଶ ପଥରେ ଆଗେଇ ନେବା ପାଇଁ ଯୋଜନା ପରେ ଯୋଜନା ପ୍ରଣୟନ କରି ଚାଲିଛନ୍ତି । ସରକାରୀ ତହବିଲ୍ ରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି ଅଥଚ କୋଣାର୍କର ସୂର୍ଯ୍ୟମନ୍ଦିର ପ୍ରତି ଏତେ ଉଦାସୀନତା କାହିଁକି ? ସରକାର କୋଣାର୍କର ସୂର୍ଯ୍ୟ ମନ୍ଦିର ପ୍ରତି ଏତେ ବିମୁଖ କାହିଁକି ? ସରକାର କି କୋଣାର୍କର ସୁର୍ଯ୍ୟ ମନ୍ଦିର ପ୍ରତି ହୋଇଗଲେ କି ପଥର ବା ଅନ୍ୟ ଭାଷାରେ କହିଲେ ହୋଇଗଲେ କି ନିଦା ବିଷ୍ଟୁ । ସୂର୍ଯ୍ୟ ଯେ କି ସକଳ ଶକ୍ତିର ଉତ୍ସ, ସର୍ବଶକ୍ତିର ଆଧାର ଅଥଚ ସେ ଆଜି କିପରି ହେଲେ ନିରାଧାର ? କେବେ କି ବିଶ୍ୱାସଯୋଗ୍ୟ, କେବେ କି ଗ୍ରହଣଯୋଗ୍ୟ ? ଆମେ ଯେଉଁ ସୂର୍ଯ୍ୟଙ୍କ କଥା କହୁଛୁ, ସେ ସୂର୍ଯ୍ୟ କେବେ ଉତ୍କର୍ଷର କଳାକ୍ଷେତ୍ର କଳିଙ୍ଗ- ଉତ୍କଳ ସ୍ଥିତ କୋଣାର୍କରେ ତାଙ୍କର ପ୍ରଥମ କିରଣ ପ୍ରଦାନ କରୁଥିଲେ । କେବେ ବିଶ୍ୱ ଐତିହ୍ୟରେ ନିଜର ସ୍ଥାନ ମଣ୍ଡନ କରୁଥିବା କୋଣାର୍କର ସୂର୍ଯ୍ୟ ମନ୍ଦିରର ଚିତ୍ର ଆଜି ପୁରାପୁରି ବଦଳି ଯାଇଛି । ଚିତ୍ର ଆଜି ବିଚିତ୍ର ହୋଇଯାଇଛି । ଯାହାକୁ ଦେଖିଲେ ଦେଖିଲେ ବଦନ ଦିନେ ବିକଶିତ ହେଉଥିଲା, ଆଜି କିନ୍ତୁ ବିମର୍ଷ ହୋଇ ଯାଉଛି । ସରକାର କେବଳ ମନ୍ଦିରର ବାହାର ପଟୁ ଚିକ୍‌ଣ ଚାକଣ କରୁଛନ୍ତି, ଯେମିତି ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ଅଥଚ ଭିତରୁ ନୁହେଁ । ହେଲେ କୋଣାର୍କ ପ୍ରତି ସୂର୍ଯ୍ୟମନ୍ଦିର ପ୍ରତି କିନ୍ତୁ ରାଜ୍ୟ ସରକାର ପୂରା ଧ୍ୟାନ ଦିଅନ୍ତୁ, ପୂରା ଶୁଭଦୃଷ୍ଟି ପକାନ୍ତୁ ।

## ଜ୍ଞାନାମୃତ

# ଏକତା ସୂତ୍ର

ଗାଁ'ଟା ଛୋଟିଆ ହେଲେ କି ହେବ, ଲୋକସଂଖ୍ୟା ଦୃଷ୍ଟି କୋଣରୁ କିନ୍ତୁ ଗାଁ'ଟା ଭାରି ଜନବହୁଳ । ଗାଁ'ରେ ଗୋଟାଏ ଯୁବକ ସଙ୍ଘ ଥାଏ । ସେମାନଙ୍କ ମଧ୍ୟରେ ଯେଉଁ ଏକତା ତାହାଦ୍ୱାରା ସେମାନେ ପୂରା ଗ୍ରାମଟାକୁ ଏକତା ସୂତ୍ରରେ ବାନ୍ଧି ରଖିବାର ପ୍ରଚେଷ୍ଟା କରନ୍ତି । ସେମାନେ ପୂରା ଗାଁ କଥା ଚିନ୍ତା କରନ୍ତି । ସବୁ ଲୋକ ବି ପୂରା ଗ୍ରାମ ବିଷୟରେ ଚିନ୍ତା କରନ୍ତି ତଥାପି ଗାଁ'ରେ କିନ୍ତୁ ନାନା ବିଶୃଙ୍ଖଳା । ଥରେ ସେହି ଗାଁ'ରେ କୌଣସି କାରଣବଶତଃ ଅଚାନକ ଗୋଟାଏ ବଡ଼ ରୋଗ ଆସିଲା ଯେଉଁଥିରେ ଗାଁ'ର ପୁଳାଏ ଲୋକଙ୍କ ମରଣ ହୋଇଗଲା । ସେ ନେଇ ଗାଁ'ଲୋକମାନେ ଭୟଭୀତ ହୋଇଗଲେ । ସମସ୍ତଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ଖେଳିଗଲା । ପରେ ଗାଁ ଲୋକମାନଙ୍କ ମଧ୍ୟରେ ଚିନ୍ତା ପଶିଗଲା । ପରସ୍ପର ମଧ୍ୟରେ ଏକତା ରକ୍ଷାକରି କାମ କରିବା ପାଇଁ ସବୁ ଗାଁ' ଲୋକେ ଯୋଜନାବଦ୍ଧ ନିଷ୍ପତ୍ତି ନେଲେ । କେତେବେଳେ କ'ଣ ବି ଘଟିଯାଉ,ହେଲେ ସେମାନେ ପରସ୍ପର ମଧ୍ୟରେ ସୁସମ୍ପର୍କ ରକ୍ଷାକରି କାମ କରିବେ ବୋଲି ନିଷ୍ପତ୍ତି ନେଲେ । କୌଣସି ସୁଖଦ ଘଟଣା ହେଉ କି ଦୁଃଖଦ ଘଟଣା, ସେହି ଗାଁ'ରେ କେବେ ବି କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ ସୀମିତ ହୋଇ ରହେନା । ଜଣଙ୍କର ସମସ୍ୟା ମାନେ ସଭିଙ୍କ୍ ସମସ୍ୟା । । ଜଣଙ୍କ୍‌ର ସୁଖରେ ଅନ୍ୟମାନେ ସୁଖୀ ଏବଂ ଜଣଙ୍କର ଦୁଃଖରେ ଅନ୍ୟମାନେ ଦୁଃଖୀ । ଏକପ୍ରକାର ଆଦର୍ଶ ଗାଁ କହିଲେ କିଛି ଅତ୍ୟୁକ୍ତି ହେବନି । ସେହି ଗାଁରେ ରହୁଥିଲେ ଦୁଇବନ୍ଧୁ । ସେମାନେ ଭୁଲରେ୍ ହେଉ କି ଠିକ୍‌ରେ ଭଲ ପାଉଥିଲେ ଗୋଟାଏ ଝିଅକୁ । ଝିଅଟି କିନ୍ତୁ କେବଳ ଭଲ ପାଉଥିଲା ଜଣଙ୍କୁ । ଧୀରେ ଧୀରେ ସମୟ ଗଡ଼ିଚାଲିଲା । ଝିଅର ବାହାଘର ଅନ୍ୟତ୍ର ଠିକ୍ ହୋଇଗଲା । ଏମାନେ ଦୁହେଁ ଭାରି ମନ ଦୁଃଖରେ ରହିଲେ । ହେଲେ କୌଣସି କାରଣରୁ ଭାଙ୍ଗିଗଲା ସେହି ବାହାଘର । ପରେ ସେହି ଝିଅଟାର ମନ ଭାଙ୍ଗିଗଲା । ସେ ଏକାକୀ ଜୀବନ ବିତାଇବାକୁ ମନ ବଳାଇଲା । ହେଲେ ଏମାନେ କ'ଣ କରିବେ ଯେଉଁମାନେ ତାକୁ ଆଗରୁ ଭଲ ପାଉଥିଲେ । ସେମାନେ ବି ଧୀରେ ଧୀରେ ଭୁଲିବାକୁ ଲାଗିଲେ ତାକୁ । ଏହିପରି କିଛିଦିନ ବିତିଗଲା । ଥରେ ଗାଁ'ରେ ନାଟକ ମଞ୍ଚସ୍ଥ ହେଉଥିଲା ଯେଉଁଥିରେ ସେହି ଦୁଇବନ୍ଧୁଙ୍କ ସହ ସେହି ଝିଅଟି ମଧ୍ୟ କରୁଥିଲା ଅଭିନୟ । ସମସ୍ତେ ମିଳିମିଶି ଅଭିନୟ କଲେ ଏବଂ ଶେଷରେ ସେମାନଙ୍କ ମନରେ କିଛି ଭାବାନ୍ତର ଆସିଲା ଏବଂ ସେହି ଭାବାନ୍ତର ଜୀବନରେ ସେମାନଙ୍କ ଗତିପଥ ପରିବର୍ତ୍ତନରେ ସହାୟକ ହୋଇପାରିଲା । ସାମାଜିକ ପରିବର୍ତ୍ତନ କାରଣରୁ ଆଗକୁ ସେମାନେ ଭଲ ସମ୍ପର୍କରେ ରହିଲେ ।

# ମାଘରୁ କଳବଳ କଲାଣି ଖରା

### ହିମାଂଶୁ ଶେଖର ଆଚାର୍ଯ୍ୟ

ମାଘରେ ବାଘ ପରି ଖରା ମାଡିଆସିଲାଣି । ଲୋକମାନେ ଅସ୍ତବ୍ୟସ୍ତ । ମେଘମୁକ୍ତ ଆକାଶ ସହ ଶୁଖିଲାପାଗ ବଢାଇଛି ଦିନର ପାରଦ । ଘୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅ ଳରୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ମବାୟୁ ପ୍ରବେଶ କରୁଛି । ଉପକୂଳ ଓଡିଶା ଅପେକ୍ଷା ଆଭ୍ୟନ୍ତରୀଣ ଓଡିଶାରେ ଅଧିକ ଅନୁଭୁତ ହେଉଛି ତାତି । ଗତ ରବିବାର ରାଜ୍ୟର ଚାରି ଜିଲ୍ଲାର ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ସୋମବାର ଦୁଇଟି ସ୍ଥାନର ତାପମାତ୍ରା ୩୬ ଡିଗ୍ରୀ ଟପିଯାଇଛି । ଭୁବନେଶ୍ୱର ଆ ଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୩୬ ଡିଗ୍ରୀ ଅତିକ୍ରମ କରିଛି ଦିନ ତାପାମାତ୍ରା ଭବାନୀପାଟଣା ଏବଂ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୩୬.୫ ଡିଗ୍ରୀ ରେକର୍ଡ କରାଯାଇଛି । ଏଥି ସହିତ ୫ଟି ସହରର ତାପମାତ୍ରା ୩୫ ଡିଗ୍ରୀ ବା ତା ଠାରୁ ଅଧିକ ରହିଛି । ଏପରିକି ରାଜାଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୪.୪ଡିଗ୍ରୀ ଥିଲା । ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାତି ତାପମାତ୍ରା ଅଧିକ ରହୁଥିଲେ ହେଁ ଭୋର ସମୟରେ ଘନକହୁଡି ରହିବ । ସେହିପରି ଏହି ସମୟ ମଧ୍ୟରେ ୨ରୁ ୪ଡିଗ୍ରୀ ଅଧିକ ତାପମାତ୍ରା ଅଧିକ ରହିବ । ଯଦିଓ ଆସନ୍ତା ୨୩ ତାରିଖରୁ ସାମୟିକ ଆଶ୍ୱସ୍ତି ମିଳିବ ବୋଲି ଆକଳନ କରାଯାଇଛି ତଥାପି ୨୭ରୁ ପୁଣି ତାତି ବଢିବ । ଗ୍ରୀଷ୍ମ ପ୍ରବାହକୁ ଅଖିରେ ରଖି ମାର୍ଗଦର୍ଶିକା ଜାରି ହୋଇଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉତ୍ତର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଶୀତର ବେଳକାଳ ସରିନି । ସତେ ଯେମିତି ଲାଗୁଛି ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ପୂର୍ବରୁ ମଧ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା ।ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ । ଏବର୍ଷ ଫେବୃୟାରୀର ତାତିକୁ ଦେଖି ଚଳିତବର୍ଷର ତାତିର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର



ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ । ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ ତାତି ଚିନ୍ତାଜନକ ହୋଇରହିବ ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଜାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା । ୨୦୧୬ରେ ୫୪ଜଣ,୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ,୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି ।

କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ । ଗଛକଟା ଅବାଧରେ ଚାଲିଛି । କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବ ୁଛି କେତେ ତାହାର ହିସାବ କାହା ପାଖରେ ନାହିଁ । 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି । ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ । ଆମକୁ ମଧ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବ ାଇ ରଖିବାକୁ ହେବ । ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ । ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ତଥାପି ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆସନ୍ତା ମାର୍ଚ୍ଚ ଠାରୁ ମେ ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

ତିର୍ତ୍ତୋଲ, ଜଗତସିଂହପୁର
୯୯୩୭୧୫୧୦୫୨

# ନିର୍ବାଚନ ଋତୁରେ ଯୋଜନା ବର୍ଷା

### ଶ୍ରୀବତ୍ସ ନାୟକ

ପାଖେଇ ଆସୁଛି ସାଧାରଣ ନିର୍ବାଚନ । ଆଉ ଦିନ କେଇଟା ପରେ ଘୋଷଣା ହେବ ନିର୍ବାଚନ ତାରିଖ । ଏହାକୁ ନେଇ ଚାରିଆଡ଼େ ଚର୍ଚ୍ଚା । ଚା ଖଟିରୁ ବିଧାନସଭା,ଦିଲ୍ଲୀରୁ ପଲ୍ଲୀ,ଘରେ ବାହାରେ ସବୁଆଡେ ନିର୍ବାଚନର ହାଓ୍ୱା ବହିବାକୁ ଲାଗିଲାଣି । ସବୁଠି ଚର୍ଚ୍ଚା ଗୋଟିଏ କଥା କିଏ ମାରିବ ବାଜି ? କାହାର ଭାରି ରହିବ ପଲା ? କିଏ ଜିଣିବେ ଭୋଟରଙ୍କ ମନ ? କିଏ ଚିତ୍ ପଟାଙ୍ଗ ମାରିବ? ରାଜନୈତିକ ମହଲରେ ଏହି ନିର୍ବାଚନ ଏକ ଋତୁରେ ପରିଣତ ହେଲାଣି । ଏହାକୁ ନେଇ ନେତାମାନେ ଯେତିକି ତତ୍ପର ନୁହନ୍ତି ତାଠାରୁ ଅଧିକ ତତ୍ପର ଆମର ଭୋଟର ମାନେ । ନେତାମାନଙ୍କ ପାଖରେ ଭୋଟରମାନେ ନିଜ ନିଜର ଦାବି ଉପସ୍ଥାପନା କରୁଛନ୍ତି । ସରକାର ଓ ନେତାମାନେ ଦେବା ପାଇଁ ଯେମିତି ତତ୍ପର ଠିକ୍ ସେମିତି ଭୋଟରମାନେ ନେବା ପାଇଁ ବ୍ୟଗ୍ର । ଭୋଟରମାନଙ୍କ ମନକୁ ଜିଣିବା ପାଇଁ ନେତାମାନେ ଓ ସରକାର ଦିନ ରାତି ଏକ କରି ଲାଗିପଡିଛନ୍ତି । ନିର୍ବାଚନ ଋତୁ ଯେତିକି ପାଖେଇ ଆସୁଛି ଠିକ୍ ସେହି ହାରରେ ଯୋଜନା ବର୍ଷିବାରେ ଲାଗିଛି । ପ୍ରତିଦିନ ସରକାର କିଛି ନା କିଛି ଯୁଗାନ୍ତକାରୀ ଘୋଷଣା କରୁଛନ୍ତି । ଆଗାମୀ ନିର୍ବାଚନ ନିମନ୍ତେ ରାଜ୍ୟସରକାର ଯେଉଁଭଳି ଯୋଜନାର ଉପହାର ବର୍ଷା କରୁଛନ୍ତି ସେଥିରେ ଭୋଟର ମାନେ ଭିଜିବାରେ ଲାଗିଛନ୍ତି । ପରିସ୍ଥିତି ଏମିତି ହୋଇଯାଇଛି ଯେ ଗୋଟିଏ ଘୋଷଣାର ଖୁସି ମନେଇବା ଆଗରୁ ଆଉ ଗୋଟିଏ ଯୋଜନାର ଘୋଷଣା । ଏହାଦ୍ୱାରା ଭୋଟରମାନେ ପୁରା ଖୁସ୍ । ଟେଲିଭିଜନ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମରୁ ମୁଁହ କାଢୁ ନାହାନ୍ତି ସେମାନେ । ଚାତକ ଭଳି ଚାହିଁ ରହିଛନ୍ତି ନିର୍ବାଚନ ଥାଳିରେ ସରକାର ପୁଣି କଣ ନୂଆ ଖାଇବା ପରଷିବେ ।

ଗତ ଏକ ମାସ ଧରି ନିର୍ବାଚନକୁ ଆଖି ଆଗରେ ରଖି ଭୋଟର ମାନଙ୍କୁ ଆକୃଷ୍ଟ କରିବା ଲାଗି ଓଡ଼ିଶା ରାଜ୍ୟ ସରକାର ଘୋଷଣା କରିଛନ୍ତି ଅନେକ ଯୋଜନା । ଅର୍ଥ ଅଭାବରୁ ଅନେକ ପିଲା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ନୂଆ - ଓ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଯୋଗାଇ ଦେଇଛନ୍ତି ସରକାର । ଏହି ଯୋଜନା ମାଧ୍ୟମରେ ଛାତ୍ରମାନଙ୍କୁ ୯୦୦୦ ଟଙ୍କା,ଛାତ୍ରୀମାନଙ୍କୁ ୧୦,୦୦୦ ଟଙ୍କା,ଅନୁସୂଚିତ ଜାତି ଓ ଜନଜାତି ଏବଂ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅଙ୍କୁ ଅଧିକ ୧୦୦୦ ଟଙ୍କା ବୃତ୍ତି ପ୍ରଦାନ କରିଛନ୍ତି ସରକାର । ଏଥିରେ ଉଚ୍ଚଶିକ୍ଷା ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟ,ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ,ସଂସ୍କୃତ ମହାବିଦ୍ୟାଳୟ,ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ସାମ୍ସ (ଷ୍ଟୁଡେଣ୍ଟ୍ ଏକାଡେମୀକ୍ ମ୍ୟାନେଜମେଣ୍ଟ ସିଷ୍ଟମ) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଯୋଜନାରେ ଲାଭାନ୍ୱିତ ହେବେ । ଏହି ଛାତ୍ର ବୃତ୍ତି ଯୋଜନାରେ ଚଳିତ ଶିକ୍ଷାବର୍ଷର ଆସନ୍ତା ଫେବୃୟାରୀ ଶେଷ ଆଡ଼କୁ ନୂଆ-ଓ' ଛାତ୍ରବୃତ୍ତି ରାଶି ସିଧାସଳଖ ଭାବେ ଛାତ୍ରଛାତ୍ରୀ ମାନଙ୍କର ବ୍ୟାଙ୍କଖାତାକୁ ପଠାଯିବ । କୋ-କରିକୁଲାର୍ ଆକ୍ଟିଭିଟିରେ ଯେଉଁ ଛାତ୍ରଛାତ୍ରୀ ଅଧିକ ଭଲ ପ୍ରଦର୍ଶନ କରିବେ, ତାଙ୍କ ଛାତ୍ରବୃତ୍ତିର ରାଶି ଅଧିକ ମଧ ହୋଇପାରିବ । ଏଥିପାଇଁ ୩ ଶହ କୋଟି ଟଙ୍କାର କର୍ପସ ଫଣ୍ଡର ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରଙ୍କ ଏହି 'ନୂଆ-ଓ' ଛାତ୍ରବୃତ୍ତି ଯୋଗୁଁ ରାଜ୍ୟର ସାଢ଼େ ୪ ଲକ୍ଷ ସ୍ନାତକ ଛାତ୍ରଛାତ୍ରୀ ଏବଂ ୩୨ ହଜାର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଉପକୃତ ହେବେ । ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ଏକ ମ୍ୟାଜିକ କାର୍ଡ ଦେବାର ବ୍ୟବସ୍ଥା କରାଯାଇଛି । ଯଦି କୌଣସି ଛାତ୍ରଛାତ୍ରୀ ଶିକ୍ଷା ପାଇଁ କୌଣସି ସ୍ଥାନକୁ ଯାତ୍ରା କରିବେ ଏହି କାର୍ଡରେ ଛାତ୍ରଛାତ୍ରୀଙ୍କୁ ରିହାତି ସୁବିଧା ମିଳିବ । ଖାଲି ଯାତାୟାତ ପାଇଁ ନୁହେଁ ଏହି କାର୍ଡ ଦ୍ୱାରା ବିଭିନ୍ନ ଓ୍ୱାଇଫାଇ ପଏଣ୍ଟରେ ଇଣ୍ଟରନେଟ ସୁବିଧା ମଧ ପାଇପାରିବେ । ଏହି କାର୍ଡରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଓ ଉପସ୍ଥାନର ପୁରା ତଥ୍ୟ ମଧ ରହିବ । ଏହି କାର୍ଡକୁ ବିଭିନ୍ନ କମ୍ପାନିକୁ ଦିଆଯିବ । ଯାହା ଫଳରେ ଛାତ୍ରଛାତ୍ରୀ କୌଣସି କମ୍ପାନୀକୁ ନିଯୁକ୍ତି ପାଇଁ ଗଲେ ସୁବିଧା ପାଇପାରିବେ । ଅଗଷ୍ଟ ମାସ ସୁଦ୍ଧା ଏହାକୁ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଯୁବ ବର୍ଗଙ୍କ ବଳ ବଢ଼ାଇବା ଲାଗି ସରକାର ସ୍ୱୟଂ ଯୋଜନା ମାଧ୍ୟମରେ ଯୁବକ ଯୁବତୀମାନଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା କରିଛନ୍ତି । ଏତିକିରେ ଅଟକି ଯାଇନି ଉପହାର । ଗର୍ଭବତୀ ମହିଳାମାନଙ୍କ ପାଇଁ ମମତା ଯୋଜନାରେ ସହାୟତା ରାଶିକୁ ଦୁଇଗୁଣ କରିଛନ୍ତି । କଳାକାରଙ୍କୁ ମିଳୁଥିବା ସହାୟତା ରାଶି ୧୨୦୦ ଟଙ୍କାରୁ ବଢି ୨୦୦୦ ଟଙ୍କା ଏବଂ ୮୦ ବୟସରୁ ଉର୍ଦ୍ଧ୍ୱ କଳାକାରଙ୍କ ନିମନ୍ତେ ୨୫୦୦ ଟଙ୍କା, ବୁଣାକାର ସହାୟତା ରାଶି ୫୦୦ଟଙ୍କାରୁ ବଢି ୨୦୦୦ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ୨୫୦୦ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି ସରକାର । ଏତଦବ୍ୟତୀତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା କାଳିଆ ଛାତ୍ରବୃତ୍ତିର ପରିସୀମାକୁ ବ୍ୟାପକ କରିବା ସହ କିଭଳି ଅଧିକ ଛାତ୍ରଛାତ୍ରୀ ଉପଯୋଗୀ ହେବେ ତା ଉପରେ ଧ୍ୟାନ ଦେଇଛନ୍ତି ସରକାର । ଐତିହାସିକ "କାଳିଆ" ଯୋଜନା ପରି "ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି''କୃଷକ ପରିବାରଙ୍କ ସଶକ୍ତିକରଣ ଦିଗରେ ଏକ ଅଭିନବ ପ୍ରୟାସ ଯାହା କାଳିଆ ଛାତ୍ରବୃତ୍ତି ହିତାଧିକାରୀ ପିଲାମାନଙ୍କ ଉତ୍ତମ ଶିକ୍ଷା ପାଇବା ସ୍ୱପ୍ନ ସାକାର କରି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ରୂପାନ୍ତରଣ ଆଣିବ । ଆମ ଓଡ଼ିଶା ନବୀନ ଓଡ଼ିଶା ବ୍ୟାଗ୍ ସାଙ୍ଗକୁ ରାସନ କାର୍ଡ ଧାରୀଙ୍କୁ ୧୦୦୦ ଟଙ୍କା,ନବୀନ କାର୍ଡ,୧୬ଟି ସହରରେ ୮୬ଟି ଜଳାଶ୍ରୟର ପ୍ରାକୃତିକ ଉପାୟରେ ରୂପାନ୍ତରଣ ନିମନ୍ତେ ଆମ ପୋଖରୀ ଯୋଜନା, ମିଶନ ଶକ୍ତି ମହିଳା ମାନଙ୍କୁ ୧୦ ଲକ୍ଷ୍ୟ ପର୍ଯ୍ୟନ୍ତ ବିନା ସୁଧରେ ଋଣ,୩.୬୪ କୋଟି ଲୋକଙ୍କ ଉପକୃତ ନିମନ୍ତେ ଗାଁରୁ ସହର ଯୋଡିବାପାଇଁ 'ଲକ୍ଷ୍ମୀ ବସ୍' ଯୋଜନା ମାଧ୍ୟମରେ ୧୭୪୫ ଟି ବସ୍ ଯୋଗାଇଦେଇଛନ୍ତି ରାଜ୍ୟ ସରକାର । ଭୋଟର ମାନଙ୍କ ମନ ଜିଣିବା ଲାଗି ଯୁବ,କୃଷକ,ଗରିବ,ବାର୍ଦ୍ଧକ୍ୟ ତଥା ଚାକିରିଆମାନଙ୍କ ପାଇଁ ବିଗତ ଏକ ମାସ ମଧ୍ୟରେ ପାଖାପାଖି ୧୫ଟି ନୂତନ ଯୋଜନା ପ୍ରଣୟନ କରିସାରିଲେଣି ।

ସରକାରୀ ଦଳ ହେଉ କିମ୍ବା ଯେ କୌଣସି ରାଜନୈତିକ ଦଳ ସମସ୍ତେ ଚିନ୍ତା କରନ୍ତି କିଭଳି ଆମେ ଶାସନଗାଦୀ ଆମ ହାତରେ ରଖିବୁ କିନ୍ତୁ ସେମାନଙ୍କର ମନେ ରଖିବା ଉଚିତ୍ ଯେ ଏଠି କୌଣସି ଜିନିଷ ଚିରସ୍ଥାୟୀ ନୁହେଁ । କ୍ଷମତାର ମୋହରେ ବଶବର୍ତ୍ତୀ ହୋଇ ନିର୍ବାଚନର ଖୁବ୍ ନିକଟରୁ ଅନେକ ଗୁଡ଼ିଏ ଯୋଜନା ମାନ ପ୍ରଣୟନ କରି ଶାସନଗାଦୀ କୁ ହଡେଇବା ଏବଂ ପରେ ଅନୈତିକ ହେଲେ ମଧ ଚଳିବ କାହିଁକି ନା ଯୁଦ୍ଧ,ପ୍ରେମ ଓ ରାଜନୀତିରେ ସବୁ ସମ୍ଭବ । ଓଡ଼ିଶାରେ ଏବେ ଯୋଜନାର



ସରକାର ଚାଲିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ କାହିଁକି ନା ଏଠି ଯୋଜନା ମାଳକୁ ମାଳ କିନ୍ତୁ ବାସ୍ତବ ଚିତ୍ର ଅତି ବିକଳ । ମାଗଣା ବଣ୍ଟନ ଯୋଜନା, ଯେତେ ଖର୍ଚ୍ଚ ହେଉଛି ହେଉ,ରାଜ୍ୟ ଦେବାଳିଆ ହେଇଯାଉ, ଆମର କ'ଣ ଅଛି,ଆମ ହାତରୁ ପଡୁଛି ନାଁ ପକେଟରୁ ଯାଉଛି । ଏ ମାନସିକତା ଆମ ସବୁ ରାଜନୈତିକ ଦଳର । ଏପରି ମାନସିକତା ଯେ ପର୍ଯ୍ୟନ୍ତ ବଳବତ୍ତର ରହିଛି,ରାଜ୍ୟର ଉନ୍ନତି ହେବା ପ୍ରଶ୍ନ ନାହିଁ,ହଁ ହେବ ନିଜ ପକେଟ୍,ନିଜ ଦଳର !ଏହା ଫଳରେ କିନ୍ତୁ ଦେଶର/ସମାଜର ଯେ ଅଶେଷ କ୍ଷତି ହେଉଛି ସେକଥା ଚିନ୍ତାକରୁଛି କିଏ ? ସରକାର ରାଜ୍ୟବାସୀଙ୍କ ଉନ୍ନତି ନିମନ୍ତେ ଲୋକାଭିମୁଖୀ ଯୋଜନାମାନ ପ୍ରଣୟନ କରୁଛନ୍ତି ।ରାଜକୋଷରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ କିନ୍ତୁ ତୃଣମୂଳ ସ୍ତରରେ ଏହାର କେତେ ସୁଫଳ ମିଳୁଛି ତାହାର ସମୀକ୍ଷା କରିବା ନିହାତି ଜରୁରୀ । ଯୋଜନା ନାମରେ ଅନେକ ଅର୍ଥ ହରିଲୁଟ ହେଉଛି । ପ୍ରକୃତ ହିତାଧିକାରୀ ଏହି ସୁବିଧା ଗୁଡ଼ିକର ଫାଇଦା ପାଉନାହାନ୍ତି । ଉତ୍କଳ ଘଣ୍ଟ ଯଦୁମଣିଙ୍କ ଭାଷାରେ 'ରାଜା ଯାହା ଦେଲେ ହରଷେ ତାହା ପାଉ ପାଉ ଗଲା ବରଷେ' । ଠିକ୍ ସେହି ପରି ଯେଉଁ କେତେଜଣ ହିତାଧିକାରୀ ଉପକୃତ ହେଉଛନ୍ତି ସେମାନେ ଉପଯୁକ୍ତ ସମୟ ସୀମା ମଧ୍ୟରେ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି । ସମୁଦ୍ରକୁ ସଂଖେ ଭଳି ଆବଶ୍ୟକତା ଠାରୁ କମ୍ ସେମାନେ ପାଉଛନ୍ତି । ଗାଁର କୁଜିନେତା ସରକାରଙ୍କର ଚାଟୁକାର ହୋଇ ଏହି ଯୋଜନା ହାତେଇବା ପାଇଁ ପ୍ରୟାସ କରୁଛି ନତୁବା ହିତାଧିକାରୀଙ୍କ ଠାରୁ ଯୋଜନା କରେଇଦେବା ପାଇଁ କମିଶନ ଦାବି କରୁଛି । ସଦ୍ୟସଦ୍ୟ ନିର୍ବାଚନକୁ ଆଖିଆଗରେ ରଖି ପ୍ରାୟ ପ୍ରତିଦିନ ସରକାର ଘୋଷଣା କରୁଛନ୍ତି ନୂଆ ନୂଆ ସ୍କିମ୍ । ଛାତ୍ରଙ୍କଠୁ ଆରମ୍ଭ କରି ମିଶନଶକ୍ତି ମା'ଙ୍କ ଯାଏଁ, ମମତା ଯୋଜନାଠୁ ଆରମ୍ଭ କରି ନୂଆ-ଓ ଛାତ୍ର ବୃତ୍ତି ନିମନ୍ତେ ଘୋଷଣା ହେଉଛି କୋଟିକୋଟି ଟଙ୍କା । ଏହାକୁ ନେଇ ମନ ମଧ୍ୟରେ ଅନେକ ପ୍ରଶ୍ନ ଉଙ୍କିମାରେ । ଏହି ଘୋଷଣା, ଆମ ଅର୍ଥନୀତି ଉପରେ କଣ ପ୍ରଭାବ ପକାଇବ ? ଚାରି ମାସ ପାଇଁ ସରକାର ଆଣିଥିଲେ ବଜେଟ୍ । ନୂଆ ସରକାର ଆସିବା ପରେ ପୁଣି ଆସିବ ପୂର୍ଣ୍ଣାଙ୍ଗ ବଜେଟ୍ । ସରକାରଙ୍କ ଏ ଘୋଷଣା ଆମ ବଜେଟ୍ ?କୁ ବିଗାଡ଼ି ଦେବନି ତ ?

ସେ ଯାହା ବି ହେଉ ନା କାହିଁକି ଯେଉଁଥିରେ ସାଧାରଣ ଜନତା ଖୁସି ସେଥିରେ ଯାଏ କେତେ ନା ଆସେ କେତେ । ଆଶା କରାଯାଉଛି ଯେ ନିର୍ବାଚନ ଆଚରଣ ବିଧି ଲାଗୁ ନହେବା ପର୍ଯ୍ୟନ୍ତ ଏହି ଭଳି ଯୋଜନାର ବର୍ଷା ଜାରିରହିବ । ଆଗକୁ ମିଶନ ଶକ୍ତି,ଅଙ୍ଗନୱାଡ଼ି, ଠିକା କର୍ମଚାରୀ,ଉଠା ଦୋକାନୀ,ସରକାରୀ କର୍ମଚାରୀ,ଆଶା କର୍ମୀ ତଥା ବିଭିନ୍ନ ସଙ୍ଗଠନ ଉପରେ ମଧ ଏହି ଯୋଜନା ବର୍ଷା ହେବାର ଆଶା କରାଯାଉଛି । ନିର୍ବାଚନ ଋତୁ ଆସୁଥାଉ ଯୋଜନାର ବର୍ଷା ହେଉଥାଉ କିନ୍ତୁ ମନେ ରଖିବା ଉଚିତ ଯେ ଜଳ ବହୁଳେ ସୃଷ୍ଟି ନାଶ । ନିର୍ବାଚନ ଋତୁରେ ଯୋଜନାର ଅତ୍ୟଧିକ ବୃଷ୍ଟିପାତ ବିନାଶର କାରଣ ନହେଉ ।

ଅଧ୍ୟାପକ,ବାଣିଜ୍ୟ
ବିଭାଗ,କଟକ
ମୋ: ୯୪୩୮୦୭୦୮୪୯

# ଲୁହାରଡ୍ ଚୋରି, ୪ ଅଭିଯୁକ୍ତ ଗିରଫ

**ନୂଆପଡ଼ା(ଅମୃତ ମିଡିଆ) :** ଜୋଙ୍କ ଥାନା ଖରିଆରରୋଡ଼ ବଜାରପଡ଼ାର ଏକ ନବନିର୍ମିତ କୋଠାଗୃହର ତାଲାଭାଙ୍ଗି ଲୁହାରଡ଼ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘ ଘଟଣାରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖରିଆରରୋଡ ଏଲଡିପଡ଼ାର ରୋଶନ ସହିସ, ବଣ୍ଟି ଛୁରା ଓରଫ ଜଗତ, ସୁରଜ ଓରଫ ମନଦୁଲ ଯାଦବ, ଲକ୍ଷ୍ମଣ ତାଣ୍ଡି। ଆଜି ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରିଥିବା ଆଇଆଇସି ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୫ତାରିଖ ରାତିରେ ବଜାରପଡ଼ାର ଅନୀଲ କୁମାର ତିୱାରୀଙ୍କ ନବନିର୍ମିତ କୋଠାର ତାଲାଭାଙ୍ଗି ୧୪ବଣ୍ଡଲ ଲୁହାରଡ଼ ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ଜୋଙ୍କ ଏସିଆଇ ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଘଟଣାର ତଦନ୍ତ କରିଥିଲା।



# ଶ୍ରୀଶ୍ରୀ ପିଙ୍ଗଳାକ୍ଷ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ଖୋର୍ଦ୍ଧା(ଅମୃତ ମିଡିଆ) :** ଶ୍ରୀ ଶ୍ରୀ ପିଙ୍ଗଳାକ୍ଷ ମହାବୀରଙ୍କ ମହାଯଜ୍ଞ କମିଟି ନୟାପଲ୍ଲୀ, ଖୋର୍ଦ୍ଧା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଶୁଭ ଅଂକୁର ରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ରୁଦ୍ରାଭିସେକ, ଷୋଷଶ ଉପଚାର, ହନୁମତ ମନ୍ତ୍ର ସହିତ ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ନଗରକୀର୍ତନ ଓ ଘଟ ବିସର୍ଜନ ସହ ୨୭ ତାରିଖରେ ପରିସମାପ୍ତି ଘଟିଛି। ଚତୁଃପାର୍ଶ୍ୱରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଯଜ୍ଞର କର୍ତା ଭାବେ ଖୁକୁନ୍ କୁମାର ରାଉତରାୟ ଓ ମିନତୀ ରାଉତରାୟ କାର୍ଯ୍ୟଭାର ତୁଲାଇ ଥିବାବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ଦାଶରଥି ଖୁଂଟିଆ, ପ୍ରଫୁଲ୍ଲ କୁମାର ସାହୁ, ଉମେଶ ନାୟକ, ସନ୍ତୋଷ କୁମାର ପ୍ରଧାନ, ଭାସ୍କର ଜେନା, ରାମଚନ୍ଦ୍ର ବରାଳ ଓ ୱାର୍ଡ ମେମ୍ବର ଚିତ ରଂଜନ ଖୁଂଟିଆ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ଓ ସହଯୋଗର ହସ୍ତ ବଢ଼ାଇଥିଲେ ବୋଲି ମହିମା ସେବା ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ସମାଜସେବୀ ନାରାୟଣ ଖୁଂଟିଆ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



### ବସ୍ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ପାଇଁ

# ଠାକୁରମୁଣ୍ଡା ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବାରିପଦା(ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା,ଠାକୁରମୁଣ୍ଡା ବ୍ଲକ ସଦରମହକୁମା ଠାକୁରମୁଣ୍ଡା ଠାରେ ସ୍ଥାୟୀ ବସ ଷ୍ଟାଣ୍ଡ ଓ ଶୌଚାଳୟ ନର୍ମାଣ କରାଯିବାପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘ ବର୍ଷ ଧରି ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସରକାର ଓ ସରକାରୀ କଳ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉ ନଥିବାରୁ ସଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗତ ୨୦୧୯ ସାଧାରଣ ନିର୍ବାଚନରେ ଏହି ବସଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣପାଇଁ ନିର୍ବାଚନ ପ୍ରତିଶୃତି ମଧ୍ୟ ଦେଇଥିଲେ। ସେ ବିଧାୟିକାରୁ ମନ୍ତ୍ରୀ ହୋଇଥିଲେ ମଧ୍ୟ ଏଠାରେ ଏହି ପ୍ରକଳ୍ପ ନିର୍ମାଣପାଇଁ ଅଦ୍ୟାବଧି ଆଦୌ ଗୁରୁତ୍ୱ ନଦେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସାଧାରଣରେ କୁହାଯାଉଛି। ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିୟାନ ୫-ଟି ସଚୀବ ଥିବାବେଳେ କରଞ୍ଜିଆ କୁ ଅଭିଯୋଗ ଶୁଣାଣି ପାଇଁ ଆସିଥିବାବେଳେ ଠାକୁରମୁଣ୍ଡା ସରପଂଚ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କୁ ଏଥିପାଇଁ ଆବେଦନପତ୍ର ପ୍ରଦାନ କରିଥିଲେ ଏବଂ ଖୁବ ଶୀଘ୍ର ବସ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ କରାଯିବ ବୋଲି ପ୍ରତିଶୃତି ମଧ୍ୟ ପାଇଥିଲେ। ତଦନୁଯାୟୀ ଏହି ପ୍ରକଳ୍ପ ପାଇଁ ବ୍ୟୟ ବରାଦ ମଧ୍ୟ କରାଯାଇଛି। ହେଲେ ମଧ୍ୟ ଏହି କାର୍ଯ୍ୟ ନହେବାରୁ ଠାକୁରମୁଣ୍ଡା କ୍ରୀୟାନୁଷ୍ଠାନ କମିଟିର କର୍ମକର୍ତା ମାନେ ଜିଲ୍ଲାପାଳ କରଞ୍ଜିଆରେ ଜନ ଅଭିଯୋଗ ଶୁଣାଣି ପାଇଁ ଆସିଥିବାବେଳେ ଏହି ପ୍ରସଙ୍ଗ ଉପରେ ଶୀଘ୍ର ପ୍ରକଳ୍ପ କାର୍ଯ୍ୟ କରାଯିବାପାଇଁ ଜଣାଇବାପରେ ଜିଲ୍ଲାପାଳ ଅତିଶୀଘ୍ର ଏହି ପ୍ରକଳ୍ପ ନିର୍ମାଣ ପାଇଁ ଉପ ଜିଲ୍ଲାପାଳମସ୍ଥାନୀୟ ତହସିଲଦାର ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ ଏବେ ଏହି ଅଭିଯୋଗପତ୍ର ଦିଆଯିବାର ଦୁଇମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣ କରାଯାଉନାହିଁ। ଆସନ୍ତା ନିର୍ବାଚନ ଆଗରୁ ରାଜ୍ୟର ସବୁ ଆଡେ ଉନ୍ନୟନ କାର୍ଯ୍ୟ ଚାଲିଥିବାବେଳେ ଠାକୁରମୁଣ୍ଡାରେ ଅନ୍ୟ ଉନ୍ନୟନ କାର୍ଯ୍ୟ କରାଯିବା ତ



ଦୂରର କଥା ବହୁ ପ୍ରତିକ୍ଷିତ ବସ ଷ୍ଟାଣ୍ଡ ଓ ଶୌଚାଳୟ ପ୍ରକଳ୍ପ କାର୍ଯ୍ୟ ଟି କରାଯାଉ ନଥିବାରୁ ସାଧାରଣରେ ଘୋର ନୈରାଶ୍ୟ ଭାବ ଦେଖାଦେଇଛି। ଏହି କାର୍ଯ୍ୟଟି ଏହି ବର୍ଷ ଶେଷ ଆଡକୁ କରିଦିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଉଥିବାର କୁହାଯାଉଛି। ଯାହାକି ସ୍ଥାନୀୟ ଜନ ସାଧାରଣରେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ କ୍ରୀୟାନୁଷ୍ଠାନ କମିଟିର କର୍ମକର୍ତା ମାନେ ଆଜି ଠାକୁରମୁଣ୍ଡା ବିଡିଓ ମନୋଜ କୁମାର କାର୍ଜୀ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ କରା ନ ଗଲେ ଆସନ୍ତା ମାର୍ଚ୍ଚ ମାସ ୧ ତାରିଖଦିନ ଠାକୁରମୁଣ୍ଡା ବନ୍ଦ ପାଳନ କରାଯିବ ବୋଲି ଚେତାବନୀ ଦେଇଥିବାର ଜଣା ପଡିଛି।

# ସାଂସଦଙ୍କୁ ଅସମ୍ମାନ ଘଟଣାରେ ନୀଳଗିରିରେ ପ୍ରତିବାଦ ସଭା




**ନୀଳଗିରି (ଅମୃତ ମିଡିଆ) :** ବାଲେଶ୍ୱରରେ ସିକିମ ପଟ୍ଟା ବଣ୍ଟନରେ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ଗତ ୨୦ତାରିଖ ଦିନ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅସମ୍ମାନ କରିଥିବା ଘଟଣାରେ ବିଜେପି ପରିବାର ଭିତରେ ଏକ ପ୍ରକାର ନିଆଁ କୁହୁଳିବାରେ ଲାଗିଛି।ଆଜି ନୀଳଗିରି ବ୍ଲକରେ ଜିଲ୍ଲାପାଳ ଯୁଗ୍ମ ଅଭିଯୋଗ ଶୁଣାଣି କରିବାକୁ ଆସୁଥିବା ଖବର ପାଇ ବିଜେପି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।କିନ୍ତୁ ଏହି ଶିବିରକୁ ଜିଲ୍ଲାପାଳ ଆସୁନଥିବା ଦେଖିବାକୁ ମିଳିଛି।ଗଣତାନ୍ତ୍ରିକ ନିମୟ ଅନୁଯାଇ ସାଂସଦକୁ ମଞ୍ଚ ଉପରେ ବସାଇବାର ନିୟମ ଥିବା ବେଳେ ଜିଲ୍ଲାପାଳ ତାଙ୍କୁ ମଞ୍ଚ ତଳେ ବସାଇବାକୁ ନେଇ ତିବ୍ର ପ୍ରତିକିୟା ରଖିଥିଲେ ଖୋଦ ନିଜେ ସାଂସଦ ଶ୍ରୀ ଷଡଙ୍ଗୀ।ଜିଲ୍ଲାପାଳ ଜଣେ ଲୋକ ପ୍ରତିନିଧିକୁ ଡାକି ଏଭଳି ଅସମ୍ମାନ କରିବା ବିଜେପି କର୍ମିମାନଙ୍କୁ କୋଠାରଘାତ ବୋଲି କରିଛି।ଏପରିକି ଜିଲ୍ଲାପାଳ ବିଜେଡି ଦଳର ଚାଟୁକାର ସାଜିଥିବାର ଏହି ସଭାରେ ବହୁ କର୍ମୀ ଖୋଲାଖୋଲି ଭାବେ ମନ୍ତବ୍ୟ ଦେଉଛନ୍ତି।ଏହି ପ୍ରତିବାଦ ସଭାରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ସୂର୍ଣ୍ଣଚୂଡ ମଣ୍ଡଳ ସଭାପତି ତାପସ ମହାନ୍ତି, ଚନ୍ଦ୍ରଶେଖର ନନ୍ଦ,କରୁଣାକର ପଣ୍ଡା, ମନୋରଂଜନ ବେହେରା, ଦେବାଶିଷ ଆଚାର୍ଯ୍ୟ, ଉପେନ୍ଦ୍ର ନାୟକ, ଅଶୋକ ନାୟକ ଓ ସୂର୍ଯ୍ୟକାନ୍ତ ବିଶ୍ୱାଳ ଉପସ୍ଥିତ ରହିଥିଲେ।

# ଯୋଜନା ଓ ସମନ୍ୱୟ ମନ୍ତ୍ରୀଙ୍କ ଦୁର୍ଗମ ଅଞ୍ଚଳ ଗସ୍ତ

**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ବ୍ଲକ ଦୁର୍ଗମ ତଥା ସୀମାନ୍ତ ଅଞ୍ଚଳ କେନ୍ଦୁବାହାରା ପଞ୍ଚାୟତକୁ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଗସ୍ତ କରିଛନ୍ତି। ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ନୂଆପଡା ବ୍ଲକ ଅଧ୍ୟକ୍ଷ ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଲକର, ଜିଲ୍ଲା ପରିଷଦ ସଭ୍ୟ ଉମା ଠାକୁର, କେନ୍ଦୁବାହାରା ସରପଞ୍ଚ ଜାନକୀ ମାଝି, ଆମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନା, ସମିତି ନୂତନ ନାଏକ, ମୋଗନୂଆପଡା ସରପଞ୍ଚ ମୋତିରାମ ଉଜିର ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ନେତା ଚନ୍ଦ୍ରକାନ୍ତ ଠାକୁର ଓ ଧନୀରାମ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏସଏଚଜି ମହିଳା ଉପସ୍ଥିତ ଥିଲେ । ରାଜ୍ୟ ସରକାର ଗ୍ରାମଞ୍ଚଳ ତଥା ଅନୁନ୍ନତ ଅଞ୍ଚଳବାସୀଙ୍କ ପାଇଁ ବହୁ ଜନହିତକର ଯୋଜନା କରିଛନ୍ତି। ଏଥିରେ ନୂଆପଡ଼ା ଜିଲ୍ଲାର କୋଣଅନୁକୋଣ ବିକାଶିତ ହେବାରେ ଲାଗିଛି ବୋଲି ମନ୍ତ୍ରୀ ଶ୍ରୀ ଢୋଲକିଆ କହିଛନ୍ତି।

# ବିଜୁ ଜନତା ଦଳରେ ପୁରୁଖା କର୍ମୀଙ୍କୁ ଯୋଡ଼ିବା ପାଇଁ ପ୍ରସ୍ତୁତି

**ବରୀ(ଅମୃତ ମିଡିଆ) :** ବିଜୁ ଜନତା ଦଳ ପକ୍ଷରୁ ବରୀ ବ୍ଲକ୍ ଅର୍ନ୍ତଗତ ଖରିପଡ଼ିଆ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜୟନ୍ତୀ ସମାବେଶ ଉପଲକ୍ଷେ ଏକ ବନ୍ଧୁ ମିଳନ ଏବଂ ପ୍ରସ୍ତୁତି ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ରବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରୀ ନିର୍ବାଚନ ମଣ୍ଡଳିର ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। ବରୀରେ ଯେଉଁମାନେ ବିଜୁ ବାବୁଙ୍କୁ ଭଲ ପାଉଥିଲେ ଏବଂ ବିଜୁ ବାବୁଙ୍କ ଅନ୍ତେ ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ବିଜୁ ଜନତା ଦଳର ସଦସ୍ୟ ଭାବେ ଦୀର୍ଘ ୨୫ ବର୍ଷ ଧରି ନିଃସ୍ୱାର୍ଥ ପର ଭାବେ କାର୍ଯ୍ୟ କରିଆସୁଛନ୍ତି, ସେମାନଙ୍କୁ କଥାକଥିତ ବର୍ତ୍ତମାନର ନେତାମାନେ ଅଣଦେଖା କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ଆପଣାଇ ଦଳରେ ଥିବା ମୂଳ କର୍ମୀମାନଙ୍କ ମଧ୍ୟରେ ଏଭଳି ଅଣ ଦେଖାକୁ କେନ୍ଦ୍ରକରି ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି । ଏ ନେଇ ଆଗାମୀ




୭ତାରିଖରେ ସାହୁପଡ଼ା ଖେଳ ପଡିଆଠାରେ ବିଜୁ ଅନୁଗତ ଏବଂ ଶାସକ ବିଜୁ ଜନତା ଦଳର ପୁରୁଖା କର୍ମୀମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ କରାଯିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କ ଦୁଃଖ ଅବଗତ କରା ଯିବ ବୋଲି ଆଜିର ବୈଠକରେ ସ୍ଥିର ହୋଇଥିବା ଜଣାପଡିଛି। ଯୁବନେତା ସଞ୍ଜିବ କୁମାର ଜେନାଙ୍କ ନେତୃତ୍ୱକୁ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆସ୍ଥା ପ୍ରକଟ କରି ବହୁ ଦଳିୟକର୍ମୀ ଏହି ବୈଠକରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷ ନୀଳମଣି ସାମଲ,ବରୀ ବ୍ଲକ ଅଧକ୍ଷା ଭାରତୀ ବେହେରା, ବିଜେଡ଼ିର ପ୍ରାକ୍ତନ ବ୍ଲକ ସଭାପତି ସେକ ସଫିକଉଦ୍ଦିନ, ପ୍ରାକ୍ତନ ସରପଞ୍ଚ ଅରୁଣ ସେଠି, ପ୍ରଫୁଲ୍ଲ ସାହୁ, ଅକ୍ଷୟ ଜେନା, ସବିର ଅଲ୍ଲି, ମିଟୁ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ବାଲିଆପାଳ ଓ ଚାରିବାଟିଆ ଫେରୀଘାଟର ହେଲା ଶିଳାନ୍ୟାସ

**ଚାନ୍ଦବାଲି(ଅମୃତ ମିଡିଆ) :** ଚାନ୍ଦବାଲି ବ୍ଲକ ଓ ବାସୁଦେବପୁରକୁ ସଂଯୋଗ କରୁଥିବା ମନ୍ତେଇ ନଦୀର ବାଲିଆ ପାଳ ଫେରିଘାଟ ଓ ତିହିଡି ବ୍ଲକ ଓ ବାସୁଦେବପୁର ସଂଯୋଗ କରୁଥିବା ମନ୍ତେଇ ନଦୀ ଉପରେ ଚାରିବାଟିଆ ଫେରୀ ଘାଟକୁ ମଙ୍ଗଳବାର ଅପରାହ୍ନରେ ଶିଳାନ୍ୟାସ କରିଛନ୍ତି ମାନ୍ୟବର ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ । ଏହି ଶିଳାନ୍ୟାସ ଉତ୍ସବରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ଡ଼ ବ୍ୟୋମକେଶ ରାୟ ଓ ବାସୁଦେବପୁର ବିଧାୟକ ବିଷ୍ଣୁଦତ୍ତ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ ।



# ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଯୁଗ୍ମ ଜନଶୁଣାଣି



**ନୀଳଗିରି(ଅମୃତ ମିଡିଆ) :** ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଶିବିରକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆସି ନଥିବା ଦେଖିବାକୁ ମିଳିଛି ।ଶିବିରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏସ୍‌ପି ଶାଗରିକା ନାଥ,ସିଡିଏମ୍‌ଓ ଡା ଦୁଲ୍ଲାଲ ସେନ ଜଗଦେଓ,ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ,ବିଡିଓ ରାହୁଲ ମଣ୍ଡଳ,ତହସିଲଦାର ଦୀପ୍ତିମୟୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।ବ୍ଲକର ୨୫ଟି ପଞ୍ଚାୟତ ଏବଂ ଏନ୍‌ଏସିର ମୋଟ ୪୭ଟି ଆପତ୍ତି ଅଭିଯୋଗ ଆସିଥିଲା ।ବିଶେଷ କରି ଅସମ୍ପୂର୍ଣ୍ଣ ରାସ୍ତାଘାଟ,ବିଦ୍ୟୁତ ଓ ଜଳ ସମସ୍ୟା,ବାର୍ଦ୍ଧକ୍ୟ ଭତ୍ତା,ଡାକ୍ତରୀ ଚିକିତ୍ସା ସମନ୍ଧିୟ ଅଭିଯୋଗକୁ ଶୁଣାଣୀ କରାଯାଇ ଥିଲା ।ଏହି ଅବସରରେ ଡାକ୍ତରୀ ଚିକିତ୍ସା ପାଇଁ ଦୁଇ ଜଣଙ୍କୁ ୧୦ହଜାର ଓ ଜଣଙ୍କୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ସହାୟତା ଯୋଗାଇଲେ ଚାରିଟେବଲ ଟ୍ରଷ୍ଟ



**ବରୀ(ଅମୃତ ମିଡିଆ) :** ଅସହାୟ ପରିବାରଙ୍କୁ ଦୁଃଖଦ ସମୟରେ ରମେଶ ଚନ୍ଦ୍ର ଜେନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ପ୍ରକାଶ ଥାଉକି ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନ ବାଲିଆ ପଞ୍ଚାୟତ ର ଆଖଡାଡିହ ଗ୍ରାମର ବୃଦ୍ଧ ପାଣ୍ଡବ ସାହୁ (୭୨) ଏବେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲାବେଳେ ବୃଦ୍ଧା ପତ୍ନୀ ବି ରୋଗାକ୍ରାନ୍ତ ହୋଇ ପଡିଛନ୍ତି। ଆଜିକୁ ଛଅ ବର୍ଷ ତଳେ ପାଣ୍ଡବ ଙ୍କ ଏକ ମାତ୍ର୍ ରୋଜଗାରିଆ ପୁଅ ସୁଶାନ୍ତ (୩୨) ବିଦ୍ୟୁତ ଆଘାତ ରେ ମୃତ୍ୟୁ ବରଣ କରିଥିଲା ବେଳେ ଛଅମାସ ତଳେ ସୁଶାନ୍ତ ଙ୍କ ପତ୍ନୀ ଙ୍କ ର ହୃଦଘାତ ରେ ପରଲୋକ ଘଟିଛି।୧୨ ବର୍ଷ ର ଏକ ଝିଅ, ୮ ବର୍ଷ ର ଏକ ପୁଅ ସୁଶାନ୍ତ ଙ୍କ ର ରହିଛନ୍ତି। ପାଣ୍ଡବ ପୁଅ ବୋହୁ ଙ୍କୁ ହରାଇ ଏବେ ବେସାହାରା ହୋଇ ପଡିଛନ୍ତି। ଦିନ ରେ ଦି ଓଳି ଦିମୁଠା ଖାଦ୍ୟ ପରିବାର ପାଇଁ ଯୋଗାଡ କରିବା କଷ୍ଟ କର ହୋଇ ପଡିଛି।ଏହି ଭଳି ଏକ ଦୁଃଖଦ ସମୟରେ ରମେଶ ଚନ୍ଦ୍ର ଜେନା ଚାରିଟେବୁଲ ଟ୍ରଷ୍ଟ ର ଅଧକ୍ଷା ବିଶ୍ୱଜିତା ଜେନା ଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ର ବରିଷ୍ଠ ସଦସ୍ୟ ବାଞ୍ଛାନିଧି ସାହୁ ଘନଶ୍ୟାମ ବିଶ୍ୱାଳ, କୁନା ରାଉତ ପ୍ରମୂଖ ପହଞ୍ଚି ଏକ ମାସ ର ରାସନ ପ୍ରଦାନ କରିଛନ୍ତି। ଏଥିସହିତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ନିବେଦନ କରିବେ ବୋଲି କୁହାଯାଇଛି। ନା ବାଳିକା ପୁଅ ଝିଅ ର ପାଠ ପଢା ଦାୟିତ୍ୱ ରେ ସହୟତା ଯୋଗାଇ ଦେବା ପାଇଁ ଆଶା ରଖିଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଦୀର୍ଘ ଦିନହେଲା ଏହି ଚାରିଟେବୁଲ ଟ୍ରଷ୍ଟ ବରୀ ଅଂଚଳରେ ବିଭିନ୍ନ ସମାଜ ସେବା କାର୍ଯ୍ୟ କରିବା ସହିତ ଅସହାୟ ଦୁଖୀ ଲୋକମାନଙ୍କ ନିକଟରେ ପହଂଚି ସହାୟତା ଯୋଗାଇ ଦେଇଆସୁଅଛି।ଏନେଇ ଟ୍ରଷ୍ଟ ର ଅଧକ୍ଷା ବିଶ୍ୱଜିତା ଜେନା ଙ୍କ ସମେତ ଟ୍ରଷ୍ଟ ର ସମସ୍ତ କର୍ମକର୍ତ୍ତା ସଦସ୍ୟ ମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

# ସଡ଼କ ସୁରକ୍ଷା ଓ ମୋଟରଯାନ ଆଇନ ସମ୍ପର୍କିତ ଶୋଭାଯାତ୍ରା

**ଜୟପୁର(ଅମୃତ ମିଡିଆ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଅଧକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ସତ୍ୟ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶନୁଯାୟୀ ସଚିବ ଶ୍ରୀ ସୁମନ ଜେନାଙ୍କ ତତ୍ତ୍ୱାବଧାନରେ ସଡକ ସୁରକ୍ଷା ଓ ମୋଟର ଯାନ ଆଇନ ସମ୍ପର୍କିତ ଏକ ବିଶାଳ ଶୋଭାଯାତ୍ରା ଓ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଦିନ ପ୍ରତିଦିନ ଅସାବଧନତା, ବିପଦସଙ୍କୁଳ ପରିସ୍ଥିତି ଓ ସଚେତନତା ଅଭାବରୁ ଘଟୁଥ ?ିବା ସଡକ ଦୁର୍ଘଟଣା କୁ ରୋକିବା ଉଦ୍ଦେଶ୍ୟରେ ଶୋଭାଯାତ୍ରା ଦ୍ୱାରା ଜନ ସାଧାରଣ ଙ୍କୁ ସଚେତନର ବାର୍ତ୍ତା ପ ?ହଞ୍ଚାଇବା ଉଦ୍ଦେଶ୍ୟରେ ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାକରଣର ଅଧକ୍ଷ ଶ୍ରୀ ସତ୍ୟ ନାରାୟଣ ମିଶ୍ର, ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚରପତି ଶ୍ରୀ ଦିପନ କେଟ ମିଳିଲ କୋର୍ଟ ରେଜିସ୍ଟ ର ଶ୍ରୀ ବିଷ୍ଣୁ ପ୍ରସାଦ ଦେବତା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ତପନ ବେଟି, ମୋଟର ଦୁର୍ଘଟଣା ଜନିତ ମୋକଦମା ପରିଚାଳନା କରୁଥିବା ବୀମା ଓକିଲ ବୃନ୍ଦ, ଜୟପୁର ଟାଉନ ଥାନା ପୁଲିସ ଅଧିକାରୀ ଶ୍ରୀମତୀ ମନୀଷା ସାହୁ,, ପୋଲିସ କର୍ମଚାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ। ଆଇନ ସେବା ପ୍ରତିରକ୍ଷ ଓକିଲ, ଘଉଉ ଛାତ୍ର ପ୍ୟାନେଲ ଆଇନଜୀବି, କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ମିଶ୍ର ସବୁଜ ପତାକା ଉନ୍ମୋଚନ କରି ଶୋଭାଯାତ୍ରା ପ୍ରାରମ୍ଭ କରିଥିଲେ । ଜିଲ୍ଲା ଜଜ ତଥା ଅନ୍ୟାନ୍ୟ ଅଂଶଗ୍ରହଣକାରି ଜିଲ୍ଲା କୋର୍ଟ ପରିସରରୁ ପଦଯାତ୍ରା କରି ସଡକ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ରହିଥ ?ିବା ପ୍ଲାକାର୍ଡ ଓ ସ୍ଲୋଗାନ ସମେତ ଜୟପୁର ମୁଖ୍ୟ ରାସ୍ତା ଟ୍ରାଫିକ ଛକ ଦେଇ ପୁରୁଣା ମେଡିକାଲ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏଥି ସହିତ ମୁଖ୍ୟ ରାସ୍ତାରେ ଯାନ ସାଧାରଣଙ୍କୁ ସତକ ସୁରକ୍ଷା ??? ପତ୍ରିକା,



କ୍ଷରବଲକ୍ଷରଷ୍ପ ବଣ୍ଟନ କରି ସଚେତନତା ସୃଷ୍ଟି କରଯାଇଥିଲା । ସେହିପରି ଜଞ୍ଜଙ୍, କୋରାପୁଟଙ୍କ ଦ୍ୱାରା ହେଲ ବିତରଣ କରି ମଧ୍ୟ ଲୋକଙ୍କୁ ସଡକ ସୁରକ୍ଷା ବିଷୟରେ ସଚେତନ କରଯାଇଥିଲା ଓ ପରେ ପରେ ପରେ ଏହି ଶୋଭାଯାତ୍ର ଜିଲ୍ଲା କୋର୍ଟ ପରିସର ସ୍ଥିତ ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ର ସଭାଗୃହଠାରେ ସଡକ ସୁରକ୍ଷା, ମୋଟର ଓ ଗକ୍ସୟସଲସରୟ ମକ୍ଷବସଙ୍କଷ୍ପ ଞ୍ଜକ୍ସସଭଙ୍କ-ଭବକ୍ଷ ଇଶକ୍ସରରୟ କ୍ଷ୍ରକ୍ସକ୍ଷ୍ମରୟଙ୍କକ୍ସର ର ର ର ର ଯୋଗ ଦେଇଥିଲେ । ଲମେଟ ର ଯାନ ଶିବିରରେ ଶିବିରରେ ଜିଲ୍ଲା ଜଜ ତଥା ଅଧକ୍ଷ ଶ୍ରୀ ସତ୍ୟ ନାରାୟଣ ମିଶ୍ର ଉପସ୍ଥିତ ଶ୍ରୋତାଙ୍କୁ ମୋଟର ଯାନ ଅଧିନିୟମ ଓ ସଡକ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ଓ ସଡକ ଯାତାୟାତ ବେଳେ କେଉଁ କେଉଁ ସାଭଧାନତା ଅବଲମ୍ବନ କରିବେ ଏହି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଚିବ ଶ୍ରୀ ସୁମନ ଜେନା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜୟପୁର ଟାଉନ ଥାନା ପୋଲିସ ଅଧିକାରୀ ଶ୍ରୀମତୀ ମନୀଷା ସାହୁ ମଧ ସଡକ ସୁରକ୍ଷା ଓ ମୋଟର ଯାନ ଅଧିନିୟମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ ।

# କୋଣାର୍କରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

## ୬୫୪ ଶ୍ରମିକ ପାଇଲେ ୩କୋଟି ୨୫ଲକ୍ଷର ଆର୍ଥିକ ସହାୟତା




**କୋଣାର୍କ (ଅମୃତ ମିଡିଆ):** କୋଣାର୍କ ଏନ୍‌ଏସି ଅଧୀନସ୍ଥ କଲ୍ୟାଣ ମଣ୍ଡପ ଠାରେ ଓଡିଶା ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ ସହଯୋଗରେ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଓ ପୁରୀ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୩କୋଟି ୨୫ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ଓଡିଶା ସରକାର ନିର୍ମାଣ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। କୋଣାର୍କ ଏନଏସି କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ପୂର୍ବାହ୍ନ ୧୨ଘଟିକା ସମୟରେ ପୁରୀ ଜିଲ୍ଲା ଶ୍ରମ ବିଭାଗ ଉପନିର୍ଦ୍ଦେଶକ ଶିବ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଗୃହ ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବହୁବିଧ ଉନ୍ନତି ସାଧନ କରିଥିବା ବେଳେ ନିରନ୍ତର ବିକାଶ ଧାରାକୁ ଅବ୍ୟାହତ ରଖିଛନ୍ତି। ଆଗାମୀ ଦିନରେ ମନରେଗା ଶ୍ରମିକ ଓ ମୁକ୍ତା ଯୋଜନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ପଂଜିକରଣ କାର୍ଡ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନେଇଥିବା ବେଳେ ପୁରୀ ଜିଲ୍ଲା ଶ୍ରମ ବିଭାଗ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ପୁରୀ ଜିଲ୍ଲା ନିର୍ମାଣ ଶ୍ରମିକ ମହାସଂଘର ସଭାପତି, ସମବାୟବିତ ମଧୁସୂଦନ ପ୍ରଧାନ, ବରିଷ୍ଠ ଶ୍ରମିକ ନେତା ଜଗନ୍ନାଥ ଦେଓ, ପୁରୀ ଜିଲ୍ଲା ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟ ଦର୍ଶନୀ ଓ ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ନିମନ୍ତେ ପ୍ରଦାନ କରାଯାଉଥିବା ଶିକ୍ଷା, ଶୁଦ୍ଧିକ୍ରିୟା, ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା ସମେତ ବିଭିନ୍ନ ପ୍ରକାର କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ସମାରୋହରେ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୬୫୪ ଜଣ ନିର୍ମାଣ ଶ୍ରମିକଙ୍କ ପରିବାରକୁ ଶିକ୍ଷା ସହାୟତା, ବିବାହ ପ୍ରୋତ୍ସାହନ ରାଶି, ମୃତ୍ୟୁ ସହାୟତା ଓ ଶୁଦ୍ଧିକ୍ରିୟା କାର୍ଯ୍ୟ ସଂପାଦନ କରିବା ନିମନ୍ତେ ୩କୋଟି ୨୫ଲକ୍ଷ ୯୦ହଜାର ୨୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ଗୃହ ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ନିର୍ମାଣ ଶ୍ରମିକ ମାନଙ୍କୁ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ୧୬୦ଜଣ ନୂତନ ଭାବେ ପଂଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ ଶ୍ରମ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ୧୧ଗୋଟି ବ୍ଲକ ସମେତ ବିଭିନ୍ନ ସ୍ଥାନରୁ ୫୦୦ରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗଦାନ କରିଥିଲେ। ଆଗାମୀ ଦିନରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ନୂତନ ଶ୍ରମିକ ପଂଜିକରଣ ଓ କଲ୍ୟାଣ ସହାୟତା ତ୍ୱରାନ୍ୱିତ କରାଯିବ ବୋଲି ପୁରୀ ଜିଲ୍ଲା ଶ୍ରମ ବିଭାଗ ଉପନିର୍ଦ୍ଦେଶକ ଶିବ ଶଙ୍କର ମିଶ୍ର ପ୍ରକାଶ କରିଛନ୍ତି।

## କାକଟପୁରକୁ ନୂତନ ଏନ୍‌ଏସି ଘୋଷଣା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



**କାକଟପୁର (ଅମୃତ ମିଡିଆ):** କାକଟପୁର ମା' ମଙ୍ଗଳାଙ୍କ ପୀଠ ଭାବରେ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ସୁଖ୍ୟାତି ଅର୍ଜନ କରିଥିବା ନୂତନ ଏନଏସି ଭାବେ ମାନ୍ୟତା ପାଇବା ପାଇଁ ଗତ ୨୦୨୦ ମସିହାରେ ଓଡ଼ିଶା ବିଧାନସଭାରେ ପ୍ରସ୍ତାବ ଗୃହିତ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଶନିବାର ଓ ରବିବାର ଘୋଷିତ ୩୫ ଗୋଟି ନୂତନ ଏନଏସି ତାଲିକାଭୁକ୍ତ ନ ହେବା ଯୋଗୁଁ ଗତ ରବିବାର କାକଟପୁରକୁ ନୂତନ ଏନଏସି ଘୋଷଣା କରିବା ପାଇଁ କାକଟପୁର କୃଷକ ବିକାଶ ପରିଷଦ ପକ୍ଷରୁ ମେଲ ଯୋଗେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖବରରୁ ପ୍ରକାଶ ଯେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ମଙ୍ଗଳା। ଓଡ଼ିଶା ତଥା ଭାରତ ବର୍ଷର ଶକ୍ତିପୀଠ ମାନଙ୍କ ମଧ୍ୟରେ କାକଟପୁର ଅନ୍ୟତମ। ଗତ ୨୦୨୦ ମସିହାରେ କାକଟପୁରକୁ ନୂତନ ଏନଏସି ଘୋଷଣା କରିବା ପାଇଁ ଓଡିଶା ବିଧାନସଭା ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବ ଅନୁଯାୟୀ ରାଜ୍ୟରେ ନୂତନ ଭାବେ ୩୫ଗୋଟି ନୂତନ ଏନଏସି ଘୋଷଣା କରାଯାଇଥିବା ବେଳେ ଶକ୍ତିପୀଠ କାକଟପୁର ଏଥିରୁ ବାଦ ପଡିଛି। ଏହି ଶକ୍ତିପୀଠର ସୌନ୍ଦର୍ଯ୍ୟକରଣ ଓ ରୂପାନ୍ତିକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଭିତ୍ତି ପ୍ରସ୍ତର କାର୍ଯ୍ୟ ସଂପାଦିତ ହୋଇଛି। କାକଟପୁରକୁ ନୂତନ ଏନଏସି ଭାବେ ମାନ୍ୟତା ପାଇବା ପାଇଁ ସବୁ ପ୍ରକାରର ମାନଦଣ୍ଡ ପୂରଣ କରୁଥିବା ବେଳେ ଶକ୍ତିପୀଠ କାକଟପୁରକୁ ନୂତନ ଏନଏସି ଘୋଷଣା ନ କରିବା ଏକ ଦୁର୍ଭାଗ୍ୟ ଜନକ ଘଟଣା ବୋଲି କାକଟପୁର କୃଷକ ବିକାଶ ପରିଷଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କାକଟପୁରକୁ ନୂତନ ଏନଏସି ଘୋଷଣା କରିବା ପାଇଁ କୃଷକ ବିକାଶ ପରିଷଦ ପକ୍ଷରୁ ଗତ ରବିବାର ଦିନ ଇମେଲ ଯୋଗେ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫ଟି ଅଧକ୍ଷ, ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ, ସାଧାରଣ ପ୍ରଶାସନ ବିଭାଗ ଓ ପୁରୀ ଜିଲ୍ଲାପାଳଙ୍କୁ ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଶକ୍ତିପୀଠ କାକଟପୁରକୁ ନୂତନ ଏନଏସି ଭାବେ ମାନ୍ୟତା ପ୍ରଦାନ ଲାଗି ଦାବିପତ୍ରରେ ନିବେଦନ କରାଯାଇଛି।

## ଛତ୍ରପୁର ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି ଏସଏଚଜି ସୁଧ ଫେରସ୍ତ ମେଳା

## ୯୮୪ଟି ଗ୍ରୁପକୁ ୮୦ଲକ୍ଷ ଟଙ୍କାର ସୁଧ ଫେରସ୍ତ



**ଛତ୍ରପୁର (ଅମୃତ ମିଡିଆ):** ସ୍ଥାନୀୟ ଜିଲ୍ଲାସଂସ୍କୃତିଭବନ ପରିସର ରେ ଛତ୍ରପୁର ବ୍ଲକ୍ ସ୍ତରୀୟ ମିଶନ ଶକ୍ତି ଏସଏଚଜି କୁ ' ସୁଧ ଫେରସ୍ତ ମେଳା 'କାର୍ଯ୍ୟକ୍ରମ ବିଡ଼ିଓ ସୁଶାନ୍ତ କୁମାର ବରାଳଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି, ଏଥିରେ ମୁଖ୍ୟଅତିଥି ଭାବେ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ର ମା ମାନଙ୍କୁ ସଶକ୍ତ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି, ଆହୁରି ସେମାନଂକୁ ଉତ୍ସାହିତ କରିବା ନିମନ୍ତେ ମିଶନ ଶକ୍ତି ମାଆଙ୍କୁ ମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକଙ୍କ ବଡ଼ ଉପହାର ଦେଇଛନ୍ତି।

### ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏଁ ଋଣ

ୟୁନିଫର୍ମ ପାଇଁ ମିଶନ ଶକ୍ତି ର ସଭ୍ୟା ଓ ବ୍ଲେଜର ବାବଦରେ ଶକ୍ତି -ଲିଡରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଆଜି ଶୁଭାରମ୍ଭ କରିଛନ୍ତି ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ଉପାଧକ୍ଷା ଏସ ଶାରଦା ରେଡ୍ଡୀ, ସିଡିପିଓ ପ୍ରଣମିତା ପଣ୍ଡା, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ଲକ୍ଷ୍ମୀପୁର ସରପଞ୍ଚ ଝୁଲି ନାହାକ, ଶ୍ରୀରାମ ଚନ୍ଦ୍ର ପୁର ସମିତି ସଭ୍ୟ ଏସ ଚକ୍ରପାଣି ରେଡ୍ଡୀ, ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ମିଶନ ଶକ୍ତି ର ବିପିସି ସନାତନ ସାହୁ ପ୍ରମୁଖ ଯୋଗଦେଇଥିଲେ, କାର୍ଯ୍ୟକ୍ରମ କୁ ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା ସଂଯୋଜନା କରିଥିଲେ, ଏହି ଅବସର ରେ ଛତ୍ରପୁର ବ୍ଲକ ର ମିଶନ ଶକ୍ତି ର ୯୮୪ଟି ଗ୍ରୁପ କୁ ୮୦ଲକ୍ଷ ଟଙ୍କାର ସୁଧ ଫେରସ୍ତ ରାଶି ପ୍ରଦାନ କରାଯାଇଛି,ସେହିପରି ଛତ୍ରପୁର ବ୍ଲକ ର ୨୧୧୭ ଗ୍ରୁପ ର ୨୩ହଜାର ୨୮୦ଜଣମିଶନ ଶକ୍ତି ସଭ୍ୟା ଙ୍କୁ ୟୁନିଫର୍ମ ବାବଦରେ ଏବଂ ୨୪୦ଜଣ ମିଶନ ଶକ୍ତି ଲିଡର ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

# ନୂତନ ବର୍ଦ୍ଧିତ ଭତ୍ତା ସହ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ



**ଆଳି (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଚଣ୍ଡିଆଗଡି ଖେଳ ପଡିଆ ଠାରେ ନୂତନ ଓ ବର୍ଦ୍ଧିତ ଭତ୍ତା,ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ସହିତ ୧ ହଜାର ଟଙ୍କା ବଣ୍ଟନ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ୟୁନିଫର୍ମ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶକ୍ତି, ଶିଳ୍ପ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନ କରାଇବା ସହିତ ଆଗାମୀ ଏପ୍ରିଲ ମାସରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳକୁ ଭୋଟ ଦେଇ ଦଳକୁ ପୁନର୍ବାର ସରକାର ଗଠନ ନିମନ୍ତେ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷ ମିନତୀ ବାରିକ, ବିଡ଼ିଓ ମିନତୀ ଜଗଦେବ, ଜିଲ୍ଲା ପରିଷଦ ସଦସ୍ୟା ସ୍ୱାଗତିକା ରାଉତ,ଭୀଷ୍ମ ମହାନ୍ତି, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦେବ ଚଣ୍ଡିଆଗଡି, ସିଙ୍ଗିରି, ପତ୍ରପୁର, ନରେନ୍ଦ୍ରପୁର, ସାନମଙ୍ଗ, ବାଟିପଡା, ନୂଆପଡା,ମାଣିକପାଟଣା, ଅରେହିକଣା ପଞ୍ଚାୟତର ହିତାଧିକାରୀ ମାନଙ୍କୁ ନୂତନ ଓ ବର୍ଦ୍ଧିତ ଭତ୍ତା ବଣ୍ଟନ କରିବା ସହିତ ଖାଦ୍ୟସୁରକ୍ଷା ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ଓ ହଜାରେ ଟଙ୍କା ପ୍ରଦାନ କରିଥିଲେ । ଶେଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ୟୁନିଫର୍ମ ବାବଦରେ ସହାୟତା ରାଶି ପ୍ରଦାନ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ପୁନମ ଜେନା, ସାମାଜିକ ସୁରକ୍ଷା ବିଭାଗର ଅର୍ପିତା ସାମଲ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରତିନିଧି ସୁମନ୍ତ ରାଉତ, ଅଶ୍ୱିନୀ ସାହୁ,ନରେନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ବଂଶୀଧର ସ୍ୱାଇଁ,ଅରେହିକଣା ସରପଞ୍ଚ ହିମାଂଶୁ ପଣ୍ଡା, ସାନମଙ୍ଗ ସରପଞ୍ଚ ପ୍ରତିନିଧି ଶ୍ୟାମସୁନ୍ଦର ସେଠୀ, ନୂଆପଡା ସରପଞ୍ଚ ପ୍ରତିନିଧି ରଂଜିତ ବେହେରା, ମିନକେତନ ପାତ୍ର, ସୁବ୍ରତ ବେହୁରା ଆଲୋକ ପଣ୍ଡା, ସିଙ୍ଗିରି ସମିତିସଭ୍ୟ ପ୍ରତାପ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।



# ବାରମ୍ବାର ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ରାଜ୍ୟ ସରକାରଙ୍କ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି ଖେଳ - ଏବିଭିପି



**ବ୍ରହ୍ମପୁର (ଅମୃତ ମିଡିଆ):** ରାଜ୍ୟରେ ବିଗତ କିଛି ବର୍ଷ ଧରି ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ସାମ୍ନାକୁ ଆସୁଥିବା ବେଳେ ସରକାର ଏବଂ ଗଣଶିକ୍ଷା ମନ୍ତ୍ରାଳୟ ଆଜି ଦାରୁଭୂତ ମୁରାରି ସାଜି ବସିଛନ୍ତି। ଗତ ୨୩ ତାରିଖ ଦିନ ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲାରେ ମାଟ୍ରିକ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବା ଆଗରୁ ସକାଳ ୦୮.୩୬ ମିନିଟ ସମୟରେ ଦ୍ୱିତୀୟ ଭାଷା ଇଂରାଜୀ ପ୍ରଶ୍ନପତ୍ର ଏବଂ ୨୬ ତାରିଖ ଦିନ ଗଣିତ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମ ଜରିଆରେ ଚାରିଆଡ଼େ ଖେଳେଇ ହେଇଗଲା ।ଏବଂ ପରବର୍ତ୍ତୀ ସମୟରେ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହ ମଧ୍ୟ ତା'ର ସାମଞ୍ଜସ୍ୟ ରହିଲା। ଯାହା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ସହ ଖେଳିବା ସହିତ ସମାନ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଞ୍ଜାମ ପକ୍ଷରୁ ଆଜି ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମା' ରାଣ୍ଡି ଏବଂ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିରେ ଏବିଭିପି ର ଗଞ୍ଜାମ ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ପାତ୍ର, ବିଭାଗ ସଂଗଠନ ସମ୍ପାଦକ ଟୁକୁନା କୁମାର ମଲିକ, ରାଜ୍ୟ ସାମାଜିକ ଗାଣମାଧ୍ୟମ ସହ ସଂଯୋଜକ ସୁନୀଲ ଡୋରା, ଗଞ୍ଜାମ ଜିଲ୍ଲା ସହ ସଂଯୋଜକ ଆୟୁଷ ରଥ, କାର୍ଯ୍ୟାଳୟ ସମ୍ପାଦକ ଅଜୟ କୁମାର ଦାସ, ବିଭାଗ ସ୍ୱଲଗ୍ନ କିରନ ସେଠୀ, ଯଶୋବନ୍ତ ମଲିକ, ସନତ ପ୍ରଧାନ ଆଦି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଦ୍ୟାର୍ଥୀ ପରିଷଦ ଆନ୍ଦୋଳନ ଜାରି ରଖିବ ବୋଲି ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମିଶନ ଶକ୍ତି ବଜାର ଉଦ୍‌ଘାଟିତ

## ଯୋଗଦେଲେ ଆନନ୍ଦପୁର ବିଧାୟକ



**ହାଟଡିହି (ଅମୃତ ମିଡିଆ):** ଆନନ୍ଦପୁର ବ୍ଲକ ପରିସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ମିଶନ ଶକ୍ତି ବଜାରର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମିଶନ ଶକ୍ତି ସଚିବ ସୁଜାତା ଆର କାର୍ତିକାନ ଉପସ୍ଥିତ ରହି ମିଶନ ଶକ୍ତି ମହିଳା ମାନଙ୍କ ନିମନ୍ତେ ୦% ସୁଧରେ ୧୦ ଲକ୍ଷ୍ୟ ପର୍ଯ୍ୟନ୍ତ ମିଶନ ଶକ୍ତିର ଋଣ ପ୍ରଦାନ କରାଯିବା ସହିତ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ଏବଂ ୭୩୦ କୋଟି ଟଙ୍କାର ୟୁନିଫର୍ମ ବ୍ଲେଜର ସହାୟତା ରାଶି ଘୋଷଣା କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ଆନନ୍ଦପୁର ବିଧାୟକ ଶ୍ରୀଯୁକ୍ତ ଭାଗିରଥି ସେଠୀ, ବ୍ଲକ ଅଧକ୍ଷା ଅଞ୍ଜନା ବାରିକ, ଜିଲ୍ଲା ପରିଷଦ ଜିତେନ୍ଦ୍ର ସାମଲ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ ରଞ୍ଜନ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଚିତ୍ର କର ଉପସ୍ଥିତ ଥିଲେ। ବିପିଏମ ମଧୁସ୍ମିତା ଦାସ ଅତିଥି ପରିଚୟ ପ୍ରଦାନ କରିବା ପରେ ମା' ତାରିଣୀଙ୍କ ଫଟୋଚିତ୍ର ଉପରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିବା ପରେ ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆନନ୍ଦପୁର ବିଧାୟକ ଶ୍ରୀ ଭାଗିରଥି ସେଠୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ମିଶନ ଶକ୍ତିକୁ ଶକ୍ତିଶାଳୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଯୋଜନା ଦ୍ୱାରା ମହିଳା ମାନେ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି କ୍ଷ ମହିଳା ମାନେ ସୋୟଂ ସହାୟତା ଗୋଷ୍ଠୀ ଦ୍ୱାରା ବିଭିନ୍ନ ହାତ ତିଆରି ଜିନିଷ ତିଆରି କରି ଆତ୍ମ ନିର୍ଭରଶୀଳ ହେବା ସହିତ ସଶକ୍ତ ମହିଳା ଓ ସଶକ୍ତ ଓଡିଶା ଗଠନରେ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିଛନ୍ତି କ୍ଷ ୧୮ ଗୋଟି ପଞ୍ଚାୟତର ବହୁ ସଂଖ୍ୟାରେ ମହିଳା ମାନେ ଯୋଗ ଦେଇଥିବା ବେଳେ ବ୍ୟାଙ୍କ ମିତ୍ର, ଏମ.ବି.କେ, କୋଡିନେଟର ମାନେ କାର୍ଯ୍ୟକ୍ରମ ସହଯୋଗ କରିଥିବା ବେଳେ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ସିଧାପ୍ରସାରଣ କରାଯାଇଥିଲା।

# ଆସିକା ବ୍ଲକରେ ସୁଧ ଫେରସ୍ତ ମେଳା

**ଆସିକା (ଅମୃତ ମିଡିଆ):** ଆସିକା ବ୍ଲକରେ ଆଜି ସୁଧ ଫେରସ୍ତ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ବିଡିଓ ଫକୀର ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସିଡିପିଓ ଭାଗ୍ୟଲତା ପାତ୍ର ସଂଯୋଜନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହକ, ବ୍ଲକ ଉପାଧକ୍ଷା ଏସ.ରେଶମା ଦୋରା, ଏନଏସି ଉପାଧକ୍ଷା ଜୟନ୍ତି ବିଷୋୟୀ, ଜିଲ୍ଲା ପରିଷଦ ସଦସ୍ୟ ଅନିମା ପରିଡା, କୃଷି ଉନ୍ନୟନ ବ୍ୟାଙ୍କ ପରିଚାଳକ ସରୋଜ କୁମାର ହୋତା, ୟୁନିୟନ ବ୍ୟାଙ୍କ ପରିଚାଳକ ପ୍ରଦିପ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୫୦ ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀକୁ ନେଇ ସୁଧ ଫେରସ୍ତ ମେଳା ହୋଇଥିବା ବେଳେ ମୋଟ ୧୧ଲକ୍ଷ ୨୯ ହଜାର ୯୪୬ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଆସିକା ବ୍ଲକର ୨୭ଟି ପଚାଂୟତରେ ଥିବା ୭୮୦ ଗୋଟି ମହିଳା ସ୍ୱୟଂ ସହାୟକ ମହିଳା ଗୋଷ୍ଠିକୁ ପର୍ଯ୍ୟାୟକ୍ରମେ ସୁଧ ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାକୁ ପଠଯିବ । ଏହା ମେଳାକୁ ମିଶନ ଶକ୍ତି କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦ୍ର ଶେଖର ବେହେରା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଚଂଳ ପରିଦର୍ଶିକା ଦିପ୍ତି ଧୋବା, ବ୍ଲକ ସ୍ତରୀୟ ମହାସଂଘ ସମ୍ପାଦିକା ଧନୀ ସ୍ୱାଇଁ, ସରପଚଂ, ସମିତିସଭ୍ୟ, ପଚାଂୟତ ପ୍ରତିନିଧି, ଏମବିକେ, ସିଆରପି, ସମ୍ପାଦିକା ସମେତ ବହୁ କର୍ମଚାରୀ ଯୋଗ ଦେଇଥିଲେ ।

# ଭଗତ ସିଂ ଜିମ୍‌ର ନୂତନ କୋଠା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର



**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ଭଗତ ସିଂ ଜିମର ନୂତନ କୋଠା ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନହୋଇଛି ।ଛତ୍ରପୁର ବିଧାୟକ ଙ୍କ ନିଜସ୍ୱ ହାତପାଣ୍ଠିରୁ ୬ଲକ୍ଷ ଟଙ୍କା ଅନୁଦାନରେ ଏହି ନୂତନ କୋଠା ନିର୍ମାଣ ହେବ । ଆଜି ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର କରିଥିଲେ । ଏହା ଛତ୍ରପୁର ସହରର ପୁରାତନ ଜିମ ଅଟେ । ବହୁ ଯୁବକ ମାନେ ଏଠାକୁ ଆସିଥାନ୍ତି । ଏହି କୋଠା ନିର୍ମାଣ ହେଲେ ବହୁ ଯୁବକ ଉପକୃତ ହୋଇପାରିବେ । କାର୍ଯ୍ୟକ୍ରମରେ ଛତ୍ରପୁର ଏଏନସି ଉପଧକ୍ଷ ଜି.ପାପା ରାଓଙ୍କ ସମେତ ଭଗତ ସିଂ ଜିମର ସଭାପତି କେ.ନାରାୟଣ ରାଓ ,ସଂପାଦକ ଟି.ଦାମୋଦର ରେଡିଙ୍କ ସମେତବହୁ କାଉନସିଲର ,ଜିମର କର୍ମକର୍ତା ମାନେ ପ୍ରମୁଖ ଉପସ୍ଥିତ ଥିଲେ । ଏହି ନୂତନ କୋଠା ନିର୍ମାଣ ପାଇଁ ବିଧାୟକ ଶ୍ରୀ ବେହେରା ସହଯୋଗ କରିଥିବାରୁ ଜିମ ଙ୍କ ସମସ୍ତ କର୍ମକର୍ତାମାନେ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।



# ଆଚରଣବିଧି ଲାଗୁ ପୂର୍ବରୁ ଯାଜପୁର ରୋଡ-ଧାମରା ରେଳପଥକୁ ମଞ୍ଜୁରୀ ଦିଅ--ସଂଗ୍ରାମ ସମିତି




**ଯାଜପୁର(ଅମୃତ ମିଡିଆ):** ୨୭-୨-ନିର୍ଦ୍ଦେଶନାମା ୨୦୨୩ ସେପ୍ଟେମ୍ବର ୧୧ ରେ ପୂର୍ବତଟ ରେଳବାଇ ପାଖକୁ ଆସିଥିଲେ ମ୍ଭ ସେର୍ଭ ପାଇଁ ନିଯୁକ୍ତ ଏସ୍ ଏମ୍ କନସଲଟାଣ୍ଟ କୁ ଅକ୍ଟୋବର ୨୭ ରେ ପ୍ରାୟ ଦେଢ଼ ମାସ ବିଳମ୍ବେର ପତ୍ର ପ୍ରେରଣ କରାଯାଇଥିଲା । ପତ୍ର ପ୍ରାପ୍ତିର ଚାରିମାସ ମଦ୍ଧ୍ୟରେ ସେର୍ଭ ରିପୋର୍ଟ ସହ ଡି ପି ଆର୍ ଦାଖଲ କରିବାକୁ ପତ୍ରେର ଉଲ୍ଲେଖ ରହିଥିଲା ।ଯାଜପୁର , ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିବାସୀଗଣଙ୍କ ମଦ୍ଧ୍ୟରେ ପ୍ରକଳ୍ପର ଚୂଡାନ୍ତ ସେର୍ଭ ପାଇଁ ମଞ୍ଜୁରୀ ବେଶ୍ ଆଶାର ସଂଚାର କରିଥିଲେ ମ୍ଭ ସେମାନଙ୍କୁ ପରଶେଷେର ନିରାଶ ହେବାକୁ ପଡ଼ିଛି । ନିର୍ଦ୍ଧାରିତ ସମୟ ୨୦୨୪ ଫେବୃଆରୀ ୨୭ ସୁଦ୍ଧା ସେର୍ଭ କରୁଥିବା ସଂସ୍ଥା ତାର ରିପୋର୍ଟ ଉପସ୍ଥାପନ କରିବାରେ ବ୍ୟର୍ଥ ହେବାକୁ ଯାଉଛି ।ସେର୍ଭ କରୁଥିବା କନସଲଟାଣ୍ଟ ଯେତେବେଳ ବ୍ୟର୍ଥ ହେଉଛି, ସେତେବେଳ ପୂର୍ବତଟ ରେଳପଥର ଦାଇତ୍ୱ ଅଛି । ଉଭୟ ସେଭର୍ୟର ଓ ରେଳବାଇ ଜୋନର ବ୍ୟଥର୍ତାର ପ୍ରତିକାର କରିବା ଦାଇତ୍ୱ ହେଉଛି ରେଳ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାରଙ୍କର । କେବଳ ମାତ୍ର କେନ୍ଦ୍ର ସରକାରଙ୍କର ଦୃଢ଼ ତଥା ନିଷ୍ଠାପର ଇଚ୍ଛାଶକ୍ତି ହିଁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଦୃଢ଼ ଆଶପୋଷଣ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ଓ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ପରିଚାଳନା କରି ଏହି ନୂତନ ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିବାକୁ ଯାଜପୁର ରୋଡ - ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି । ଏହି ମମର୍ରେ ପ୍ରଧାନମନ୍ତ୍ରୀ , ରେଳମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପାଖକୁ ସ୍ମାରକପତ୍ର ପ୍ରେରଣ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟେର ତାଙ୍କୁ ସଂଗ୍ରାମ ସମିତିର ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ପାଇଁ ସ୍ଥିର ହୋଇଛି । ମାର୍ଚ୍ଚ ପ୍ରଥମ ସପ୍ତାହେର ପୂର୍ବତଟ ରେଳପଥର ମହା ପ୍ରବନ୍ଧକଙ୍କୁ ମ୍ଭ ଭେଟିବାର ନିଷ୍ପତ୍ତି ନିଆଯାଇଛି ।ଆଗାମୀ ନିର୍ବାଚନେର ଯେଉଁ ପ୍ରାର୍ଥୀମାନେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ଏବଂ କୋରେଇ, ଯାଜପୁର, ବିଂଝାରପୁର, ଚାନ୍ଦବାଲି ଓ ରାଜନଗର ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିବେ ସେମାନେ ତାଙ୍କ ଇସ୍ତାହାରେର ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ପଦେକ୍ଷପ ନେବାକୁ ପ୍ରତିଶ୍ରୁତି ଘୋଷଣା କରିବାକୁ ସଂଗ୍ରାମ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି ।ଲୋକସଭା ନିର୍ବାଚନ ପେର ନୂଆ ସରକାର ଗଠନ ଓ ପୂର୍ଣ୍ଣାଙ୍ଗ ବେଜଟ ପାଇଁ ଅଧିବେଶନ ଆହୂତ ହେବାର ମ୍ଭବର୍ତ୍ତୀ ସମୟେର ଦିଲ୍ଲୀେର ଧାରଣା ସଂଗଠିତ କରାଯିବାକୁ ସ୍ଥିର ହୋଇଛି । ଏହି ସମୟେର ରେଳପଥ ଗତି କରୁଥିବା ସମସ୍ତ ଅଞ୍ଚଳରୁ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପୋଷ୍ଟ କାର୍ଡ ଚିଠି ପ୍ରେରଣ ପାଇଁ ମ୍ଭ ନିଷ୍ପତ୍ତି ନିଆଯାଇଛି ।ଆଜି ଯାଜପୁର ଶାନ୍ତି ମଣ୍ଡପେର ଯାଜପୁର ରୋଡ -ଧାମରା ରେଳପଥ ସଂଗ୍ରାମ ସମିତିର ବୈଠକ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକଙ୍କ ଅଦ୍ଧ୍ୟକ୍ଷତାେର ଅନୁଷ୍ଠିତ ହୋଇଥିଲା । ସମିତିର ଆବାହକ ସେନ୍ତାଷ ଦାସ ପ୍ରସ୍ତାବମାନ ଆଗତ କରିଥିଲେ । ସବର୍ଶ୍ରୀ ମଳୟ ପଣ୍ଡା, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ରେଶଖର ନାୟକ , ପ୍ରଫୁଲ୍ଲ ନାୟକ , ସୁେରନ୍ଦ୍ର ରାୟ, ସତ୍ୟ ପ୍ରକାଶ ବେହୁରିଆ, ଦିଲ୍ଲୀପ ଦେଳଇ , ବିଜୟ ପରିଡା, ଦିବ୍ୟସିଂହ ନାୟକ , ସନ୍ଦୀପ ରାୟ, ଧନଞ୍ଜୟ ରାଉତରାୟ , ରାେକଶ ସାହୁ, ବିଜୟ ନାୟକ, ନିମର୍ଳ ରଥ, ଗେଣଶ ସାହୁ, ଦେବବ୍ରତ ମହାନ୍ତି , ଦେବେନ୍ଦ୍ର ନାୟକ, ଅମୂଲ୍ୟ ସାମଲ, ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପେର ଅାେଲାଚନା କରିଥିଲେ ।

# ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରିବାରେ ଅବହେଳା ଯୋଗୁଁ ଆଜି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଦେଖିବାକୁ ମିଳିଛି । ଅଭିଯୋଗ ଅନୁଯାୟୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଓ ପ୍ରତାପ କୁମାର ମହାନ୍ତି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ଅନୁଯାୟୀ କେତେକ ତଥ୍ୟ ପ୍ରଦାନ ନିମନ୍ତେ ଯଥାକ୍ରମେ ଗତ ୧୨.୦୮.୨୦୨୩ ଓ ୧୪.୦୯.୨୦୨୩ରିଖରେ ଆବେଦନ କରିଥିଲେ । କିନ୍ତୁ ଉଭୟ ଆବେଦନର ଏକମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରମ ହୋଇଯିବା ପରେବି ସଂପୃକ୍ତ ଜନ ସୂଚନା ଅଧିକାରୀ ତଥ୍ୟ ପ୍ରଦାନ ନକରିବାରୁ ଆବେଦନକାରୀ ପ୍ରଥମ ଆପିଲେଟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଏହାପରେ ପ୍ରଥମ ଆପିଲେଟ ଅଥରିଟିଙ୍କ ଦ୍ୱାରା ସେହି ଆବେଦନର ଶୁଣାଣି ନକରାଯାଇ ଆବେଦନକାରୀଙ୍କୁ ୩ମାସ ପରେ ଟଙ୍କା ଜମା କରିବାକୁ ଚିଠି କରାଯାଇଛି । ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଆବେଦନକାରୀ ବାରମ୍ବାର ସାକ୍ଷାତ କରି ନିରାଶ ହେବା ପରେ ଆଜି ସେହି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦେଖାଯାଇଛି । ଏହି ଧାରଣାରେ ଆବେଦନକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ପ୍ରତାପ କୁମାର ମହାନ୍ତି, ଭାଗୀରଥି ଜେନା ପ୍ରମୁଖ ବସି ରହିଥିବା ଦେଖାଯାଇଛି ।

# ସଙ୍କଟରେ ଜଳାଶୟ,ଜଳର ଘୋର ଅଭାବ



**ନୂଆପଡା(ଅମୃତ ମିଡିଆ):**ସଙ୍କଟରେ ଜଳାଶୟ ନୂଆପଡା ଜିଲାରେ ବର୍ତ୍ତମାନ ମାଘ ମାସରୁ ଗ୍ରୀଷ୍ମ ପ୍ରବାହ ଅନେକ ମାତ୍ରରେ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ଏହି ଖରା ଦିନେ ଜିଲାର ଗ୍ରାମାଞ୍ଚଳରୁ ଆରମ୍ଭ କରି ବିଭିନ୍ନ ସହରାଞ୍ଚଳରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି । ସାମାନ୍ୟ ପାଣି ଟିକିଏ ପାଇଁ ଗ୍ରାମାଞ୍ଚଳ ମହିଳା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୂତଳ ଜଳସ୍ତର କ୍ରମାଗତ ଭାବରେ ହ୍ରାସ ପାଉଥିବାରୁ ବର୍ତ୍ତମାନ ମାଘ ମାସରୁ ନଦୀ, ନାଳ, କୂଅ ପୋଖରୀ ଧୀରେ ଧୀରେ ଶୁଖିଲାଣି । ଫଳରେ ଜିଲାର ଅନେକ ସ୍ଥାନରେ ମାର୍ଚ୍ଚ ଅରାମ୍ଭରୁ ପାନୀୟ ଜଳ ସମସ୍ୟା ଉତ୍କଟ ହେବାକୁ ଲାଗିଲାଣି । ପାନୀୟ ଜଳ ସମସ୍ୟାର ସଠିକ ମୁକାବିଲା ପାଇଁ କାହିଁ କେଉଁ ରାଜାରାଜୁଡ଼ା ଅମଳରୁ ରାଜା, ଜମିଦାର, ଗଉନ୍ତିଆମାନେ ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦେଉଥିଲେ । ପ୍ରତ୍ୟେକ ଗ୍ରାମର ଉପକଣ୍ଠ ସହ ସହରାଞ୍ଚଳରେ ଗୁଡ଼ିକରେ ମଧ ବିରାଟ ପୋଖରୀ, ବନ୍ଧ, କଟା ଭଳି ଜଳାଶୟ ଖନନ କରିଥିଲେ । ଆଉ ଲୋକକଥାରେ କହୁଥିଲେ 'ଘ ?କେ ବୁଢ଼ାଟେ, କ୍ଷେତ୍ ?କେ ମୁଁଡାଟେ....' ଅର୍ଥ ହେଲା ଘରର୍ ବୟସ୍କ ବ୍ୟକ୍ତି ଆବଶ୍ୟକ ସମୟରେ ପରିବାରକୁ ପରାମର୍ଶ ଦେବା ସହ ଜରୁରୀ ସମୟରେ ଘର ଜଗିବାରେ ମଧ ସହାୟକ ହେଉଥିଲେ । ସେହିପରି କ୍ଷେତ (ବିଲ) ଉପରେ ମୁଣ୍ଡରେ ମୁଁଡା (କଟା ବା ପୋଖରୀ) ଗୋଟିଏ ଥିଲେ ଆବଶ୍ୟକତା ଅନୁସାରେ ବିଲକୁ ପାଣି ମଡାଇ ଚାଷ କରାଯାଉଥିଲା । ବର୍ଷା ଦିନେ ଗୋଟିଏ ପାର୍ଶ୍ୱରୁ ପାଣି ପ୍ରବେଶ କରି ପୋଖରୀରେ ଜମା ହେଉଥିବା ବେଳେ ତାହା ବର୍ଷ ସାରା ଲୋକଙ୍କ ହିତରେ ଲାଗୁଥିଲା । ହେଲେ ସେହି ଲୋକକଥା ବର୍ତ୍ତମାନ ଇତିହାସ ହେବାକୁ ବସିଲାଣି । ପ୍ରଶାସନିକ ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ବିଭାଗୀୟ ଅଧିକାରୀଙ୍କ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳର ଅଭାବ ଯୋଗୁଁ ପୂର୍ବରୁ ଅକାତକାତ ପାଣି ରହୁଥ ?ିବା ଅନେକ ପାରମ୍ପରିକ ଜଳାଶୟ ସବୁ ଏବେ କ୍ରମଶଃ ପୋତି ହେବାକୁ ବସିଥିବା ଦେଖାଯାଉଛି । ଏପରିକି ପରିସ୍ଥିତି ଏପରି ହେଲାଣି ଯେ, ଆଗାମୀ ଦିନରେ ସ୍କୁଲ ଛାତ୍ରଛାତ୍ରୀ ମାନେ ପାରମ୍ପରିକ ଜଳାଶୟ ବନ୍ଧ, କଟା, ସାଗର ଆଦିକୁ ଫଟୋଚିତ୍ରରେ ଦେଖିବାରୁ ସୁଯୋଗ ପାଇବେ । ଏହାକୁ କେବଳ ଇତିହାସ ବହିରେ ପଢ଼ିବା ଭଳି ଆଶଙ୍କା ସୃଷ୍ଟି ହୋଇଛି । ସରକାର ଜନସାଧାରଣଙ୍କ ଜଳଚାହିଦା ପୂରଣ ଲକ୍ଷ୍ୟରେ ଆଦର୍ଶ ପୁଷ୍କରିଣୀ, ଜଳବିଭାଜିକା ପ୍ରକଳ୍ପ, ଜଳ ଅମଳ ପ୍ରକଳ୍ପ ଆଡ଼ିବନ୍ଧ, ଚେକ୍ ?ଡ୍ୟାମ୍, ଅମୃତ ସରୋବର ଭଳି ଏକାଧିକ ଯୋଜନା ମାଧ୍ୟମରେ ବିପୁଳ ଅର୍ଥ ଖର୍ଚ୍ଚ କରୁଥିଲେ ମଧ ବାସ୍ତବ କ୍ଷେତ୍ରରେ ଏସବୁ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ସରକାରୀ ବାବୁମାନଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସେସବୁ ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଅପରପକ୍ଷରେ ସରକାର ପାରମ୍ପରିକ ଜଳଉତ୍ସ ଗୁଡ଼ିକର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ, ଆଧୁନିକୀକରଣ ଓ ପଙ୍କୋଦ୍ଧାର ପାଇଁ ଫଳପ୍ରସୂ ଯୋଜନା ମଧ କାର୍ଯ୍ୟକାରୀ କରୁନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି । କାହିଁ କେଉଁ ରାଜାରାଜୁଡ଼ା ଅମଳରୁ ଜନସାଧାରଣଙ୍କ ସହ ଜୀବଜନ୍ତୁଙ୍କୁ ଜଳଦାନ କରିବା ସହ ଫସଲକୁ ମରୁଡ଼ି ଦାଉରୁ ରକ୍ଷା କରି ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଥିଲା ବନ୍ଧ, କଟା, ମୁଁଡା । ଏବେ ସେହି ଜଳାଶୟର ଅସ୍ତିତ୍ୱ ଘୋର ସଙ୍କଟରେ ରହିଛି । ବିଗତ ଦିନରେ ଇଂରେଜ ମାନେ ଏହି ସବୁ ପାରମ୍ପରିକ ଜଳାଶୟ ଗୁଡ଼ିକୁ ଦୃଷ୍ଟି ନଦେଇ ଜଳ ପାଇଁ ଖଜଣା ଲାଗୁ କରିବାରୁ ଏହାର ରକ୍ଷଣାବେକ୍ଷଣ ପ୍ରତି କେହି ଦୃଷ୍ଟି ଦେଇ ନଥିଲେ । ଫଳରେ ସେହି ଦିନରୁ ଏହି ସବୁ ପାରମ୍ପରିକ ଜଳାଶୟ ଗୁଡ଼ିକ ଘୋର ଅବହେଳାର ଶିକାର ହୋଇ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ପଡ଼ିରହିଥିଲା । ଦେଶ ସ୍ୱାଧୀନ ହେବା ପରେ ସରକାର ୧୯୫୫ ରେ ବିବଦ୍ଧ ଭାବରେ ଆଇନ ପ୍ରଣୟନ କରି ଜଳାଶୟ, କଟା, ପୋଖରୀ ଆଦିକୁ ସରକାରୀ ସମ୍ପତ୍ତି ଭାବରେ ଘୋଷଣା କରିଥିଲେ । ପରେ ଏହା ସରକାରୀ ସମ୍ପରି ଭାବରେ ଗଣନା ହେବାରୁ ସାଧାରଣ ଲୋକ ଏହାର ରକ୍ଷଣାବେକ୍ଷଣ ଠାରୁ ଦୂରେଇ ରହିବାକୁ ବାଧ ହେଇଥିଲେ । ଫଳରେ ପରବର୍ଷି ସମୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଆବଶ୍ୟକ ଜମି ଅଭାବ ଯୋଗୁଁ ଲୋକେ ଏହି ସବୁ ପାରମ୍ପରିକ ଜଳଉତ୍ସ ଗୁଡ଼ିକ ଉପରେ ଗୃହ ନିର୍ମାଣ କରିବା ସହ ପରବର୍ଷି ସମୟରେ ପୋତି ଦେବା ମଧ୍ୟ ସାହାସ କଲେ । ପରିଣାମ ସଦୃଶ ଏବେ ସହରାଞ୍ଚଳର ଏକାଧିକ ଜଳାଶୟ ଲୁପ୍ତପ୍ରାୟ ଅବସ୍ଥାରେ ରହିଛି । ଅନେକ ଜଳାଶୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନକୁ ଚାଲିଯାଇଥିଲେ ମଧ ବିଭାଗୀୟ ଦୂରଦୃଷ୍ଟିର ଅଭାବ ଯୋଗୁଁ ଅନେକ ଜଳାଶୟ ବର୍ତ୍ତମାନ ମୃତ ପ୍ରାୟ ଅବସ୍ଥାରେ ପଡ଼ି ରହିଥ ?ିବା ଦେଖାଯାଇଛି । ଜଳାଶୟ ପୋତି ହେବା ଫଳରେ ଭୂତଳ ଜଳଉତ୍ସ କ୍ରମଶଃ ହ୍ରାସ ହୋଇ ବର୍ତ୍ତମାନ ଗ୍ରୀଷ୍ମଋତୁ ଆରମ୍ଭରୁ ଜଳସଙ୍କଟ ଦେଖା ଦେଲାଣି । ଏପରି ନୂଆପଡା ଜିଲ୍ଲା ର ପାଞ୍ଚ ଟି ବ୍ଲକ ର ଅନେକ ଜଳାଶୟ ସାଗର,ପୋଖରୀ, ଆଡ଼କଟା ମୁଡା, ରେ ଜଳ ଶଙ୍କଟ ଦେଖିବାକୁ ମିଳିଛି ! ଜିଲାରେ ଜଳ ସଂରକ୍ଷଣ ପାଇଁ ବିଭିନ୍ନ ପ୍ରୋଜେକ୍ଟ ଗୁଡିକ କାମ କରୁଛନ୍ତି ଏନେଇ ଜଳବିଭାଜିକା, ପିଡିଡିଆରଡିଏ, ପଞ୍ଚାୟତ ତରଫରୁ ମନରେଗା ସ୍କିମ ରେ କୋଟି ଟଙ୍କା ବିନିଯୋଗ କରି ଆଡ଼କଟା ସାଗର ପୋଖରୀ ଖନନ ହେଉଥିବା ନେଇ କୋଟି ଟଙ୍କା ଖର୍ଚ୍ଚ ହେଉଛି ଅନ୍ୟପକ୍ଷେ ପୋଖରୀ ସାଗର ମୁଡା ଆଡ଼କଟା ରେ ଜଳ ସଙ୍କଟ ଦେଖାଦେଇଛି, ଏନେଇ କୋମନା ବ୍ଲକ ସମରସିଂଗି ପଞ୍ଚାୟତ ପୁଟକୁଳପଡା ର ଦର୍ଲବନ୍ଧ ଠାରେ ଟୋପାଏ ପାଣି ନାହିଁ ସମ୍ପୂର୍ଣ୍ଣ ଭାବେ ପୋଖରୀ ଟି ଶୁଖିଯାଇ ମେଳା ଦେଖାଯାଉଛି ! ପଡାବାସୀ ଗାଧେଇବା ପାଇଁ ଜଳ ର ଉତ୍କଟସମସ୍ୟା ଦେଖାଦେଇଛି, ବୋଲି ପଡ଼ାବାସୀ କହିଛନ୍ତି ।

# ନିଆଁଲାଗି ଜଳିପୋଡ଼ି ପାଉଁଶ ହୋଇଗଲା ଘର

## ଅସହାୟଙ୍କୁ ସହାୟତାର ହାତ ବଢ଼ାଇଲେ ବିଜେଡି ଆଶାୟୀ ବିକାଶ



**ବେତନଟୀ(ଅମୃତ ମିଡିଆ):** ବଡ଼ସାହି ନିର୍ବାଚନ ମଣ୍ଡଳୀ ବେତନଟୀ ପଞ୍ଚାୟତ ରେଣୁଗାଁ ଗ୍ରାମର ଦୁଇ ଜଣଙ୍କ ଘରେ ଅଗ୍ନିକାଣ୍ଡ ଘଟି ସୋମବାର ଦିନ ଭୋର ଦୁଇ ପରିବାରର ୨ ବଖରାଘର ଜଳି ପୋଡି ପାଉଁଶ ହୋଇ ଯାଇଛି । ଅସହାୟଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବଡ଼ସାହି ବିଜେଡି ଆଶାୟୀ ପ୍ରାର୍ଥୀ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ । ସୂଚନାଯୋଗ୍ୟ ସୋମବାର ଦିନ ଭୋର ରେଣୁଗାଁ ଗ୍ରାମର ବାସିନ୍ଦା ଈଶ୍ୱର ଚନ୍ଦ୍ର ମହାନ୍ତ ଓ ରତ୍ନମଣି ମହାନ୍ତଙ୍କ ଘରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଦୁଇଟି ଘର ସମ୍ପୂର୍ଣ୍ଣ ଯାଇ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ । ଅସହାୟ ଅବସ୍ଥାରେ ଅନ୍ୟ ଦୁଆରେ ଆଶ୍ରୟ ନେଇଥିବା ଦୁଇ ପରିବାରର ଏପରି ଦୁଃଖଦ ଖବର ପାଇ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଜେଡି ଆଶାୟୀ ବିଧାୟକ ପ୍ରାର୍ଥୀ ଶ୍ରୀ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ ଶୋକକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ନିଆଁରେ ଘରର ସମସ୍ତ ଆସବାପତ୍ର ଜଳି ପୋଡି ପାଉଁଶ ହୋଇଯାଇଥିଲା । ଶ୍ରୀ ସେଠୀ ଦୁଇ ପରିବାରକୁ ଆର୍ଥିକ ସହାୟତା ସହ ଚୁଡା, ଚାଉଳ ଓ ବସ୍ତ୍ର ସାହାଯ୍ୟ କରିଥିଲେ । ଏହି ୨ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇବାକୁ ସେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମାର୍ଶାଘାଇକୁ ଏନ୍ଏସି ଘୋଷଣା କରାଯିବାକୁ ବିଜେପିର ଦାବି




**ମାର୍ଶାଘାଇ(ଅମୃତ ମିଡ଼ିଆ):** କେନ୍ଦ୍ରାପଡ଼ା ଜିଲ୍ଲାର ପୁରାତନ ବାଣିଜ୍ୟିକ ପେଣ୍ଠସ୍ଥଳି ଭାବେ ପରିଚିତ ମାର୍ଶାଘାଇ କୁ ଏନଏସି ଘୋଷଣା କରାଯାଇ ନ ଥିବାରୁ ତାହାର ପ୍ରତିବାଦ କରିବା ସହିତ ତୁରନ୍ତ ଏନଏସି ଘୋଷଣା କରିବାକୁ ମହାକାଳପଡ଼ା ଭାରତୀୟ ଜନତା ପାର୍ଟି ନେତା ସଞ୍ଜୟ ରଥ ଦାବି କରିଛନ୍ତି କ୍ଷ ଏ ନେଇ ଏକ ପ୍ରେସ ମିଟ କରି ମାର୍ଶାଘାଇ ପ୍ରତି ରାଜ୍ୟ ସରକାର ଏବଂ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଙ୍କ ବୈମାତୃକ ମନୋଭାବର ଏକ ଉଦାହରଣ ବୋଲି କହିଥିଲେ କ୍ଷ ଏନଏସି ମାନ୍ୟତା ପାଇଁ ମାର୍ଶାଘାଇ ରେ ସମସ୍ତ ଆବଶ୍ୟକତା ପୂରଣ କରୁଅଛି କ୍ଷ ଜନସଂଖ୍ୟାର ଘନତା, ଚାଷ ବ୍ୟତୀତ ଅନ୍ୟାନ୍ୟ ସୂତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ପ୍ରତିଶତ ମଧ ଯଥେଷ୍ଟ ଅଧିକ ରହିଛି କ୍ଷ ପଡୋଶୀ ଯାଜପୁର ଏବଂ କଟକ ଜିଲ୍ଲାରେ ୪ଟି ଲେଖାଏଁ ଏନଏସି ଘୋଷଣା କରାଯାଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇକୁ ଏନଏସି କରିବାକୁ ଦାବି ପୂର୍ବରୁ ହେଉଥିଲେ ବି ସରକାର ଘୋଷଣା କରିଲେ ନାହିଁ କ୍ଷ ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜନତା ପାର୍ଟି ମାର୍ଶାଘାଇ ମଣ୍ଡଳ ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋ ବଡ଼ଚଣା ପକ୍ଷରୁ ନାରୀନେତ୍ରୀ ମନୋରମାଙ୍କ ପଦଯାତ୍ରା



**ବଡ଼ଚଣା(ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ମା ତାରିଣୀଙ୍କ ପୀଠ ସ୍ଥଳିରୁ ନାରୀ ନେତ୍ରୀ ମନୋରମା ଆଚାର୍ଯ୍ୟ ଙ୍କ ନେତୃତ୍ୱରେ ଏକ ବିଶାଳ ମହିଳା ପଦଯାତ୍ରା ବାହାରି ବାଲିଚନ୍ଦ୍ରପୁର ବଜାର ଦେଇ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ଆସିଥିଲା ।ବଡ଼ଚଣା ର ବିକାଶ ଆମର ପ୍ରୟାସ ନାରା ଦେଇ ବଜାର ପରିକ୍ରମା କରାଯାଇଥିଲା ।ନାରୀ ନେତ୍ରୀ ମନୋରମା ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକାଲ୍ୟାଣ କାରୀ ଯୋଜନା ଉପରେ ଗୁରୁତ୍ୱ ଆରୋପ କରି ବଡ଼ଚଣା ର ବିକାଶ ଅମର ଏକାନ୍ତ ଲକ୍ଷ୍ୟ ବୋଲି ନାରୀ ନେତ୍ରୀ ଶ୍ରୀ ମତୀ ଆଚାର୍ଯ୍ୟ ଲୋକ ମାନଙ୍କୁ ଅବଗତ କରାଇ ମହିଳା ମାନଙ୍କୁ ଶସକ୍ତ କରିବା ପାଇଁ ସଂକଳ୍ପ ବଦ୍ଧ ବୋଲି କହିଥିଲେ । ୨ ହଜାରରୁ ଊର୍ଦ୍ଧ୍ୱ ମହିଳା କର୍ମୀମାନେ ପଦଯାତ୍ରାରେ ଯୋଗ ଦେଇଥିଲେ ।ବାଲିଚନ୍ଦ୍ରପୁର ବଜାର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରୀ ମାତୀ ଆଚାର୍ଯ୍ୟ ପୁଷ୍ପ ମଲ୍ୟ ଅର୍ପଣ କରି ପଦଯାତ୍ରାରେ ଉପସ୍ଥିତ ଥିବା ମହିଳା ମାନଙ୍କୁ ଉଦବୋଧନ ଦେଇଥିଲେ ।

# ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଓଭରବ୍ରିଜ୍‌ର ଶୁଭ ଶିଳାନ୍ୟାସ



**ବଡ଼ଚଣା(ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବ୍ୱୈରୀ ଗେଟ ରୋଡ ଓଭର୍ ବ୍ରିଜ ଠାରେ ଅମୃତ ଭାରତ ଯୋଜନା ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ମାଧ୍ୟମରେ ୫୨ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଓଭର ବ୍ରିଜ ର ଶୁଭ ଶିଳାନ୍ୟାସ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବଡ଼ଚଣା ର ବିଧାୟକ ଅମର ପ୍ରସାଦ ଶତପଥୀ,ବ୍ଲକ ଅଧକ୍ଷା ମିନତି ସେନାପତି,ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ,ଜତିନ୍ଦ୍ର ନାୟକ,ବଡ଼ଚଣା ର ବିଜେପି ନେତା ସଂଯୋଜକ ଅମର ନାୟକ,ସରପଂଚ ଲକ୍ଷ୍ମୀପ୍ରିୟା ଦାସ,ସମିତି ସଭ୍ୟା ବିଳାସିନୀ ଖୁଣ୍ଟିଆ,ରେଳ ବିଭାଗ ର ଡେପୁଟି ସି ଇ ପ୍ଲାନିଂ ବସନ୍ତ କୁମାର ତ୍ରିପାଠୀ,ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରଦୀପ କୁମାର ସେନାପତି,ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ କୁମାର ଯାଦବ,ପର୍ଶୁରାମ ସାହୁ,ଶତ୍ରୁଘ୍ନ ବେହେରା ,ପ୍ରମୁଖ ଯୋଗ ଦେଇ ପ୍ରଧାନ ମନ୍ତ୍ରୀଙ୍କ ଶିଳାନ୍ୟାସ ଉପରେ ଆଲୋକପାତ କରିଥିଲେ ।

# ବ୍ଲକସ୍ତରୀୟ ମେଗା ସୁଧ ଫେରସ୍ତ କାର୍ଯ୍ୟକ୍ରମ

**ଚାନ୍ଦବାଲି(ଅମୃତ ମିଡ଼ିଆ ):** ଚାନ୍ଦବାଲି ମା କାଳୀ ପଡିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ମେଗା ସୁଧ ଫେରସ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ମିଶନ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ଼ ବ୍ୟୋମକେଶ ରାୟ ଯୋଗ ଦେଇ ସରକାରଙ୍କ ମେଗା ସୁଧ ଫେରସ୍ତ ସମ୍ପର୍କରେ ମିଶନ ଶକ୍ତି ବିଭାଗର ମହିଳା ମାନଙ୍କୁ ଅଭିଭାଷଣ ଦେଇଥିଲେ ।ଚଳିତ ବର୍ଷେ ମିଶନ ଶକ୍ତି ଋଣ ବାବଦକୁ ବ୍ୟାଙ୍କରୁ ମୋଟ ୩୨୪୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୩୯.୩୩ କୋଟି ଟଙ୍କା ଋଣ ମିଳିଥିଲା ।ବ୍ଲକ ରୁ ମୋଟ ୨୪୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୨.୦୯ କୋଟି ଟଙ୍କା ସୁଧ ରିହାତି ମିଳିଛି ।

## ମହାନଗର ମହୋତ୍ସବର ତୃତୀୟ ସନ୍ଧ୍ୟା

# ନାଭ୍ୟାଙ୍କ କଣ୍ଠର ଯାଦୁରେ ମତୁଆଲା ଦର୍ଶକ

**ବ୍ରହ୍ମପୁର (ଅମୃତ ମିଡିଆ):** କଳା, ସାହିତ୍ୟ ସଂସ୍କୃତିର ଜିଲ୍ଲା ହେଉଛି ଗଞ୍ଜାମ। ଏଠିକାର ଲୋକକଳା , ସାହିତ୍ୟ , ସଂସ୍କୃତି ଓ ପରମ୍ପରା ସାରା ରାଜ୍ୟରେ ଅନନ୍ୟ। ଏହାକୁ ଦୃଷ୍ଟିରେ ରଖି କଳାକୁ ବଞ୍ଚାଇ ରଖିବା ସହ ଓ କଳାକାରଙ୍କୁ ମଞ୍ଚ ରେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରିବାର ସୁଯୋଗ ଦେବାକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜାରି ରହିଛି ମହାନଗର ମହୋତ୍ସବ ବ୍ରହ୍ମପୁର।ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆ ପରିସରରେ ଆୟୋଜିତ ଏହି ମହୋତ୍ସବ ର ଦତୃତୀୟ ସନ୍ଧ୍ୟାରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇ ଏହାର ଶୁଭାରମ୍ଭ କରିବା ସହ ସ୍ଥାନୀୟ କଳାକୁ ଉଜ୍ଜୀବିତ ରଖିବା ସହ କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ଏଭଳି ମହୋତ୍ସବର ଆବଶ୍ୟକତା ଥିବା ମତ ରଖିଥିଲେ। ଅନ୍ୟ ଅତିଥୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କ୍ରେଡେୟାର ସଂପାଦକ ଇ. ପ୍ରସନ୍ନ ପାଢ଼ୀ , ସମାଜସେବୀ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇ. ଉମାଶଙ୍କର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟରେ ମହୋତ୍ସବ କମିଟିର ସଭାପତି ନାରାୟଣ ମହାନ୍ତୁଡ , ସମ୍ପାଦକ ଗୋପାଳ ପଟ୍ଟନାୟକ,ଉପ ସଭାପତି ମିହିର ରଞ୍ଜନ ତ୍ରିପାଠୀ, ଅନୀଲ କୁମାର ପାତ୍ର, ଦୈନିକ ଖବର କାଗଜ ସକାଳର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। । ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ମହୋତ୍ସବର ତୃତୀୟ ସଂନ୍ଧ୍ୟାର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଦିଗପହଣ୍ଡି ଧର୍ମପୁରର ରଘୁନାଥ ନାଟ୍ୟକଳା ସଂଘର କଳାକାରଙ୍କ ଦ୍ୱାରା ରାମ ଲୀଳା ପରିବେଷଣ କରାଯାଇଥିଲା।ସେହିପରି ମହୋତ୍ସବ ର ତୃତୀୟ ରଜନୀରେ ନିଜ କଣ୍ଠର ଯାଦୁ ରେ ଉପସ୍ଥିତ ଦର୍ଶକଙ୍କୁ ଖୁବ୍ ମତୁଆଲା କରିଥିଲେ ଓଲିଉଡ ଗାୟିକା ନାଭ୍ୟା ଜ୍ୟୋତି। ଏଥିସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ , ଲୋକ ନୃତ୍ୟ , ଆଧୁନିକ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ମଧ ମହୋତ୍ସବ ମଞ୍ଚରେ ରାଜ୍ୟର ଅଗ୍ରଣୀ ଦୈନିକ ଓଡିଆ ଖବର କାଗଜ 'ସକାଳ' ପକ୍ଷରୁ ଶ୍ରେଷ୍ଠ ପ୍ରତିଭା ସମ୍ମାନ ରେ ରଘୁନାଥ ନାଟ୍ୟ କଳା ସଂଘର କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ରାମ ଲୀଳା ଟିମ୍‌କୁ ସମ୍ମାନିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମ ର ପ୍ରତ୍ୟକ ଅପରାହ୍ନ ରେ ଆୟୋଜିତ କବିତା ଆସରରେ ଜିଲ୍ଲା ତଥା ରାଜ୍ୟର ବହୁ ବିଶିଷ୍ଟ କବି ପ୍ରମୁଖ ଉପସ୍ଥିତ ରହି ନିଜର କବିତା ର ଶୀର୍ଷକ ଗାନ କରିଥିଲେ। ଅନ୍ୟପଟେ ମହୋତ୍ସବର ଆଉ ଏକ ଆକର୍ଷଣ ହେଉଛି ଜିଲ୍ଲା ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ୧୦୦ ରୁ ଊର୍ଦ୍ଧ୍ୱ ଷ୍ଟଲ । ଯେଉଁଥିରେ ଘରୋଇ ଉପକରଣ ସହ ଖାଇବା ଏବଂ ବିଭିନ୍ନ ପ୍ରକାର ସାମଗ୍ରୀର ବିକ୍ରିବଟା। ପରିଶେଷରେ ମହୋତ୍ସବ ସହ ସମ୍ପାଦକ ସତ୍ୟ ଚେତନ ପରିଡ଼ା ଓ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ପାତ୍ର, ସ୍ୱାଧୀନ କୁମାର ପାତ୍ର, ଅନନ୍ତ ପ୍ରଧାନ, ବିଭୁ ନନ୍ଦନ ପଣ୍ଡା ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।




## ଏନ.ଆର.ଟି.ଏସ୍.୨୦୨୩ ପରୀକ୍ଷାରେ ଜନ୍ମେଜୟ ମିଶ୍ରଙ୍କ କୃତିତ୍ୱ

**ଆସିକା (ଅମୃତ ମିଡିଆ):** ଏନ.ଆର.ଟି.ଏସ ୨୦୨୩ ପରିକ୍ଷା ଫଳଦରେ ଆସିକାର ଜନ୍ମେଜୟ ମିଶ୍ର କୃତିତ୍ୱ ହାସଲ କରିଛନ୍ତି । ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ କଟକ ଦ୍ୱାରା ଗଞ୍ଜାମ ଜିଲ୍ଲା ଶିକ୍ଷାଅଧିକାରୀ ଅଧୀନ ୨୧୦ ଜଣ ଛାତ୍ରଛାତ୍ରୀଙ୍କ ଫଳାଫଳ ପ୍ରକାଶିତ ହୋଇଥିଲା । ଏଥିରେ ମେଧାବୀ ଛାତ୍ର ଭାବେ ଆସିକା ବ୍ଲକର ଜନ୍ମେଜୟ ମିଶ୍ର ସର୍ବୋଚ୍ଚ ନମ୍ବର ରଖି ଚତୁର୍ଥ ସ୍ଥାନରେ କୃତିତ୍ୱ ହାସଲ କରିଛନ୍ତି । ସେ ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅଟନ୍ତି । ତାଙ୍କ ସଫଳତାରେ ଆସିକା ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି । ଆସିକା ସହରର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମିଶ୍ର ଓ ହରିହର ହାଇସ୍କୁଲର ସଂସ୍କୃତ ଶିକ୍ଷୟତ୍ରୀ ରଶ୍ମିତା କୁମାରୀ ମିଶ୍ରଙ୍କ ଏକ ମାତ୍ର ପୁଅ ଅଟନ୍ତି । ଆସିକା ମେକ ମାଇକେଲ ସଂସ୍କୃତଟୋଲର ପ୍ରଧାନ ପଣ୍ଡିତ ରାଷ୍ଟ୍ରପତି ପୁରସ୍କାପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଡଃ.କୈଳାସ ଚନ୍ଦ୍ର ମିଶ୍ରଙ୍କ ନାତି ଅଟନ୍ତି । ଜନ୍ମେଜୟ ମିଶ୍ରଙ୍କ ଏହି ସଫଳତା ପଛରେ ଆସିକାର ଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରେରଣା ରହିଛି । ଏହି ସଫଳତାରେ ଆସିକା ବାର ଆସୋସିଏସନ ପୂର୍ବତନ ତଥା ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି ।



## ସ୍କୁଟି ଧକ୍କାରେ ଛାତ୍ରୀ ଆହତ ଘଟଣା...
## ହମ୍ପସ ନିର୍ମାଣ ଦାବିରେ ରାସ୍ତା ଅବରୋଧ

**ବୌଦ୍ଧ (ଅମୃତ ମିଡିଆ):** ବୌଦ୍ଧ ସହରର ଉପକଣ୍ଠରେ ଥିବା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଏକ ସ୍କୁଟି ଧକ୍କାରେ ଜଣେ ଛାତ୍ରୀ ଗୁରୁତର ଆହତ ହୋଇଥିଲେ । ଛାତ୍ରୀଙ୍କୁ ସ୍କୁଟି ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ସୂଚନା ମତେ, ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ୨୫ ତାରିଖରେ ନିଜ ସାଇକେଲରେ ବିଦ୍ୟାଳୟକୁ ପଢିବା ପାଇଁ ଆସୁଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ଏକ ସ୍କୁଟି ସାଇକେଲକୁ ଧକ୍କା ଦେଇଥିଲା । ଫଳରେ ଛାତ୍ରୀ ଜଣକ ଆହତ ହୋଇଥିଲେ । ଆହତ ଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଦୁଘର୍ଟଣା ଘଟାଇ ସ୍କୁଟିଟି ଘଟଣାସ୍ଥଳରୁ ଫରାର ହୋଇଯାଇଛି । ଦୁଘର୍ଟଣା ପରେ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା । ଫଳରେ ଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖେର ହମ୍ପସ ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବେରାଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା । ଘଟଣାସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପଂହଚି ଛାତ୍ରୀମାନଙ୍କୁ ବୁଝାସୁଝା କରିବା ପେର ରାସ୍ତା ରୋକ ହଟିଥିଲା । ସୂଚନା ଯୋଗ୍ୟ ଯେ, ଏହି ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ସମ୍ମୁଖେର ବାରମ୍ବାର ଦୁଘର୍ଟଣା ଘଟୁଥିବାରୁ ସେଠାରେ ଏକ ହମ୍ପସ ନିର୍ମାଣ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାତୀୟ ରାଜପଥ ବିଭାଗକୁ ଲିଖିତ ଭାବେର ଦେଇଥିେଲ । ହେଲେ ବିଭାଗ ସେମାନଙ୍କ ଅଭିଯୋଗକୁ ଅଣେଦଖା କରିଥିଲା । ଫଳେର ଏହି ସ୍ଥାନେର ବାରମ୍ବାର ଦୁଘର୍ଟଣା ମାନ ଘଟୁଛି । ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାେର ଏକ ହମ୍ପସ ନିର୍ମାଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ବାଲିଛାଇ ଏନ୍.ୟୁ.ପି.ଏସ୍.ର ବାର୍ଷିକ ଉତ୍ସବ

**ପୋଲସରା (ଅମୃତ ମିଡିଆ):** ପୋଲସରା ବ୍ଲକ ବାଲିଛାଇ ଗ୍ରାମ ସ୍ଥିତ ବାଲିଛାଇ ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନରେ ଏକ ମନୋଜ୍ଞ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୃନ୍ଦାବନ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନେର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ସାହୁ (ରବି) ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁରେଶ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ପ୍ରଖର ବାଗ୍ମୀ ମୁରଲୀଧର ନନ୍ଦ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଶୁ କବି ତ୍ରିନାଥ ପ୍ରଧାନ, ସି.ଆର୍.ସି.ସି ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଓ ନିରଂଜନ ବେହେରା, ସ୍ଥାନୀୟ ଶ୍ରୀଜଗନ୍ନାଥ ସଂସ୍କୃତି ତପସ୍ୱୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଲ୍ମିକୀ ପ୍ରଦାନ, ଶିକ୍ଷାବିତ୍ ହରିହର ପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଲଡୁ କିଶୋର ବେହେରା ଓ ଶିକ୍ଷକ ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ମଣିଷ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଦେଉଥିବା ବେଳେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଏକାଗ୍ରତା ସହକାରେ ପାଠ ପଢିଲେ ସଫଳତା ନିଶ୍ଚୟ ମିଳିବ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ମଣ୍ଡଳୀଙ୍କୁ କହିଥିଲେ। ପରେ ଛାତ୍ରଛାତ୍ରୀମାନେ ବେଶ୍ ସୁନ୍ଦର ଭାବେ ବିଭିନ୍ନ ପ୍ରକାର ଶିକ୍ଷାପ୍ରଦ ଓ ଜ୍ଞାନବର୍ଦ୍ଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରି ପ୍ରଶଂସା ସାଉଁଟିବାରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର



କରି ବିଜୟୀ ଶେହରୁ ଊର୍ଦ୍ଧ୍ୱ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଅତିଥିମାନେ ଟ୍ରଫି ଓ ପଦକ ସହ ପାରଦର୍ଶିତା ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶଙ୍କର ବେହେରା ଅତିଥି ପରିଚୟ ପ୍ରଦାନ ସହ ମଂଚଞ୍ଚ ପରିଚାଳନା କରିଥିଲେ ପ୍ରଧାନଶିକ୍ଷକ ସ୍ୱାଗତ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀମାନେ ସ୍ୱାଗତ ଏବଂ ବିଦାୟ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ, ଅଭିଭାବକ ମଣ୍ଡଳୀ, ଏସ୍.ଏମ୍.ସି, ପାଚିକା ସହାୟିକା ଓ ଏସ୍.ଏଚ୍.ଜି ଗ୍ରୁପ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ପାତ୍ର ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

## ଝଣଝଣା ଓ ଶାଳଣିଆଁରେ ବିଜେପିର ମିଶ୍ରଣ ପର୍ବ



**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ଝଣଝଣା ଓ ଶାଳଣିଆରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଯାଇଛି । ଗାଁ ଚାଲ ଅଭିଯାନ ଅବସରରେ ଦୁଇଟି ଭିନ୍ନ ଭିନ୍ନ ମିଶ୍ରଣ ପର୍ବରେ ୨୦୦ ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଜେପି ରେ ଯୋଗଦେଇଥିଲେ । ସୂଚନା ଅନୁଯାୟୀ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀ, ବିଧାନସଭା ସଂଯୋଜକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ମଣ୍ଡଳ ସଭାପତି ହରମୋହନ ଶାସିନୀ, ବଳଭଦ୍ର ବାରିକ, ବରିଷ୍ଠ ନେତା ତୃପ୍ତିମୟୀ ଯେନା, ଅଧର ବେହେରା, ସାନ୍ତୁନ ଖୁଣ୍ଟିଆ, ଦୀନବନ୍ଧୁ ମହାନ୍ତି, ନୃସିଂହ ପାଢ଼ୀ, ଅଶୋକ ଯେନା, ଆଲୋକ ଦାସ ,ସୁବାଷ ଜେନା, ରାଜେଶ ଜେନା, କୃଷ୍ଣଚନ୍ଦ୍ର ଯେନା,ପ୍ରମୁଖ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ନବାଗତଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଝଣଝଣାରେ ବରିଷ୍ଠ ନେତ୍ରୀ କନକ ଜେନା ଓ ଶାଳଣିଆ ର ଦେବାଶିଷ ବେହେରା ଙ୍କ ସଂଯୋଜନା ରେ ଆୟୋଜିତ ଏହି ଦୁଇଟି କାର୍ଯ୍ୟକ୍ରମ ରେ ୨୦୦ ରେ ଲୋକ ଦଳରେ ଯୋଗଦେଇଥିଲେ। ନିଜ ନିଜ ର ଉଜ୍ଜ୍ୱଳ ଭବିଷ୍ୟତ ତଥା ଦେଶକୁ ବିକଶିତ କରିବାରେ ମୋଦିଜୀଙ୍କ ଗ୍ୟାରେଣ୍ଟି ଆଉ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଭରସା ରଖି ଅନ୍ୟ ଦଳ ଛାଡ଼ି ବିଜେପି ରେ ସାମିଲ ହେଲେ ବୋଲି ଉପସ୍ଥିତ ଲୋକ ମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଦୁଃଶାସନ ବେହେରା, ନଟବର ସାହୁ, ପ୍ରଜ୍ଞାନ ସେଠୀ, ପିତାମ୍ବର ସେଠି, ସାଗର ଜେନା, ସତ୍ୟ ଜେନା, ସନ୍ତୋଷ ସାହୁ, ରଞ୍ଜିତ ସାହୁ, ଗୌରାଙ୍ଗ ସେଠୀ, ପଦ୍ମନାଭ ସାହୁ, ରମାକାନ୍ତ ସେଠୀ, ମଧୁସ୍ମିତା ଯେନା ସୁଧାକର ବେହେରା, ସରୋଜ ବେହେରା, ହେମ ପାତ୍ର, ଝୁନୁ ନାହାକ, ପଡ଼ିନି ନାହାକ, କେତ ନାହାକ, ସାବିତ୍ରୀ ସାହୁ, ଚମ୍ପାବତୀ ସାହୁ, ଶଶୀମଣି ନାୟକ, ପ୍ରେମଲତା ଦେହୁରୀ, କୁନି ଦେହୁରୀ, ସୁଲୋଚନା ଦେହୁରୀ ପ୍ରମୁଖଙ୍କ ନେତୃତ୍ୱରେ ୨୦୦ ରୁ ଊର୍ଦ୍ଧ୍ୱ ଲୋକ ବିଜେପି ରେ ସାମିଲ ହେଇଥିଲେ।

## ଯୁବକଙ୍କ ବାଇକ୍‌ରେ ଲିଫ୍ଟ ମାଗି ଯାଉଥିବା ବେଳେ ଦୁର୍ଘଟଣାରେ ଯୁବତୀ ମୃତ

**ଭଞ୍ଜନଗର (ଅମୃତ ମିଡିଆ):** ଜଣେ ଯୁବକଙ୍କ ବାଇକ୍ ରେ ଲିଫ୍ଟ ମାଗି ଆସୁଥିବା ବେଳେ, ରାସ୍ତାରେ ଦୁର୍ଘଟଣା ଘଟି ଯୁବତୀଙ୍କ ମୃତ୍ୟୁ । ଭଂଜନଗର ଥାନା ଅନ୍ତର୍ଗତ ବେଡିଗୋବା ଗାଁ ନିକଟରେ ଘଟିଛ , ଏଭଳି ଦୁର୍ଘଟଣା ଘଟିଥିଲା । ଗୁରୁତର ଅବସ୍ଥାରେ ଉଭୟ ଯୁବକ ଓ ଯୁବତୀଙ୍କୁ ଉଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଆହତ ଯୁବତୀକୁ ମୃତ ଘୋଷଣା କରିଥିଲେ, ଡାକ୍ତର । ଯୁବତୀ ଜଣକ କନ୍ଧମାଳ ଅଞ୍ଚଳର ସୁନିତା ପ୍ରଧାନ ବୋଲି ଜଣାପଡିଛି । ଆହତ ବାଇକ୍ ଚାଳକ ଯୁବକକୁ ପ୍ରାଥମିକ ଚିକିତ୍ସା ପରେ , ଥାନାରେ ଅଟକ ରଖି ପଚରାଉଚରା କରୁଛି , ଭଂଜନଗର ଥାନା ପୋଲିସ । ଆହତ ହୋଇଥିବା ଯୁବକ ଜଣକ ସାରଙ୍ଗଡ ଅଞ୍ଚଳର ବିକ୍ରମ ବେହେରା । ପୋଲିସକୁ ଦେଇଥିବା ବୟାନ ପ୍ରକାରେ, ଯୁବକ ଜଣକ ଫୁଲବାଣୀ ରୁ ବାଇକ୍ ଯୋଗେ , ଗଂଜାମ ଜିଲ୍ଲାର ଆସିକା ଅଭିମୁଖେ ଯାଉଥିଲା । କନ୍ଧମାଳ ଜିଲ୍ଲା କଳିଙ୍ଗା ନିକଟରେ ରାସ୍ତାରେ ଅପେକ୍ଷା କରିଥିବା ଯୁବତୀ ଜଣକ , ଲିଫ୍ଟ ମାଗି ବାଇକ୍ ରେ ବସି ଆସିକା ଅଭିମୁଖେ ଯାଉଥିଲେ । ତେବେ ଭଂଜନଗର ଥାନା ଅନ୍ତର୍ଗତ ବେଡିଗୋବା ଗାଁ ନିକଟରେ , ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହେବାରୁ , ଏଭଳି ଦୁର୍ଘଟଣା ଘଟିଥିଲା ।

## ମିଶନ ଶକ୍ତି ମା'ଙ୍କ ପାଇଁ ଖୁସି ଖବର, ଏଣିକି ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏ ଋଣ

**ଛତ୍ରପୁର (ଅମୃତ ମିଡିଆ):** ମିଶନ ଶକ୍ତି ମା'ଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଲେ ବଡ଼ ଉପହାର । ଏଣିକି ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏ ଋଣ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମଙ୍ଗଳବାର ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି,

ସୁଧ ଫେରସ୍ତ ବାବଦକୁ ଗଞ୍ଜାମ ଜିଲ୍ଲା ର ୧୫ହଜାର ୭୦୫ ଏସଏଚଜି କୁ ୮୪୬.୧୩ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ।ସେହିଭଳି ଗଞ୍ଜାମ ଜିଲ୍ଲାର ୪୨ହଜାର ୯୩୭ ମିଶନ ଶକ୍ତି ଗ୍ରୁପ ର ୪ଲକ୍ଷ ୪୬ହାଜର ୬୦୩ଜଣ ସଭ୍ୟା ଙ୍କୁ ୟୁନିଫର୍ମ ପାଇଁ ଏବଂ ୮ହଜାର ୨୦୮ ଜଣ ମିଶନ ଶକ୍ତି ଲିଡରମାନଙ୍କୁ ବ୍ଲେଜର ବାବଦରେ ଆର୍ଥିକ ସହାୟତା ଦିଆଯିବ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହୁରି କହିଛନ୍ତି, ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ । ମା' ମାନଙ୍କର ଉନ୍ନତି ପାଇଁ ସରକାର ସବୁବେଳେ କାମ କରୁଛନ୍ତି। ମା' ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରେ ସହଭାଗୀ ହେଉଛନ୍ତି। ନୂଆ ଓ ଗଠନରେ ସାମିଲ ହୋଇଛନ୍ତି ମିଶନ ଶକ୍ତି ମା'। ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳ ଙ୍କ ଓସ୍ୱାନ ହଲ ଠାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମଜିଲ୍ଲାପରିଷଦ ର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡିଶା ଜୀବିକା ମିଶନ ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ନବୀନ ସେନାପତି, ମିଶନ ଶକ୍ତି ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ୱାସତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆବିଦାପରିମନ, ଏଲଡ଼ିଏମ କେ. ସି. ନାୟକ ଙ୍କ ସମେତ ଅନ୍ୟାନ୍ୟବିଭାଗୀୟ ଅଧିକାରୀ ଏବଂ ବହୁ ମିଶନ ଶକ୍ତି ର ସଭ୍ୟା ମାନେ ଉପସ୍ଥିତ ଥିଲେ।

## ଗାଲୁଆ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ କର୍ଣ୍ଣମୂଳଶୋଥ ଓ ବା ମମ୍ପସ ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ କହିଲେ ବସନ୍ତ ଋତୁରେ ଖଟା,ଥଣ୍ଡା ଖାଇଲେ ଓ ଖୋଲା ପବନରେ ଅଧିକ ବୁଲିଲେ ଥଣ୍ଡା ହୋଇ ଭୂତାଣୁ ସଂକ୍ରମିତ ହୁଏ। ପ୍ରାୟତଃ ୫ ରୁ ୧୫ ବର୍ଷ ପିଲାଙ୍କ କର୍ଣ୍ଣ ମୂଳ ଗ୍ରନ୍ଥି ଫୁଲି ଜ୍ୱର, ମୁଣ୍ଡବ୍ୟଥା, ଅରୁଚି, ସର୍ବାଙ୍ଗ ବ୍ୟଥା, ପାଟି ଖୋଲିଲେ ବ୍ୟଥା ଖାଦ୍ୟ ଗିଳିବାରେ କଷ୍ଟ ହୁଏ। ଅପଥ୍ୟ କଲେ ଉଭୟ କାନ ମୂଳ ଫୁଲିଯାଏ ।କାରଣକୁ ଛାଡି ଦୁଦୁରା ପତ୍ର ବାଟି ସୋରିଷ ତେଲ ସହ ଭାଜି ଲଗାଇବେ। ଶୁଣ୍ଠି, ପିପ୍ପଳୀ, କଳାମରିଚ, ସୈନ୍ଧବ ଲବଣ ମିଶାଇ ଖାଇଲେ ଭଲ ହୋଇଯାଏ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ,ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରି ଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି।

# ମା' ତାରିଣୀଙ୍କ ହୁଣ୍ଡି ଚାବି ହଜେଇଦେଲେ

**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ବଡ଼ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ମନ୍ଦିର ବେଢ଼ାରେ ଥିବା ଏକ ଦାନବାକ୍ସର ଚାବି ନ ମିଳିବାରୁ ତାଲା କାଟି ଗଣତି କରାଯାଇଥିଲା। ଘଟଣାକୁ ୩ ଦିନ ବିତିଯାଇଥିବା ବେଳେ ଏବେ ଜଣାପଡ଼ିବା ପରେ ମନ୍ଦିର କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବିଶେଷକରି ମନ୍ଦିର ପରିଚାଳନା ବୋର୍ଡ ନ ଥିବା ବେଳେ ଏହାର ପ୍ରତ୍ୟକ୍ଷ ଦାୟିତ୍ୱ ଦେବୋତ୍ତର ବିଭାଗ ନିର୍ବାହ କରୁଛି। ଏପରି ସମୟରେ ଚାବି ନ ମିଳିବା ଓ ତାଲା କାଟି ଗଣତି କରିବାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି।

ଖବର ଅନୁଯାୟୀ, ଗତ ୨୩ ତାରିଖରେ ମନ୍ଦିର ପରିସରରେ ଥିବା ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମାତ୍ର ମନ୍ଦିର ବେଢା ନିକଟରେ ପ୍ରସ୍ଥାନ ଦ୍ୱାର ନିକଟରେ ଥିବା ଷ୍ଟିଲ ହୁଣ୍ଡିର ଚାବି ମିଳି ନ ଥିଲା। ନିୟମ ଅନୁଯାୟୀ ମନ୍ଦିର ପରିଚାଳନା ବୋର୍ଡଥିବା ବେଳେ ଚାବି ତିନି ଜଣଙ୍କ ନିକଟରେ ରହିଥାଏ। ଗୋଟିଏ ଚାବି ବୋର୍ଡ ସଭାପତି, ଗୋଟିଏ ଦେବୋତ୍ତର ନିରୀକ୍ଷକ ଓ ଗୋଟିଏ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ରହିଥାଏ। ବୋର୍ଡ ନ ଥିବା ଯୋଗୁ ଏବେ ଦୁଇ ଜଣଙ୍କ ନିକଟରେ ଚାବି ରହୁଛି। ଯେଉଁ ହୁଣ୍ଡିରେ ଚାବି ଗାଏବ ହୋଇଛି, ସେହି ଚାବିକାଠିଟି କେବଳ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ନିକଟରେ ଥିଲା। ହୁଣ୍ଡି ଖୋଲିବା ବେଳେ ଚାବିଟି ନ ମିଳିବାରୁ ଶେଷରେ ପହଡ଼ପରେ ତାଲା କଟାଯାଇ ଟଙ୍କା ବାହାର କରାଯାଇଥିଲା। ତେବେ ଘଟଣା ପଦାକୁ ଆସିବା ପରେ ଏବେ ନିର୍ବାହୀ ଅଧିକାରୀଙ୍କ ମୁଣ୍ଡବ୍ୟଥା ହୋଇଛି। ଏହି ଚାବିକୁ କେହି ଗାଏବ କରି ଏଥିରୁ ଟଙ୍କା ନେଇଯାଇଥିବା ପ୍ରଶ୍ନ ଉଙ୍କି ମାରୁଛି। ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ପୋଲିସକୁ ନ ଜଣାଇ କାହିଁକି ତାଲା କଟାଗଲା, ତା ତଦନ୍ତସାପେକ୍ଷ। ମନ୍ଦିର ବେଢ଼ାରେ ଲାଗିଥିବା ସିସି ଟିଭି ଯାଞ୍ଚ କରିବାକୁ ସାମାଜିକ କର୍ମୀ ଜଗବନ୍ଧୁ ଶାହା, ନୃସିଂହ ଚରଣ ସାହୁ, ଶରତ କୁମାର ବେଜ୍, କେଦାରନାଥ ସାହୁ ପ୍ରମୁଖ ଦାବି କରିଛନ୍ତି। ମନ୍ଦିର ଦାୟିତ୍ୱରେ ଥିବା ସମ୍ବଲପୁରସ୍ଥିତ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରଥମେ ଏହାକୁ ଅସ୍ୱୀକାର କରିବା ସହ କିଏ କହିଲା ବୋଲି ପଚାରିଥିଲେ। ପରେ ଚାବିଟି ହଜିଯାଇଥିବାରୁ ତାଲାକାଟି ଟଙ୍କା ବାହାର କରିଥିବା କହିଥିଲେ। ଥାନା ଅଧିକାରୀ ରଞ୍ଜନ କୁମାର ପାତ୍ର କହିଛନ୍ତି, ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ସ୍ମରଣଯୋଗ୍ୟ, ଗତ ୨ ମାସ ତଳେ ମନ୍ଦିର ଟିକେଟ କାଉଣ୍ଟର ଭୋଗମାହାସୁଲ ହେରଫେର ଘଟଣାରେ ୨ ଜଣ କର୍ମଚାରୀ ବହିଷ୍କୃତ ହୋଇଥିଲେ।



# ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ନାରା କାର୍ଯ୍ୟକ୍ରମ

ପୁରୀ(ବ୍ୟୁରେ):

ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ର ନାରା କାର୍ଯ୍ୟକ୍ରମ ଓ୍ୱାର୍ଡ ନମ୍ବର ୨୩ ରାମଚଣ୍ଡୀ ସାହି ବାଲିକୁଦ ବସ୍ତି ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡ଼ି ଦଳର ଉପସଭାପତି ସୁନିଲ କୁମାର ମହାନ୍ତି ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ,ବସ୍ତି କମିଟି ର ସଭାପତି ବିଜୟ କୁମାର ମହାପାତ୍ର,ସମ୍ପାଦକ ବାସୁଦେବ ମହାନ୍ତି,କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ,ନାରୀ ନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି,ସଂଯୁକ୍ତା ସାହୁ,ସରୋଜିନୀ ପଟନାୟକ,ଅନିତା କର,ଅନିତା ଦାସ,କଳ୍ପଲତା ବେହେରା,ମମତା ପ୍ରଧାନ ଏବଂ ସମାଜସେବୀ ଲୋକନାଥ ମହାପାତ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ।ବସ୍ତିର ଶତାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରତି ଘରେ ଶଙ୍ଖର ଫଳକ ଲଗାଇଥିଲେ ଏବଂ ମୁଖ୍ୟ ମନ୍ତ୍ରୀଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟ କୁ ପ୍ରଶଂସା



# ବଦଳିଲେ ୧୧ ଥାନା ଅଧିକାରୀ

ପୁରୀ(ବ୍ୟୁରେ):

ଜିଲାର ୧୧ ଥାନା ପୁଲିସ ଅଧିକାରୀଙ୍କୁ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ବଦଳି କରିଛନ୍ତି । ପୁରୀ ଟାଉନ ଥାନା ଇନ୍ସପେକ୍ଟର ସୁନିଲ କୁମାର ପ୍ରଧାନଙ୍କୁ ଅସ୍ତରଙ୍ଗ ଥାନା ଏବଂ ନିମାପଡ଼ା ଥାନା ଇନ୍ସପେକ୍ଟର ବାମଦେବ ସ୍ୱାଇଁଙ୍କୁ ପୁରୀ ଟାଉନ ଥାନା ଇନ୍ସପେକ୍ଟର ଭାବେ ବଦଳି କରାଯାଇଛି । ପୁରୀ କୁମ୍ଭାରପଡ଼ା ଥାନା ଇନ୍ସପେକ୍ଟର ଜୟଦିପ୍ ମହାନ୍ତିଙ୍କୁ ଗୋପ ଥାନା ଏବଂ ସେଠାରେ ଥିବା ମହେଶ୍ୱର ସେଠୀଙ୍କୁ ଜିଲା ପୁଲିସ ମୁଖ୍ୟ ଦପ୍ତରକୁ ବଦଳି କରାଯାଇଛି । କୋଣାର୍କ ଥାନା ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ରାମଚଣ୍ଡୀ ଥାନା ଏବଂ ରାମଚଣ୍ଡୀ ଥାନା ଅଧିକାରୀ ସୁରେଶ ଚନ୍ଦ୍ର ପୃଷ୍ଟିଙ୍କୁ କୃଷ୍ଣପ୍ରସାଦ ଥାନାକୁ ବଦଳି କରାଯାଇଛି ।ଜିଲାରେ ନୂତନ ଭାବେ ଯୋଗଦେଇଥିବା ପ୍ରଶାନ୍ତ କୁମାର ପଢିଆରିଙ୍କୁ କୋଣାର୍କ ଥାନା ଇନ୍ସପେକ୍ଟର ଭାବେ ଅବସ୍ଥାପିତ କରାଯାଇଛି । ପିପିଲି ଥାନା ଇନ୍ସପେକ୍ଟର ଦୀପକ କୁମାର ଖଣ୍ଡାୟତରାୟଙ୍କୁ କାକଟପୁର ଥାନାକୁ ବଦଳି କରାଯାଇଛି । କୃଷ୍ଣପ୍ରସାଦ ଥାନା ଇନ୍ସପେକ୍ଟର ବସନ୍ତ କୁମାର ସାହୁଙ୍କୁ ନିମାପଡ଼ା ଥାନାକୁ ବଦଳି କରାଯାଇଥିବା ଜଣାପଡ଼ିଛି । କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କୁ ପିପିଲି ଥାନା ଅଧିକାରୀ ଭାବେ ବଦଳି କରାଯାଇଛି । ସେହିପରି ଅସ୍ତରଙ୍ଗ ଥାନା ଇନ୍ସପେକ୍ଟର ରାଜେଶ ବଳିଆରସିଂହଙ୍କୁ ପୁରୀ କୁମ୍ଭାରପଡ଼ା ଥାନାକୁ ବଦଳି କରାଯାଇଛି । ଜିଲା ପୁଲିସ ପ୍ରତିଷ୍ଠାନ ବୋର୍ଡ ନିଷ୍ପତ୍ତି ଅନୁଯାୟୀ ଏହି ବଦଳି ତାଲିକା ଜାରି କରାଯାଇଛି ।

# ବିଜେଡିର ମିଶ୍ରଣ ପର୍ବ

ପୁରୀ(ବ୍ୟୁରେ):

ପୁରୀ ବିଜେଡି ରେ ମିଶ୍ରଣ ପର୍ବ ଅନୁଷ୍ଠିତ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନୀତି , ଆଦର୍ଶ ଓ ଲୋକ କଲ୍ୟାଣ କାର୍ଯ୍ୟ ରେ ଅନୁପ୍ରାଣିତ ହୋଇ ସହ ସହ ଲୋକେ ବିଜେଡି ରେ ସାମିଲ ହୋଇଛନ୍ତି । ପୁରୀ ଜିଲ୍ଲା ଇତିଭୂଆଁ ଗ୍ରାମପଞ୍ଚାୟତ ର ଆଳସଙ୍ଗା ଗ୍ରାମ ର ୮୩ ପରିବାର ପୁରୀ ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର ଙ୍କ ଉପସ୍ଥିତି ରେ ବିଜେଡି ରେ ସାମିଲ ହୋଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ରେ ବିଜୁ ଜନତା ଦଳ କୁ ପଞ୍ଚାୟତ ସ୍ତରରେ ସଂଗଠନ କୁ ମଜବୁତ କରିବା ଲାଗି ମିଶ୍ରଣ ପର୍ବ ରେ ସାମିଲ ହୋଇଛନ୍ତି ଅନେକ ସାଙ୍ଗଠନିକ ବ୍ୟକ୍ତି ବିଶେଷ ମାନେ । ବିଜୁ ଜନତା ଦଳ ରେ ସାମିଲ ହୋଇ ବେଶ ଖୁସି ବ୍ୟକ୍ତ କରିଛନ୍ତି ନେତା ଓ କର୍ମୀ ଲୋକ ଙ୍କ ସେବା କରିବା ସହ ମୁଖ୍ୟମନ୍ତ୍ରୀ ଙ୍କ ବିକାଶ ଧାରାକୁ ଗାଁ ଗାଁ ରେ ପହଂଚାଇବା ଲାଗି ପ୍ରୟାସ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ବିଜେଡି ନେତା ।

# ଅଭୟାରଣ୍ୟରେ ମାତିଛନ୍ତି ବାଲିଚୋର

ପୁରୀ(ବ୍ୟୁରେ):

ପ୍ରକୃତିର ଅନ୍ୟତମ ବିରଳ ସୃଷ୍ଟି ହେଉଛି ବାଲୁଖଣ୍ଡ ଅଭୟାରଣ୍ୟ । ଏସିଆ ମହାଦେଶର ଏହା ଏକମାତ୍ର ଅଭୟାରଣ୍ୟ, ଯାହା ସମୁଦ୍ର କୂଳରେ ରହିଛି ଏବଂ ଚିତ୍ରା ହରିଣଙ୍କ ସହ ଅନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିଛି । କିନ୍ତୁ, ବାଲି ମାଫିଆମାନେ ଏହି ଅଭୟାରଣ୍ୟ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି । ବଡ଼ ବଡ଼ ବାଲିବନ୍ତକୁ ତାଡ଼ି ବାଲି ଚୋରି କରିବାରେ ଲାଗି ପଡ଼ିଛନ୍ତି । ଅଭୟାରଣ୍ୟରେ ଖନନ ତ ଦୂରର କଥା, ଗାଡ଼ି ପଶିବା ନିଷିଦ୍ଧ । ଅନ୍ୟପଟେ ଯଦି କୌଣସି ଜାଗାରୁ ବାଲି ଅବା ମାଟି ଖନନ ଏବଂ ସ୍ଥାନାନ୍ତର ହେଉଛି, ଏହାପୂର୍ବରୁ ରାଜସ୍ୱ ବିଭାଗର ଅନୁମତି ଜରୁରି । ବାରମ୍ବାର ଅଭିଯୋଗ ପରେ ବି ରାଜସ୍ୱ ବିଭାଗ ଏହି ଅଞ୍ଚଳ ମାଡୁନି । ଫଳରେ, ବାଲି ମାଫିଆଙ୍କ ଉତ୍ପାତ ଦିନକୁଦିନ ବଢ଼ି ଚାଲିଛି । ସେପଟେ ବନବିଭାଗ ବି ଜାଣି ଅଜଣା ଭଳି ଅଭିନୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଯେଉଁମାନେ ଅଭୟାରଣ୍ୟରୁ ବାଲି ଚୋରି କରୁଛନ୍ତି, ସେମାନେ ବହୁ ପ୍ରଭାବଶାଳୀ । ଯଦି କେହି ମୁହଁ ଖୋଲୁଛି, ଜୀବନରୁ ମାରିଦେବାକୁ ଧମକ ମିଳୁଛି । ଏଣୁ ସ୍ଥାନୀୟ ଅଞ୍ଚଳ ଲୋକେ ଏହା ଦେଖୁଥିଲେ ବି ମୁହଁ ଖୋଲିବାକୁ ଡରୁଛନ୍ତି । ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି, 'ନୂଆ କରି ଯୋଗଦେଇଥିବାରୁ ଏ ସଂପର୍କରେ ମୁଁ ଜାଣିନି । ଘଟଣାସ୍ଥଳ



ପରିଦର୍ଶନ ପରେ ଆବଶ୍ୟକ ପଦକ୍ଷେପ ନେବି ।' ସେହିପରି ଗୋପ ତହସିଲଦାର ରଂଜନ କୁମାର ପରିଡ଼ା କହିଛନ୍ତି, 'ସ୍ଥିତି ଅନୁଧାନ ପରେ ଯାହାକିଛି କହିପାରିବି ।' ନିକଟରେ ବି ତାଙ୍କର ଜନୈକ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ଶ୍ରୀ ପରିଡ଼ା କହିଛନ୍ତି ।

# ପୁରୀ ସହରବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଲିଖିତପତ୍ର

ପୁରୀ(ବ୍ୟୁରେ):

ପୁରୀ ଜିଲ୍ଲା ପୌର ନିର୍ବାହୀ ଅଧିକାରୀ ଙ୍କ ବଦଳି ତାଲିକା ବାତିଲ କରିବା ନିମନ୍ତେ ପୁରୀ ସହର ବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଲିଖିତ ପତ୍ର ପ୍ରଦାନ କରାଯାଇଛି ।ଲିଖିତ ପାତ୍ର ରେ ଦର୍ଶା ଯାଇଚି ଯେ ବର୍ତ୍ତମାନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ମନୋଜ କୁମାର ବେହେରା ଙ୍କ ବଦଳି ତାଲିକା କୁ ବାତିଲ କରାଯାଉ ।ଯେତେବେଳେ ଶ୍ରୀ ବେହେରା ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ ସେତେବେଳେ ଜନସାଧାରଣ ଙ୍କ ସହ ତାଙ୍କର ସୁ ସମ୍ପର୍କ ରକ୍ଷା କରି ପୁରୀ ପାଇଁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି ।ଏବେ ଶ୍ରୀ ବେହେରା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଚୟନ ହେବାପରେ ପୁରୀ ସହର ବାସି ଅତ୍ୟନ୍ତ ଖୁସି ଅଛନ୍ତି ହେଲେ ହଠାତ୍ ଶ୍ରୀ ବେହେରା ଙ୍କୁ ସରକାରଙ୍କ ଏଭଳି ବଦଳି ନିଷ୍ପତି ପୁରୀ ବାସି ଙ୍କୁ ତାଯୁବ୍ କରିଦେଇଛି ।ତେଣୁ ଶ୍ରୀ ବେହେରା ଙ୍କ ବଦଳି ତାଲିକା କୁ ବାତିଲ କରିବାକୁ ପୁରୀ ବାସି ସରକାରଙ୍କୁ ଗୁହାରି କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ପୁରୀ ର ତ୍ରିଶକ୍ତି ବସ୍ତି ଉନ୍ନୟନ କମିଟି,ବସ୍ତି ସୁରକ୍ଷା ମଞ୍ଚ ର ଶତାଧିକ କର୍ମୀ ଯୋଗଦାନ କରିଥିଲେ ।



# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ପୁରୀ(ବ୍ୟୁରେ):

ଶିକ୍ଷା ବିରୋଧୀ,ଦୁର୍ନୀତିଗ୍ରସ୍ତ, ଅପାରଗ ରାଜ୍ୟ ସରକାର ନବୀନ ପଟ୍ଟନାୟକ ଓ ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ପୁନର୍ବାର ସୁଚାରୁରୂପେ ପରୀକ୍ଷା ପରିଚାଳନା କରିବାରେ ବିଫଳ ହୋଇଛନ୍ତି । ଶିକ୍ଷାରେ ଗୁଣାତ୍ମମାନ ବିକାଶ କରୁଛି ବୋଲି କହି ଡିଣ୍ଡିମ ପିଟୁଥିବା ଏଇ ସରକାର ପ୍ରତିବର୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳୁଛି । ବାରମ୍ବାର ପରୀକ୍ଷାରେ ପ୍ରଶ୍ନପତ୍ର ଲିକ ହୋଇଛି । ପ୍ରତିବର୍ଷ ଏହି ସମସ୍ୟା ଦେଖାଯାଉଥିବା ସତ୍ତ୍ୱେ ମଧ ସରକାର ଚୁପ୍ । ଏଥିରେ ସରକାରଙ୍କ ପାରିବାପଣିଆ ଦେଖା ଯାଉଚି କିନ୍ତୁ ଏହି ସମସ୍ୟା ବିଷୟରେ ଦୃଷ୍ଟିଗୋଚର ନକରି ନିଜର ଭୋଟବ୍ୟାଙ୍କ କୁ ବଢେଇବା ପାଇଁ କଲେଜ ରେ ନୂଆ ଓ ନାମ ରେ କାର୍ଯ୍ୟକ୍ରମ କରି ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି । ସରକାର ଯଥାଶୀଘ୍ର ଏହାର ସମାଧାନ କରନ୍ତୁ ,ନଚେତ୍ ଓଡ଼ିଶା ସମସ୍ତ ବିଦ୍ୟାର୍ଥୀଙ୍କ କ୍ଷୋଭ ର ଶିକାର ହେବେ ବୋଲି କହିଛନ୍ତି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ଛାତ୍ରୀ ଗଣ ।ଏହି ଘଟଣାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସଂଯୋଜକ ବିସ୍ମୟ ରଞ୍ଜନ ପଟ୍ଟନାୟକ, ବିଭାଗ ଛାତ୍ରୀ ପ୍ରମୁଖ ସୁମିତ୍ରା ଜେନା ,ନଗର ସହ ସମ୍ପାଦକ ହୃଦୟ ରଞ୍ଜନ ଜେନା ,ଲିଖିତା ରାଉତ,ଶୁଭମ୍ ପ୍ରସାଦ ଶର୍ମା ,ବିଶ୍ୱଜିତ୍ ମିଶ୍ର ,ସ୍ୱାଗତ କର ,ପ୍ରକାଶ ମିଶ୍ର ,ପ୍ରିୟ ରଞ୍ଜନ ଶତପଥୀ,ସୁଜନ କୁମାର ମିଶ୍ର , ବିଭୂତି ଭୂଷଣ ନାୟକ ,ପ୍ରକାଶ କୁମାର ସାହୁ ସମୂହ ଉପସ୍ଥିତ ଥିଲେ ।

# ମୃତ ଯୁବକଙ୍କୁ ରାଷ୍ଟ୍ରୀୟ ସମ୍ମାନ

## କିଡ୍‌ନୀ ଦାନ କରିଥିଲେ





ପୁରୀ(ବ୍ୟୁରେ):

କେନ୍ଦୁଝରର ୧୪ ବର୍ଷର ଝିଅ ଦମୟନ୍ତୀଙ୍କ ପରେ ଦ୍ୱିତୀୟ ବ୍ୟକ୍ତି ଭାବେ ବାଲେଶ୍ୱରର ୩୨ ବର୍ଷୀୟ ଯୁବକ ଅଜିତ ଚୌଧୁରୀଙ୍କୁ ଆଜି ଅଙ୍ଗଦାନ ପାଇଁ ରାଷ୍ଟ୍ରୀୟ ସମ୍ମାନ ମିଳିଛି । ପୁରୀ ସ୍ୱର୍ଗଦ୍ୱାରଠାରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ସମ୍ମାନପୂର୍ବକ ତାଙ୍କର ଅନ୍ତିମସଂସ୍କାର କରାଯାଇଛି । ଅଜିତ ତାଙ୍କ କିଡ୍‌ନି ଦାନ କରିଛନ୍ତି । ତେବେ ଡାକ୍ତରଖାନା ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଅଜିତଙ୍କ ପରିବାର । ଅଜିତଙ୍କ ଘର ବାଲେଶ୍ୱର ଜିଲ୍ଲା ଔପଦା ତଳକିଆରେ । ମସ୍ତିଷ୍କାଘାତ କାରଣରୁ ସେ ୧୪ ଦିନ ହେବ ଚିକିତ୍ସାଧୀନ ଥିଲେ । ସେ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ଗତକାଲି ରାତିରେ ତାଙ୍କର ମୃତ୍ୟୁପରେ ପରିବାର ଲୋକଙ୍କ ସହମତିରେ ଆଜି କିଡ୍‌ନି କଢ଼ାଯାଇଛି, ଯାହା ଅନ୍ୟ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାର ରାହା ଦେଇଛି ବୋଲି ଅଜିତଙ୍କ ଭିଣୋଇ ଅନିଲ ମହାପାତ୍ର କହିଛନ୍ତି । ଅଭୟ କୁମାର ଚୌଧୁରୀ ଓ ସୁଶାମଣି ଚୌଧୁରୀଙ୍କ ଦୁଇ ଝିଅରେ ଏକମାତ୍ର ପୁଅ ଥିଲେ ଅଜିତ । ସେ ପେସାରେ ଜଣେ ବ୍ୟବସାୟୀ । ବାପା ଅଭୟ କୁମାର ଚୌଧୁରୀଙ୍କ ୧୮ ବର୍ଷ ତଳୁ ମୃତ୍ୟୁ ହୋଇସାରିଛି । ଆଜି ଅପରାହ୍ନରେ ତାଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଅତିରିକ୍ତ ଜିଲ୍ଲାପାଳ, ସିଟି ଡିଏସ୍‌ପି ପ୍ରମୁଖ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ତୋପସଲାମୀ ଦିଆଯାଇଥିଲା । ଏହି ଅବସରରେ ଅଜିତଙ୍କ ସାନ ଭିଣୋଇ ଶ୍ରୀ ମହାପାତ୍ର, ଭଉଣୀ ସ୍ମିତା ଚୌଧୁରୀ, ଦୀପ୍ତିରାଣୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଭିଣୋଇ ଶ୍ରୀ ମହାପାତ୍ର କହିଛନ୍ତି, କିଡ୍‌ନି ଦାନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁଭଳି ବ୍ୟବସ୍ଥା କରାଯାଇଥିଲା, ତାହା ସ୍ୱାଗତଯୋଗ୍ୟ । ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ସହାୟତା ବି ପ୍ରଦାନ କରିବାକୁ ଘୋଷଣା କରାଯାଇଛି । ଡାକ୍ତରଖାନା ପକ୍ଷରୁ ସହଯୋଗ ମିଳି ନଥିଲା । ପରିବାର ଲୋକେ ହୃତ୍‌ପିଣ୍ଡ, ଲିଭର ଓ କିଡ୍‌ନି ଦାନ କରିବାକୁ ଚାହୁଁଥିଲେ । କିନ୍ତୁ, ଡାକ୍ତରଖାନା କର୍ତ୍ତୃପକ୍ଷ କେବଳ କିଡ୍‌ନି ଦରକାର କହି, ହୃତ୍‌ପିଣ୍ଡ, ଲିଭର ଆଦି ନେବାକୁ ମନା କରି ଦେଇଥିଲେ । ଯଦି ଏହା ନେଇଥାନ୍ତେ, ଅନ୍ୟ ରୋଗୀମାନେ ବି ଉପକୃତ ହୋଇପାରିଥାନ୍ତେ । ଅନ୍ୟପଟେ ଆମକୁ ମୃତଦେହ ଦେବାରେ ବହୁ ବିଳମ୍ବ କରାଗଲା ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

# ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳନ

ପୁରୀ(ବ୍ୟୁରେ):

ଆଚାର୍ଯ୍ୟ ହରିହରଙ୍କ ସେବା,ସମର୍ପଣ ଓ ତ୍ୟାଗ ତାଙ୍କୁ ଚିର ଅମର କରି ରଖିଥିବ ।ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ମଣିଷ ଚରିତ୍ର କୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି ।ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହର ଙ୍କ ଜୟନ୍ତୀ ପାଳିତ ହୋଇଥିଲା ।ପ୍ରାରମ୍ଭରେ ହରିହର ଛକ ସ୍ଥିତ ଆଚାର୍ଯ୍ୟ ହରିହର ଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ମାଲ୍ୟାର୍ପଣ କରିବା ପରେ ଗାନ୍ଧୀ ଘାଟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଆଚାର୍ଯ୍ୟ ହରିହର ଙ୍କ ବାଗ୍ମୀତା,ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣା ର ଉତ୍ସ ବୋଲି କହିଥିଲେ ।ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡା,ସ୍ମୃତି ସଂସଦର ସଦସ୍ୟ ମାୟାଧର ମହାରଣା,ଡଃ ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ଆଚାର୍ଯ୍ୟ ଙ୍କ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନର ସଭାପତି ଉମାବଲ୍ଲଭ ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ସର୍ବଧର୍ମ ପ୍ରାର୍ଥନା ପରିବେଷଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ,ସ୍ମୃତି ସଂସଦର ସଦସ୍ୟ ସୁକାନ୍ତ କୁମାର ମହାନ୍ତି,ଜୟନ୍ତୀ ମହାପାତ୍ର, ବାସୁଦେବ ସାହୁ, ଜ୍ୟୋସ୍ନା ନାୟକ, ଇଂ ଗିରିଜା ଶଙ୍କର ପାଢ଼ୀ, ଗଙ୍ଗାଧର ଦାଶ,ଯଜ୍ଞଦତ୍ତ ପାଇକ,ରୂପ ରଞ୍ଜନ



ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।ଶେଷରେ ଯୁଗ୍ମ ସମ୍ପାଦକ ନବ କିଶୋର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୂଆ ଏନ୍‌ଏସିରୁ ପୁରୀ ଜିଲ୍ଲା ବାଦ୍

ପୁରୀ(ବ୍ୟୁରେ):

ନୂଆ ଏନ୍‌ଏସି ତାଲିକାରେ ପୁରୀ ଜିଲାର ନାମ ନାହିଁ ।ସତ୍ୟବାଦୀ ଓ ବ୍ରହ୍ମଗିରିକୁ ଏନଏସି କରିବା ନିମନ୍ତେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି । ବିଧାନସଭା ନିର୍ବାଚନ ସମୟରେ ଶାସକ ଦଳ ପ୍ରାର୍ଥୀ ଏଥିପାଇଁ ପ୍ରତିଶୃତି ଦେଇ ଆସୁଛନ୍ତି । ଆଗାମୀ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥ?ିବା ନୂଆ ଏନ୍‌ଏସି ତାଲିକାରେ ପୁରୀ ଜିଲାକୁ ଗୋଟିଏ ହେଲେ ଏନ୍‌ଏସି ଦିଆଯାଇ ନାହିଁ । ଏଥିଯୋଗୁ ସତ୍ୟବାଦୀ ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏନ୍‌ଏସି ମାନ୍ୟତା ପାଇଁ ଏହି ଦୁଇଟି ବଜାରର ସମସ୍ତ ଯୋଗ୍ୟତା ରହିଛି । ଆବଶ୍ୟକ ଜନସଂଖ୍ୟା ସମେତ ଭୌଗଳିକ ଚିତ୍ର ନୂଆ ଏନ୍‌ଏସି ପାଇଁ ରହିଥିବା ମାନଦଣ୍ଡ ପୂରଣ କରୁଛି ।ଏହାଛଡ଼ା କାକଟପୁରକୁ ଏନ୍‌ଏସି ଘୋଷଣା ପାଇଁ ମଧ୍ୟ ବହୁଦିନରୁ ଦାବି ହୋଇ ଆସୁଛି । ରାଜ୍ୟର ଅନ୍ୟ କେତେକ ଅପେକ୍ଷାକୃତବଜାରକୁ ସରକାର ଏନ୍‌ଏସି ଭାବେ ଘୋଷଣା କରିଛନ୍ତି । ଯାଜପୁର ଜିଲାକୁ ଚାରି ଚାରୋଟି ନୂଆ ଏନ୍‌ଏସି ମିଳିଥିବା ବେଳେ ଅନ୍ୟ କେତେକ ଜିଲାକୁ ଦୁଇଟି ଲେଖାଏଁ ନୂଆ ଏନ୍‌ଏସି ମିଳିଛି । ତେବେ ପୁରୀ ଜିଲ୍ଲା କୁ ଗୋଟିଏ ହେଲେ ଏନ୍‌ଏସି ନମିଳିବା ଘଟଣା ଶିକ୍ଷିତ ବୁଦ୍ଧିଜୀବିଙ୍କୁ ଆଚମ୍ବିତ କରିଛି ।ସେହିପରି କୋଣାର୍କ, ପିପିଲି କିମ୍ବା ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ମଧ୍ୟରୁ କାହାରିକୁ ପୌରସଂସ୍ଥାକୁ ଉନ୍ନୀତ କରାଯାଇନାହିଁ ।ସ୍ଥାନୀୟ ଅଧିବାସୀଙ୍କ ଆନ୍ଦୋଳନ ପରେ ବୀରମହାରାଜପୁରକୁ ନୂଆ ଏନ୍‌ଏସି ତାଲିକାରେ ସାମିଲ କରାଯାଇଛି । କିନ୍ତୁ ପୁରୀଜିଲାର କୌଣସି ରାଜନେତା କିମ୍ବା ସଙ୍ଗଠନ ମୁହଁ ଖୋଲୁନଥିବାରୁ ପୁରୀ ଜିଲା ନୂଆ ଏନ୍‌ଏସି ପାଇବାରୁ ବଞ୍ଚିତ ହୋଇଛି । ଆଗାମୀ ନିର୍ବାଚନରେ ଦଳୀୟ ଟିକେଟ କଟିଯିବା ଭୟରେ ରାଜ୍ୟ ସରକାରଙ୍କ ଏଭଳି ଅବିଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବିଜେଡିର କୌଣସି ନେତା ସାହସ କରୁନାହାନ୍ତି । ସେହିପରି ବିଜେପି ଓ କଂଗ୍ରେସ ଦଳ ନେତାଙ୍କ ନିରବତା ସାଧାରଣରେ ଘୋର ବିସ୍ମୟ ସୃଷ୍ଟି କରିଛି । ଅନୁଗୋଳ ଜିଲାର ପାଲଲହଡା ଓ ଛେଣ୍ଡିପଦା, ବାଲେଶ୍ୱର ଜିଲାର ବସ୍ତା ଓ ସିମୁଳିଆ, ବରଗଡ ଜିଲାର ପାଇକମାଳ ଓ ଭେଡେନ, ଭଦ୍ରକ ଜିଲାର ଆଗରପଡା, ବଲାଙ୍ଗୀର ଜିଲାର ବେଲପଡା ଓ ସଇଁତଲା, ଯାଜପୁର ଜିଲାର ବିଞ୍ଝାରପୁର, ପାଣିକୋଇଲି, ଜାରକା, ଚଣ୍ଡିଖୋଲ, କଳାହାଣ୍ଡି ଜିଲାର ଜୟପାଟଣା, କନ୍ଧମାଳ ଜିଲାର ରାଇକିଆ, କୋରାପୁଟ ଜିଲାର ବୋରିଗୁମା, ନୂଆପଡା ଜିଲାର ସିନାପାଲି, ରାୟଗଡା ଜିଲାର ଚାନ୍ଦିଲି, ମୁନିଗୁଡା ଓ ବିସମ କଟକ, ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି, ସୁନ୍ଦରଗଡ ଜିଲାର ବଣେଇ, ଗଞ୍ଜାମ ଜିଲାର ସେରଗଡ ଓ କୁକୁଡାଖଣ୍ଡିକୁ ଏନ୍‌ଏସି ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪ ତାରିଖ ଘୋଷଣା କରିଥିଲେ । ଏ କ୍ଷେତ୍ରରେ ପୁରୀ ଜିଲା ପ୍ରତି ରାଜ୍ୟ ସରକାର ପକ୍ଷପାତ ଏବଂ ଅବହେଳା କରିଥିବା ଅଭିଯୋଗ ହୋଇଛି ।

# ଘରୋଇ ଉପାୟରେ ସ୍କ୍ରବ୍

*ମହିଳାମାନେ ସାଧାରଣତଃ ନିଜ ତ୍ୱଚାକୁ ନେଇ ସବୁବେଳେ ଚିନ୍ତିତ ଥାଆନ୍ତି। ତେଣୁ ସେମାନେ ବାହାରକୁ ଯିବା ସମୟରେ ମୁହଁରେ କପଡାକୁ ବାନ୍ଧି ଯାଇଥାଆନ୍ତି। ଯାହାଫଳରେ ମୁହଁରେ ବାହାରର ଧୂଳି-ମଳି ଲାଗିବାର ସମ୍ଭାବନା ନଥାଏ। ଏହାସତ୍ତ୍ୱେ ଆମ ମୁହଁରେ ବାହାରର ଧୂଳି ଲାଗିଯାଇଥାଏ। ଯାହା ଖାଲି ଆଖିକୁ ଦେଖାଯାଇନଥାଏ। ଏହି ଧୂଳି ବହୁ ଦିନ ପର୍ଯ୍ୟନ୍ତ ରହିଯିବା ଦ୍ୱାରା ଏକପ୍ରକାରର କଳା ଆବରଣ ମୁହଁରେ ଜମି ରହିଯାଇଥାଏ। ତେଣୁ ଏହାକୁ ସଫା କରିବା ପାଇଁ ସପ୍ତାହକୁ ଦୁଇ ଥର ମୁହଁକୁ ସ୍କ୍ରବ୍ କରିବା ଉଚିତ୍। ତେବେ ଏଥିପାଇଁ ଆପଣ ଘରୋଇ ଉପାୟରେ ମଧ ସ୍କ୍ରବ୍ କରିପାରିବେ, ଯାହାଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ଫେରିପାଇପାରିବେ।*

◆ ଘରେ ବ୍ୟବହାର ହେଉଥିବା ଅଟାର ଚୋକଡ଼ରେ ଅଳ୍ପ କିଛି ଗୋଲାପ ଜଳ କିମ୍ବା କ୍ଷୀର ମିଶାଇ ଦିଅନ୍ତୁ, ଏହାପରେ ଉକ୍ତ ମିଶ୍ରଣକୁ ମୁହଁରେ ହାଲ୍‌କା ଭାବେ ଘଷନ୍ତୁ, ଅଳ୍ପ ସମୟ ପରେ ମୁହଁକୁ ଧୋଇଦିଅନ୍ତୁ।

◆ ଏକ ବଡ଼ ଚାମଚ ନଡ଼ିଆ ତେଲ ଏବଂ ବଡ଼ ଚାମଚ ଲୁଣ ମିଶାଇ ଦିଅନ୍ତୁ। ଏହାର ମିଶ୍ରଣକୁ ନେଇ ଆସ୍ତେ ଆସ୍ତେ ମସାଜ୍ କରନ୍ତୁ। ଏହାର ୨ ମିନିଟ୍ ପରେ ଧୋଇଦିଅନ୍ତୁ।

◆ ଏକ ବଡ଼ ଚାମଚ ଚାଉଳର ଗୁଣ୍ଡ ଏବଂ ୨ ଚାମଚ ଦହି ମିଶାଇ ମୁହଁରେ ହାଲ୍‌କା ଭାବେ ଲଗାଇ କିଛି ସମୟରେ ପରେ ଧୋଇଦିଅନ୍ତୁ।

◆ ୧ ଛୋଟ ଚାମଚ ଚିନି ଏବଂ ୨ ଛୋଟ ଲେମ୍ବୁର ରସକୁ ମିଶାଇ ସ୍କ୍ରବ୍ କରନ୍ତୁ, ଅଳ୍ପ ସମୟ ପରେ ଏହାକୁ ଭଲଭାବେ ଧୋଇଦିଅନ୍ତୁ। ଯଦି ଆପଣଙ୍କ ମୁହଁରେ ଲେମ୍ବୁ ଲଗାଇଲେ କୁଣ୍ଡେଇ ହେଉଛି ତେବେ ଲେମ୍ବୁ ବଦଳରେ ଗୋଲାପଜଳ ବ୍ୟବହାର କରିପାରିବେ।


◆ କମଳା ଚୋପାକୁ ଶୁଖାଇ ଗୁଣ୍ଡ କରିଦିଅନ୍ତୁ। ଏହାପରେ ଉକ୍ତ ପାଉଡରରେ ଦହି ମିଶାଇ ଆସ୍ତେ ଆସ୍ତେ ଘସି ଦିଅନ୍ତୁ। ଏହା ଅଳ୍ପ ସମୟ ପରେ ଧୋଇଦିଅନ୍ତୁ।

◆ କିଛି ବାଦାମକୁ ରାତିରେ ଭିଜାଇ ରଖିଦିଅନ୍ତ, ଏହାପରେ ତାକୁ ଗ୍ରାଇଣ୍ଡିଙ୍ଗ କରି ସେଥିରେ କିଛି କଞ୍ଚା କ୍ଷୀର ମିଶାଇ ମିହଁରେ ଘସନ୍ତୁ, ଯାହା ସ୍କ୍ରବ୍ ଭଳି ଆପଣଙ୍କ କାମରେ ଆସିବ।

◆ ସେଓର ମଞ୍ଜିକୁ କାଢି ତାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟରେ ଅଳ୍ପ ମହୁ ମିଶାଇ ସ୍କ୍ରବ ଭଳି ଲଗାଇ ଘସନ୍ତୁ।

◆ ରାତିରେ ମେଥିକୁ ବତୁରେଇ ଦିଅନ୍ତୁ। ଏହାପରେ ସକାଳୁ ତାକୁ ଭଲଭାବେ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ଏହାପରେ ତାକୁ ପାଣି ମିଶାଇ ମୁହଁରେ ଘସନ୍ତୁ।

◆ ସମାନ ମାତ୍ରାରେ ବେକିଂ ସୋଡା ଏବଂ ଓଟସ୍‌କୁ ଆଣି ମିଶାଇ ୫ ମିନିଟ୍ ପର୍ଯ୍ୟନ୍ତ ଗିନାରେ ରଖିଦିଅନ୍ତୁ। ଏହାପରେ ଏହାକୁ ମୁହଁରେ ଲଗାଇ ଦିଅନ୍ତୁ। ଯାହା ଆପଣଙ୍କୁ ସ୍କ୍ରବ୍ ଭଳି କାମ ଦେବ।



# କେତେ ନିରାପଦ ଗର୍ଭ ନିରୋଧକ ବଟିକା ?



**ଡାକ୍ତର ଶୁଭଶ୍ରୀ ମିଶ୍ର**

**ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନିୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ ।**

କ୍ଲିନିକରେ ପଶିଲା ବେଳକୁ ମୋତେ ଅପେକ୍ଷା କରିଥାଏ ରାଜଶ୍ରୀ। କଲେଜ ବେଳର ସାଙ୍ଗ, ବିବାହ ପରେ ତା ସହିତ ଆଉ ସେପରି ଯୋଗାଯୋଗ ବି ନଥିଲା। ସେ ମୁମ୍ବାଇରେ ରହୁଥିବାରୁ ଯିବା ଆସିବା ସମ୍ପର୍କ ବି ସମ୍ଭବ ନୁହେଁ। ବହୁଦିନ ପରେ ଦେଖା ହେବାରୁ ଖୁସି ଲାଗିଲା ତା ପାଇଁ ଚା ମଗାଇଲି ଓ ପଚାରିଲି ଆଉ କେମିତି କୁଆଡ଼େ ମୋତେ ମନେ ପକାଇଲୁ ? କହିଲା 'ତୋ ସାଙ୍ଗରେ ଟିକିଏ କଥା ଥିଲା ତ'। ମୁଁ କହିଲି ତୋ ସାଙ୍ଗ ଜଣେ ଡାକ୍ତରାଣୀ ମୋତେ ସବୁ କଥା ଖୋଲି କରି କହ। ଚାପି ରଖିଥିବା କଥାଟିକୁ ମୋ ଆଗରେ ଖୋଲି କହିଲା 'ତୁ ତ ଜାଣୁ, ମୋର ଗୋଟିଏ ପୁଅ। ଆମେ ବି ଆଉ ପିଲା ଚାହୁଁନୁ। ତେବେ ଗର୍ଭନିରୋଧକ ବଟିକା ମୁଁ ନିୟମିତ ଖାଉଛି ଯେ ମଝିରେ ଖବର କାଗଜରେ ବାହାରିଥିଲା ଏ ବଟିକା କୁଆଡ଼େ ଭଲ ନୁହେଁ।' ମୁଁ ତାକୁ କହିଲି ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ କେବଳ ୪୮.୫ % ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ । ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ବାହାରିଛି। ଏହାକୁ ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ିଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୂଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୂଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼୍ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।


ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ:୯୮୬୧୪୬୩୪୦୬


## ରୋଷେଇବାସ

### ମସଲା ବ୍ରେଡ୍

**ସାମଗ୍ରୀ :** ୮- ୧୦ ଖଣ୍ଡ ବ୍ରେଡ, ୩ଟି ଟମାଟୋ, ୨ଟି ପିଆଜ, ୨-୩ଟି କଞ୍ଚାଲଙ୍କା, ୧-୨ କୋଳା ରସୁଣ, କିଛି କଟାଅଦା, କଟା ଧନିଆପତ୍ର, ଜିରାଗୁଣ୍ଡ, ଆମଚୁର ପାଉଡର, ହଳଦୀଗୁଣ୍ଡ, ଗୋଟେ ଚାମଚ ତେଲ, ସ୍ୱାଦ ଅନୁସାରେ ଲୁଣ, ଗୋଟିଏ କପ୍ ପାଣି ଏବଂ ଖାଦ୍ୟକୁ ସଜାଇବା ପାଇଁ କିଛି ଡାଳିମ୍ବ ମଞ୍ଜି।

**ପ୍ରସ୍ତୁତି :** ପିଆଜ, ଧନିଆ, କଞ୍ଚାଲଙ୍କା, ଅଦା ଓ ରସୁଣକୁ ଏକସଙ୍ଗେ ବାଟି ଦିଅନ୍ତୁ। ମନେରଖନ୍ତୁ ଟମାଟୋକୁ ଅଲଗା ବାଟିବେ।

ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ ଗୋଟିଏ ଚାମଚ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ କିଛି ଜିରା ପକାନ୍ତୁ। ଏହା ପରେ ବଟା ଯାଇଥିବା ମସଲା ଢାଳନ୍ତୁ। ପରେ ଟମାଟର ବଟା ଢାଳି ଆଉଥରେ ଭଲଭାବେ ଗୋଳାନ୍ତୁ। ଏଥିରେ ଧନିଆ, ହଳଦୀ, ପାଣି ଏବଂ ଲୁଣ ପକାଇ ବ୍ରେଡ୍ ପକାନ୍ତୁ। ବ୍ରେଡ୍ ପୂରା ଯେମିତି ପାଣି ଟାଣିନେବ। ବର୍ତ୍ତମାନ ପ୍ଲେଟ୍‌କୁ କାଢ଼ି ସେଥିରେ ଡାଳିମ୍ବ ମଞ୍ଜି, କିଛି ସେଓ ଗାଣ୍ଠିଆ ଏବଂ କଟାଯାଇଥିବା ଧନିଆପତ୍ର ପକାଇ ଗରମ ଗରମ ପରଷନ୍ତୁ।



# ଚମ୍ପାକଢ଼ି ପରି ଅଙ୍ଗୁଳି ଦିଶିବ



**ସୌନ୍ଦର୍ଯ୍ୟକଥା ଉଠିଲେ କେବଳ ମୁହଁ ନୁହେଁ, ହାତ ଓ ପାଦ ଅଙ୍ଗୁଳି ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଥାଏ। ଦେଖାଯାଏ କିଛି ମହିଳାଙ୍କର ଆଙ୍ଗୁଠି କଳାପଡିଯାଏ । ଏହାକୁ ଦୂର କରିବା ପାଇଁ ସେମାନେ ପାର୍ଲର ଯାଇଥାନ୍ତି କିମ୍ବା ଦାମୀ କ୍ରିମ୍ ଆଣି ବ୍ୟବହାର କରିଥାନ୍ତି । କିନ୍ତୁ ଏପରି ସାମାନ୍ୟ ସମସ୍ୟାକୁ ଆପଣ ଘରେ ବସି ଆରାମରେ ଦୂର କରିପାରିବେ ।**

√ କ୍ଷୀରରୁ ପ୍ରସ୍ତୁତ ମଲେଇରେ ତ୍ୱଚାର ରଙ୍ଗ ସଫା କରିବାର ଗୁଣ ଥାଏ । ଯଦି ଆପଣଙ୍କର ଆଙ୍ଗୁଠି କଳା ହୋଇଛି ତେବେ ଅଳ୍ପ ମଲେଇ ଲଗାଇ ୧୦ ମିନିଟ ପରେ ଉଷୁମ ପାଣିରେ ହାତ ଧୋଇଦେବେ । ଏହି ପ୍ରାକୃତିକ ସାମଗ୍ରୀକୁ ପ୍ରତିଦିନ ବ୍ୟବହାର କରିପାରିବେ ।

√ ଲେମ୍ବୁରେ ବ୍ଲିଚିଙ୍ଗ ଏଜେଣ୍ଟ ରହିଥାଏ ଯାହା ତ୍ୱଚାରେ ଚମକ ଆଣିଥାଏ । ୨-୩ ଚାମଚ ଲେମ୍ବୁ ରସରେ ଅଳ୍ପ ଉଷୁମ ପାଣି ମିଶାଇ ହାତକୁ ୧୫ ମିନିଟ ପର୍ଯ୍ୟନ୍ତ ସେହି ପାଣି ବୁଡାଇ ରଖନ୍ତୁ । ପରେ ହାତକୁ ହାଲକା ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

√ଏହି ତେଲରେ ଉଭୟ ସ୍କିନ୍ ହ୍ୱାଇଟନିଙ୍ଗ ଏବଂ ନରିଶିଙ୍ଗ ପ୍ରପଟି ରହିଥାଏ ଯାହା ତ୍ୱଚାର ରଙ୍ଗରେ ଚମକ ଆଣିଥାଏ । ଭିଟାମିନ ଇ କ୍ୟାପସୁଲକୁ ନିଜ ଆଙ୍ଗୁଠିରେ ରଗଡ଼ନ୍ତୁ ଏବଂ ୧୦ ମିନିଟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

√ ଆଙ୍ଗୁଠିରେ ଦହି ଲଗାଇ ୨୦ ମିନିଟ ପର୍ଯ୍ୟନ୍ତ ରଖନ୍ତୁ । ପରେ ଥଣ୍ଡା ପାଣିରେ ହାତ ଧୋଇ ଦିଅନ୍ତୁ । ସପ୍ତାହକୁ ୪-୫ ଥର ଏପରି କରନ୍ତୁ ।

√ ବାଦାମ ତେଲକୁ ଗୋଲାପ ଜଳ ସହ ମିଶ୍ରଣ କରନ୍ତୁ । ପରେ ଏହି ପେଷ୍ଟକୁ ଆଙ୍ଗୁଠିରେ ଲଗାଇ କିଛି ସମୟ ପର୍ଯ୍ୟନ୍ତ ରଖନ୍ତୁ । ପରେ ଗରମ ପାଣିରେ ହାତ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇ ଥର ଏହି ପେଷ୍ଟର ବ୍ୟବହାର କରନ୍ତୁ ।

√ ବେକିଙ୍ଗ ସୋଡାରେ ଆଷ୍ଟ୍ରିଜେଣ୍ଟ ରହିଛି । ଏକ ପାତ୍ରରେ ଗରମ ପାଣି ନେଇ ବେକିଙ୍ଗ ସୋଡା ପକାନ୍ତୁ ଏବଂ ସେଥିରେ ହାତକୁ ୧୫ ମିନିଟ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ପରେ ହାତକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

√ ଗ୍ଲିସେରିନ କଳାପଣ ଦୂର କରିପାରେ ସହାୟକ ହୋଇଥାଏ । ଏକ ପାତ୍ରରେ ଗରମ ପାଣି ନେଇ ସେଥିରେ ଅଧା ଚାମଚ ଗ୍ଲିସେରିନ ମିଶ୍ରଣ କରନ୍ତୁ ଏବଂ ସେହି ପାଣିରେ ୧୦ ମିନିଟ ପର୍ଯ୍ୟନ୍ତ ଆଙ୍ଗୁଠିକୁ ବୁଡାଇ ରଖନ୍ତୁ ।






# ମିଲେଟମୋର ପକ୍ଷରୁ ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଡ଼ାଣ

**ଭୁବନେଶ୍ୱର,(ବ୍ୟୁରୋ):** ଶରୀରକୁ ସୁସ୍ଥ ରଖିବା ପାଇଁ ଶାରୀରିକ ପରିଶ୍ରମ ଓ ବ୍ୟାୟାମର ଯେତିକି ଆବଶ୍ୟକତା ରହିଛି ତାଠାରୁ ଅଧିକ ଆବଶ୍ୟକତା ରହିଛି ଉପଯୁକ୍ତ ଖାଦ୍ୟ ପଦାର୍ଥ ଗ୍ରହଣ କରିବା ଉପରେ। ସାଧାରଣ ଜୀବନ ଶୈଳୀରେ ଲୋକମାନେ ଚାଉଳ, ଗହମକୁ ମୁଖ୍ୟ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ବେଳେ ବ ର୍ତ୍ତମାନ ମିଲେଟ ବା ମାଣ୍ଡିଆକୁ ଏଥିରେ ସାମିଲ କରିଛନ୍ତି। ମାଣ୍ଡିଆ ସ୍ୱାସ୍ଥ୍ୟ ଉପଯୋଗୀ ଓ ଭିଟାମିନ ଯୁକ୍ତ ହୋଇଥିବାରୁ ବଜାରରେ ଏହାର ଚାହିଦା ବଢିବାରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମାଣ୍ଡିଆ ଉତ୍ପାଦନ ବୃଦ୍ଧି, ଉଦ୍ୟୋଗ ସୃଷ୍ଟି ଓ ଏଥିରୁ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ପାଇଁ ପ୍ରତ୍ସାହନ ଯୋଗାଇ




ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ମିଲେଟମୋର ଆଗ୍ରୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଇସେଟି ସ୍ଥିତ ଓ-ହବରେ ଏକ ଶହରୁ ଉର୍ଦ୍ଧ୍ୱ ଏସଏଚଜି ଓ ଏଫପିଓ ମହିଳା ଉଦ୍ୟୋଗୀଙ୍କୁ ନେଇ ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଡାଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀ ବ୍ରଜକିଶୋର ସ୍ୱାଇଁ ଯୋଗଦେଇ କହିଥିଲେ ପୂର୍ବରୁ ଓଡିଶାର ଲୋକମାନେ ମାଣ୍ଡିଆକୁ କେବଳ ଜାଉ ଭାବରେ ବ୍ୟବହାର କରୁଥିଲେ। ବ ର୍ତ୍ତମାନ ସ୍ଥିତି ବଦଳି ଯାଇଛି। ଓଡିଶାରେ ମାଣ୍ଡିଆରୁ ବିଭିନ୍ନ ପ୍ରକାର ରୁଚିପୂର୍ଣ୍ଣ ଖାଦ୍ୟ ମିଠା, ପିଠା ବିସ୍କୁଟ, ଲଡୁ, ନୁଡୁଲ୍ସ, କେକ୍ ଓ ବ୍ରେଡ ଇତ୍ୟାଦି ପ୍ରସ୍ତୁତ ହୋଇ ପାରୁଛି। ଏହି ଉତ୍ପାଦ ବିଶ୍ୱ ବଜାରରେ ନିଶ୍ଚିତ ଆଦର ଲାଭ କରିବ। ଓଡିଶାର ଚାଷୀ ଓ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ନିର୍ଦ୍ଦେଶକ ସୁଶିଲ କୁମାର ଦାସ, ସାଧାରଣ ପରିଚାଳକ ଶ୍ରୀଶ୍ ଲେଙ୍କା, ବ୍ୟବସାୟ ସହଭାଗୀ ସୁମିତ୍ରା ସାହୁ ଅଂଶଗ୍ରହଣ କରି ଭବିଷ୍ୟତରେ ୫୦୦ରୁ ଉର୍ଦ୍ଧ୍ୱ ଏଫପିଓ ସହିତ ଯୋଡି ହେବାକୁ ଯୋଜନା ପ୍ରସ୍ତୁତ କରିଥିବା କହିଥିଲେ। କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀମାନଙ୍କୁ ବିଭିନ୍ନ ଖାଦ୍ୟ ପ୍ରଦାର୍ଥ ପ୍ରସ୍ତୁତି ପ୍ରଣାଳୀ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଗ୍ରୋଦ୍ୟାନ ନିର୍ଦ୍ଦେଶକ ହର ପ୍ରସାଦ, ମହିରା ଫାର୍ମର ପ୍ରଡ୍ୟୁସର ନିର୍ଦ୍ଦେଶକ କୁମୁଦିନୀ ସ୍ୱାଇଁ, ସ୍ମାଇଲ ଫାଉଣ୍ଡେସନ ନିର୍ଦ୍ଦେଶକ ଆଶିଷ ଝା ଓ ସୀମା ଆଗ୍ରୋ ଫୁଡ ଉଦ୍ୟୋଗର ପ୍ରଭାକର ମହାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଗମନାଗମନ, ପରିବହନ, ଯାତ୍ରୀ ସୁବିଧା ପାଇଁ ଏକକାଳୀନ ଓଡିଶାର ୨୧ଟି ରେଳ ଷ୍ଟେସନ ପୁନର୍ବିକାଶ

**ଭୁବନେଶ୍ୱର,(ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଯାହାର ଶିଳାନ୍ୟାସ କରନ୍ତି ତାହାର ଶୁଭ ଉଦ୍‌ଘାଟନ ମଧ୍ୟ କରିଥାନ୍ତି। ମୋଦିଜୀ ଶାସନକୁ ଆସିବା ପରେ ଭାରତୀୟ ରେଳରେ ଆଧୁନିକୀକରଣ ଓ ଦ୍ରୁତ ରେଳସେବା ନିମନ୍ତେ ସଂକଳ୍ପ ନେଇଛନ୍ତି। ମୋଦିଜୀ ଆଜି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୪୧ହଜାର କୋଟି ବ୍ୟୟରେ ସାରା ଦେଶରେ ୫୫୪ଟି ରେଳ ଷ୍ଟେସନର ପୁନର୍ବିକାଶ ଏବଂ ୧୫ଶହ ରୋଡ୍ ଓଭର ବ୍ରିଜ୍, ଅଣ୍ଡରପାସ୍‌ର ଶିଳାନ୍ୟାସ ଉଦ୍‌ଘାଟନ କରିଛନ୍ତି। ଦେଶ ଆଜି ଯାହା ବି କରୁଛି, ତାହା ଦୃତଗତିରେ କରୁଛି। ଆମେ ବଡ ସ୍ୱପ୍ନ ଦେଖୁଛୁ ଏବଂ ତାହାକୁ ସାକାର କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛୁ। ଏହି ସଂକଳ୍ପ 'ବିକଶିତ ଭାରତ ବିକଶିତ ରେଳସେବା କାର୍ଯ୍ୟକ୍ରମରେ ଦୃଶ୍ୟମାନ ହେଉଛି। 'ଅମୃତ ଭାରତ ଷ୍ଟେସନ ଉଭୟ ବିକାଶ ଏବଂ ଐତିହ୍ୟର ପ୍ରତୀକ। ସେହିପରି ଓଡ଼ିଶାରେ ୨୧ଟି ଷ୍ଟେସନ ଯଥା-ରାୟଗଡା, ଭଦ୍ରକ, ବାଲେଶ୍ୱର, ଟିଟିଲାଗଡ ଜଙ୍କ୍‌ସନ୍, କେସିଙ୍ଗା, କୋରାପୁଟ ଜଙ୍କ୍‌ସନ୍, ସମ୍ବଲପୁର ସିଟି, ଝାରସୁଗୁଡା ରୋଡ୍, ଜୟପୁର, ରଘୁନାଥପୁର, ବେଲପାହାଡ, ପାରାଦୀପ, ପାନପୋଷ, ବେତନଟି, ତାଳଚେର, ପାରଳାଖେମୁଣ୍ଡି, କେନ୍ଦୁଝରଗଡ, ବିମଳାଗଡ, ଜରୋଲି, ରାଇରଙ୍ଗପୁର ଓ ବ୍ରଜରାଜ ନଗର ପୁନର୍ବିକାଶ ଓ ୫୨ଟି ସ୍ଥାନରେ ରେଲଓ୍ୱେ ଅଣ୍ଡରପାସ/ ଓଭରବ୍ରିଜର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ରୁଫ୍ ପ୍ଲାଜା, ସପିଙ୍ଗ୍ ଜୋନ୍, ଫୁଡ୍ କୋର୍ଟ, ପିଲାମାନଙ୍କ ଖେଳ ପରିସର, ଭିନ୍ନ ଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ବହୁସ୍ତରୀୟ ପାର୍କିଙ୍ଗ, ଲିଫ୍ଟ, ଏସ୍କାଲେଟର୍, ଏକ୍‌ଜିକ୍ୟୁ ଇତ୍ୟାଦି ନୂତନ ସୁବିଧା ଯୋଡି ସିଟି ସେଂଟରରେ ପୁନର୍ବିକାଶ କରିଛନ୍ତି। ଐତିହାସିକ ପଦକ୍ଷେପ ତଥା ଓଡିଶାରେ ରେଳ ନବୀକରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତୀୟ ରେଳରେ ଆବଶ୍ୟକୀୟ ନବୀକରଣକୁ ପୂର୍ବବର୍ତ୍ତୀ ସରକାର ସେଭଳି ବିଶେଷ ଗୁରୁତ୍ୱ ନଦେବା ଓ ଓଡ଼ିଶାକୁ ଅବହେଳା କରିବା, ଓଡ଼ିଶାବାସୀଙ୍କୁ ମର୍ମାହତ କରିଥିଲା। ଦେଶର ପ୍ରତ୍ୟେକ ପ୍ରାନ୍ତର ଉନ୍ନତୀକୁ ଅଗ୍ରାଧିକାର ଦେଉଥିବା ମୋଦି ସରକାର ରେଳ ନବୀକରଣର ସ୍ୱପ୍ନକୁ ସାକାର କରିବାରେ ସକ୍ଷମ ହୋଇଛି 'ମୋଦି ସରକାରଙ୍କ ଗ୍ୟାରେଂଟି' ମାଧ୍ୟମରେ। ଆଜିର ଦିବସ/ '୨୬ ଫେବୃୟାରୀ, ୨୦୨୪' ରେଳ ସେବା ଇତିହାସରେ ଏକ ସ୍ୱର୍ଣ୍ଣିମ ତଥା ଐତିହାସିକ ଦିବସଭାବେ ଲିପିବଦ୍ଧ ହୋଇ ରହିବ। ଭାରତୀୟ ରେଳ ଦେଶରେ ଗମନା ଗମନ ଓ ପରିବହନ କ୍ଷେତ୍ରରେ ମୁଖ୍ୟ ଆଧାର ପାଲଟିବା ସହିତ, ଦେଶବାସୀଙ୍କ ବଡ ବଡ ସ୍ୱପ୍ନକୁ ବାସ୍ତବତାର ରୂପ ଦେବାରେ ସକ୍ଷମ ହୋଇଛି ଏହି 'ମୋଦି ସରକାରଙ୍କ ଗ୍ୟାରେଂଟି' ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏହା ସହିତ ରାଜ୍ୟର ବିଭିନ୍ନ ରେଳ ଷ୍ଟେସନ ନିର୍ମିତ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ପ୍ରତିନିଧି ଓ ମାନ୍ୟଗଣ୍ୟ ନେତୃବୃନ୍ଦମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡ଼ିଶାରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶକୁ ପ୍ରଶଂସା

**ଭୁବନେଶ୍ୱର,(ବ୍ୟୁରୋ):** ସିଙ୍ଗାପୁରସ୍ଥିତ ଆଇଟିଇ ଏଜୁକେସନ ସର୍ଭିସେସର (ଆଇଟିଇଇଏସ୍) ସିଇଓ ବ୍ରୁସ୍ ପୋହ ଏବଂ ଏକ ପ୍ରତିନିଧି ଦଳ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନରେ ଆସିଛନ୍ତି। ସେଠାରେ ସୋମବାର ଦିନ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସେମାନେ ଯୋଗଦେଇ ରାଜ୍ୟର ଯୁବପିଢ଼ିଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ବିଭିନ୍ନ ସରକାରୀ ଆଇଟିଆଇ ଓ ପଲିଟେକନିକ୍ କଲେଜଗୁଡ଼ିକ କିପରି ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ସେନେଇ ମତାମତ ଗ୍ରହଣ କରିଥିଲେ। ଆଇଟିଇଇଏସର ସିଇଓ ବ୍ରୁସ୍ ପୋହ ଏବଂ ପ୍ରତିନିଧି ଦଳଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସ୍ୱାଗତ କରିଥିଲେ। ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରକୁ ଆଗକୁ ନେବାକୁ ହେଲେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇବା ସହ ନୂଆ ନୂଆ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ ବୋଲି ଏହି ଅବସରରେ ସେ କହିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଆଇଟିଆଇ ଓ ପଲିଟେକନିକ୍ କଲେଜର ଅଧ୍ୟକ୍ଷ, ପ୍ରଶିକ୍ଷକ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।




ବିଶ୍ୱ ଦକ୍ଷତା କେନ୍ଦ୍ରର ସହଯୋଗିତାରେ ସରକାରୀ ଆଇଟିଆଇ ଓ ପଲିଟେକନିକ୍ କଲେଜଗୁଡ଼ିକରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଲାଗି ଦିଆଯାଉଥିବା ଅତ୍ୟାଧୁନିକ ପାଠ୍ୟକ୍ରମ ବିଷୟରେ ସେମାନେ ବିସ୍ତୃତ ଭାବେ କହିଥିଲେ। ଶିଳ୍ପ ତାଲିମ ଓ ବୈଷୟିକ ଶିକ୍ଷା କ୍ଷେତ୍ରକୁ ଆସୁଥିବା ଯୁବପିଢ଼ିଙ୍କୁ ଅତ୍ୟାଧୁନିକ ଢା ।ରେ କିପରି ତାଲିମ ଦିଆଯିବ ସେନେଇ ୨୦୧୮ରେ ସିଙ୍ଗାପୁରରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ସାମାଜିକ ଅନୁଷ୍ଠାନ ଟେମାସେକ୍ ସହଭାଗିତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ସରକାରୀ ଆଇଟିଆଇ ଓ ପଲିଟେକନିକ୍ କଲେଜର ଅଧ୍ୟକ୍ଷ, ପ୍ରଶିକ୍ଷକ ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅତ୍ୟାଧୁନିକ ପ୍ରଶିକ୍ଷଣ ଫଳରେ ଆଇଟିଆଇ ଓ ପଲିଟେକନିକ୍ କଲେଜରେ ଶିକ୍ଷାଦାନର ଧାରାରେ କିପରି ବିଶେଷ ପରିବ ର୍ତ୍ତନ ଆସିପାରିଛି ସେ ବିଷୟରେ ପ୍ରଶିକ୍ଷକମାନେ ଉପସ୍ଥାପନ କରିଥିଲେ। ଏହାକୁ ଆଇଟିଇଇଏସର ସିଇଓ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହାସହ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ସିଇଓ ରେଘୁ ଜି, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ସଙ୍ଗରଣ ଗୋପାଳ, ଉପାଧ୍ୟକ୍ଷ ଡକ୍ଟର ଶୁଭଙ୍ଗ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ଆଉ ଏକ ନୂଆ ଉଚ୍ଚତାକୁ ନେବା ଲାଗି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ବିଭାଗ ଅଧୀନରେ ମୋଟ ୭ଟି ଅତ୍ୟାଧୁନିକ ବିଷୟରେ ତାଲିମ ଦିଆଯାଉଛି। ସିଙ୍ଗାପୁରର ଆଇଟିଇଇଏସ୍ ସଂସ୍ଥାର ସହଯୋଗରେ ଏହି ଅତ୍ୟାଧୁନିକ ତାଲିମ ପାଠ୍ୟକ୍ରମ ପରିଚାଳନା କରାଯାଉଛି।

# ଡ. କମଳାକାନ୍ତ କରଙ୍କ ଦ୍ୱାଦଶାହ ଅବସରରେ 'ସାଉଁଟା ସ୍ମୃତି' ଉନ୍ମୋଚିତ



**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଇସ୍କନ ଗୁଣ୍ଡିଚା ମନ୍ଦିରଠାରେ ଆ ର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ ଭେଷଜ ବିଶାରଦ ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମହାନ୍ ବ୍ୟକ୍ତିତ୍ୱ, ସମାଜସେବୀ ଡ. କମଳାକା ନ୍ତ କରଙ୍କ ଦ୍ୱାଦଶାହ ଅବସରରେ ଡ. କରଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାପର୍ଣ କରିବା ସହିତ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ସାଉଁଟା ସ୍ମୃତି' ପୁସ୍ତକ ଲୋକାର୍ପଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଗ୍ମୀ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥି ଭାବେ ଡ. ଚତୁର୍ଭୁଜ ନାୟକ, ଡ. ଭାବଗ୍ରାହୀ ପତ୍ରୀ, ଶୋଭନ କର, ସାରଦା ପ୍ରସାଦ କର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଂଯୋଜକ ନାରାୟଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇ ତାଙ୍କ ହୋମିଓପାଥିକ ଚିକିତ୍ସା, ସମାଜସେବା ତଥା ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅସହାୟ, ଅଭାବୀ ବ୍ୟକ୍ତିମାନଙ୍କ ସମସ୍ୟାକୁ ସମାଧାନ କରିବାରେ ସେ ଥିଲେ ସିଦ୍ଧହସ୍ତ। ଏପରି ବହୁମୁଖୀ ବ୍ୟକ୍ତିତ୍ୱ ସମାଜରେ ବିରଳ ଏବଂ ଆଜିର ଯୁବପିଢି ଡ. କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ମତପୋଷଣ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ରୁଙ୍ଗ୍‌ଟା ପକ୍ଷରୁ ପଶ୍ଚିମବଙ୍ଗର ଆସାନସୋଲ୍‌ରେ ଡିଲର ସମ୍ମିଳନୀ ଆୟୋଜିତ

**ଭୁବନେଶ୍ୱର,(ବ୍ୟୁରୋ):** ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସମନ୍ୱିତ ଇସ୍ପାତ ଏବଂ ଟିଏମଟି ବାର ଉତ୍ପାଦନକାରୀ ରୁଙ୍ଗଟା ଷ୍ଟିଲ ପଶ୍ଚିମବଙ୍ଗର ଏକ ପ୍ରମୁଖ ବିତରକ ଏସ୍‌ଭିଏନ୍ ଏଂଟରପ୍ରାଇଜେସ୍ ସହଯୋଗରେ ଆସାନସୋଲ୍‌ର ପାନୋରମା ୱାଟର ପାର୍କରେ ଏକ ଡିଲର ସମ୍ମିଳନୀ ଆୟୋଜନ କରିଥିଲ। ଏହି କାର୍ଯ୍ୟକ୍ରମ ଦୁଇ ସଂସ୍ଥା ମଧ୍ୟରେ ଥିବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଥିବା ବେଳେ ଏହି ଅଂଚଳରେ ଡିଲରମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଡିଲର ଯୋଗଦେଇଥିଲେ ଯେଉଁଥିରେ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ବିକାଶ ଓ ପାରସ୍ପରିକ ଅଭିବୃଦ୍ଧି ରଣନୀତି ଉପରେ ଆଲୋଚନା ପାଇଁ



ଭାବର ଆଦାନପ୍ରଦାନ ହୋଇଥିଲା। ରୁଙ୍ଗଟା ଷ୍ଟିଲ୍‌ର ବିଭିନ୍ନ ଉତ୍ପାଦ ଓ ସେବା ଉପରେ ସହଯୋଗୀମାନେ ପ୍ରତ୍ୟକ୍ଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଯାହା ବିତରକଙ୍କୁ ଉତ୍କର୍ଷ ପ୍ରଦାନ କରିବାରେ କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। ରୁଙ୍ଗଟା ଷ୍ଟିଲ୍‌ର ଏଭିପି ତଥା ସେଲ୍ସ ଆଣ୍ଡ ମାର୍କେଟିଂ (ଟିଏମଟି ଆଣ୍ଡ ୱାୟାର ରଡ୍) ମୁଖ୍ୟ ଅରବିନ୍ଦ କୁମାର କହିଛନ୍ତି ଯେ, "ଆମେ ନିୟମିତ ବ୍ୟବଧାନରେ ଆୟୋଜନ କରୁଥିବା ସମ୍ମିଳନୀକୁ ଉତ୍ସାହର ସହ ଅପେକ୍ଷା କରିଥାଉ କାରଣ ତାହା ଆମକୁ ଆସାନସୋଲରେ ରୁଙ୍ଗଟା ଷ୍ଟିଲ୍‌ର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଆମର ଗୁରୁତ୍ୱପୂର୍ଣ୍ଣ ପଶ୍ଚିମବଙ୍ଗ ବଜାରରେ ସମ୍ପ୍ରସାରଣ ପାଇଁ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିବା ବେଳେ ପାରସ୍ପରିକ ସଫଳତାକୁ ଆଗକୁ ବଢ଼ାଇବା ଲାଗି ଆମ ମୂଲ୍ୟବାନ ସହଯୋଗୀଙ୍କ ସହ ମିଶି କାମ କରିବାର ସୁଯୋଗ ପ୍ରଦାନ କରିଛି।"

# ଭୁବନେଶ୍ୱର ଟ୍ୟାକ୍ସ ବାର ଆସୋସିଏସନ୍ ପକ୍ଷରୁ ଜାତୀୟ ଟ୍ୟାକ୍ସ ସମ୍ମିଳନୀ ଆୟୋଜିତ

**ଭୁବନେଶ୍ୱର,(ବ୍ୟୁରୋ):** ଅଲ ଇଣ୍ଡିଆ ଫେଡେରେସନ୍ ଅଫ୍ ଟ୍ୟାକ୍ସ ପ୍ରାକ୍ଟିସନର୍ସର ସହଭାଗିତା ଏବଂ ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ ଦ୍ୱାରା ଆୟୋଜିତ ଏକଦିବସୀୟ ଟ୍ୟାକ୍ସ କନ୍‌ଫରେନ୍ସ ଭୁବନେଶ୍ୱର ଶହୀଦନଗରସ୍ଥିତ ହୋଟେଲ୍ ଏମ୍ପୟାର୍ସଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଡ. ବି.ଆର. ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଇନ୍‌କମ୍ ଟ୍ୟାକ୍ସ ପ୍ରିନ୍ସିପାଲ୍ କମିଶନର ସରୋଜ କୁମାର ମହାପାତ୍ର, ଏ.ଆଇ.ଏଫ୍.ଟ.ପି. ନ୍ୟାସ୍‌ନାଲ୍ ପ୍ରେସିଡେ ନାରାୟଣ ପ୍ରସାଦ ଜେନ୍, ଓଡ଼ିଶା ଷ୍ଟେଟ୍ ବାର କାଉନ୍‌ସିଲ୍‌ର ପୂର୍ବତନ ଚେୟାରମ୍ୟାନ ମାନସ ରଂଜନ ମହାପାତ୍ର ଯୋଗଦେଇଥିଲେ । ଏହି କନ୍‌ଫରେନ୍ସ ଏ.ଆଇ.ଏଫ୍.ଟି.ପି. ଇଷ୍ଟର୍ଣ୍ଣ ଜୋନ୍ ଅଧ୍ୟକ୍ଷ ବିବେକାନନ୍ଦ ମହାନ୍ତି ଓ ଭୁବନେଶ୍ୱର ଟ୍ୟାକ୍ସ ବାର୍ ସଭାପତି ରମେଶ ଧଳଙ୍କୁ ପ୍ରତ୍ୟେକ୍ଷ ତତ୍ତ୍ୱାବଧନାରେ ପରିଚାଳିତ ହୋଇଥିଲା । ରାଜ୍ୟ ତଥା ବାହାରୁ ଅନେକ ଟ୍ୟାକ୍ସ ପରାମର୍ଶଦାତା ଏଥିରେ ଯୋଗଦେଇ ଜି.ଏସ୍.ଟି. ଓ ଆଇକର ଆଇନ୍‌ର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ସହିତ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟର ସଫଳ ରୂପାୟନ ପାଇଁ ତୁଷାର ସାହୁ, ଗୋପାଳ ରାଉତ, ସରୋଜ ସାହୁ, ନିଳାଦ୍ରୀ ସାହୁ, ଦେବାଶିଷ ମିଶ୍ର, ତ୍ରୈଲୋକ୍ୟ ଶତପଥି, ସୁଶୀଲ୍ ସାମନ୍ତରାୟଙ୍କୁ ଧନ୍ୟବାଦ ଦେଇଥିଲେ କନ୍‌ପରେନ୍ସର ସେକ୍ରେଟାରୀ ପ୍ରଦେଶ ପଟ୍ଟନାୟକ । କନ୍‌ଫରେନ୍ସର ସଫଳତା ପାଇଁ ଏଥିରେ ଯୋଗ ଦେଇଥିବା ପ୍ରତ୍ୟେକ ଟ୍ୟାକ୍ସ ପରାମର୍ଶଦାତାଙ୍କୁ ପ୍ରଶାନ୍ତ ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ ।

# ଇନଗୁଭୁଚେଞ୍ଜୀ ଲିଡର୍ସ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର,(ବ୍ୟୁରୋ):** 'ବସ ଯାତ୍ରା' ଆୟୋଜନ କରିବାର ପ୍ରାୟ ତିନି ସପ୍ତାହ ପରେ ସରକାର ପବ୍ଲିକ୍ ଟ୍ରାନ୍ସପୋର୍ଟ ବସରେ ମହିଳା ଏବଂ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ମାଗଣା ଯାତ୍ରା ଯୋଗାଇଦେବାକୁ ବିଚାର କରିବାକୁ ସରକାରଙ୍କୁ ପୁଣି ଅନୁରୋଧ କରାଯାଇଛି। ଇନଗୁଭୁ ଚେ ଲିଡର୍ସ ନେତ୍ରୀ ପ୍ରାଚୀ ମିଶ୍ର ଏବଂ ପ୍ରଣୟ ମରୀ ଭୁବନେଶ୍ୱରର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସେଲ୍‌ରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ଏହି ସ୍ମାରକପତ୍ରରେ ଓଡିଶାର ନାଗରିକଙ୍କ ମୂଳ ଦସ୍ତଖତ ଆକାରରେ ଜନସାଧାରଣଙ୍କ ସମର୍ଥନର ପ୍ରମାଣ ରହିଛି। ଯେଉଁମାନେ ପୂର୍ବର ପ୍ୟାନେଲ ଆଲୋଚନା ଏବଂ ରାଜ୍ୟର ଏକାଧିକ ନାଗରିକ ସମାଜ ସଂଗଠନ ସହଭାଗିତାରେ ପ୍ରାଚୀ ଏବଂ ପ୍ରଣୟଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବସ ଯାତ୍ରାରେ ସାମିଲ ଥିଲେ। ସମର୍ପଣ ସେବା ଟ୍ରଷ୍ଟ ଫାଉଣ୍ଡେଶନର ପ୍ରତିନିଧୀ, ଏହାର ପ୍ରତିଷ୍ଠାତା ରେଖା ପ୍ରଧାନ ଏବଂ ଏସଏଚଜି ଗ୍ରୁପ ସଦସ୍ୟ ରଶ୍ମିତା ବାରିକ ମଧ୍ୟ ପ୍ରଣୟ ଏବଂ ପ୍ରାଚୀଙ୍କ ସହ ଯୋଗ ଦେଇଥିଲେ। ସେମାନେ 'ସେଫ୍ ଓଡିଶା ଫର୍ ହର'ର ପ୍ରତିଷ୍ଠାତା ଅଟନ୍ତି। ଯାହା ମହିଳାମାନଙ୍କ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଛି। 'ସେଫ୍ ଓଡିଶା ଫର ହର'ର ଏକ ପ୍ରତିନିଧୀ ଏହି ସ୍ମାରକପତ୍ରର ଏକ ନକଲ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଟୁକୁନି ସାହୁଙ୍କୁ ପ୍ରଦାନ କରିଥିଲେ ଏବଂ ବସ ଯାତ୍ରା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଖୋଲା ଚିଠି ଲେଖି ଏହାର କଭରେଜ ରିପୋର୍ଟ ଉପସ୍ଥାପନା କରିଥିଲେ। ଏହି ଅବସରରେ ପ୍ରାଚୀ ଏବଂ ପ୍ରଣୟ କହିଛନ୍ତି, ଆମେ ଆଶା କରୁଛୁ ମୁଖ୍ୟମନ୍ତ୍ରୀ ଏହି ସ୍ମାରକପତ୍ର ଉପରେ ବିଚାର କରିବେ। ରାଜ୍ୟରେ ନିର୍ବାଚନ ପୂର୍ବରୁ ନିର୍ଣ୍ଣାୟକ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏପରି ହେଲେ ମହିଳା ଏବଂ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କ ପାଇଁ ୧୦୦% ମାଗଣା ବସ ଯୋଜନା କାର୍ଯ୍ୟକାରୀ କରିବାରେ ଓଡିଶା ପୂର୍ବ ଭାରତର ପ୍ରଥମ ରାଜ୍ୟ ହେବ। ଏହି ପଦକ୍ଷେପ ବିଭିନ୍ନ ସାମାଜିକ ପୃଷ୍ଠଭୂମିର ମହିଳାମାନଙ୍କୁ ସଶକ୍ତ କରିବ, ସେମାନଙ୍କର ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକକୁ ଦୂର କରିବାରେ ସାହାଯ୍ୟ କରିବ ଏବଂ ଓଡ଼ିଶାକୁ ଅନ୍ତର୍ଭୁକ୍ତତା ଏବଂ ସମାନତା ଦିଗରେ ଆଗେଇ ନେବ। ସେମାନେ କହିଛନ୍ତି ତେଲେଙ୍ଗାନା, ତାମିଲନାଡୁ ଏବଂ କର୍ଣ୍ଣାଟକ ଭଳି ଆଇଟି ହବ ଥିବା ଦକ୍ଷିଣ ଭାରତୀୟ ରାଜ୍ୟମାନେ ମଧ୍ୟ ଏହି ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ପୂର୍ବାଂଚଳର ଏକ ପ୍ରମୁଖ ଆଇଟି ହବ ଭାବରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଓଡିଶାର ସକ୍ରିୟ ପଦକ୍ଷେପକୁ ବିଚାରକୁ ନେଇ ବର୍ତ୍ତମାନ ମହିଳାମାନଙ୍କ ପାଇଁ ମାଗଣା ଯାତ୍ରା ଭଳି ପଦକ୍ଷେପ ପ୍ରଣୟନ କରିବାର ଏକ ଉପଯୁକ୍ତ ସମୟ ବୋଲି ଚେ୍ ଲିଡର୍ସ ନେତାମାନେ ଉଲ୍ଲେଖ କରିଛନ୍ତି। ଓଡ଼ିଶାର ସରକାରୀ ବସ୍‌ରେ ମହିଳା ଏବଂ ଟ୍ରାନ୍ସଓମେନଙ୍କ ପାଇଁ ମାଗଣା ବସ୍ ଯାତ୍ରା ଦାବି କରି ପ୍ରାଚୀ ଏକ ଅନଲାଇନ ଅଭିଯାନ ଆରମ୍ଭ କରିସାରିଛନ୍ତି, ଯାହା ବ୍ୟାପକ ଦୃଷ୍ଟି ଆକର୍ଷଣ କରିଛି। ଏହି ଅଭିଯାନ ଏବଂ ବସ ଯାତ୍ରାକୁ ତୃତୀୟ ଲିଙ୍ଗ କଲ୍ୟାଣ ଟ୍ରଷ୍ଟ, ଆତ୍ମଶକ୍ତି ଟ୍ରଷ୍ଟ, ସେଂଟର ଫର ସସଷ୍ଟେନବୁଲ ୟୁଜ ଅଫ ନାଚ୍ୟୁରାଲ ଆଣ୍ଡ ସୋସିଆଲ ରିସୋର୍ସ, ସେଂଟର ଫର ପବ୍ଲିକ ପଲିସି ଅଲଟରନେଟିଭ, ଦ ହ୍ୟୁମାନିଟି, ମହିଳା ଶ୍ରମଜୀବୀ ମଂଚ ଓଡିଶା, ଏକତା ପରିଷଦ ଓଡିଶା, ଓଡ଼ିଶା ରେନବୋ କଲେକ୍ଟିଭ ଏବଂ ଭୁବନେଶ୍ୱର ବିକାଶ ସଂଗଠନ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି।

# ଏବର୍ଷ ଆରଟିଇରେ ୨୫% ମାଗଣା ଶିକ୍ଷାରୁ ବଞ୍ଚିତ ହେବେ ୩୫ ହଜାର ପିଲା

**ଭୁବନେଶ୍ୱର,(ବ୍ୟୁରୋ):** ଗଣଶିକ୍ଷା ସଚିବଙ୍କ ସହ ବିଭାଗର ଅଧିକାରୀ ମାନଙ୍କର ବଡ଼ ବଡ଼ ସ୍କୁଲ ମାଲିକଙ୍କ ସହ ମୁନାଫାଖୋରୀ ମଧୁଚନ୍ଦ୍ରିକା ଓ ବିଭାଗୀୟ ଅଯୋଗ୍ୟତା ପାଇଁ ରାଜ୍ୟରେ ୩୫ ହଜାରରୁ ଉର୍ଦ୍ଧ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ର ଛାତ୍ରୀ ଏବର୍ଷ ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ମାଗଣା ସିଟରେ ନାମ ଲେଖାରୁ ବଞ୍ଚିତ ହେବେ । ଏହି ଅଭିଯୋଗ ଆଣି ଓସେପା କାର୍ଯ୍ୟାଳୟରେ ଥିବା ଶିଖା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଓଡିଶା ଅଭିଭାବକ ମହାସଂଘର ୫୦ରୁ ଉର୍ଦ୍ଧ କର୍ମକର୍ତ୍ତା ଧାରଣା ଦେଇଥିଲେ । ପୂର୍ବରୁ ଏହି ସଂଗୀନ ଅଭିଯୋଗ ଆଣି ଓଡିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ମହାସଂଘ ଆଗରୁ ଏ ଭଳି ଏକ ଘୋଟାଲା ହେବାର ଅଛି ବୋଲି ଗଣଶିକ୍ଷା ସଚିବଙ୍କୁ ସଚେତନ କରିଥିଲକ୍ଷ ତା ସହିତ ସତର୍କ ମଧ୍ୟ କରିଥିଲ। ଏହି ନିଷ୍କ୍ରିୟତା ପାଇଁ ଶିକ୍ଷା ଅଧିକାର ଆଇନ୍ ଯାହାକି ଗରିବ, ଦଳିତ ଓ ଆଦିବାସୀ ଶ୍ରେଣୀର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ତାହା ଏ ବର୍ଷ ସମ୍ପୂର୍ଣ୍ଣ ଫେଲ୍ ମାରିବାକୁ ଯାଉଚି। ଗତ ବର୍ଷ ଓଡିଶା ଅଭିବଭକ ମହାସଂଘର ଜୋରଦାର ପ୍ରୟାସରେ ୪୨୬୪ ବେସରକାରୀ ସ୍କୁଲ୍ ପଞ୍ଜିକରଣ କରିଥିଲେ। ଏହାର ସିଟ୍ ସଂଖ୍ୟା ପ୍ରାୟ ୬୦୦୦୦ରୁ ଉର୍ଦ୍ଧ ଥିଲା । ଯାହା ଫଳରେ ୧୮୦୦୦ ରୁ ଉର୍ଦ୍ଧ ପାଖାପାଖି ପିଲା ପଞ୍ଜିକରଣ କରିଥିଲେ। ତଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମାତ୍ର ୨୭୩୦ ଟି ବେସରକାରୀ ସ୍କୁଲ୍ ପଞ୍ଜିକରଣ କରିଛନ୍ତି । ଯାହାର ସିଟ୍ ସଂଖ୍ୟା ମାତ୍ର ୩୩୦୦୦ । ଗତ ବର୍ଷ ୬୦୦୦୦ ରୁ ଉର୍ଦ୍ଧ ଥିଲା ବେଳେ ଏହି ବର୍ଷ ଅଧାରୁ ଅଧିକ ସିଟ୍ କମିଯାଇଛି। ପ୍ରାୟ ୩୩୦୦୦ ରୁ ଉର୍ଦ୍ଧ ସିଟ୍ କମିବା ଫଳରେ ଏ ବର୍ଷ ମାଗଣା ସିଟରେ ଗରିବ ଅନାଗ୍ରସର ଶ୍ରେଣୀର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ଙ୍କୁ ସଫଳତା ମିଳିବ କଷ୍ଟ କର ହେବକ୍ଷ ତେଣୁ ଆଜି ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା ଓଡିଶା ଅଭିଭାବକ ମହାସଂଘ । ଓସେପା କାର୍ଯ୍ୟାଳୟଠାରେ ପ୍ରତି ସୋମବାର ଗଣଶିକ୍ଷା ବିଭାଗର ଅଭିଯୋଗ ଶୁଣାଣି ଚାଲେ । ଆଜି ଏ ସଂକ୍ରାନ୍ତରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାଶ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ମିଶ୍ରଙ୍କ ସହିତ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ଅକ୍ଷବାହିକା କଳ୍ପନା ସାହୁ, ଦାଶରଥି ସାମନ୍ତରାୟ ପ୍ରମୁଖ ଆଲୋଚନା ସମୟରେ କାହିଁକି ଗଣଶିକ୍ଷା ସଚିବ ଅଭିଯୋଗ ଶୁଣାଣିରେ ଯୋଗ ଦେଉନାହାନ୍ତି ସେ ସମ୍ପର୍କରେ ମହାସଂଘ ଆପତ୍ତି ଉଠାଇ ଥିଲା । ଏଥି ସହିତ ସ୍କୁଲ ଗୁଡିକ କାହିଁକି ଏ ବର୍ଷ ରେଜିଷ୍ଟ୍ରେସନ କରିନାହାନ୍ତି ଯଦ୍ଦ୍ୱାରା ସ୍କୁଲ ଗୁଡିକର ନାଁ ପୋର୍ଟାଲରେ ଦେଖାଯାଉନି ଫଳରେ ଅଭିଭାବକ ମାନେ ନିଜର ପାଖ ସ୍କୁଲରେ ପକାଇ ପାରୁନାହାନ୍ତି । କିଛି ଅଭିଭାବକଙ୍କ ଅଭିଯୋଗ ହେଉଛି କି ପୋର୍ଟାଲ ତାଙ୍କ ନିକଟରେ ଗୋଟିଏ ବି ସ୍କୁଲ ଦେଖାଯାଉନି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ କିଛି ସ୍କୁଲ ପଞ୍ଜିକରଣ କରିନାହାନ୍ତି, ସେମାନଙ୍କୁ ତାଗିଦ କରାଯାଉଛି, କିଛି ସ୍କୁଲ ଏହି ଭିତରେ ପଞ୍ଜିକରଣ କରୁଛନ୍ତି । ତେଣୁ ସାତ ଦିନ ଭିତରେ ଏ ସମସ୍ୟା ସମାଧାନ ହେବ । ଏବଂ ଆବେଦନ ପାଇଁ ମଧ୍ୟ ସମୟ ଅବଧି ବଢ଼ାଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ସ୍ଥଗିତ ରହିଛି । ଯଦି ସମସ୍ୟା ସମାଧାନ ନହୁଏ ପୁଣି ସାତ ଦିନ ପରେ ଧାରଣା ଦିଆଯିବ ବୋଲି ମହାସଂଘର ସଭାପତି ବାସୁଦେବ ଭଟ୍ଟ ଚେତାବନୀ ଦେଇଛନ୍ତି । ସେପଟେ ପାରଦର୍ଶୀ ପୋର୍ଟାଲ ରେ ନାମ ପଞ୍ଜିକରଣ, ତଥା ବି ଇ ଓ ଅଫିସ ରେ ଡକୁମେଣ୍ଟ ଭେରିଫିକେସନ ରେ ଅଭିଭାବକ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେହେତୁ ଭୁବନେଶ୍ୱର ରେ ଅଧିକ ସ୍କୁଲ ଓ ଆବେଦନ କାରି ଅଛନ୍ତି ତେଣୁ ଭୁବନେଶ୍ୱର ବି ଇ ଓ କାର୍ଯ୍ୟାଳୟ ଠାରେ ଆସନ୍ତା ଦୁଇ ଦିନ ଭିତରେ ଅଫିସ ସମୟରେ ମହାସଂଘ ତରଫରୁ ଏକ ହେଲ୍ପ ଡେସ୍କ ରହିବ ଓ ସେଠାରେ ପ୍ରକ୍ରିୟାକୁ ସରଳି କରଣ ସହ ଅଭିଭାବକ ମାନଙ୍କୁ ଆବେଦନ ଓ ସାର୍ଟିଫିକେଟ ଯାଞ୍ଚ ବେଳେ ସାହାର୍ଯ୍ୟ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି ।

# ଲୋକସଭା ନିର୍ବାଚନ: ପ୍ରାର୍ଥୀ ଘୋଷଣା କଲା ଆପ୍




**ନୂଆଦିଲ୍ଲୀ:** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଆଉ ମାସକ ପରେ ପଡିପାରେ ଭୋଟ୍। ଏହାରି ଭିତରେ ଦିଲ୍ଲୀର ୪ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଆମ୍ ଆଦମୀ ପାର୍ଟି। ନୂଆ ଦିଲ୍ଲୀରୁ ସୋମନାଥ ଭାରତୀଙ୍କୁ ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ କରିଛି। ସେହିପରି ପଶ୍ଚିମ ଦିଲ୍ଲୀରୁ ମହାବଳ ମିଶ୍ରା, ପୂର୍ବ ଦିଲ୍ଲୀରୁ କୁଲଦୀପ କୁମାର ଓ ସାଉଥ ଦିଲ୍ଲୀରୁ ସହୀରାମଙ୍କୁ ପ୍ରାର୍ଥୀ କରିଛି ଆପ୍। ଏହି ୪ ଜଣ ପ୍ରାର୍ଥୀ ହେଉଛନ୍ତି ଆମ୍ ଆଦମୀ ପାର୍ଟିର ପୁରୁଣା ନେତା। ଏହି ୪ ଜଣଙ୍କ ମଧ୍ୟରୁ ୩ ଜଣ ବର୍ତ୍ତମାନ ଆପ୍‌ର ବିଧାୟକ ଅଛନ୍ତି। ସେହିପରି ମହାବଳ ମିଶ୍ରା କଂଗ୍ରେସ ସାଂସଦ ଥିଲେ। ୨୦୨୨ ଦିଲ୍ଲୀ ମହାନଗର ନିଗମ ନିର୍ବାଚନର ଠିକ୍ ପୂର୍ବରୁ ସେ ଆପ୍‌ରେ ସାମିଲ ହୋଇଥିଲେ। ଏମାନଙ୍କ ଉପରେ ଏବେ ଦଳ ଆଗାମୀ ଲୋକସଭା ନିର୍ବାଚନରେ ବିଜୟ ନେଇ ଆସ୍ଥା ପ୍ରକଟ କରିଛି। ସେହିପରି ହରିଆଣାର କୁରୁକ୍ଷେତ୍ର ଆସନ ପାଇଁ ମଧ୍ୟ ଆମ୍ ଆଦମୀ ପାର୍ଟି ନିଜ ପ୍ରାର୍ଥୀ ଘୋଷଣା କରିଛି। ଏହି ଆସନରୁ ଦଳ ସୁଶୀଲ ଗୁପ୍ତାଙ୍କୁ ଟିକେଟ୍ ଦେଇଛି। ଦିଲ୍ଲୀରେ କଂଗ୍ରେସ ସହ ମେଣ୍ଟ କରି ଆମ ଆଦ୍‌ମୀ ପାର୍ଟି ଆଗାମୀ ଲୋକସଭା ନିର୍ବାଚନ ଲଢ଼ିବ। ଏଥିପାଇଁ ଆସନ ଭାଗବଣ୍ଟା ଶେଷ ହୋଇଛି। ଦିଲ୍ଲୀର ୪ଟି ଆସନରେ ଆପ୍ ଲଢ଼ିବାକୁ ଯାଉଥିବାବେଳେ ୩ଟିରେ କଂଗ୍ରେସ ଲଢ଼ିବାକୁ ସହମତି ହୋଇଛି। ୨୦୧୯ରେ ଆମ୍ ଆଦମୀ ପାର୍ଟି ଏକା ନିର୍ବାଚନ ଲଢ଼ିଥିଲା। ସେତେବେଳର ଦିଲ୍ଲୀର ୭ଟି ଆସନରୁ ଗୋଟିଏ ବି ଆସନରେ ଜିତି ପାରିନଥିଲା ଆପ୍। ସମସ୍ତ ଆସନରେ କ୍ଲିନ୍ ସ୍ୱିପ୍ କରିଥିଲା ବିଜେପି। ହେଲ ଏଥର ଆପ୍-କଂଗ୍ରେସ ସହ ମେଣ୍ଟ କରି ନିର୍ବାଚନ ଲଢ଼ିବାକୁ ଯାଉଛି। ତେବେ ଏହି ମେଣ୍ଟ କେତେ ସଫଳ ହେଉଛି ଓ କେତୋଟି ଆସନ ହାତେଇ ପାରୁଛି ତାହା ଦେଖିବା ବାକି ରହିଲା।

# ବିଭ୍ରାନ୍ତିକର ବିଜ୍ଞାପନ ପାଇଁ ଅଡୁଆରେ ପତଞ୍ଜଳି





## ଅବମାନନା ନୋଟିସ୍ ପଠାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ବଢ଼ିଲା ଯୋଗ ଗୁରୁ ରାମଦେବ ବାବାଙ୍କ ଅଡୁଆ। ଫେକ୍ ତଥା ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ପତଞ୍ଜଳି ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ପତଞ୍ଜଳି ଓ ବାଲକୃଷ୍ଣଙ୍କୁ ଅଦାଲତ ଅବମାନନା ନୋଟିସ ପଠାଇବା ସହ ଜବାବ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆପଣ ବିଭ୍ରାନ୍ତିକର ବିଜ୍ଞାପନ କିଭଳି ପ୍ରକାଶ କଲେ ସେ ନେଇ ଅଦାଲତ ପ୍ରଶ୍ନ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ ଏହସାନୁଦ୍ଦିନ ଅମାନୁଉଲ୍ଲହା ଓ ପ୍ରଶାନ୍ତ କୁମାର ମିଶ୍ରାଙ୍କ ବେଞ୍ଚ ଏହି ମାଲାର ଶୁଣାଣି କରିଛନ୍ତି। ବିଜ୍ଞାପନରେ ପ୍ରକାଶ ପାଇଥିବା ଫଟୋ ଆଧାରରେ ପତଞ୍ଜଳିକୁ ନୋଟିସ୍ ଜାରି କରାଯାଇଛି। ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶକୁ ପତଞ୍ଜଳି ଉଲ୍ଲଙ୍ଘନ କରିଛି। ୨୧ ନଭେମ୍ବର ୨୦୨୩ରେ ଦେଇଥିବା ପ୍ରତିଶ୍ରୁତିକୁ ପତଞ୍ଜଳି ରଖିନି ବୋଲି କୋର୍ଟ କହିଛନ୍ତି। ବିପି, ମଧୁମେହ, ଆଣ୍ଠୁ ଗଣ୍ଠି ଯନ୍ତ୍ରଣା, ଆସ୍ଥମା ଓ ସମ୍ପୂର୍ଣ୍ଣ ମୋଟାପଣକୁ ଦୂର କିରବା ପାଇଁ ଆପଣ କିଭଳି ଦାବି କରିପାରୁଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏହା ଔଷଧ ନିୟାମକ ଆଇନ ଉଲ୍ଲଂଘନ। ଏଲୋପେଥିକୁ ଏଭଳି ଲୋକଙ୍କ ନଜରରେ ତଳକୁ ଖସାଇବା ବା ବଦ୍‌ନାମ କରାଯାଇପାରିବ ନାହିଁ। ଏଲୋପାଥି ଭଳି ଅନ୍ୟ କୌଣସି ଚିକିତ୍ସା ପଦ୍ଧତିକୁ ଆପଣ ସମାଲୋଚନା କରିପାରିବେନାହିଁ। କେନ୍ଦ୍ରସରକାର ଏହି ମାମଲାରେ ଆକ୍ସନ ନେବା ଉଚିତ୍, ସେ କିନ୍ତୁ ଆଖି ବନ୍ଦ କରି ଦେଇଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ଆଗାମୀ ନିର୍ଦ୍ଦେଶ ଯାଏଁ କୌଣସି ପ୍ରକାରର ବି ବିଜ୍ଞାପନ ଠାରୁ ଦୂରେଇ ରହିବାକୁ ବାଲକୃଷ୍ଣ ଓ ପତଞ୍ଜଳିକୁ କୋର୍ଟ ଚେତାବନୀ ଦେଇଛନ୍ତି। କେବଳ ସେତିକି ନୁହେଁ ଚିକିତ୍ସା ପ୍ରଣାଳୀ ବିରୋଧରେ ପ୍ରିଣ୍ଟ କିମ୍ବା ବୈଦ୍ୟୁତିକ ଗଣମାଧ୍ୟରେ ବୟାନ ନ ଦେବାକୁ କୋର୍ଟ କହିଛନ୍ତି। ଏହାପୂର୍ବରୁ ୨୯ ନଭେମ୍ବର ୨୦୨୩ରେ ମଧ୍ୟ ପତଞ୍ଜଳିର ଆୟୁର୍ବେଦ ବିଜ୍ଞାପନ ତଥା ଏହାର ମାଲିକ ବାବା ରାମଦେବଙ୍କ ବିବୃତ୍ତିକୁ ବିରୋଧ କିରି ଭାରତୀୟ ମେଡିକାଲ୍ ଆସୋସିଏସନ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଥିଲେ। ଏହି ସମୟରେ ଜଷ୍ଟିସ ଏହସାନୁଦ୍ଦିନ ଅମାନୁଉଲ୍‌ହା ଏବଂ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରଙ୍କ ଏକ ବେଞ୍ଚ ପତଞ୍ଜଳିକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହ ଏଲୋପାଥି ବିରୋଧରେ ବିଜ୍ଞାପନ ପ୍ରକାଶ କରିଥିବା ନେଇ ତାଙ୍କୁ ଭତ୍ସନା କରିଥିଲେ। ଭବିଷ୍ୟତରେ ଏଭଳି ବୟାନ ଓ ବିଜ୍ଞାପନରୁ ଦୂରେଇ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ସତ୍ତ୍ୱେ ମଧ୍ୟ ପତଞ୍ଜଳି ବିଜ୍ଞାପନ ପ୍ରକାଶିତ କରିଥିଲା।

# କେଜ୍ରିୱାଲଙ୍କୁ ଅଷ୍ଟମ ସମନ ପଠାଇଲା ଇଡି

**ନୂଆଦିଲ୍ଲୀ:** ଏନ୍‌ଫୋର୍ସ ମେଣ୍ଟ ନିର୍ଦ୍ଦେଶାଳୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପୁଣିଥରେ ସମନ ପଠାଇଛନ୍ତି। ଦିଲ୍ଲୀର ଅବକାରୀ ଦୁର୍ନୀତି ଯାଞ୍ଚ କରୁଥିବା କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସି ଇଡି ମାର୍ଚ୍ଚ ୪ରେ କେଜ୍ରିୱାଲଙ୍କୁ ପଚରାଉଚରା ପାଇଁ ଡକାଇଛି। ଏହାପୂର୍ବରୁ କେଜ୍ରିୱାଲଙ୍କୁ ୭ଟି ସମନ ପଠାଯାଇଛି। କିନ୍ତୁ ସେ ଏହାକୁ ବେଆଇନ ବୋଲି କହି ହାଜର ହୋଇ ନାହାନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଇଡି ଅଷ୍ଟମ ସମନ ପଠାଇଛି। ଦିଲ୍ଲୀର ଅବକାରୀ ଦୁର୍ନୀତିରେ ଘୋଟାଲା ଅଭିଯୋଗ ରହିଛି। ଏହି ମାମଲାରେ ସିବିଆଇ ତଦନ୍ତ କରୁଛି। ଏଥି ସହିତ ଇଡି ଅର୍ଥ ହେରଫେର ମାମଲାର ଅନୁସନ୍ଧାନ କରୁଛି। ଏହି ମାମଲାରେ କେନ୍ଦ୍ରୀୟ ଏଜେନ୍ସି ଏପର୍ଯ୍ୟନ୍ତ ଦୁଇ ବଡ ଏଏପି ନେତା ମନୀଷ ସିସୋଦିଆ ଏବଂ ସଞ୍ଜୟ ସିଂଙ୍କୁ ଗିରଫ କରିଛି।

# ୱାୟନାଡରୁ ନିର୍ବାଚନ ଲଢିବେନି ରାହୁଲ

**ନୂଆଦିଲ୍ଲୀ:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଥର ଲୋକ ସଭା ନିର୍ବାଚନରେ କେରଳକୁ ଅଲବିଦା କହିପାରନ୍ତି। କେରଳରେ ଏଲଡିଏଫ ରାହୁଲ ଗାନ୍ଧୀଙ୍କ ୱାୟନାଡ ଆସନ ସହିତ ଶଶି ଥରୁରଙ୍କ ଥିରୁଭାନନ୍ତପୁରମ ଆସନରୁ ପ୍ରାର୍ଥୀ ଘୋଷଣା କରିଛି। ଏଭଳି ପରିସ୍ଥିତିରେ ରାହୁଲ ଗାନ୍ଧୀ ଏଥର ୱାୟନାଡ ଆସନରୁ ନିର୍ବାଚନ ଲଢିବେ ନାହିଁ ବୋଲି ବିଶ୍ୱାସ କରାଯାଉଛି। ପୂର୍ବରୁ ରାହୁଲ ୱାୟନାଡରୁ ନିର୍ବାଚନ ଲଢିବେନି ବୋଲି ଖବର ଆସିଥିଲା। ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଏଥର ରାହୁଲ ଗାନ୍ଧୀ ତେଲଙ୍ଗାନା ସହିତ ୟୁପିର ରାଏବରେଲି କିମ୍ବା ଆମେଠିରୁ ନିର୍ବାଚନ ଲଢିପାରନ୍ତି। ତେବେ ଏହି ପ୍ରସଙ୍ଗରେ କଂଗ୍ରେସ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ରାହୁଲ ଗାନ୍ଧୀ ମଧ୍ୟ ଆମେଠିରେ ସ୍ମୃତି ଇରାନୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା ପ୍ରସଙ୍ଗରେ କିଛି କହି ନାହାଁନ୍ତି।

# କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ପରିବାରକୁ ପ୍ରତିମାସରେ ମିଳିବ ୫୦୦୦ ଟଙ୍କା

**ଅନନ୍ତପୁର:** କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଆନ୍ଧ୍ରପ୍ରଦେଶର ପ୍ରତ୍ୟେକ ଗରିବ ପରିବାରକୁ ୫୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି, ଆନ୍ଧ୍ରପ୍ରଦେଶର ଗରିବ ଲୋକଙ୍କ ପାଇଁ ଏହା କଂଗ୍ରେସର ଗ୍ୟାରେଣ୍ଟି। ଏହି ରାଶି ସିଧାସଳଖ ପରିବାରର ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ। ଆନ୍ଧ୍ରପ୍ରଦେଶ ଅନନ୍ତପୁରରେ ବିଶାଳ ଜନସଭା କରି ଖାର୍ଗେ ନିର୍ବାଚନୀ ପ୍ରତିଶ୍ରୁତି ଦେଇଛନ୍ତି। ଖାର୍ଗେ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ଆମର ଗ୍ୟାରେଣ୍ଟି ମୋଦିଙ୍କ ଗ୍ୟାରେଣ୍ଟି ପରି ନୁହେଁ। କଂଗ୍ରେସ ଯାହା ପ୍ରତିଶ୍ରୁତି ଦେଇଥାଏ, ତାହା ପୂରଣ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆକ୍ରମଣ କରି ଖାର୍ଗେ ଲୋକମାନଙ୍କୁ ପଚାରିଥିଲେ, ଭାଜପା ୨ କୋଟି କର୍ମ ନିଯୁକ୍ତି ସହ ପ୍ରତି ଭାରତୀୟଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବାର ପ୍ରତିଶ୍ରୁତି ଦେଇଥିଲା। ଯାହା ଆଜିଯାଏ କ'ଣ ପୂରଣ ହୋଇପାରିଛି। ମୋଦିଙ୍କ ଗ୍ୟାରେଣ୍ଟି କେଉଁଠାରେ ଅଛି ? ତେଣୁ ଭୋଟର କଂଗ୍ରେସକୁ ବିଚାର କରିବାକୁ ସେ ଅପିଲ କରିଛନ୍ତି।

# ଜାତିସଂଘ ସୁରକ୍ଷା ପରିଷଦ ଯୁଦ୍ଧ ରୋକିବାରେ ଅସଫଳ

## ପରିବର୍ତ୍ତନ ଦାବି ଉଠାଇଲା ଭାରତ




**ଜେନେଭା:** ଭାରତ ପୁଣି ଥରେ ଜାତିସଂଘ ସୁରକ୍ଷା ପରିଷଦରେ ସାମ୍ପ୍ରତିକ ବିଶ୍ୱ ସ୍ଥିତି ନେଇ ପ୍ରଶ୍ନ ଉଠାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କାମ୍ବୋଜ କହିଛନ୍ତି ଜାତିସଂଘ ସୁରକ୍ଷା ପରିଷଦ ଯୁଦ୍ଧ ରୋକିବାରେ ଅସଫଳ ହୋଇଛି।

ରୁଚିରା କହିଛନ୍ତି ଗତ ୨ ବର୍ଷ ହେଲା ରୁଷିଆ-ୟୁକ୍ରେନ ଯୁଦ୍ଧ ଜାରି ରହିଛି। ଏପରିସ୍ଥଳେ ସୁରକ୍ଷା ପରିଷଦ ସଦସ୍ୟଙ୍କୁ ଏ ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଯଦି ଏପରି କରିବା ସମ୍ଭବ ହେଉନାହିଁ ତେବେ ସୁରକ୍ଷା ପରିଷଦ କାହିଁକି ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସୁରକ୍ଷା ପରିଷଦର ଗଠନ ଅନ୍ତର୍ଜାତୀୟସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ହୋଇଛି। ମାତ୍ର ଏହାର କୌଣସି ସୁଫଳ ମିଳୁନାହିଁ। ପ୍ରତିଟି କ୍ଷେତ୍ରରେ ପରିଷଦ ବିଫଳ ହେବାରେ ଲାଗିଛି। ଏଭଳି ସମସ୍ୟାର ସମାଧାନ କୂଟନୈତିକସ୍ତରରେ ହେବା ଜରୁରୀ। ଏହା ସହିତ ରୁଚିରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟକୁ ଦୋହରାଇ କହିଛନ୍ତି ଯେ ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ। ୟୁକ୍ରେନ ସ୍ଥିତି ନେଇ ଭାରତ ଚିନ୍ତିତ ଥିବା ସେ କହିଛନ୍ତି। ହିଂସା କାହାର ମଧ୍ୟ ହିତରେ ନାହିଁ ବୋଲି ସେ କହିଛନ୍ତି। ଶାନ୍ତ ସ୍ଥାପନା ପାଇଁ ସମସ୍ତସ୍ତରରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ। ଏ ନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଜରୁରୀ।

# କର୍ଣ୍ଣାଟକରେ କ୍ରସ ଭୋଟିଂ

**ବେଙ୍ଗାଲୁରୁ:** ରାଜ୍ୟସଭା ନିର୍ବାଚନରେ କର୍ଣ୍ଣାଟକରେ କ୍ରସ ଭୋଟିଂ ହୋଇଛି। ରାଜ୍ୟରେ କୁମାରସ୍ୱାମୀଙ୍କ ୧୨ରୁ ୧୩ ବିଧାୟକ କଂଗ୍ରେସରେ ଯୋଗ ଦେବାକୁ ପ୍ରସ୍ତୁତ ରହିଥିବା ରାଜନୈତିକ ସ୍ତରରେ ଚର୍ଚ୍ଚା ହେଉଛି। ତେବେ ବିଜେପି ବିଧାୟକ ଅରବିନ୍ଦ ବେଲାଡ ଏନଡିଏ ମେଣ୍ଟର ୨ ପ୍ରାର୍ଥୀଙ୍କ ବିଜୟ ନେଇ ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟସଭାର ୪ ଆସନ ପାଇଁ କ୍ରସ୍ ଭୋଟିଂ ହୋଇଥିବା କଂଗ୍ରେସ କହିଛି। ଏହା ଦ୍ୱାରା କଂଗ୍ରେସ ସହଜ ସ୍ଥିତିରେ ରହିବ ବୋଲି



କୁହାଯାଉଛି। ରାଜ୍ୟରେ ବିଜେପି ଏବଂ ଜେଡିଏସ ମେଣ୍ଟକୁ ଏହା ଦ୍ୱାରା ବଡ଼ ଝଟକା ମିଳିପାରେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା କହିଛନ୍ତି ଆମର ୩ ଜଣ ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ। ରାଜ୍ୟରେ ରାଜ୍ୟସଭାକୁ ଯିବା ପାଇଁ ପ୍ରାର୍ଥୀଙ୍କୁ ୪୫ ଜଣ ବିଧାୟକଙ୍କ ସମର୍ଥନ ଲୋଡା। ବିଜେପି ପ୍ରାର୍ଥୀ କିଭଳି ଜିତିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ଘୋଡ଼ାବେପାର କରିବାକୁ ଚାହୁଁଥିଲେ ମଧ୍ୟ ଆମେ ଏହାକୁ ସଫଳ କରିବାକୁ ଦେବୁ ନାହିଁ। ରାଜ୍ୟରୋ କଂଗ୍ରେସ ପାଖରେ ୧୩୩ ବିଧାୟକ ଅଛନ୍ତି। ରାଜ୍ୟରେ କଂଗ୍ରେସ ପକ୍ଷରୁ ଅଜୟ ମାକନ, ନାସିର ହୁସେନ ଏବଂ ଜିସି ଚନ୍ଦ୍ରଶେଖରଙ୍କୁ ପ୍ରାର୍ଥୀ କରାଯାଇଛି।

# ତାମିଲନାଡୁକୁ ଲୁଟୁଥିବା ଲୋକ ଏବେ ବିଜେପିର ଶକ୍ତି ବଢୁଥିବା ଦେଖି ଡରୁଛନ୍ତି : ମୋଦି



**ନୂଆଦିଲ୍ଲୀ:** କେରଳ ଗସ୍ତ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ତାମିଲନାଡୁର ତିରୁପୁରରେ ପହଞ୍ଚି 'ଏନ୍ ମନ ଏକ ମକ୍କଲ' ପଦଯାତ୍ରାର ଉଦ୍‌ଯାପନ ସମାରୋହରେ ଯୋଗ ଦେଇଛନ୍ତି। ଏଠାରେ ସେ ଏକ ଜନ ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ସାଧାରଣ ସଭାରେ କହିଛନ୍ତି ଯେ, ୨୦୨୪ ମସିହାରେ ତାମିଲନାଡୁକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଦେଶରେ ତାମିଲନାଡୁ ବିକାଶ ରାଜନୀତିର ନୂତନ ଜୀବନ୍ତ କେନ୍ଦ୍ର ହେବାକୁ ଯାଉଛି। ତାମିଲନାଡୁ ୨୦୨୪ରେ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଆଜି ଶେଷ ହୋଇଥିବା ଏନ୍ ମନ ଏକ ମକ୍କଲ ପଦଯାତ୍ରା ଏହାର ସବୁଠାରୁ ବଡ଼ ପ୍ରମାଣ । ପ୍ରଧାନମନ୍ତ୍ରୀ ମୋଦି ବିରୋଧି ଦଳ ଉପରେ ଆକ୍ରମଣ କରି କହିଛନ୍ତି, 'ଯେଉଁମାନେ ଦଶନ୍ଧି ଧରି ତାମିଲନାଡୁକୁ ଲୁଟ୍ କରିଥିଲେ, ସେମାନେ ଏବେ ବିଜେପିର ବଢୁଥିବା ଶକ୍ତିକୁ ଦେଖି ଭୟ କରୁଛନ୍ତି। ମିଛ କହିବା, ଲୋକଙ୍କୁ ବିଭାଜନ କରିବା ଏବଂ ଲୋକଙ୍କୁ ନିଜ ମଧ୍ୟରେ ଲଢେଇ କରି ସେମାନେ ସେମାନଙ୍କର ଶକ୍ତି ବଞ୍ଚାଇବାକୁ ଚାହୁଁଛନ୍ତି। କିନ୍ତୁ ତାମିଲନାଡୁର ଲୋକମାନେ ନିର୍ମଳ ହୃଦୟ ପରି ବୁଦ୍ଧିମାନ ଅଟନ୍ତି। ସେମାନେ ସତ୍ୟ ଜାଣନ୍ତି, ବାସ୍ତବତା ଜାଣନ୍ତି। ଉଲ୍ଲେଖ ଥାଉ କି ତାମିଲନାଡୁ ପୂର୍ବରୁ କେରଳର ବିକ୍ରମ ସାରାଭାଇ ସ୍ପେଶ ସେଂଟରରେ ପହଂଚି ୪ଜଣ ମହାକାଶଚାରୀଙ୍କ ନାଁ ଘୋଷଣା କରିଥିଲେ। ସେମାନେ ହେଲେ ଗ୍ରୁପ୍ କ୍ୟାପଟେନ୍ ପ୍ରଶାନ୍ତ ବାଲକ୍ରିଷନ୍, ଅଜିତ କ୍ରିଷନନ୍, ଅଙ୍ଗଦ ପ୍ରତାପ ଏବଂ ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଲା।

# ଉଜ୍ଜୟିନୀରେ ଲାଗିଲା ବିଶ୍ୱର ପ୍ରଥମ ବୈଦିକ ଘଡ଼ି

**ଉଜ୍ଜୟିନୀ:** ମଧ୍ୟପ୍ରଦେଶର ଉଜ୍ଜୈନ ସହର ନାଁରେ ଆଉ ଏକ ଐତିହାସିକ ଘଟଣା ଘଟିବାକୁ ଯାଉଛି। ଏଠାରେ ଲାଗିଛି ବିଶ୍ୱର ପ୍ରଥମ ବୈଦିକ ଘଡ଼ି। ଆସନ୍ତା ମାର୍ଚ୍ଚ ୧ରେ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଭର୍ଚୁଆଲ୍ ମାଧ୍ୟମରେ ଉଦଘାଟନ କରିବେ। ଭାରତୀୟ କାଳଗଣନା ଅନୁସାରେ ଏହା ୩୦ ଘଣ୍ଟିଆ ଦିନରାତି ଦେଖାଇଥାଏ। ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ ମହାକାଳେଶ୍ୱର ଥିବା ସହର ଉଜ୍ଜୟିନୀ ପ୍ରାଚୀୟ ବୈଦିକ କାଳରୁ ଭାରତୀୟ କାଳଗଣନାର କେନ୍ଦ୍ର ରହି ଆସିଛି। କାରଣ ଏହାକୁ ଭାରତର କେନ୍ଦ୍ରସ୍ଥଳ ବୋଲି ବିଚାର କରାଯାଏ। ବିଶ୍ୱର ପ୍ରଥମ ଏଭଳି ବୈଦିକ ଘଡ଼ି ଜୀବାଜିରାଓ ଅବଜରଭେଟରୀର ୮୦ ଫୁଟ ଉଚ୍ଚ ଟାୱାର ଉପରେ ଲଗାଯାଇଛି।

# ହିମାଚଳପ୍ରଦେଶରେ କ୍ରସ ଭୋଟିଂ ଆଶଙ୍କା

## ବିଧାୟକଙ୍କ ଜରୁରୀକାଳୀନ ବୈଠକ ଡକାଇଲେ ମୁଖ୍ୟମନ୍ତ୍ରୀ ସୁଖୁ



**ସିମଳା:** ହିମାଚଳ ପ୍ରଦେଶ ବିଧାନସଭାର ବଜେଟ୍ ଅଧିବେଶନରେ ଆଜି ରୋମାଞ୍ଚକର ରାଜନୈତିକ ସ୍ଥିତି ଦେଖିବାକୁ ମିଳିଛି। ରାଜ୍ୟସଭା ଆସନ ପାଇଁ ଭୋଟ୍ ମଧ୍ୟରେ ଆଜି ବିଧାନସଭା ଭିତରେ ଶାସକ ଦଳ ପୂର୍ବ ଭଳି ଦୃଢ ସ୍ଥିତିରେ ନଥିବା ଜଣାପଡିଛି। ବାସ୍ତବରେ ଆଜି ରାଜ୍ୟସଭା ସାଂସଦ ପାଇଁ ମତଦାନକୁ ନେଇ ଭାରତୀୟ ଜନତା ପାର୍ଟି ଦାବି କରିଥିଲା ଯେ, କଂଗ୍ରେସର କିଛି ବିଧାୟକମାନେ ସେମାନଙ୍କ ଅନ୍ତରାତ୍ମାର କଥା ଶୁଣି ବିଜେପି ପ୍ରାର୍ଥୀ ହର୍ଷ ମହାଜନଙ୍କ ସପକ୍ଷରେ ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ମଧ୍ୟ ତାଙ୍କ ବିବୃତ୍ତିରେ କହିଥିଲେ ଯେ ଯଦି କଂଗ୍ରେସ ବିଧାୟକମାନେ ଘୋଡ଼ା ବେପାରରେ ଭାଗ ନେଇନଥିବେ ତେବେ କଂଗ୍ରେସ ୪୦ଟି ଭୋଟ୍ ନିଶ୍ଚିତ ପାଇବ। ଚର୍ଚ୍ଚା ମୁତାବକ ପ୍ରାୟ ୬ଜଣ କଂଗ୍ରେସ ବିଧାୟକ କ୍ରସ ଭୋଟିଂ କରିଥିବାର କୁହାଯାଉଛି । ଏହାପରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ସମସ୍ତ ମନ୍ତ୍ରୀ ଓ ବିଧାୟକଙ୍କୁ ନେଇ ଜରୁରୀକାଳୀନ ବୈଠକ ଡ଼କାଇଥିଲେ । ବାସ୍ତବରେ ହିମାଚଳ ନିର୍ବାଚନ ସମ୍ପର୍କରେ କ୍ରସ ଭୋଟିଂକୁ ନେଇ କଳ୍ପନାଜଳ୍ପନା ତୀବ୍ର ହୋଇଛି। ହିମାଚଳ ରାଜ୍ୟସଭା ପାଇଁ ଗୋଟିଏ ଆସନ ଥିବାବେଳେ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁ ସିଂଭିଙ୍କ ବିପକ୍ଷରେ ବିଜେପି ପ୍ରାର୍ଥୀ ହର୍ଷ ମହାଜନ ଅଛନ୍ତି । ଏସବୁ ଭିତରେ ବିରୋଧୀ ଦଳର ନେତା ଜୟରାମ ଠାକୁର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ କାର୍ଯ୍ୟକୁ ନେଇ ତାଙ୍କ ନିଜ ବିଧାୟକମାନେ ତାଙ୍କ ଉପରେ ରାଗିଛନ୍ତି। ବିରୋଧୀ ଦଳର ନେତା ଜୟରାମ ଠାକୁର ଏହା ମଧ୍ୟ ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବିଧାୟକଙ୍କ ବିଶ୍ୱାସ ହରାଇଛନ୍ତି। ଏଭଳି ପରିସ୍ଥିତିରେ ସେ ନିଜ ପଦରୁ ଇସ୍ତଫା ଦେବା ଉଚିତ୍।

# ଚର୍ଚ୍ଚାରେ ପୀୟୁଷ ଗୋୟଲ

**ନୂଆଦିଲ୍ଲୀ:** କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଲୋକ ସଭା ନିର୍ବାଚନ ଲଢିବେ କି ? ଏ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ତୀବ୍ର ହୋଇଛି। ବାସ୍ତବରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମନ୍ତ୍ରୀସ୍ତରୀୟ ବୈଠକର ପ୍ରଥମ ଦୁଇ ଦିନରେ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଅନୁପସ୍ଥିତି ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଡବ୍ଲୁଟିଏଚଓ ମହାନିର୍ଦ୍ଦେଶକ ଏନଗୋଜି ଓକୋଞ୍ଜୋ-ଇବେଲା ଗୋୟଲଙ୍କ ମୁମ୍ବାଇରୁ ଲୋକ ସଭା ନିର୍ବାଚନ ଲଢିବାର ସମ୍ଭାବନା ଉପରେ ଇଶାରା କରିଛନ୍ତି। ଯେତେବେଳେ ଗୋୟାଲଙ୍କ ଅନୁପସ୍ଥିତି ବିଷୟରେ ପଚରାଗଲା, ଡବ୍ଲୁଟିଏଚଓ ମହାନିର୍ଦ୍ଦେଶକ କହିଛନ୍ତି ଯେ, ତାଙ୍କ ପ୍ରାର୍ଥୀତା ଏବଂ ଭାରତରେ ଚାଲିଥିବା ନିର୍ବାଚନ କାରଣରୁ ସେ ରାଜନୈତିକ ସ୍ତରରେ ବ୍ୟସ୍ତ ଅଛନ୍ତି। ତେବେ ଓକୋଞ୍ଜୋ-ଇବେଲାଙ୍କ ମନ୍ତବ୍ୟ ଗୋୟଲଙ୍କ ମୁମ୍ବାଇରୁ ସମ୍ଭାବ୍ୟ ପ୍ରାର୍ଥୀ ହେବାର କଳ୍ପନାକୁ ନିଶ୍ଚିତ କରୁଛି।

# ବିହାରରେ ମହାମେଣ୍ଟକୁ ଝଟ୍‌କା : ବିଜେପିରେ ମିଶିଲେ କଂଗ୍ରେସ ଓ ଆରଜେଡି ବିଧାୟକ

**ନୂଆଦିଲ୍ଲୀ:** ବିହାରରେ ଦଳ ଡିଆଁ ଆରମ୍ଭ ହୋଇଛି। ମଙ୍ଗଳବାର ୨ କଂଗ୍ରେସ ବିଧାୟକ ଓ ଜଣେ ଆରଜେଡି ବିଧାୟକ ବିଜେପିରେ ଯୋଗ ଦେଇଛନ୍ତି। ଆଗକୁ ଲୋକସଭା ନିର୍ବାଚନ ଥିବାରୁ ନେତାଙ୍କ ଦଳ ଡିଆଁ କଂଗ୍ରେସ ଓ ଆରଜେଡି ପାଇଁ ବିପଦ ସୃଷ୍ଟି କରିଛି। ବିହାରର ପୂର୍ବତନ ମନ୍ତ୍ରୀ ଚେନାରୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ମୁରାରୀ ପ୍ରାସଦ, ବିକ୍ରମ ନିର୍ବାଚନ ମଣ୍ଡଳୀର ସିଦ୍ଧାର୍ଥ ସୌରଭ ଓ ମହୋନୀୟ ନିର୍ବାଚନ ମଣ୍ଡଳୀର ଆର୍‌ଜେଡି ବିଧାୟକ ସଂଗୀତ କୁମାରୀ ମଙ୍ଗଳବାର ବିଜେପିରେ ଯୋଗ ଦେଇଛନ୍ତି। ବିହାର ବିଜେପି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ୩ ନେତାଙ୍କୁ ଦଳକୁ ଆଣିବାରେ ମୁଖ୍ୟ ଭୂମିକା ନିଭାଇଛନ୍ତି ବୋଲି ବିଶେଷ ସୂତ୍ରରୁ ଖବର ଇଣ୍ଡିଆ ଟୁଡେ ଖବର ପ୍ରକାଶ କରିଛି।

ସୂଚନାଥାଉକି, ନୀତୀଶ କୁମାର ମହାମେଣ୍ଟ ଛାଡ଼ି ବିଜେପିରେ ସାମିଲ୍ ହେବା ପରେ ମୁରାରୀ ଗୌତମ କ୍ୟାବିନେଟ ମନ୍ତ୍ରୀ ପଦ ହରାଇଥିଲେ। ଏହାପରେ ନୀତୀଶ କୁମାରଙ୍କ ନେତୃତ୍ୱରେ ବିଜେପି ରାଜ୍ୟରେ ମିଶି ବିଧାନସଭାରେ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରିଥିଲେ। ଫଳରେ ଆରଜେଡି ନେତୃତ୍ୱାଧିନ ମେଣ୍ଟର ସରକାର ପତନ ହୋଇଥିଲା। ବିହାର ବିଧାନସଭାରେ



ସରକାର ଗଠନ କରିଥିଲା। ସେହିପରି ସିଦ୍ଧାର୍ଥ ସିଂହ ରାଜ୍ୟ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟରେ ଖୁସି ନ ଥିଲେ ବୋଲି ଅଭିଯୋଗ କରିଛନ୍ତି। ନିକଟରେ ଲାଲୁ ପ୍ରସାଦ ଯାଦବ ଏନ୍‌ଡିଏ ସହ ୨୪୩ ଆସନ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିହାରରେ ଜେଡିୟୁ, ବିଜେପି, ଜିତନ ରାମ ମାଝୀଙ୍କ ହମ୍ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ମିଶି ଏନ୍‌ଡିଏର ୧୨୮ ବିଧାୟକ ରହିଛନ୍ତି।



# ମିଶନ ଶକ୍ତି ଆନୁକୂଲ୍ୟରେ ସ୍ୱୟଂସହାୟିକା ସମ୍ମିଳନୀ



**ବାରିପଦା(ଅମୃତ ମିଡିଆ):** ମୟୂରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକ କାର୍ଯ୍ୟାଳୟ ପରିସରେର ଆଜି ପୂର୍ବାହ୍ନ ୧୦ ଘଟିକା ସମୟେର ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି । ଉକ୍ତ ସମ୍ମିଳନୀ କୁ ରରୁଆଁ ବ୍ଲକ ଅଧକ୍ଷ ଅଜିତ ତିରିୟା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଆଜିର ସମ୍ମିଳନୀ ରେ ପ୍ରାୟ ଆଠ ଶହ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ । ରାଜ୍ୟ ସରକାର ନିକଟେର ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କ ନିମେନ୍ତ ଘୋଷଣା କରିଥିବା ପୋଷାକ ପାଇଁ ପ୍ରେତକ କର୍ମୀ ଙ୍କୁ ୧୦୦୦ ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କ ଲିଡର ବିଲ୍ଲଜର ପାଇଁ ଆର୍ଥିକ ସହାୟତା ପାଣ୍ଠି ସହିତ ଗ୍ରୁପ ମାନଙ୍କ ପାଇଁ କମ ସୁଧ ଏବଂ ବିନା ସୁଧ ରେ ଯୋଗାଇ ଦେଇଥିବା ଅର୍ଥ ରାଶି ଉପେର ଅାଲୋଚନା କରା ଯାଇଥିଲା । ଆଜିର ଏହି ସମ୍ମିଳନୀ ରେ ରରୁଆଁ ବ୍ଲକ ର ୧୨ ଟି ପଂଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟା ମାନେ ଉପସ୍ଥିତ ଥିଲେ । ମଞ୍ଚାସିନ ଅତିଥି ଭବେ ରରୁଆଁ ବ୍ଲକ ଅଧକ୍ଷ ଅଜିତ ତିରିୟା, ଉପାଧାକ୍ଷା କମଳା ମହାନ୍ତ, ମିଶନ ଶକ୍ତି ସଭାପତି ତପସ୍ୱିନୀ ମାଝୀ,ରରୁଆଁ ବିଡ଼ିଓ ପ୍ରେମା ନନ୍ଦ ବେେହରା, ଯଶିପୁର ନିର୍ବାଚନ ମଣ୍ଡଳୀ ର ପୂବର୍ତନ ବିଧାୟକ ମଙ୍ଗଳ ସିଂ ମୁଦି ଏବଂ ବି ପି ସି ଶାନ୍ତନୁ କୁମାର ରାଉତ ଉପସ୍ଥିତ ଥିଲେ । ରରୁଆଁ ଆଇ ସି ଡି ଏସ ଏବଂ ମିଶନ ଶକ୍ତି ର ମିଳିତ ଉଦ୍ୟମ ରେ ଉକ୍ତ ସମ୍ମିଳନୀ ସୂଚାରୁରୂପେ ପରିଚାଳିତ ହୋଇଥିଲା

# ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି(ଅମୃତ ମିଡ଼ିଆ):** ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଯାତାୟତ ପାଇଁ ଯୋଗାଇ ଦିଆଯାଇଥିବା ବସ ସେବା ନିଶ୍ଚିନ୍ତକୋଇଲି ବ୍ଲକରେ ଶୁଭାରମ୍ଭ ହୋଇଛି । ମାହାଙ୍ଗା ବିଧାୟକ ପ୍ରତାପ ଜେନା ପତାକା ଦେଖାଇ ଦୁଇଟି ବସକୁ ବିଭିନ୍ନ ପଞ୍ଚାୟତକୁ ଯିବା ପାଇଁ ଶୁଭ ଉଦଘାଟନ କରିଛନ୍ତି । ଏହି ବସ ସେବା ଉଦଘାଟନ ଉତ୍ସବରେ ବିଡ଼ିଓ ଧର୍ମରଂଜନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ,ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି,ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶରଂଜନ ମହାପାତ୍ର,ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ,ସଭ୍ୟ ଭୂପତିଭୂଷଣ ଷଣ୍ଢ,ବିପ୍ଲବ କାପ,ଜ୍ୟୋତିପ୍ରକାଶ ସ୍ୱାଇଁ,ପ୍ରମୋଦ ସ୍ୱାଇଁଙ୍କ ସମେତ ବହୁ ବିଜେଡ଼ି ନେତୃବୃନ୍ଦ ଯୋଗ ଦେଇଥିଲେ । ସେହିପରି ଭାବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ମହିଳାମାନଙ୍କୁ ସଶକ୍ତ କରି ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଏବଂ ପୂର୍ବରୁ ଋଣକରି ଯେଉଁ ଗୋଷ୍ଠୀ ବ୍ୟାଙ୍କକୁ ସୁଧ ଦେଇଥିଲେ । ସେହି ଅର୍ଥ କୁ ଫେରସ୍ତ କରାଯିବା କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଛି । ଏହି ପରୀପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମକୁ ବିଧାୟକ ପ୍ରତାପ ଜେନା ଶୁଭାରମ୍ଭ କରିଛନ୍ତି । ସଡ଼ିପିଓ ସତ୍ୟଭାମା ବିଶୋଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଶକ୍ତ ମହିଳା ଓ ଶସକ୍ତ ଓଡ଼ିଶା ଗଠନ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଆଲୋଚନା କରିବା ସହିତ ଏହି ବ୍ଲକରେ ବ୍ୟାଙ୍କରୁ ଋଣ ନେଇ ସୁଧ ପୈଠ କରିଥିବା ୧୪୯୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୯ଲକ୍ଷ ଏକ ହଜାର ଷାଠିଏ ଟଙ୍କା ସୁଧ ଫେରସ୍ତ ଯୋଜନାରେ ଅର୍ଥ ପ୍ରଦାନ କରାଯିବାକୁ ପ୍ରକାଶ କରିଥିଲେ । ଏଥିରେ ବିଡ଼ିଓ ଧର୍ମରଂଜନ ପଣ୍ଡା,ବ୍ଲକ ଅଧକ୍ଷା ରୋଜି ସେଠୀ,ଉପାଧକ୍ଷ ଅଶୋକ କୁମାର ଓଝା,ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶରଂଜନ ମହାପାତ୍ର,ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି,ଯୁବନେତା ମନୋଜ ସେଠୀ,ଜ୍ୟୋତିପ୍ରକାଶ ସ୍ୱାଇଁ,ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ,ସଭ୍ୟ ଭୂପତିଭୂଷଣ ଷଣ୍ଢ,ବିପ୍ଲବ କାପ,ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର,ବ୍ଲକ ମହିଳା ମହାସଂଘର ସଭାନେତ୍ରୀ କନକଲତା ଭୂୟାଁ,ସମ୍ପାଦିକା ସତ୍ୟଭାମା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ମିଶନ ଶକ୍ତି ବ୍ଲକ ଯୋଗାଣ ଅଧିକାରୀ ତନୁଜା ସାହୁଙ୍କ ସଂଯୋଜନାରେ ବିପିସି ଜ୍ୟୋତିପ୍ରକାଶ ସାହୁ,ବିପିଏ ଦୀପାଞ୍ଜଳି ସାହୁ,ସୁପରଭାଇଜର ଅଂଜୁଲତା ପରିଜାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସମ୍ବାଦ ସାହିତ୍ୟ ଘରର ଅଷ୍ଟମ ବାର୍ଷିକ ଉତ୍ସବ



**ବାରିପଦା (ଅମୃତ ମିଡିଆ) :** ଠାକୁରମୁଣ୍ଡା ବ୍ଲକ ସମ୍ବାଦ ସାହିତ୍ୟ ଘରର ଅଷ୍ଟମ ବାର୍ଷିକ ଉତ୍ସବ ୨୫ ତାରିଖରେ ପାଳିତ ହୋଇଯାଇଛି। ଠାକୁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ସଦସ୍ୟ, ସଦସ୍ୟା ସମେତ କବି ସାହିତ୍ୟିକ ଯୋଗଦେଇଥିଲେ। ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ ନିକଟ ରେ ଦୀପ ପ୍ରଜ୍ଜଳନ ପରେ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ କବି, ନାଟ୍ୟକାର ଡ଼ଃ. ମନୋରଞ୍ଜନ ଦାଶ ସାହିତ୍ୟିକ ମାନେ କୌଣସି ପରିସ୍ଥିତିରେ କଲମ ଛାଡ଼ନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ। ସାହିତ୍ୟ ଗୋଟିଏ ସମାଜର ଦର୍ପଣ। ସମାଜରେ ଘଟୁଥିବା ପରିବର୍ତ୍ତନକୁ କଲମ ହିଁ ବାନ୍ଧି ରଖିପାରିବ। କଲମ ସର୍ବଦା କାଳଜୟୀ ସମ୍ବାଦ ଆରମ୍ଭ କରିଥିବା ଆନ୍ଦୋଳନ ଆଜି ସଫଳ ହୋଇଛି କାରଣ ସରକାର ଆଜି ଓଡ଼ିଆ ସାହିତ୍ୟକୁ ଆଗକୁ ନେବାକୁ ଆଗେଇ ଆସିଛନ୍ତି। ଯେତେବେଳେ ଗୋଟିଏ ଉଦ୍ୟମରେ ସରକାର ସାମିଲ ହୁଅନ୍ତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବାକୁ କାର୍ଯ୍ୟକ୍ରମ ଜାରି ରହେ ସେତେବେଳେ ଆନ୍ଦୋଳନ ଆରମ୍ଭ କରିଥିବା ଅନୁଷ୍ଠାନର ଶ୍ରମ ସାର୍ଥକ ହୁଏ ଏବଂ କବି ସାହିତ୍ୟିକ ମାନେ ସାଧନା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ କବୟିତ୍ରୀ ଶକୁନ୍ତଳା ମହାନ୍ତ ଉତ୍ସବରେ ଉଦବୋଧନ ଦେଇଥିଲେ। ସମ୍ବାଦ ସାହିତ୍ୟ ଘରର ସଭାପତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ ବିବରଣୀ ପାଠ କରିଥିଲେ। କବୟିତ୍ରୀ ମମତା ପାତ୍ର, ଶକୁନ୍ତଳା ମହାନ୍ତ, ପଦ୍ମାବତୀ ସିହ୍ନା, କୁମୁଦିନୀ ପତି,କଳ୍ପନା ନାୟକ, କ୍ଷୀରୋମଣି ମହାନ୍ତ ପ୍ରଦ୍ୟୁମ୍ନ ସାହୁ, ଶିକ୍ଷକ ରମେଶ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମହାନ୍ତ, ଭାଗିରଥି ପତି, ହୀରାଲାଲ ମହାନ୍ତ ପ୍ରମୁଖ ସ୍ୱ-ରଚିତ କବିତା ପାଠ କରିଥିଲେ। ସଂଯୋଜକ ଯୋଗେନ୍ଦ୍ର ପାତ୍ର, ଶଶିକାନ୍ତ ମହାନ୍ତି, ନୂତନ ସଦସ୍ୟା ସୁଶ୍ରୀ ପୂଜାରାଣୀ ପାତ୍ର,ସାମ୍ବାଦିକ ଚକ୍ରଧର ଦାସ, ଭୋଳେଶ୍ୱର ସେଠି, ଧର୍ମଜୟୀ ଦେବବ୍ରତ ବାରିକ, ପୂର୍ଣ୍ଣଚନ୍ଦ୍ର ସେଠୀ,ଆନନ୍ଦ ଚନ୍ଦ୍ର ଦାସ, ସାମ୍ବାଦିକ ହରେକୃଷ୍ଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସଦସ୍ୟା ପଦ୍ମାବତୀ ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୋଗେନ୍ଦ୍ର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନାଚୁଣୀ ମହାବିଦ୍ୟାଳୟରେ ନିଯୁକ୍ତି ମେଳା




**ଚିଲିକା ( ଅମୃତ ମିଡିଆ) :** ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟ ପରିସରରେ ଆଜି ଗୁଜରାଟ ସ୍ଥିତ ସୁଜୁକୀ ମୋଟର୍ସ ତରଫରୁ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ବଳିୟାର ସିଂହ ଓ ପରିଚାଳନା ପରିଷଦର ସଭାପତି ଅରୁଣ କୁମାର ଦାଶ ଙ୍କ ଉପସ୍ଥିତିରେ ଉକ୍ତ ନିଯୁକ୍ତି ମେଳାରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ଯଶସ୍ୱୀ ଏକାଡେମୀ ର ଆଞ୍ଚଳିକ ମୁଖ୍ୟ ଅନୀଲ ତ୍ରିପାଠୀଙ୍କ ଆବାହକତ୍ୱରେ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ନାଚୁଣୀ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଙ୍ଗ କମିଟି ସଦସ୍ୟ ଅଧାପକ ଗୋଲକ ବିହାରୀ ବାରିକ, ଅଶ୍ୱିନୀ କୁମାର ମିଶ୍ର, ଅଜିତ କୁମାର ଦାଶ, ଡଃ ସି ମଞ୍ଜୁଲତା, ଲୋପାମୁଦ୍ରା ମିଶ୍ର, ଡଃ ପ୍ରଦୀପ କୁମାର ରଥ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।ସୁଜୁକୀ ମୋଟର୍ସର ବରିଷ୍ଠ ପଦାଧିକାରୀ ଏଲ ଜେ ବାଘେଲା ଆଶାୟୀ ଶତାଧିକ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ମାଧମରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନିତ କରିଥିଲେ।୫୦ରୁ ଉର୍ଦ୍ଧ ପରୀକ୍ଷାର୍ଥୀଙ୍କୁ ମନୋନୀତ କରାଯାଇ ଖୁବ୍ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ଶ୍ରୀ ବାଘେଲା ସୂଚନା ଦେଇଥିଲେ। ପ୍ରାରମ୍ଭରେ ଯଶସ୍ୱୀ ତରଫରୁ ବରିଷ୍ଠ ସେନାଧିକାରୀ ଇନ୍ଜିନିୟର ଶତ୍ରୁଘ୍ନ ପ୍ରଧାନ ନିଯୁକ୍ତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅର୍ପିତା ସେନ୍ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ।

# ଇନ୍ଦୁପୁରରେ ଲୋକକଳା ମହୋତ୍ସବ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ସାମାଜିକ ଅନୁଷ୍ଠାନ ମହାବୀର ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଓଡ଼ିଶାରୁ ବିଲୁପ୍ତ ହେବାକୁ ବସିଥିବା ଲୋକସଙ୍ଗୀତ, ଲୋକନୃତ୍ୟ ଓ ଲୋକବାଦ୍ୟର ପୁନରୁଦ୍ଧାର କରିବା ଲକ୍ଷ୍ୟରେ ଏକ ଲୋକକଳା ମହୋତ୍ସବ ଦୁଇଦିନ ଧରି ଇନ୍ଦୁପୁରଠାରେ ଅନୁଷ୍ଠିତ ହୋଇଯାଇଚି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଲୋକକଳା ସୁତାକଣ୍ଢେଇ ନୃତ୍ୟକୁ ବଞ୍ଚାଇ ରଖିଥିବା ଗୁରୁ ଫକିର ଚରଣ ସିଂହ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ସଙ୍ଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ଲୋକକଳା କଣ୍ଠଶିଳ୍ପୀ ସ୍ୱାଧିନିବାଳା ନାୟକ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟଶିଳ୍ପୀ ଦିପକ କୁମାର ନନ୍ଦି ଓ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଲୋକକଳାର ପ୍ରଚାର ପ୍ରସାର ସହିତ କିପରି ଲୋକକଳା ବଞ୍ଚିପାରିବ ଓ ନୂତନ ଲୋକ କଳାକାର ସୃଷ୍ଟି ହୋଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ବିଭିନ୍ନ ଲୋକସଙ୍ଗୀତ, ଲୋକ ନୃତ୍ୟ , ଲୋକବାଦ୍ୟ, ପାଲା, ଘୋଡ଼ାନାଚ ଓ ମୁଖ୍ୟ ଆକର୍ଷଣ ସୂତାକଣ୍ଢେଇ ନାଚ ପରିବେଷଣ କରାଯାଇଥିଲା। ବିଭିନ୍ନ ଲୋକ କାଳକାରମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବ କଳାକାର ଓ ସମାଜସେବୀ ଦେବାଶିଷ ସମାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇଟି ପରିବାରର ୮ ବଖରା ଭସ୍ମୀଭୂତ



**ବେତନଟୀ(ଅମୃତ ମିଡିଆ):** ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ପଞ୍ଚାୟତ ରେଣୁଗାଁ ଗ୍ରାମର ଇଶ୍ୱର ଚନ୍ଦ୍ର ମହାନ୍ତ ଓ ରତ୍ନମଣି ମହାନ୍ତଙ୍କର ମୋଟ ୮ ବଖରା ଚାଳ ଛପର ଘର ନିଆଁରେ ପୋଡି ପାଉଁଶ ହୋଇଯାଇଛି । ରବିବାର ରାତିରେ ପରିବାରର ସମସ୍ତେ ଘରେ ଶୋଇପଡିଥିବା ବେଳେ ସୋମବାର ଭୋର ୩ଟା ସମୟରେ ଘରେ ନିଆଁ ଲାଗିଯାଇଥିବାର ଜାଣିବାକୁ ପାଇଥିଲେ । ଫଳରେ ସଙ୍ଗେ ସଙ୍ଗେ ବେତନଟୀ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା । ଦମକଳ କେନ୍ଦ୍ରରୁ ଅଗ୍ନିଶମ ସେବା କର୍ମଚାରୀ ମାନେ ଘଟଣା ସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ନିଆଁ ଆୟତ୍ତ ହେଲା ବେଳକୁ ଘର ସମ୍ପୂର୍ଣ୍ଣ ପୋଡି ଯିବା ସହିତ ଘରେ ଥିବା ଧାନ, ଚାଉଳ, ଆସବାବ ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି । ଫଳରେ ଅଗ୍ନି ବିପନ୍ନ ପରିବାର ଅସହାୟ ହୋଇ ପଡିଛନ୍ତି । ତେଣୁ ଏହି ଅଗ୍ନି ବିପନ୍ନ ପରିବାରକୁ ଅତିଶୀଘ୍ର ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି ।

# ବିଜେପି ପକ୍ଷରୁ ଲାଭାର୍ଥୀ ସମ୍ପର୍କ ଅଭିଯାନ କର୍ମଶାଳା




**ବାରିପଦା (ଅମୃତ ମିଡିଆ) :** ଭାରତୀୟ ଜନତା ପାର୍ଟି ପକ୍ଷରୁ ମୟୂରଭଞ୍ଜ ଲୋକସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଲାଭାର୍ଥୀ ସମ୍ପର୍କ ଅଭିଯାନ କର୍ମଶାଳା ଆୟୋଜିତ ହୋଇଯାଇଛି । ଲାଭାର୍ଥୀ ସମ୍ପର୍କ ଅଭିଯାନର ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ସଂଯୋଜକ କବିବିଷ୍ଣୁ ଶତପଥୀଙ୍କ ଦ୍ୱାରା ପରିଚାଳିତ ଏହି କର୍ମଶାଳାରେ କେନ୍ଦ୍ର ଜଳ ସମ୍ପଦ ଓ ଆଦିବାସୀ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଇଞ୍ଜିନିୟର ବିଶ୍ୱେଶ୍ୱର ଟୁଡୁ, ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ମୟୁରଭଞ୍ଜ(ପୂର୍ବ) ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ ଓ ପଶ୍ଚିମ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ରାଜ୍ୟ ସମ୍ପାଦକ ନବୀନ ରାମ ଓ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛୋଟେଲାଲ ମହାନ୍ତ ଓ ନିହାର ରଞ୍ଜନ ମୋଦି, ଅଭିଯାନର ସଂସଦୀୟ କ୍ଷେତ୍ର ସହ-ସଂଯୋଜିକା ଶୋଭାବତୀ ଓତା ଓ ସହ-ସଂଯୋଜକ ସୁମନ୍ତ ବେହେରା ପ୍ରମୁଖଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ । ମୟୂରଭଞ୍ଜ ଲୋକସଭା ଆସନର ସମସ୍ତ ମଣ୍ଡଳରେ ଏପରି କର୍ମଶାଳାର ଆୟୋଜନ କରି ମୟୂରଭଞ୍ଜର ପୁରପଲ୍ଲୀରେ ଲାଭାର୍ଥୀ ସମ୍ପର୍କ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ସମୟ ମଧ୍ୟରେ ଗାଁ ଗାଁ ଯାଇ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଜନ ସହଯୋଗ ଭିକ୍ଷା କରାଯିବାକୁ ମଧ କର୍ମଶାଳାରେ ବରିଷ୍ଠ ନେତା ମାନେ ଆହ୍ୱାନ ଦେଇଥିଲେ । ଏହି ଶିବିରରେ ମୟୂରଭଞ୍ଜର ବିଭିନ୍ନ ଭାଗରୁ ବହୁ ଦଳୀୟ କର୍ମକର୍ତ୍ତା ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ ।

# ଏସ୍ଏଚ୍‌ଜି ମହିଳାଙ୍କୁ ବିନା ସୁଧରେ ଋଣ ପ୍ରଦାନ



**ଜୟପୁର (ଅମୃତ ମିଡିଆ) :** ଏସ୍ଏଚ୍‌ଜି ମହିଳାଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପଯ୍ୟନ୍ତ ଋଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ । ଭିଡିଓ କନଫେରନ୍ସି ଦ୍ୱାରା ସିଧା ପ୍ରଶାରଣ କରାଯାଇଥିଲା । ଜୟପୁର ବ୍ଲକ କାଯ୍ୟାଳୟ ପରିସରରେ ଆୟୋଜିତ କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସିଡିପିଓ ସୁଚିତା ପଣ୍ଡା , ଜିଲା ପରିଷଦ ସଭ୍ୟା ମାନେ ଉପସ୍ଥିତ ଥିଲେ । ଏସଏସଜି ମହିଳା ମାନଙ୍କୁ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ, ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା ମଧ ଶୁଭାରମ୍ଭ ହୋଇଥିଲା । ଜୟପୁର ବ୍ଲକର ୧୧୯ ଜଣ ଏସ୍ଏଚ୍‌ଜି ଗ୍ରୁପ ଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯାଇଥିବା ବେଳେ ୬ ଶହ ଏସଏସଜି ମହିଳା ଉପସ୍ଥିତ ଥିଲେ ।

# ବସ୍‌କୁ ପଛରୁ ଧକ୍କାଦେଲା ବାଇକ୍, ଚାଳକ ମୃତ

**ଭଞ୍ଜନଗର (ଅମୃତ ମିଡିଆ) :** ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅନ୍ତର୍ଗତ ରଢାପଦର ଠାରେ ସୋମବାର ରାତି ପ୍ରାୟ ୧୦ ଟା ବେଳେ ଭୁବନେଶ୍ୱରରୁ ଭଞ୍ଜନଗର ଆଡ଼କୁ ଆସୁଥିବା ଏକ ଓଏସଆରଟିସି ବସ୍ କୁ ପଛରୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ପ୍ରକାରେ ବସଟି ରଢାପଦର ଠାରେ ଯାତ୍ରୀ ଙ୍କୁ ଓଲ୍ଲାଉଥିବା ବେଳେ ପଛରୁ ବାଇକ୍ ଚାଳକ ଦୃତ ଗତିରେ ଆସି ଭାରସାମ୍ୟ ହରାଇ ପଛରୁ ଧକ୍କା ଦେଇଥିଲା। ମୃତ ବାଇକ୍ ଚାଳକଙ୍କ ନାମ ରବୀନ୍ଦ୍ର ଜାନୀ।ବୟସ ୩୫ ବର୍ଷ। ଘର ତାରସିଂ ଥାନା ଅନ୍ତର୍ଗତ ଖୁରୁଡୁପଲ୍ଲୀ ଗ୍ରାମରେ ବୋଲି ଜଣାପଡିଛି। ସେ ଏକ ଟେଷ୍ଟ ହାଉସ୍ ରେ କାମ କରୁଥିଲେ। ସୋମବାର ରଢାପଦର ନିକଟରେ ଏକ ବିବାହ ଉତ୍ସବ ପାଇଁ ଟେଷ୍ଟ ଭିଡି ଏମାନେ ଦୁଇଜଣ ମିଶି ରଢାପଦର ଆଡ଼କୁ ମଟର ସାଇକେଲରେ ଆସୁଥିବା ବେଳେ ଅସାବଧାନତା କାରଣରୁ ଯାତ୍ରୀ ଓଲ୍ଲାଉଥିବା ବସ୍ ର ପଛରେ ପିଟି ହୋଇଯାଇଥିଲେ। ପୋଲିସ ଶବ ଜବତ କରି ମଙ୍ଗଳବାର ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇବା ପରେ ଏଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବ୍ଲକରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ



**ଟାଙ୍ଗୀ -ଚୌଦ୍ୱାର (ଅମୃତ ମିଡ଼ିଆ) :** କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ରେ ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓକନଫେରେନ୍ସିଂ ମାଧ୍ୟମରେ ଲକ୍ଷ୍ମୀ ବସ ସେବା କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ରେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଧାୟକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହାପରେ ବିଧାୟକ ଦୁଇଟି ଲକ୍ଷ୍ମୀ ବସକୁ ସବୁଜ ରଙ୍ଗର ପତାକା ଦେଖାଇ ବସସେବାକୁ ଶୁଭାରମ୍ଭ କରିଥିଲେ। ଏହି ଦୁଇଟି ଲକ୍ଷ୍ମୀ ବସ ଟାଙ୍ଗୀ ଚୌଦ୍ୱାରର ବିଭିନ୍ନ ପଂଚାୟତରେ ସେବା କରି ଶେଷରେ ବ୍ଲକ ରେ ପହଂଚିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ବିଧାୟକଙ୍କ ଦ୍ୱାରା ବିଭିନ୍ନ ଏସ.ଏଚ.ଜି ଗ୍ରୁପ ର ମହିଳା ମାନଂକୁ ଅର୍ଥରାଶି ପ୍ରଦାନ କରିବା ସହିତ ବ୍ୟାଙ୍କ ସାଥି ମାନଂକୁ ଲାପଟପ ପ୍ରଦାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଚେୟାରମ୍ୟାନ ମିନାକ୍ଷୀ ଦାସ, ଚୌଦ୍ୱାର ପୌରପାଳିକାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବ୍ଲକର ପୂର୍ବତନ ଚେୟାରମ୍ୟାନ ଜୟଶ୍ରୀ ପ୍ରଧାନ, ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତରଞ୍ଜନ ସାମଲ, ଆମ୍ବାର ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସମାଜସେବୀ ଜନ୍ମଜୟ ଖିଲାର, କୃଷ୍ଣଚନ୍ଦ୍ର ଦାସ, କରଞ୍ଜି ପଂଚାୟତ ର ସରପଞ୍ଚ ମହେଶ୍ୱର ମହନ୍ତ, ସମିତି ସଭ୍ୟ ଜିତେନ୍ଦ୍ର ଭଦ୍ରା, ଭଟିମୁଣ୍ଡା ସରପଞ୍ଚ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ରୂପାନ୍ତରୀକରଣରେ ହାତ ବଢ଼ାଇଲା ପରିଣାମ ଫାଉଣ୍ଡେସନ



**ଟାଙ୍ଗୀ -ଚୌଦ୍ୱାର (ଅମୃତ ମିଡ଼ିଆ) :** କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୦ ନମ୍ବର ୱାର୍ଡର ବିରାଟ କଟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଉଦ୍ୟମରେ ପୁରା କଟକ ଜିଲ୍ଲା ପାଇଁ ଏକ ଉଦାହରଣ ସାଜିଛନ୍ତି। ୫ଞ ରେ ସ୍କୁଲର ବିକାଶ ପାଇଁ ଦିଆଯାଉଥିବା ଅର୍ଥ ସ୍କୁଲ ର ସମ୍ପୂର୍ଣ୍ଣ ବିକାଶ ପାଇଁ ହେଉନଥିବାରୁ ଶ୍ରୀ ସାମଲ ନିଜ ଉଦ୍ୟମରେ ଏକ ବେସରକାରୀ ସଂସ୍ଥା ପରିଣାମ ଫାଉଣ୍ଡେସନ ମାଧ୍ୟମରେ ନୂତନ ସ୍କୁଲ ଗୃହ କରିବା ସହିତ ପିଲାମାନଙ୍କୁ ଡେସ୍କ ବେଞ୍ଚ ଯୋଗାଇଥିବାର ଜଣାପଡିଛି। ଏହି କାର୍ଯ୍ୟକ୍ରମ ଆଜି ଏକ ସଭାରେ ଶୁଭେନ୍ଦୁ ସାମଲଙ୍କ ଅଧକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର କଟକର ମାନ୍ୟବର ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲା ବେଳେ ପରିଣାମ ଫାଉଣ୍ଡେସନ ର ପ୍ରୋଗ୍ରାମ ମ୍ୟାନେଜର ହର୍ଷିତାନନ୍ଦା କୁମାର, ପୌରପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବରିଷ୍ଠ ପରିଷଦ ବିଜୟ କୁମାର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ତଥା ବିଜେଡି ର ଜିଲ୍ଲା ସାଧାରଣ ସମ୍ପାଦକ ସୁବ୍ରତ ସାମଲ, ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଗିରି ସମେତ ଉଜ୍ଜୀବନି ବ୍ୟାଙ୍କ ର ବରିଷ୍ଠ କର୍ମଚାରୀ ଅତିଥିଭାବେ ଯୋଗ ଦେଇଥିଲେ। ଦୀର୍ଘ ପଚାଶ ବର୍ଷ ପରେ ଏହି ସ୍କୁଲ ରେ ପାଠ ପଢିଥିବା ଛାତ୍ରଛାତ୍ରୀ ମାନେ ସହଯୋଗ ଓ ଶୁଭେଚ୍ଛାର ବାର୍ତା ଦେଇଛନ୍ତି ବୋଲି ଶ୍ରୀ ସାମଲ ପ୍ରକାଶ କରିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହ ର ଉଦଘାଟନ କରାଯାଇଥିଲା। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କ୍ରିକେଟ ଏକାଡେମୀ ଉଦ୍‌ଘାଟିତ




**ବଲାଙ୍ଗୀର (ଅମୃତ ମିଡିଆ) :** ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ବଲାଙ୍ଗିର କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଓଡିଶାର ବିଭିନ୍ନ ଜାଗାରେ ସମୁଦାୟ ୪୨ ଗୋଟି କ୍ରକେଟ ଏକାଡେମୀ ଏକ କାଳିନ ଉଦ୍‌ଘାଟନୀ ସମାରୋହ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କର କମଳରେ ୫ଟି ଅଧକ୍ଷ ଭି.କେ.ପାଣ୍ଡିୟାନ ଙ୍କ ସଂଯୋଜନାରେ ଓ ପ୍ରଣବ ପ୍ରକାଶ ଦାଶ ସଭାପତି ଓଡିଶା କ୍ରିକେଟ ଏସୋସିଏସନ ଓ ସଂଜୟ ବେହେରା ସଂପାଦକ ଓଡିଶା କ୍ରିକେଟ ଏସୋସିଏସନ ଙ୍କ ଉପସ୍ଥିତିରେ କଟକ ବାରବାଟି ଷ୍ଟଡିୟମରୁ ଅନ୍‌ଲାଇନରେ ଆୟୋଜିତ ହୋଇଥିବା ଅବସରରେ ଆଜି ବଲାଙ୍ଗିର କ୍ରିକେଟ ଏକାଡେମୀ ର ଏହି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ଗାନ୍ଧୀ ଷ୍ଟଡିୟମରେ କ୍ରିକେଟ ଏକାଡେମୀ ସମାରୋହରେ ମଂଚାସୀନ ଥିଲେ। ଉପ-ଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ଏସ୍.ଡି.ପି.ଓ ପ୍ରଦୀପ କୁମାର ସାହୁ, କ୍ରିଡା ସଂସଦର ଉପସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର । ଉପସ୍ଥିତ ଥିଲେ କ୍ରିକେଟ କୋଚ ଅରୁଣ କୁମାର ନାଏକ ଓ ପୃଥ୍ୱୀରାଜ ମିଶ୍ର ତଥା ବଲାଙ୍ଗିର ନାଗରିକ କମିଟି ଓ ବରିଷ୍ଠ ନାଗରିକ ମଂଚର ଅନେକ ସଦସ୍ୟ ତଥା ଜିଲ୍ଲା ଓ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ କ୍ରିକେଟ ଖେଳାଳି ଏବଂ ସହରର ବହୁ କ୍ରୀଡାପ୍ରେମୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ।

# ମିଶନଶକ୍ତି ଅଧୀନରେ ଋଣଗ୍ରସ୍ତ ମହିଳାଙ୍କୁ ଋଣସୁଧ ଫେରସ୍ତ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ମିଶନଶକ୍ତି ଅଧିନରେ ଋଣ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକୁ ଋଣର ସୁଧବାବଦ ଅର୍ଥ ସେମାନଙ୍କୁ ଫେରସ୍ତ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଡିଓ ବନ୍ଦନା ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ ଓ ପୌରାଧକ୍ଷା ସରିତା ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଓ.ଏଲ.ଏମ. ଏବଂ ମିଶନଶକ୍ତିର ବି.ପି.ଏମ. ରବୀନ୍ଦ୍ର ପାଢୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକୁ ଋଣର ସୁଧ ବାବଦୁ ୨୫ରୁ ୩୫ଲକ୍ଷ କରି ଅର୍ଥ ଚେକ ଆକାରରେ ଫେରସ୍ତ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କର ପ୍ରତିନିଧିମାନଙ୍କ ସହିତ ବି.ଏଲ.ସି. ନରେନ୍ଦ୍ର ନାୟକ, ମିଶନଶକ୍ତି ବି.ପି.ଏଲ କୈଳାସ ବାରିକ, ବି.ପି.ଏ ସୌରଭ କୁମାର ନାୟକ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର କର୍ମକର୍ତ୍ତା ଏବଂ ସଭ୍ୟାମାନେ ଉପସ୍ଥିତ ଥିଲେ।

# ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ




**ଭଞ୍ଜନଗର (ଅମୃତ ମିଡିଆ) :** ଭଞ୍ଜନଗର ତାରାସିଂ ଥାନାରେ ନୂତନ ଥାନାଧିକାରୀ ଭାବେ ବିଜୟ କୁମାର ସ୍ୱାଇଁ ଯୋଗ ଦେଇଛନ୍ତି।ପୂର୍ବରୁ ଶ୍ରୀ ସ୍ୱାଇଁ ଅନୁଗୁଳ ଜିଲ୍ଲାରୁ ଆସି ଛତ୍ରପୁର ଜିଲ୍ଲା ହେଡକ୍ୱାଟରରେ ଯୋଗଦେଇଥିଲେ। ଏହାପରେ କିଛିଦିନ ପାଇଁ କବିସୂର୍ଯ୍ୟନଗର ଥାନାରେ ଆଡିସିନାଲ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତାରାସିଂ ଅଞ୍ଚଳରେ ଆଗାମି ଦିନରେ ଟ୍ରାଫିକ ସମସ୍ୟା ଓ ସାଧାରଣ ନିର୍ବାଚନ ସମୟରେ କିପରି ଶାନ୍ତି ଶୃଙ୍ଖଳା ବଜାୟ ରହିବ ତା ଉପରେ ଗୁରୁତ୍ୱ ଦେବାକୁ ନୂତନ ଥାନା ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି। ପୂର୍ବରୁ ତାରାସିଂ ଥାନାରେ ଗତ କିଛି ମାସ ହେବ ଥାନାଧିକାରୀ ଭାବେ ଅଶ୍ୱିନି କୁମାର ଭିତ୍ରୀଆ କାର୍ଯ୍ୟତୁଲାଇଥିବା ବେଳେ ତାଙ୍କୁ ପୁଣି କବିସୂର୍ଯ୍ୟନଗର ଥାନାକୁ ଆଡିସିନାଲ ଥାନାଧିକାରୀ ଭାବେ ବଦଳି ହୋଇଛି।

# କ୍ରିକେଟ ଏକାଡେମୀ ବଦଳରେ ସ୍ପୋର୍ଟସ ହଷ୍ଟେଲ ଆମର ଦାବି : ବିଧୁଭୂଷଣ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ)** ରାଜ୍ୟରେ ୪୨ଟି କ୍ରୀକେଟ ଏକାଡେମୀ, ୪ଟି କ୍ରୀକେଟ ଷ୍ଟାଡିୟମ, ୩ଟି ସ୍ପୋର୍ଟସ କମ୍ପ୍ଲେକ୍ସ, ଗୋଟିଏ ଭାର ଉତ୍ତୋଳନ ଏକାଡେମୀ, ଗୋଟିଏ ୨୦୦ ଖେଳାଳୀ ବିଶିଷ୍ଟ ସ୍ପୋର୍ଟସ ହଷ୍ଟେଲ ମୁଖ୍ୟମନ୍ତ୍ରୀ ଲୋକାର୍ପିତ ଓ ଶୀଳାନ୍ୟାସ କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କୁ କେବଳ ଧୋକ୍କା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାବାସୀ ବିଜୁବାବୁଙ୍କୁ ଅତିତରେ ରାଜନୈତିକ ଜୀବନ୍ୟାସ ଦେଇଥିଲେ । ତା'ର ପ୍ରତିବଦଳରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀ, ପ୍ରତାରଣା, ପ୍ରତିଶ୍ରୁତି ଓ ପରିଶେଷରେ କ୍ରୀଡ଼ାପ୍ରେମୀଙ୍କୁ ପ୍ରୋତ୍ସାହନ ବଦଳରେ ଲଲିପପ୍ ଧରାଇ ଦିଆଯାଇ ଭକୁଆ ବନାଯାଇଛି ବୋଲି ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ତଥା ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଏକ ପ୍ରେସ ବିବୃତ୍ତିରେ କହିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାକୁ ମେଡ଼ିକାଲ୍ କଲେଜ, ଯାତ୍ରୀବାହୀ ରେଳ, ଗ୍ରାମୀଣ ବିଶ୍ୱବିଦ୍ୟାଳୟ ଓ କୌଣସି ଶିଳ୍ପ ଦିଆଯାଇନଥିଲା ବେଳେ ଆଜି ଅନ୍ୟ ଜିଲ୍ଲାମାନଙ୍କୁ ଷ୍ଟାଡିୟମ ଓ ସ୍ପୋର୍ଟସ୍ ହଷ୍ଟେଲ ଉପହାର ଦିଆଯାଇ କେନ୍ଦ୍ରାପଡ଼ାବାସୀକୁ ଧୋକ୍କା ଦେଇ ମର୍ମାହତ କରାଯାଇଛି । ଚଳିତ ବର୍ଷ କ୍ରିକେଟ ଏକାଡେମୀ ପ୍ରଦାନ କ୍ରିକେଟ୍ ପ୍ରେମୀଙ୍କୁ କଟାଘାରେ ଚୂନଦେଲା ଭଳି ପ୍ରତିୟମାନ ହେଉଛି। ଅତୀତରେ ଏହି ଜିଲ୍ଲାରେ ଫୁଟବଲ କୋଚ, ଆଥଲେଟିକ୍ କୋଚ୍ ଓ ଭଲିବଲ୍ କୋଚ୍ ଥିବା ବେଳେ ଏବେ ଭଲିବଲ୍ ଭଳି ଅନ୍ୟ କ୍ରୀଡ଼ାର କୋଚ୍‌ମାନଙ୍କୁ କେନ୍ଦ୍ରାପଡ଼ାରୁ ଉଠାଇ ନିଆଯାଇଛି। ସାରା କେନ୍ଦ୍ରାପଡ଼ା ଜିଲ୍ଲାରେ ୪୦୦ ମିଟର ଦୌଡ଼ ପାଇଁ କୌଣସି ଜାଗାରେ ଟ୍ରାକଟିଏ ନାହିଁ। ଯାହାକି ଆମ ଜିଲ୍ଲାକୁ ଲଜ୍ଜିତ କରିଛି। କ୍ରୀଡ଼ା କ୍ଷେତ୍ରରେ କେନ୍ଦ୍ରାପଡ଼ାର ସ୍ଥାନ ସ୍ୱତନ୍ତ୍ର ଥିଲା ବେଳେ ଚଳିତବର୍ଷ ୧୯ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଭଲିବଲ୍ ଟିମ୍‌ରେ ସ୍କୁଲ ଗେମ୍ ଅଫ୍ ଫେଡେରେସନ୍‌ରେ ୫ ଜଣ ପ୍ରତିନିଧିତ୍ୱ କରିବା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଅତୀତରେ ଜଳକ୍ରୀଡ଼ାରେ କେନ୍ଦ୍ରାପଡ଼ାର ନୌକାରାଣୀ ପ୍ରଭାସିନୀ ଦ୍ୱିବେଦୀ, ଭାର ଉତ୍ତୋଳନରେ ଅଚ୍ୟୁତାନନ୍ଦ ସାହୁ ଏସିଆଡ୍ ଓ କମନ୍‌ୱେଲ୍‌ଥ ଗେମ୍ ଖେଳି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହିଭଳି ଚଳିତ ବର୍ଷ ଭଲିବଲ୍‌ରେ ଏମ୍‌ଡି ରାଜା ଜୁନିୟର ଇଣ୍ଡିଆରେ ସ୍ଥାନ ପାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏସବୁକୁ ବିଚାର କଲେ କ୍ରୀଡ଼ା କ୍ଷେତ୍ରରେ କେନ୍ଦ୍ରାପଡ଼ାର ସ୍ଥାନ ଅନନ୍ୟ । କିନ୍ତୁ ୨୫ ବର୍ଷ ଭିତରେ କେନ୍ଦ୍ରାପଡ଼ାକୁ କ୍ରୀଡ଼ା କ୍ଷେତ୍ରରେ ଅବହେଳା କରାଯାଇଛି । କ୍ରୀଡ଼ା ପ୍ରେମୀଙ୍କୁ ଏହାଦ୍ୱାରା ହତାସ କରାଯାଇଛି । ଆଜି ପ୍ରତିବର୍ଷ ଭଳି କେନ୍ଦ୍ରାପଡ଼ିଆଙ୍କୁ ଅବହେଳା କଲାଭଳି ନବୀନ ସରକାର ସ୍ପୋର୍ଟସ୍ ହଷ୍ଟେଲ ବଦଳରେ ଓସିଏର କ୍ରିକେଟ୍ ଏକାଡେମୀ ଦେଇ ଲଲିପପ୍ ଧରାଇଛନ୍ତି । ଏଣୁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ପ୍ରେମୀମାନେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ସରକାରଙ୍କୁ ଲଲିପପ୍ ଧରେଇବେ ବୋଲି ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ଆଇନଜୀବୀ ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି । ତେଣୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲାକୁ ସ୍ପୋର୍ଟସ୍ ହଷ୍ଟେଲ, ଭଲିବଲ୍ କୋଚ୍, ୪୦୦ ମିଟର ଟ୍ରାକ, ଫୁଟବଲ୍ କୋଚ୍, ଆଥଲେଟିକ୍ କୋଚ୍ ଓ ଭାରୋତଳନ କୋଚ୍ ଦିଆଯାଉ ବୋଲି ସେ ଦାବି କରିଛନ୍ତି ।

# ବାରିପଦା ଷ୍ଟାଡିୟମରେ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

**ବାରିପଦା (ଅମୃତ ମିଡିଆ) :** ବାରିପଦା ଷ୍ଟାଡିୟମ ପରିସରରେ ନିର୍ମିତ ୪ ଟି ଟର୍ଫ ଉଇକେଟ ସମେତ ଗୋଟିଏ ସିନଥେଟିକ ଉଇକେଟକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଗାମୀ ଦିନରେ ତାଲିମପ୍ରାପ୍ତ କୋଚଙ୍କ ଦ୍ୱାରା ଯୁବ ଖେଳାଳୀ ମାନଙ୍କୁ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରକାଶ କରିଛନ୍ତି ଓ ଏଥିସହିତ ଓଡିଶା କ୍ରିକେଟ ଏସୋସିଏସନ ତରଫରୁ ଅତ୍ୟାଧୁନିକ ବୋଲିଂ ମେସିନ, ରୁଲୋର ଓ ଗ୍ରାସ କଟର ଯୋଗାଇ ଦେଇଥିବାରୁ ଉପସ୍ଥିତ ସଦସ୍ୟ ମାନେ ବେଶ ଆନନ୍ଦିତ ହୋଇଥିଲେ। ଏହି ଆଭାସୀ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ମୟୁରଭଞ୍ଜରେ କ୍ରିକେଟର ଏକ ନୂଆ ଯୁଗ ଆରମ୍ଭ ହେଲା ବୋଲି ପ୍ରକାଶ କରିଥିଲେ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ପରେ ବହୁ ଯୁବ ଖେଳାଳୀ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ନାୟକ ଜିଲ୍ଲାପ୍ରଶାସନ ତରଫରୁ ଆଗାମୀ ପିଢ଼ିର ଖେଳାଳୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସୁବ୍ରମନିୟମ ମହାନ୍ତି ଓ ମନୋଜ କୁମାର ସାଓ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠି, ରବୀନ୍ଦ୍ର କୁମାର ମହାନ୍ତି, କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ଓ ଶେଷରେ ମୟୁରଭଞ୍ଜରେ କ୍ରିକେଟକୁ ପ୍ରତ୍ସାହିତ କରିଥିବାରୁ ସାଧାରଣ ସମ୍ପାଦକ ଶ୍ରୀ ଦାସ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ବର୍ତ୍ତମାନର ସମ୍ପାଦକ ସଞ୍ଜୟ ବେହେରା ତଥା ସୌନ୍ଦର୍ଯ୍ୟକରଣ ପାଇଁ ହାତ ବଢାଇଥିବା ବାରିପଦା ନଗରପାଳଙ୍କୁ ଧନ୍ୟବାଦ ଦେଇଥିଲେ।

# ମିଶନସକ୍ତି ମହିଳାଙ୍କ ପାଇଁ ଋଣ ରିହାତି ମେଳା



**ଔପଦା (ଅମୃତ ମିଡିଆ) :** ମିଶନ ଶକ୍ତି ମହିଳା ମାନଙ୍କ ପାଇଁ ବଡ଼ଖୁସି ଖବର ଘୋଷଣା କଲେ ମୁଖ୍ୟମନ୍ତ୍ରୀ। ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ୟୁନିଫର୍ମ ବାବଦ କୁ ମିଳିଲା ୭ ଶହ ୩୦ କୋଟି, ବ୍ଲେଜର ବାବଦ ସାରା ରାଜ୍ୟର ପ୍ରତ୍ୟେକ ଇସି ମେମ୍ବର କୁ ମିଳିଲା ୨ ହଜାର ଲେଖାଏଁ ଟଙ୍କା। ରାଜ୍ୟ ସରକାରଙ୍କ ତରଫରୁ ମିଶନ ଶକ୍ତି ମହିଳା ମାନଙ୍କ ପାଇଁ ପୂର୍ବରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ର ସୁଧ ଛାଡ଼ ଘୋଷଣା କରାଯାଇଥିବା ବେଳେ ୨ବର୍ଷ ଭିତରେ ଥିବା ମିଶନଶକ୍ତି ଋଣ ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣର ସୁଧ ଛାଡ଼ ଘୋଷଣା କରିଛନ୍ତି। ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଏହି ପରିପ୍ରେକ୍ଷୀରେ ଔପଦା ନୋଡାଲ ହାଇସ୍କୁଲ ଖେଳ ପଡ଼ିଆ ରେ ମିଶନ ଶକ୍ତି ମହିଳା ମାନଙ୍କ ପାଇଁ ଋଣ ରିହାତି ମେଳା ଓ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଔପଦା ବ୍ଲକ ର ପ୍ରଥମ ପର୍ଯ୍ୟାୟରେ ୬୭୪ ଗ୍ରୁପ କୁ ମୋଟ ୪୦ ଲକ୍ଷ ୧୫ ହଜାର ୨୬୦ଟଙ୍କା ଜମା ଖାତାକୁ ଦିଆଯାଇଛି। ଏହି ବ୍ଲକ ର ୧୩ ହଜାର ୯୨୨ ଜଣ ସଦସ୍ୟା ଙ୍କୁ ୟୁନିଫର୍ମ ବାବଦ ରେ ପ୍ରତ୍ୟେକ ଙ୍କୁ ଏକ ହଜାର ଓ ୨୫୮ଜଣ ଇସିଙ୍କୁ ୨ ହଜାର ଟଙ୍କା ଲେଖାଏଁ ଦିଆଯିବା ସମ୍ପର୍କରେ ମେଳା ରେ ଘୋଷଣା କରାଯାଇଥିଲା। ବ୍ଲକର ୧୧ଟି ପଞ୍ଚାୟତ ରୁ ପ୍ରତ୍ୟେକ ପଞ୍ଚାୟତ ର ୪ ଟି ଗ୍ରୁପ କୁ ଚେକ ପ୍ରଦାନ କରାଯାଇଥିଲା। ଆଜି ପୂର୍ବାହ୍ନ ୧୧.୩୦ ରେ ମୁଖ୍ୟମନ୍ତ୍ରୀ ଭିସି ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ପରେ ପରେ ମେଳା ରେ ବ୍ଲକ ଅଧକ୍ଷା ବିସି ବିସ୍ୱା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲ୍ଲାପରିଷଦ ସଦସ୍ୟା ମୁନୀ ସିଂ, ଉଷାରାଣୀ ରାଉଳ, ବିଏଲଏଫ ସଭାପତି ଦୀପ୍ତି ମହାନ୍ତି ଅଂଶ ଗ୍ରହଣ କରି ରାଜ୍ୟ ସରକାରଙ୍କ ଏ ଯୋଜନା ର ସଫଳ ରୂପାୟନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇନଚାର୍ଜ ବିପିସି ନରେନ୍ଦ୍ର ମାଝୀ, ଇନଚାର୍ଜ ବିପିଏମ ରତିକାନ୍ତ ଜେନା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏଥିରେ ୧୧ଟି ପଞ୍ଚାୟତର ଏମବିକେ, ସିଆରପି, ଇସି ଓ ସମ୍ପୃକ୍ତ ମିଶନ ଶକ୍ତି ର ମହିଳା ମାନେ ଅଂଶ ଗ୍ରହଣ କରିଥିଲେ।

# ପିଏସି କମିଟିର ୩ଦିନିଆ ଖଣି ଅଞ୍ଚଳ ଗସ୍ତ




**ଯୋଡ଼ା (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା ବଡ଼ବିଲ ଶିଳ୍ପାଞ୍ଚଳରେ ପ୍ରଥମ ପିଟିସିଏଲ୍ କାରଖାନା ଗସ୍ତ କରିଥିଲେ ବିଧାନ ସଭାର ପବ୍ଲିକ୍ ଆକାଉଣ୍ଟ କମିଟି। କମ୍ପାନୀ ସନିକଟ ଗ୍ରାମବାସୀଙ୍କ ଅଭିଯୋଗ ଆଧାର ରେ ପି ଏ ସି କମିଟି ତଦନ୍ତ କରିଥିଲେ। ସେମାନଙ୍କର ଅଭିଯୋଗ ସତ୍ୟ ବୋଲି କମିଟି ମଧ୍ୟ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। କମ୍ପାନୀ ଧୂଳି ଭର୍ତ୍ତି ଥିବା ପାଣି ଛିଞ୍ଚନ କରୁନଥିବା ଦେଖି ବିରକ୍ତ ହୋଇଥିଲେ।୫, ୬ଟା ବଡବଡ ବୋରୱେଲ୍ କରି ଭୂତଳ ଜଳକୁ କମ୍ପାନୀ ପ୍ଲାଣ୍ଟ କାମରେ ଲଗାଯାଇଥିବା ଦେଖି ଏହି ବୋରୱେଲ୍ ପାଇଁ କଣ ଅନୁମତି ପାଇଛନ୍ତି ତାହାର ଡକ୍ୟୁମେଣ୍ଟ ଦେଖାଇବାକୁ ମାଗିବାରୁ କମ୍ପାନୀ କତୃପକ୍ଷ ଥ ଥ ମ ମ ହୋଇ ଦେଉଛୁ ବୋଲି କହି କିଛି ଦେଖେଇ ପାରିନଥିଲେ। ଏହି କମିଟିର ସଦସ୍ୟ ନାଉରୀ ନାୟକ, ସୁକାନ୍ତ କୁମାର ନାୟକ ଏବଂ ଅଧକ୍ଷ ମୋହନ ଚରଣ ମାଝି ଗଣମାଧ୍ୟମ କୁ ପ୍ରତିକ୍ରିୟା ଦେଇଥିଲେ ଯେ କମ୍ପାନୀ ବେଆଇନ ଭାବେ ଯେଉଁ କାର୍ଯ୍ୟ କରୁଛି ଉକ୍ତ ବିଭାଗ ଏବଂ ସରକାରଙ୍କୁ ଆମର ନିର୍ଦ୍ଦେଶ ରହିବ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ। ଯେଉଁ ଭଳି ଧୂଳି ଉଡୁଛି ଜଳ ,ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କମ୍ପାନୀ କତୃପକ୍ଷ ମାନେ ସବୁ କଥା କୁ ହଁ କରି ଚାଲିଥିବା ଦେଖିବାକୁ ମିଳିଛି। ଏହା ପରେ ଗୁଆଲି ସ୍ଥିତ ଜେ ଏସ ଡବ୍ଲୁ ଅନ୍ତଃରାଷ୍ଟ୍ରୀୟ ଖଣି କମ୍ପାନୀ ଫାଟକ ପାଖରେ କମିଟି ପହଞ୍ଚିବା ସମୟରେ ସେଠାକାର ଲୋକ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ସଭ୍ୟ ମାନେ ରୁଣ୍ଡ ହୋଇ ବହୁତ ପ୍ରକାର ଅଭିଯୋଗ ପତ୍ର ପି ଏ ସି କୁ ଦେଇଥିଲେ। କମ୍ପାନୀ ଜନଶୁଣାଣୀ ସମୟରେ ଦେଇଥିବା ପ୍ରତିଶୃତି ପାଳନ କରୁନଥିବା ବେଳେ ଯିଏ ଯେତେ ଆପତି ଅଭିଯୋଗ କଲେବି ସବୁ କଥାରେ ହଁ କରିଦେବୁ କହି ଭରସା ଦେଇ ନିରାଶ କରିଚାଲିଛି। ଯେଉଁ ଅଧିକାରି ପ୍ରତିଶୃତି ଦେଇ କାର୍ଯ୍ୟ ହାସଲ କଲା ପରେ ଅଧିକାରୀ ସେହି ଦାୟିତ୍ୱରେ ନରି ଅନ୍ୟତ୍ର ବଦଳି ହୋଇଯାଆନ୍ତି। ନୁଆଲୋକ ଆସିଲେ ସେବିଷୟରେ ମୁଁ କିଛି ଜାଣିନାହିଁ କହି ଲୋକ ପ୍ରତିନିଧି ଓ ଗ୍ରାମ ବାସୀଙ୍କୁ ଭୁଆଁ ବୁଲାଇ ଥାନ୍ତି ବୋଲି ଅଭିଯୋଗ ହୋଇଛି। ଏହିବିଷୟରେ ଶ୍ରୀ ନାୟକ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ଙ୍କୁ ପଚାରିବାରୁ ସେମାନେ ଚିରାଚରିତ ଢଙ୍ଗରେ କହିଲେ ହଁ ଆଜ୍ଞା ଦେଉଥିବା ପ୍ରତିଶୃତି ପୂରଣ କରିବୁ। ଖବର ଲେଖା ହେବା ପର୍ଯ୍ୟନ୍ତ ପି ଏ ସି କମିଟି ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ଖେତ୍ର ର ତଦନ୍ତ ସାରିନଥିଲେ।

# ଅନୁଷ୍ଠାନ ଆମର ପକ୍ଷରୁ ଶେଷ ନାଟକ 'ପବିତ୍ର ପାପ' ମଞ୍ଚସ୍ଥ





## ଆତ୍ରେୟ ମଲ୍ଲିକ, ତ୍ରିଲୋଚନ ଦାସ, ବେଣୁଧର ମାପିସ୍ତ, ଅର୍ପିତା ମହାପାତ୍ର ଓ ଏଲ୍ ବିଶ୍ୱାଳଙ୍କୁ ୱଣ୍ଡର ୱାର୍ଲ୍ଡ ୱାଟର ପାର୍କ ଯିବାର ସୁଯୋଗ

**ପୁରୀ (ବ୍ୟୁରୋ) :** ଅନୁଷ୍ଠାନ ଆମର ପକ୍ଷରୁ ୧୬ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ର ଦଶମ ତଥା ଅନ୍ତିମ ଦିବସ ର ଶେଷ ସନ୍ଧ୍ୟା ର ନାଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ରାମକୃଷ୍ଣ ମହାପାତ୍ର, ମଧୁସୂଦନ ପୂଜାପଣ୍ଡା,ଅଭିନେତ୍ରୀ ଅରୁଣିମା ନନ୍ଦ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ ଯୋଗଦାନ କରି ମହାପ୍ରଭୁ ଙ୍କ ନିକଟରେ ପ୍ରଦୀପ ପ୍ରଯୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ।ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଉ ଏକ ନୂଆ ଜୀବନ ପାଇବାକୁ ଯାଉଛି,ରାଜ୍ୟ ସରକାର ଏହାକୁ ନୂତନ ଭାବେ ଗଢି ତୋଳିବା ନିମନ୍ତେ ପ୍ରୟାସ କରିଛନ୍ତି ।ଏଠାରେ ପୁନର୍ବାର ଦର୍ଶକ ପୂର୍ଣ୍ଣ ହେବେ ,ଉତ୍ତମ ମାନର ନାଟକ ପରିବେଷଣ କରାଯିବ, ସେଣ୍ଟ୍ରାଲ ଏସି ଭିତରେ ବସି ଦର୍ଶକ ମାନେ ନାଟକକୁ ଉପଭୋଗ କରିବେ ଏବଂ ଏହାଦ୍ୱାରା କିଛି ଅର୍ଥ ମଧ୍ୟ ଉପାର୍ଜନ ହେବ ତେଣୁ ଓଡ଼ିଆ ମଞ୍ଚ ନାଟକ ବଞ୍ଚି ରହିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ, ମଞ୍ଚ ବଞ୍ଚି ରହିଲେ କଳାକାର ବଞ୍ଚି ରହିବ ବୋଲି ଅତିଥି ମାନେ ଅଭିବ୍ୟକ୍ତ ପ୍ରଦାନ କରିଥିଲେ ।ଏହାପରେ କଳାକାର ଏକତା ମଞ୍ଚ ରାଉରକେଲା ର ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ଷଡଙ୍ଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ୭ ହଜାର ଟଙ୍କା ଉପସ୍ଥାପନା ଖର୍ଚ୍ଚ ପ୍ରଦାନ କରାଯାଇଥିଲା ।ଏହାପରେ ଯେଉଁ କଳାକାର ମାନେ ପ୍ରତ୍ୟୁକ ଦିନ ଯାତ୍ରା ଶେଷ ପର୍ଯ୍ୟନ୍ତ ଦେଖିବେ ସେମାନଙ୍କୁ ୱାଣ୍ଡର ୱାର୍ଲ୍ଡ ୱାଟର ପାର୍କ ପକ୍ଷରୁ ୫ ଜଣଙ୍କୁ ମାଗଣାରେ ମାଳତିପାଟପୁର ସ୍ଥିତ ୱଣ୍ଡର ୱାର୍ଲ୍ଡ ୱାଟର ପାର୍କ ବୁଲିଯିବାର ସୁଯୋଗ ଦିଆଯାଇଥିଲା ।ଆଜିର ବିଜେତା ଭାବେ ଆତ୍ରେୟ ମଲ୍ଲିକ,ତ୍ରିଲୋଚନ ଦାସ,ବେଣୁଧର ମାପିସ୍ତ,ଅର୍ପିତା ମହାପାତ୍ର ଏବଂ ଏଲ୍ ବିଶ୍ୱାଳ ଙ୍କୁ ୱାଟର ପାର୍କ ଯିବାର ସୁଯୋଗ ଦିଆଯାଇଛି ।ଏହାପରେ କଳାକାର ଏକତା ମଞ୍ଚ ରାଉରକେଲା ପକ୍ଷରୁ ଶେଷ ସନ୍ଧ୍ୟାର ନାଟକ 'ପବିତ୍ର ପାପ' ପରିବେଷଣ କରାଯାଇଥିଲା ।ଯେଉଁ ନାଟକରେ ଦର୍ଶାଯାଇଛି ସକାଳେ ଫୁଟି ସଂଜରେ ଝଡି ପଡେନି ବିଶ୍ୱାସ,ବିଶ୍ୱାସ ଚହଲି ଗଲେ ଥରେ ଆଇନା ଚହଲି ଗଲାପରି ହୃଦୟ ବି ଚହଲି ଯାଏ ।ଯଦି ବିଶ୍ୱାସ ଶକ୍ତ ହୋଇ ଉଠେ ତ୍ୟାଗ ମହନୀୟ ହୋଇ ଯାଏ ତେବେ ସବୁ ପାପ ପବିତ୍ର ହୋଇ ଯାଏ ।ଏହା ହିଁ ନାଟକ ପବିତ୍ର ପାପ ର ସାରାଂଶ ।ନାଟକ କୁ ସମ୍ପୂର୍ଣ୍ଣ ଦେଖିସାରି ଶେଷରେ ମୂଲ୍ୟାଙ୍କନ କରୁଛନ୍ତି ବରିଷ୍ଠ କଳାକାର ରବି ତ୍ରିପାଠୀ,ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ଏବଂ ଦୟାନିଧି ତ୍ରିପାଠୀ । ନାଟକର ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।



### ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ସହାୟତାରେ ହେଉଥିବା ପ୍ରକଳ୍ପ

## ଶ୍ରମିକ ଓ ଅଧିବାସୀଙ୍କ ଦାବି ସୁରକ୍ଷିତ ହେବା ଆବଶ୍ୟକ

**ଭୁବନେଶ୍ୱର (ବ୍ୟୁରୋ) :** ଏସିଆନ ଉନ୍ନୟନ ବ୍ୟାଙ୍କରେ ସହାୟତାରେ ପଡ଼ିରହୁଥିବା ବିଭିନ୍ନ ପ୍ରକଳ୍ପରେ ଶ୍ରମିକ, କର୍ମଚାରୀ ଅଧିବାସୀ ଓ ଆଦିବାସୀମାନଙ୍କର ଦାବୀ ଓ ଅଧିକାର ସୁରକ୍ଷା ହେବା ଆବଶ୍ୟକ। ତଥା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଘରୋଇ ଉଦ୍ୟୋଗ କାର୍ଯ୍ୟ କରୁଥିବା ମୁଖ୍ୟକାର୍ଯ୍ୟ ବିଭିନ୍ନ ସବ କଂଟ୍ରାକ୍ଟର ଲେବର, ସପ୍ଲାଇ କଣ୍ଟ୍ରାକ୍ଟର କରୁଥିବାରୁ ସବ କଂଟ୍ରାକ୍ଟରମାନଙ୍କରରେ ଯୋଗ୍ୟତା ଓ ଅଭିଜ୍ଞତା ପୁଂଖାନୁପୁଂଖ ପରୀକ୍ଷା କରିବା ସହିତ ସମସ୍ତ ସବ୍ କଂଟ୍ରାକ୍ଟର ଓ ଲେବର ସପ୍ଲାଇ କଂଟ୍ରାକ୍ଟର ମଧ୍ୟ ସମସ୍ତ ଶ୍ରମ ଆଇନ ଓ ଏସିଆନ ଓ ଏସିଆନ ଡେଭେଲ୍‌ପମେଂଟ ବ୍ୟାଙ୍କର ନିତୀ ନିୟମ ମାନିବା ପାଇଁ ଉକ୍ତି ସ୍ୱାକ୍ଷର କରିବା ଆବଶ୍ୟକ ଏବଂ ଆମ ଦେଶରେ ନିର୍ମାର୍ୟ ଶ୍ରମିକ ଶ୍ରମ ସଂଗଠନ ବୋର୍ଡ଼ ଥିବାରୁ ଏବଂ ପ୍ରତ୍ୟେକ ନିର୍ମାଣ ପ୍ରୋଜେକ୍ଟର ୧ ପ୍ରତିଶତ ନିର୍ମାଣ ଶ୍ରମିକ ବୋର୍ଡ଼କୁ ଦିଆଯାଉଥିବାରୁ ନିର୍ମାଣ ବୋର୍ଡ଼ରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ବାଧ୍ୟତାମୂଳକ ଭାବେ ନିର୍ମାଣ ଶ୍ରମିକ ଶ୍ରମ ସଂଗଠନ ବୋର୍ଡ଼ରେ ସଦସ୍ୟ ହେବା ଆବଶ୍ୟକ ବୋଲି ତା. ୨୧/୦୨/୨୦୨୪ ରିଖରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ତରଫରୁ ନୂତନ ପ୍ରୋଜେକ୍ଟ ପାଇଁ ଶ୍ରମିକ, କର୍ମଚାରୀ, ଦାଦିବାସୀ ଏବଂ ଅଧିବାସୀମାନଙ୍କ ପାଇଁ ପରିବେଶ ସୁରକ୍ଷା ପାଇଁ ଶ୍ରମିକ ୟୁନିଅନ, ସାମାଜିକ କର୍ମୀମାନଙ୍କ ସହ ଏକ ବୈଠକରେ ଯୋଗଦେଇ ରାଷ୍ଟ୍ରୀୟ ମଜଦୁର ଜାତୀୟ ଉପସଭାପତି ତଥା ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ କହିଥିଲେ। ଏସିଆନ ଡେଭଲେପ୍‌ମେଂଟ ବ୍ୟାଙ୍କରେ ଆୟୋଜିତ ଏହି ବୈଠକରେ ବୁସ ଦୁନ, ଟାକାଓ ମାରିଣ, ମିନାକ୍ଷୀ ଆଦମେରା, ଦେହେରା ଆବାଶ, ମଧୁସ୍ମିତା ଗୁପ୍ତା ଆନ୍ତର୍ଜାତିକ ନିର୍ମାଣ ଅଧିକାରୀ ମହାସଂଘ ତରଫରୁ ଶ୍ରୀମତୀ ସଗୁଫଣ ରିଆଜ, ଇସିତା ଚକ୍ରବତି ପ୍ରମୁଖ ଭାଗନେଇ ଆଲୋଚନାରେ ଭାଗ ନେଇଥିଲେ। ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ବିଭିନ୍ନ ଦେଶ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଅଂଚଳରେ ବିଭିନ୍ନ ଦେଶ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର, ଘରୋଇ କଂପାନୀକୁ ଏସିଆ ଉନ୍ନୟନ ବ୍ୟାଙ୍କ ନେଉଥିବା ବିଭିନ୍ନ ପ୍ରକଳ୍ପକୁ ଦେଉଥିବା ଋଣ ପାଇଁ ଶ୍ରମିକ କର୍ମଚାରୀ, ଅଧିବାସୀ, ଆଦିବାସୀ, ପରିବେଶ, ଜମିଅଧି ଗ୍ରହଣ, କ୍ଷତିପୁରଣ ପାଇଁ ଆଗାଂମୀ ୩ ବର୍ଷ ପାଇଁ ନିତିନିୟମ ନିର୍ଦ୍ଧାରଣ କରିବା ପାଇଁ ଏସିଆନ ଉନ୍ନୟ ବ୍ୟାଙ୍କ ତରଫରୁ ଜାତୀୟ ସ୍ତରରେ ଏହି ବୈଠକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରମିକ କର୍ମଚାରୀମାନଙ୍କ ତରଫରୁ ଏକାମତ୍ର ପ୍ରତିନିଧି ଭାବେ ଏହି ବୈଠକରେ ଯୋଗଦେଇଥିଲେ।

## ବଦଳିଲେ ବେତନଟୀ ତହସିଲଦାର

**ବେତନଟୀ (ଅମୃତ ମିଡିଆ) :** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମାନ ଲୋକସଭା କ୍ଷେତ୍ର ଅଧିନରେ ଘର ହୋଇଥିଲେ କୌଣସି ଅଧିକାରୀ ରହିପାରିବେ ନାହିଁ ବୋଲି ଭାରତର ନିର୍ବାଚନ କମିଶନ ଜାରିକରିଥିବା ନିର୍ଦ୍ଦେଶ ବଳରେ ମଙ୍ଗଳବାର ବେତନଟୀ ତହସିଲଦାର ଅନିତା ନାୟକଙ୍କର ନିଶ୍ଚିନ୍ତକୋଇଲି ତହସିଲଦାର ଭାବରେ ବଦଳି ହୋଇଛି । ତାଙ୍କ ସ୍ଥାନରେ ଗଁଦିଆ ତହସିଲଦାର ସୁରଥଚନ୍ଦ୍ର ରାଉତଙ୍କର ବେତନଟୀ ତହସିଲଦାର ଭାବରେ ବଦଳି କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିନା...

ରୁ SME ଆଡକୁ ଆଗଉଥିବାର ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ସ୍ୱୟଂ ସହାୟକ ଗୋଷ୍ଠିର ମା' ମାନେ Corporate ଜଗତ ସହ ଯୋଡି ହୋଇଛନ୍ତି। ବିଜିନେସ୍ କରିବା ପାଇଁ ଆଗଉଛନ୍ତି। ସେଥିପାଇଁ ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ଓ ୧.୫ ଲକ୍ଷ ଏସ.ଏଚ୍.ଜି. ଲିଡର ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ପାଇଁ ୭୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେ ଆହୁରି ମଧ୍ୟ କହିଥିଲେ ଯେ ମିଶନ ଶକ୍ତି ମା' ମାନଙ୍କ ଦ୍ୱାରା ତିଆରି ଜିନିଷର ବିକ୍ରି ପାଇଁ ମିଶନ ଶକ୍ତି ବଜାର କରାଯାଉଛି। ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଆଜି ଖୋଲାଯିବ। ଆସନ୍ତା ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଓ Retail Outlet ଖୋଲାଯିବ। ଚଳିତ ବର୍ଷ ମିଶନ ଶକ୍ତି ମା' ମାନେ ୧୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ୭୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ମା' ମାନଙ୍କୁ ଯୋଗାଇ ଦିଆଯିବ । ଏଣିକି ଓଡିଶାର ମା' ମାନେ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ନେଇପାରିବେ ଏବଂ ସମସ୍ତ ସୁଧ ରାଜ୍ୟ ସରକାର ଫେରସ୍ତ କରିବେ । ଏହା ଦ୍ୱାରା ମା' ମାନଙ୍କର ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ ହେବ । ଆଜି ମିଶନ ଶକ୍ତି ମା' ମାନେ ଓଡିଶାର ରୂପାନ୍ତରରେ ଯୋଗଦାନ ଦେଉଛନ୍ତି ବୋଲି ସେ କହିଥିଲେ। ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଫେଡେରେସନ ଲିଡର ମାନେ ବହୁତ ଭଲ କାମ କରୁଛନ୍ତି ବୋଲି ପ୍ରଶଂସା କରି ଖୁବ୍ ଶୀଘ୍ର ସେମାନେ ଖୁସି ଖବର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରି ବରଗଡ ଜିଲ୍ଲା ମା' ଯମୁନା ଏସ୍.ଏଚ୍.ଜି. ଓ ଗଂଜାମ ଜିଲ୍ଲା ମା' ବିମଳା ଏସ୍.ଏଚ୍.ଜି.କୁ ଚେକ୍ ପ୍ରଦାନ କରିଥିଲେ।

### ମହାମହିମ...

ଅପେକ୍ଷାରେ ରହିଛନ୍ତି ଅଞ୍ଚଳବାସୀ । ପ୍ରଥମ ଥର ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଖିଚିଂ ସ୍ଥିତ ମା କୀଚକେଶ୍ୱରୀ ମନ୍ଦିର ପରିଦର୍ଶନରେ ଆସୁଛନ୍ତି । ତାଙ୍କର ଭବ୍ୟ ସ୍ୱାଗତ ପାଇଁ ରାଇରଙ୍ଗପୁର ଓ ଖିଚିଂ ଠାରେ ବିଶେଷ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରାଷ୍ଟ୍ରପତି ଙ୍କ ଗସ୍ତ ପାଇଁ ବାୟୁସେନାର ସ୍ୱତନ୍ତ୍ର ବିମାନ ଆସି ଟ୍ରାଏଲ ରନ କରିବା ସହିତ ସେନା ଅଧିକାରୀ ମାନେ ଅସ୍ଥାୟୀ ହେଲିପେଡ ରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି । ମହାମହିମଙ୍କ ଗସ୍ତକୁ ନେଇ ମୟୁରଭଞ୍ଜ ଜିଲାପାଳଙ୍କ ସହ ଆଇଜି ଏବଂ ଏସପି ମଧ୍ୟ କ୍ଷେତ୍ର ପରିଦର୍ଶନ କରି ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଇଥିବାର ଜଣାଯାଇଛି ।

### ବିଭିନ୍ନ ...

ଆୟୋଜନ କରିଛି ଓସିଏ । ଏହି ଶିଳାନ୍ୟାସ୍ ସମାରୋହରେ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂ ଧୁମାଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାଶ, ଓସିଏ ସଂପାଦକ ସଂଜୟ ବେହେରା, ଯୁବ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ କ୍ରିକେଟର ଇରଫାନ ପଠାନ, ପ୍ରଜ୍ଞାନ ଓଝା, ବଲିଉଡ ଗାୟିକା ନେହା କକ୍କରଙ୍କ ପରି ସେଲିବ୍ରେଟି ଯୋଗ ଦେଇଛନ୍ତି। ଶୀଳାନ୍ୟାସ ଉତ୍ସବକୁ ଭବ୍ୟ ଏବଂ ଆକର୍ଷଣୀୟ କରିବାକୁ ବଲିଉଡ଼ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି କ୍ରିକେଟର ଇରଫାନ ପଠାନ ଓ ବଲିଉଡ ଗାୟିକା ନେହା କକ୍କର।

### 'ମେ' ୧୫...

ଅନ୍‌ଲାଇନରେ ଖାତାଦେଖା ହେବ। ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ। ଚଳିତ ବର୍ଷ ଖାତା ଦେଖାରେ ପ୍ରାୟ ୧୫ ହଜାର ଅଧ୍ୟାପକ ଓ ଅଧ୍ୟାପିକା ସାମିଲ ହେବେ ବୋଲି CHSE ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରୀ,୧୬ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ୩ ଲକ୍ଷ ୮୬ହଜାର ୨୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି।

### ପୋଲିସ-...

ସମୟ ଧରି ଗୁଳିବିନିମୟ ହୋଇଥିଲା। ପରେ ଯବାନମାନେ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ସେତିକିବେଳେ ଯବାନମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିବା ସହ ୪ ମାଓବାଦୀଙ୍କ ମୃତଦେହ ପାଇଥିଲେ। ବର୍ତ୍ତମାନ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

## କନ୍ଧମାଳର ବିକାଶରେ ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର

**କନ୍ଧମାଳ(ଅମୃତ ମିଡିଆ)**କନ୍ଧମାଳ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଫୁଲବାଣୀ ସଦର ମହକୁମା ସ୍ଥିତ କୋର୍ଟ ଛକ ନିକଟସ୍ଥ ସ୍ଥାନୀୟ ସଭାଗୃହ ଠାରେ କନ୍ଧମାଳ ଜିଲ୍ଲାର ବିକାଶ ରେ ' ' ନିର୍ବାଚିତ ଲୋକ ପ୍ରତିନିଧି ଙ୍କ ଭୂମିକା,' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଆଲୋଚନା ଚକ୍ର ଯୋଗ ଦେଇଥିବା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସର ରେ ପ୍ରେସ କ୍ଲବ ପକ୍ଷରୁ ବରିଷ୍ଠ ନାଗରିକ ସଙ୍ଘ ସଭାପତି ସମାଜସେବୀ ତଥା ରାଜ୍ୟ ଦୁର୍ନୀତି ନିବାରଣ ମଞ୍ଚର ରାଜ୍ୟ ଉପ ସଭାପତି ଶ୍ରୀ କମଳା କାନ୍ତ ପାଣ୍ଡେ ଙ୍କୁ ଫୁଲତୋଡ଼ା ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ତଥା କନ୍ଧମାଳ ଜିଲ୍ଲା ବିଜେଡି ସଭାପତି ଅଙ୍ଗଦ କହଁର ଯୋଗ ଦେଇ କନ୍ଧମାଳ ଜିଲ୍ଲାର ଉନ୍ନତି ନବୀନ ସରକାର ଙ୍କ ପାଇଁ ହୋଇଛି,ଫୁଲବାଣୀ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ଦୁର୍ଗମ ଅଞ୍ଚଳ କୁ ଲୋକମାନଙ୍କ ର ଯାତାୟତ ନିମନ୍ତେ ଭଲ ରାସ୍ତା ଟିଏ ନଥିଲା ଆମ ବିଜେଡି ସରକାର ଯୋଗୁଁ ରାସ୍ତା ନିର୍ମାଣ ହୋଇଛି। ଲୋକ କେହି ଅନାହାର ରେ ରାହୁନାହାନ୍ତି। ମହିଳା ମାନଙ୍କ ର ସଶକ୍ତି କରଣ କରାଯାଇଛି । ଛୁଆ ମାଆ ପେଟରେ ଥିବା ଠାରୁ ମମତା ଯୋଜନା ଠାରୁ ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ମଶାଣି କୁ ଯିବା ପର୍ଯ୍ୟନ୍ତ ନବୀନ ସରକାର ଯୋଜନା କରିଛନ୍ତି। କନ୍ଧମାଳ ଜିଲ୍ଲାର ବିକାଶ ଧାରା ବୋହି ଚାଲିଛି ବୋଲି କହିଥିଲେ। ଏସ୍ ଡି ସି ଅଧ୍ୟକ୍ଷ ରୋଦନ ମଲ୍ଲିକ ମଧ୍ୟ ଯୋଗ ଦେଇ କନ୍ଧମାଳ ର ବିକାଶ ହୋଇଛି। କନ୍ଧମାଳ ର ବିକାଶ ପାଇଁ ନବୀନ ପଟ୍ଟନାୟକ ଆଦିବାସୀ ମାନଙ୍କ ର ସାମୁହିକ ଉନ୍ନତି କ୍ରୀଡା,ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଉନ୍ନତି ପାଇଁ ସର୍ବଦା ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କହିଥିଲେ । କନ୍ଧମାଳ ସଂଗ୍ରାମୀ ଟାଣୁଆ ନେତା ବିଜେପି ଦଳର ବହୁ ଚର୍ଚ୍ଚିତ ବ୍ୟକ୍ତିତ୍ୱ ନେତ୍ର ମାନସେଟ ଯୋଗ ଦେଇ ସଂଗ୍ରାମୀ ଭାଷଣ ଦେଇ କହିଥିଲେ ନିର୍ବାଚିତ ପ୍ରତିନିଧି ମାନେ ଯଦି କନ୍ଧମାଳ ର ବିକାଶ ଚାହାନ୍ତି ତେବେ ଦଳ ବର୍ଣ୍ଣ ନିର୍ବିଶେଷରେ ଏକ ହୋଇ କାମ କରନ୍ତୁ । ପ୍ରଥମେ ମାଟି ପରେ ପାର୍ଟି କନ୍ଧମାଳ ର ଉନ୍ନତି ହେବା ଦରକାର । କନ୍ଧମାଳ ଜିଲ୍ଲାର ଜନସାଧାରଣ ଙ୍କର ଅନ୍ୟ ଜିଲ୍ଲା ଭଳି ଉନ୍ନତି ହେବା ଆବଶ୍ୟକ ବୋଲି କହିଥିଲେ । ବିଜେପି ନେତା ତଥା ଓକିଲ ସଂଘ ସଭାପତି ଭଗବାନ ମହାନ୍ତି, ଆଇନଜୀବି, ସଂଗଠକ ତଥା ସରପଞ୍ଚ ସଂଘ ପରାମର୍ଶ ଦାତା ରମେଶ ମହାନ୍ତି, ବିଜେପି ଯୁବ ନେତା, ସଂଗଠକ ପ୍ରଣବ ନାୟକ, କଂଗ୍ରେସ ର ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ପ୍ରମୁଖ ଯୋଗ ଦେଇ ନିର୍ବାଚିତ ଲୋକ ପ୍ରତିନିଧି ମାନେ ଲୋକଙ୍କ ସମସ୍ୟା ଓ ଅଞ୍ଚଳର ବିକାଶ ଉପରେ ଦୃଷ୍ଟି ଦେବା ସହ ଲୋକଙ୍କ ନିକଟତର ହେବା ଉଚିତ୍ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡ. ଅରୂପ ଜେନା, ଆଇନଜୀବି ବିଜୟ ପଟ୍ଟନାୟକ, ପୂର୍ବତନ କର୍ମଚାରୀ ନେତା ବ୍ରଜ କିଶୋର ପଟନାୟକ ଯୋଗ ଦେଇ ସମୀକ୍ଷା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ କମଳା କାନ୍ତ ପାଣ୍ଡେ, ପୂର୍ବତନ ଅଧ୍ୟକ୍ଷ ଫିରିଙ୍ଗିଆ ବ୍ଲକ୍ ଲାଲ ନନ୍ଦା ପ୍ରଧାନ, ଶିକ୍ଷାବିତ୍ ନବ କିଶୋର ରଥ, ସମାଜସେବୀ ମହମଦ ଜିଆ ଉଦ୍ଦିନ, ଜାଗ୍ରତ କନ୍ଧମାଳ ସମ୍ପାଦକ ସତ୍ୟ ବେହେରା, ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ପ୍ରେସ କ୍ଲବ କାର୍ଯ୍ୟକାରି ସଭାପତି ଅଶୋକ ପରିଡା ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ବିରେନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଦୁଇଶହ ରୁ ଉର୍ଦ୍ଧ ବୁଦ୍ଧିଜିବୀ, ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ, ଯୁବକ, ମହିଳା, ପ୍ରେସକ୍ଲବ ସମସ୍ତ ସଦସ୍ୟ ବରିଷ୍ଠ ସାମ୍ବାଦିକ କନ୍ଧମାଳ ମିଡ଼ିଆ ଫୋରମ ସଭାପତି ସନ୍ତୋଷ ଦିଗାଲ, ଉପ ସଭାପତି ବୈଦ୍ୟ ନାଥ ନାୟକ,ଜୟସେନ ପରିଡ଼ା, ପ୍ରଶାନ୍ତ କୁମାର ବେହେରା, ରାଧାମୋହନ ମହାପାତ୍ର, ସୂର୍ଯ୍ୟ ନାରାୟଣ ବେହେରା, ଡ଼ଃ କାହ୍ନୁ ଚରଣ ଶତପଥୀ, ଶିବ ବିଶ୍ୱାଳ ଶିବ ପ୍ରସାଦ ନାୟକ, ଜିଲ୍ଲା ଡିଜିଟାଲ ମିଡ଼ିଆ ସଂଘ ସଭାପତି କ୍ଷିତିଶ ମଲ୍ଲିକ,ସାଧାରଣ ସମ୍ପାଦକ ସୁଧୀର ମହାରଣା ,ଶିବରାମ ନାୟକ,ମହିଳା ସାମ୍ବାଦିକା ଶିବାନି ସୁଆର,ନିବେଦିତା ଖଡଙ୍ଗା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।



# ଆଇପିଏଲ୍-୨୦୨୪ : ଖେଳିବେ ନାହିଁ ବିରାଟ କୋହଲି !

**ମୁମ୍ବାଇ :** ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି କିଛି ଦିନ ତଳେ ଦ୍ୱିତୀୟ ଥର ବାପା ହୋଇଥିଲେ। ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ବେଳେ ପୁଅର ନାମ ବିରୁଷ୍କା, ଅକାୟ ରଖିଥିବା ସାମ୍ନାକୁ ଆସିଥିଲା। ଅନୁଷ୍କାଙ୍କର ଲଣ୍ଡନରେ ପ୍ରସବ ହୋଇଥିବା ବେଳେ ଏବେ ପୂରା ପରିବାର ସେଠାରେ ଅଛନ୍ତି। ବିରାଟ ନିଜ ପରିବାର ସହ ସମୟ ବିତାଇବା ପାଇଁ ମାସେ ହେଲାଣି କ୍ରିକେଟଠାରୁ ଦୂରରେ ରହିଛନ୍ତି। ଏବେ ଚର୍ଚ୍ଚା ହେଉଛି ଯେ, ପରିବାର ପାଇଁ ବିରାଟ ଆହୁରି କିଛି ଦିନ କ୍ରିକେଟଠାରୁ ଦୂରେଇ ରହିବେ। ଏମିତି କି ତାଙ୍କୁ ଚଳିତ ବର୍ଷ ଆଇପିଏଲରେ ମଧ୍ୟ ଦେଖିବାକୁ ମିଳିବ ନାହିଁ। ଏହାକୁ ନେଇ ପୂର୍ବତନ ଭାରତୀୟ କ୍ୟାପଟେନ ସୁନୀଲ ଗାଭାସ୍କର କହିଛନ୍ତି ଯେ, "ସେ କ'ଣ ଖେଳିବେ କି ? କିଛି କାରଣ ପାଇଁ ସେ ବର୍ତ୍ତମାନ ଖେଳୁନାହାନ୍ତି। ଏଭଳି ବି ହୋଇପାରେ ଯେ, ସେ ଆଇପିଏଲ ପାଇଁ ବି ଖେଳିନପାରନ୍ତି।" ତାଙ୍କର ଏଭଳି ବୟାନ ପରେ ବିରାଟ ଆଇପିଏଲ ଖେଳିବେ ନାହିଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ୧୫ ଫେବ୍ରୁଆରିରେ ବିରାଟ ଓ ଅନୁଷ୍କା ଅକାୟଙ୍କ ମାତାପିତା ହୋଇଥିଲେ । ଲଣ୍ଡନରେ ଅନୁଷ୍କାଙ୍କ ପ୍ରସବ ହୋଇଥିବା ବେଳେ ପ୍ରସବର ୫ଦିନ ପରେ ପ୍ରଶଂସକଙ୍କୁ ପୋଷ୍ଟ କରି ଖୁସି ଖବର ଦେଇଥିଲେ ବିରାଟ । ଦୀର୍ଘ ଦିନ ଧରି ଅନୁଷ୍କା ଶର୍ମା ଗର୍ଭବତୀ ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । କିନ୍ତୁ ଅନୁଷ୍କା ଶର୍ମା ଗର୍ଭବତୀ ଥିବା ଖବର ଉପରେ ନିରବ ଥିଲେ। ସେହିପରି ବିରାଟ କୋହଲି ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନଥିଲେ ।




# ପିତାଙ୍କ ଉପଦେଶ ମାନନ୍ତି ଆୟୁଷ୍ମାନ୍

ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନା ନିକଟରେ ଏକ ସାକ୍ଷାତ୍କାରରେ ନିଜ ଫିଲ୍ମ କ୍ୟାରିୟରକୁ ନେଇ ବିସ୍ତୃତ ମତ ରଖିଥିଲେ। ପିତାଙ୍କ ପରାମର୍ଶ ମାନି ବଲିଉଡ୍‌ରେ ସଫଳତା ପାଇପାରିଥିବା ସେ ଏହି ଅବସରରେ କହିଛନ୍ତି। ସୁପରଷ୍ଟାର ହେବା ପାଇଁ ପ୍ରଥମେ ଜଣେ ଅଭିନେତାଙ୍କୁ ସୁପର ସ୍କ୍ରିପ୍ଟ ବାଛିବାକୁ ପଡ଼ିବ ବୋଲି ପିତା ତାଙ୍କୁ ପରାମର୍ଶ ଦେଇଥିବା ଆୟୁଷ୍ମାନ୍ ଏହି ସାକ୍ଷାତ୍କାରରେ ପ୍ରକାଶ କରିଛନ୍ତି। ଭଲ ସ୍କ୍ରିପ୍ଟ ବାଛିଲେ ହିଁ ସମ୍ପୃକ୍ତ ଚଳଚ୍ଚିତ୍ରକୁ ଭାରତୀୟ ଦର୍ଶକ ବଡ଼ ପରଦାରେ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ପିତାଙ୍କ ପରାମର୍ଶକୁ ସେ ସର୍ବଦା କାର୍ଯ୍ୟକାରୀ କରିଥିବା କହିଛନ୍ତି। ଏହି ପରାମର୍ଶକୁ ମାନି ସେ ସବୁବେଳେ ଭଲ ସ୍କ୍ରିପ୍ଟ ଥିବା ଫିଲ୍ମକୁ ବାଛି ଅଭିନୟ କରିଥିବା କହିଛନ୍ତି। ଯେଉଁ ସ୍କ୍ରିପ୍ଟଗୁଡ଼ିକ ହୃଦୟସ୍ପର୍ଶୀ ହେବା ସହ ସତ୍ୟ ଘଟଣା ଉପରେ ଆଧାରିତ ହୋଇଥିବ ଏବଂ ଯଦ୍ୱାରା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆସିବାର ସମ୍ଭାବନା ଥିବ, ସେଭଳି ଚଳଚ୍ଚିତ୍ରକୁ ସେ ସାଇନ୍ କରୁଥିବା ଆୟୁଷ୍ମାନ କହିଛନ୍ତି। ପିତାଙ୍କ ଏହି ଉପଦେଶ ମାନି ବଲିଉଡ୍ ଇଣ୍ଡଷ୍ଟ୍ରିରେ ସେ ସଫଳତା ପାଇପାରିଥିବା ଆୟୁଷ୍ମାନ୍ କହିଛନ୍ତି। ୨୦୧୨ରେ ରୋମାଣ୍ଟିକ କମେଡି ଚଳଚ୍ଚିତ୍ର 'ଭିକି ଡୋନର'ରୁ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବା ଆୟୁଷ୍ମାନ ବହୁ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛନ୍ତି।



# ମୁମ୍ବାଇ ପାଇଁ ସେମି ଫାଇନାଲ୍ ଖେଳିବେ ଶ୍ରେୟସ




**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ୍ ଦଳର ତାରକା ବ୍ୟାଟର ଶ୍ରେୟସ ଆୟରଙ୍କ ୟୁଟର୍ଣ୍ଣ। ନିଜକୁ ଫିଟ୍ ଘୋଷିତ କରିଛନ୍ତି ଏହି ମଧ୍ୟକ୍ରମ ବ୍ୟାଟର। ଏହା ସହିତ ରଣଜୀ ଟ୍ରଫି ୨୦୨୪ରେ ମୁମ୍ବାଇର ଆଗାମୀ ସେମି ଫାଇନାଲ୍ ମ୍ୟାଚ୍ ଖେଳିବେ। ମୁମ୍ବାଇ ବାନ୍ଦ୍ରାର ବିକେସି ପଡିଆରେ ଖେଳା ଯାଇଥିବା କ୍ୱାର୍ଟର ଫାଇନାଲ୍‌ରେ ବରୋଦା ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା ମୁମ୍ବାଇ। କିନ୍ତୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ମୁମ୍ବାଇ ମାର୍ଚ୍ଚ ୨ରେ ଦ୍ୱିତୀୟ ସେମି ଫାଇନାଲ୍ ?ରେ ତାମିଲନାଡ଼ୁକୁ ଭେଟିବ। ଏହି ମ୍ୟାଚ୍‌ରେ ଶ୍ରେୟସ ଆୟର ଖେଳିବେ। ଶ୍ରେୟସ ଆୟରଙ୍କୁ ଇଂଲଣ୍ଡ ବିପକ୍ଷ ଶେଷ ତିନି ମ୍ୟାଚ୍ ପାଇଁ ଭାରତୀୟ ଦଳରୁ ବାଦ୍ ଦିଆଯାଇଥିଲା। ବିଶାଖାପଟନମରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟରେ ବ୍ୟାଟିଂ ସମୟରେ ପିଠିରେ ଯନ୍ତ୍ରଣା ହେଉଥିବା କହିଥିଲେ ଶ୍ରେୟସ। ଟେଷ୍ଟ ସହ ମୁମ୍ବାଇର ଶେଷ ଦୁଇଟି ରଣଜୀ ଟ୍ରଫି ମ୍ୟାଚ୍‌ରୁ ମଧ୍ୟ ଓହରି ଯାଇଥିଲେ। କିନ୍ତୁ ରାଷ୍ଟ୍ରୀୟ କ୍ରିକେଟ୍ ଏକାଡେମୀର ପ୍ରମୁଖ ନୀତିନ ପଟେଲ୍ ବିସିସିଆଇ ଓ ଜାତୀୟ ଚୟନକର୍ତ୍ତାଙ୍କୁ ଇମେଲ୍ କରି ଜଣାଇ ଦେଇଥିଲେ ଯେ ଶ୍ରେୟସ ଫିଟ୍ ଅଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶ୍ରେୟସ ଆୟର ମୁମ୍ବାଇ କ୍ରିକେଟ୍ ଆସୋସିଏସନକୁ ଜଣାଇ ଦେଇଛନ୍ତି ଯେ, ସେ ଫିଟ୍ ଅଛନ୍ତି ଏବଂ ରଣଜୀ ଟ୍ରଫିର ସେମି ଫାଇନାଲ୍‌ରେ ଦଳ ପକ୍ଷରୁ ଖେଳିବାକୁ ପ୍ରସ୍ତୁତ। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ଖବରରେ ମଧ୍ୟ ଶ୍ରେୟସ ବର୍ତ୍ତମାନ ଫିଟ୍ ଓ ରଣଜୀ ଟ୍ରଫିର ସେମି ଫାଇନାଲ୍ ଖେଳିବେ ବୋଲି କୁହାଯାଇଛି।

# ଶାମିଙ୍କ ଅସ୍ତ୍ରୋପଚାର ସଫଳ: ଆରୋଗ୍ୟ କାମନା କଲେ ମୋଦି



**ନୂଆଦିଲ୍ଲୀ :** ଦୀର୍ଘଦିନ ଧରି ଗୋଇଠି ସମସ୍ୟା ଦେଇ ଗତି କରୁଥିବା ଷ୍ଟାର ବୋଲର ମହମ୍ମଦ ଶାମିଙ୍କର ସର୍ଜରୀ ଲଣ୍ଡନରେ ଶେଷ ହୋଇଛି। ସର୍ଜରୀ ହୋଇଥିବା ନେଇ ଶାମି ଫଟୋ ପୋଷ୍ଟ କରିବା ପରେ ଘଟଣା ସମ୍ପର୍କରେ ସମସ୍ତେ ସୂଚନା ପାଇଛନ୍ତି। ଏହି ଖବର ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ ଯୋଗେ ଶାମିଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଶାମି ଖୁବଶୀଘ୍ର ତାଙ୍କ ଆହତ ସମସ୍ୟାକୁ ମାତ ଦେଇ ପୁଣି ଖେଳିବେ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ମୋଦି କହିଛନ୍ତି, "ମୁଁ ଆପଣଙ୍କର ଦ୍ରୁତ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୁଭକାମନା ଜଣାଉଛି। ମୁଁ ନିଶ୍ଚିତ ଯେ ଆପଣ ବେଶ ସାହାସର ସହ ଏହି ଆହତ ସମସ୍ୟାରୁ ଯଥାଶୀଘ୍ର ମୁକୁଳିବେ।"ସୋମବାର ଲଣ୍ଡନରେ ଶାମିଙ୍କ ଗୋଇଠି ଜନିତ ସମସ୍ୟାର ସର୍ଜରୀ ହୋଇଛି। ଅପରେସନ ସଫଳତାର ସହ ଶେଷ ହୋଇଥିଲେ ହେଁ ସେ ମାର୍ଚ୍ଚ ୨୨ରୁ ମେ' ୨୬ ଯାଏ ଖେଳା ଯିବାକୁ ଥିବା ଆଇପିଏଲରେ ଭାଗ ନେଇ ପାରିବେ ନାହିଁ। ଶାମି ମଧ୍ୟ ସୁସ୍ଥ ହେବାକୁ ସମୟ ଲାଗିବ ବୋଲି ଏକ୍ସ ଯୋଗେ ହସ୍ପିଟାଲରେ ଥିବା ବେଳର ଫଟୋ ସହ ପୋଷ୍ଟ କରିଛନ୍ତି। ଦିନିକିଆ ବିଶ୍ୱକପ ଫାଇନାଲ ପରଠାରୁ ଶାମି ଆଉ ଭାରତୀୟ ଟିମ ପାଇଁ କ୍ରିକେଟ ଖେଳି ନାହାନ୍ତି। ବିଶ୍ୱକପର ୭ଟି ମ୍ୟାଚ୍ ଖେଳିଥିବା ଶାମି ୨୪ଟି ୱିକେଟ ନେଇଥିଲେ। ବିଶ୍ୱକପ ବେଳେ ମଧ୍ୟ ସେ ଗୋଇଠି ଜନିତ ସମସ୍ୟାରେ ପଡ଼ିଥିଲେ। କିନ୍ତୁ ଏହାକୁ ଖାତିର ନ କରି ସେ ଦେଶ ପାଇଁ ବୋଲିଂ କରିଥିଲେ।

# ଦରମା ବଢ଼ିବା ସହ ମିଳିପାରେ ବୋନସ : ବିସିସିଆଇ



**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ୍ ଦଳର ଅନେକ ଖେଳାଳି ଟେଷ୍ଟ ଓ ଘରୋଇ କ୍ରିକେଟ୍ ସିରିଜ୍ ଛାଡ଼ି ଆଇପିଏଲ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଭାରତୀୟ ଖେଳାଳିଙ୍କ ଉପରେ ଏମିତି ଅଭିଯୋଗ ଅନେକ ଥର ଲାଗି ସାରିଛି। ଏବେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଟେଷ୍ଟ ଫର୍ମାଟ୍‌କୁ ପ୍ରୋତ୍ସାହିତ କରିବା ପାଇଁ ବଡ଼ ପଦକ୍ଷେପ ନେଇପାରେ। ରିପୋର୍ଟ ଅନୁଯାୟୀ, ବିସିସିଆଇ ଟେଷ୍ଟ ମ୍ୟାଚ୍ ଖେଳୁଥିବା ନିଜ ଖେଳାଳିଙ୍କ ଦରମା ବଢାଇପାରେ। ଏହା ସହିତ ସମସ୍ତ ଟେଷ୍ଟ ସିରିଜ୍ ଖେଳିଥିବା ଖେଳାଳିଙ୍କୁ ବୋନସ ମଧ୍ୟ ମିଳିପାରେ। ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବିସିସିଆଇ ଆଇପିଏଲ୍ ୨୦୨୪ ପରେ ଟେଷ୍ଟ ଖେଳାଳିଙ୍କ ଦରମା ବଢାଇପାରେ। ବିସିସିଆଇ ଏମିତି ପଦକ୍ଷେପ ନେବା ପଛର କାରଣ ଅନେକ ଖେଳାଳି ଆଇପିଏଲ୍‌ରେ ଫିଟ୍ ରହିବା ପାଇଁ ରଣଜୀ ଟ୍ରଫି ଓ ଘରୋଇ ମ୍ୟାଚ୍ ଖେଳୁ ନାହାନ୍ତି। ନିକଟରେ ଏହାକୁ ନେଇ ଇଶାନ କିଶନ ବହୁ ଚର୍ଚ୍ଚାରେ ଥିଲେ। ବିସିସିଆଇର କହିବା ସତ୍ତ୍ୱେ ବି ଇଶାନ ଝାଡ଼ଖଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍ ଖେଳି ନ ଥିଲେ। ଶ୍ରେୟସ ଆୟର ମଧ୍ୟ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଖେଳି ନ ଥିଲେ। ଯାହା ବହୁତ ବିତର୍କର ବିଷୟ ପାଲଟିଥିଲା। ବିସିସିଆଇ ବର୍ତ୍ତମାନ ଗୋଟିଏ ଟେଷ୍ଟ ପାଇଁ ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରୁଛି। ୨୦୧୬ରେ ଖେଳାଳିଙ୍କ ଦରମା ଦୁଇ ଗୁଣ ବଢାଯାଇଥିଲା। ଗୋଟିଏ ଦିନିକିଆ ପାଇଁ ଖେଳାଳିଙ୍କୁ ୬ ଲକ୍ଷ ଟଙ୍କା ଓ ଟି-୨୦ ପାଇଁ ୩ ଲକ୍ଷ ଟଙ୍କା ମିଳୁଛି। ହେଲେ ଏବେ ଟେଷ୍ଟ ମ୍ୟାଚ୍ ପାଇଁ ଖେଳାଳିଙ୍କ ଦରମା ବଢାଯିବା ସହ ବୋନସ ମଧ୍ୟ ମିଳିବ।

# ମିଡିଆ ମିଡିଆ ଭିତରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

## ଶକ୍ତିରାଜଗୁରୁଙ୍କ ଟିମ୍ ବିଜୟୀ

**ବ୍ରହ୍ମପୁର(ଅମୃତ ମିଡିଆ) :** ଆଜି ବ୍ରହ୍ମପୁର ଷ୍ଟାଡିୟମ ଠାରେ ମିଡ଼ିଆ ଇଲେଭେନ ବନାମ ମିଡ଼ିଆ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୋଟିଏ ଦଳର ଅଧିନାୟକ ଶକ୍ତି ରାଜଗୁରୁ ଓ ଅନ୍ୟ ଦଳର ଅଧିନାୟକ ସୁରଜିତ ପଣ୍ଡା, ସୁରଜିତଙ୍କ ଦଳ ଟସ ଜିତି ପ୍ରଥେମେ ବୋଲିଙ୍ଗର ନିଷ୍ପତ୍ତି ନେଇଥିଲେ । ଶକ୍ତି ରାଜଗୁରୁଙ୍କ ଦଳ ବ୍ୟାଟିଙ୍ଗର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ଖେଳି ୩ ଗୋଟି ୱିକେଟ ବିନିମୟରେ ୧୫୪ ରନ କରିଥିଲେ । ଦଳ ପକ୍ଷରୁ ମନୋଜ କୁମାର ପଣ୍ଡା ୬୫ ରନ ଓ ଶିବ ନାରାୟଣ ପଣ୍ଡା ୫୩ ରନ କରିଥିଲେ । ସୁରଜିତ ପଣ୍ଡାଙ୍କ ଦଳ ପକ୍ଷରୁ ବୋଲିଙ୍ଗରେ ସଚିନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ସୁରଜିତ ପଣ୍ଡାଙ୍କ ଦଳ ୧୫ ଓଭର ଖେଳି ୬ ଗୋଟି ୱିକେଟ ବିନିମୟରେ ୧୧୯ ରନ କରିଥିଲେ । ଦଳ ପକ୍ଷରୁ ଗୋପାଳ ରେଡ୍ଡୀ ୨୮ ରନ କରିଥିଲେ । ଶକ୍ତି ରାଜଗୁରୁ ଦଳ ପକ୍ଷରୁ ବୋଲିଙ୍ଗରେ ମନୋଜ ପଣ୍ଡା ୨ ଓଭର ପକାଇ ୨ ଗୋଟି ୱିକେଟ ଓ ଉମା ମିଶ୍ର ୩ ଓଭର ପକାଇ ୨ ଗୋଟି ୱିକେଟ ଅକ୍ତିହାର କରିଥିଲେ । ଏହି ମ୍ୟାଚକୁ ଶକ୍ତି ଧର ରାଜଗୁରୁଙ୍କ ଟିମ ୩୫ ରନରେ ବିଜୟୀ ଲାଭ କଲେ । ଆଜିର ମିଡ଼ିଆ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚରେ ମନୋଜ କୁମାର ପଣ୍ଡାଙ୍କୁ ମେନ ଅଫ ଦା ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ମ୍ୟାଚରେ ଏମ୍ପାୟାର ଭାବେ ସ୍ୱାଧୀନ ସାହୁ, ଉମା ଶଙ୍କର ମିଶ୍ର, ସୁରଜିତ ପଣ୍ଡା ଓ କାଳି ରଥ ମ୍ୟାଚକୁ ସହଯୋଗ କରିଥିଲେ ।



# ଏସଡିସି କ୍ରିକେଟ ଖେଳ ଉଦ୍‌ଘାଟିତ

**ଜୟପୁର(ଅମୃତ ମିଡିଆ) :** ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ଖେଳ ପଡିଆରେ ଏସଡିସି କ୍ରିକେଟ ଖେଳ ଉଦଘାଟିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି ଯୋଗ ଦେଇଥିବା ବେ ଭେଳ ଅନ୍ୟ ମାନଙ୍କ ମଧ୍ୟରେ ଏସଡିସି ସଦସ୍ୟ ମୁନା ରଥ, ବୈଦନାଥ ନାୟକ ଟଙ୍କ ଧର ହାଲବା, ଲୁନାମଧନ୍ୟ କ୍ରିକେଟ ଖେଳାଳି ସୁବାସ ରାଉତ , କୋରାପୁଟ ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରଦିପ ମହାନ୍ତି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରି ଆଭା ପ୍ରଧାନ, ଜିଲା ପରିଷଦ ସଭ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କ୍ରିକେଟ ଖେଳରେ ଜୟପୁର ବ୍ଲକର ୨୨ଟି ପଞ୍ଚାୟତର ୨୨ଟିମ ଭାଗ ନେବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୁଚନା ଦିଆଯାଇଛି ।



# ୧୩ତମ ଯୁବା ବାସ୍କେଟ୍ ବଲ୍; ଛତିଶଗଡ଼ ଚାମ୍ପିଅନ



**ଭୁବନେଶ୍ୱର :** ଆଜିର ସେମିଫାଇନାଲ ଛତିଶଗଡ଼ ଓ ଯୁବା ଜୁନିୟର ୭୩/୫୫, ଶ୍ରାରସ୍ତ ଖେଳାଳି ସହିଦ ୨୬ କ୍ଷକ୍ଷସଭଷ୍ମ, ୨ଭୟ ସେମିଫାଇନାଲ ରାଉରକେଲା ଓ ଯୁବା ସିନିୟର୍ ୭୨/୫୨ ଶ୍ରେଷ୍ଟ ଖେଳାଳି ରୁଦ୍ରକନ୍ତ ୨୩କ୍ଷକ୍ଷସଭଷ୍ମ। ଞ୍ଚଷସକ୍ସୟ କ୍ଷକ୍ଷବମର ଯୁବା ଜୁନିୟର । ଫାଇନାଲ ମ୍ୟାଚ୍ ଛତିଶ ଗର୍ଡ ଫରେଷ୍ଟ ଓ ରାଉରକେଲା ମଧରେ ଅନୁଷ୍ଠିତ ହୋଇଥିଲା ୪୦/୪୩, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଟ ଖେଳାଳି ବସଂଥନ। ଚମ୍ପିୟାନ ଦଳକୁ ଟ୍ରଫି ସହ ୩୫ହଜାର ଓ ରନର୍ଷ ଦଳକୁ ଟ୍ରଫି ସହ ୧୫ହଜାର ଓ ଞ୍ଚଷସକ୍ସୟ ଟିମକୁ ଟ୍ରଫି ସହ ୭୦୦୦ ହଜାର ଟଙ୍କା ମୁଖ୍ୟ ଅତିଥି ବିଧାୟକ ଅନନ୍ତ ନାରାୟଣ ଜେନା ଓ ସମ୍ମାନୀୟ ଅତିଥି ରୂପେ କର୍ପୋରେଟର ରାଜକିଶୋର ଦାସ,ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ଞ୍ଚବକ୍ସବଭଷ୍ମକ୍ଷ ମୁଖ୍ୟ ଜଙ୍ଗେଶ୍ୱର୍ ମହାପାତ୍ର, ଜସବନ୍ତ ମୋଦି ଓ ସଭାପତି ବିଶ୍ୱଜିତ୍ ମହାନ୍ତି, ସଂପାଦକ ଦେବାଶିଷ ଚକ୍ର, ଅଜୟ ଦାଶ, ସଚିନନ୍ଦନ ନାୟକ , ବିଶ୍ୱପ୍ରସାଦ ମହାନ୍ତି, ସିଦ୍ଧାନ୍ତ ଦାସ, ମନୋରଞ୍ଜନ ଗରାବଡୁ, ମିଥୁନ ବିଶୋଇ, ସବ୍ୟସାଚୀ ରାୟ, ରୁଦ୍ରକାନ୍ତ ମହାପାତ୍ର, ବିଜୟ ବେହେରା,ବାଲାଜୀ ପାତ୍ର,ଗୋପାଳ ମହାନ୍ତି ,ଦୀପକ କୁମାର ପ୍ରଧାନ, ଦେବାଶିଷ ସାହୁ,ମୁକ୍ତିକାନ୍ତ ବାରିକ, ମଣ୍ଟୁ ବେହେରା,ପ୍ରଶାନ୍ତ ବେହେରା, ପ୍ରହଲାଦ ବେହେରା, ଆଦର୍ଶ ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜ୍ୟର ସ୍ୱନାମଧନ୍ୟ ଖେଳାଳି ସୌଭାଗ୍ୟ ଓଝା, ଜି ଏମ ଅଳକା ନନ୍ଦ, କେ ବିବେକ, ଲିଜାଲିନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଆଜିର ଏହି ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସଂଗଠନର ପ୍ରତିଷ୍ଠାତା ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ଧନ୍ୟବାଦ୍ ଦେଇଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ୨୮ରେ ବାମରାରେ ୧୨ ଘଂଟିଆ ବନ୍ଦ ପାଳନ



**କୁଚିଣ୍ଡା(ଅମୃତ ମିଡିଆ):** ରାଜ୍ୟ ସରକାର ଓଡ଼ିଶାରେ ମୋଟ ୩୫ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ହେଲେ ପୂର୍ବ ଦାବି ଅନୁଯାୟୀ ସମ୍ବଲପୁର ଜିଲ୍ଲାର ବାମରା ଏଥିରୁ ବାଦ୍ ପଡିଛି। ଏଥିସହ ରେଳ ସମସ୍ୟା ନେଇ ଦୀର୍ଘ ଦିନରୁ ରହିଥିବା ଦାବି ଉପରେ ମଧ ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦରେ ୨୮ରେ ବାମରାରେ ୧୨ଘଣ୍ଟିଆ ବନ୍ଦ ପାଳନ ସହ ଆଗାମୀ ନିର୍ବାଚନରେ ଅଞ୍ଚଳବାସୀଙ୍କ ପକ୍ଷରୁ ଭୋଟ ବର୍ଜନ ଚେତାବନୀ ଦିଆଯାଇଛି। ନାଗରିକ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାମରା ନାଗରିକ କମିଟି ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତବିଭାଗ ବଙ୍ଗଳାରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନା ମୁତାବକ ଆସନ୍ତା ୨୮ ତାରିଖ ସକାଳ ୬ରୁ ସା ୬ଟା ପର୍ଯ୍ୟନ୍ତ ବାମରା ବନ୍ଦ କରାଯିବ। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସରକାରଙ୍କଠାରେ ବାମରାକୁ ଏନ୍ଏସି କରାଯିବାକୁ ପ୍ରସ୍ତାବ ଦିଆଯାଇଆସୁଛି। ଆବଶ୍ୟକ ହେଉଥିବା ସମସ୍ତ ମାନଦଣ୍ଡ ପୂରଣ ହେଉଥିଲେ ସୁଦ୍ଧା ରାଜ୍ୟ ସରକାର ବାମରାକୁ ଉପେକ୍ଷା କରିଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ପ୍ରସ୍ତାବିତ ବାରକୋଟ-ଦେବଗଡ ନୂତନ ରେଳ ଲାଇନକୁ କୁଚିଣ୍ଡା-କେଶାଇବାହାଲ ବାମରା ରେଳ ଲାଇନ ସହ ସଂଯୋଗ କରିବା, ପୂର୍ବରୁ ବାମରାରେ ଉଚ୍ଛେଦ ହୋଇଥିବା ଟ୍ରେନ ରହଣିକୁ ପୁନଃ କାର୍ଯ୍ୟକ୍ଷମ କରିବା, ବାମରା ଷ୍ଟେଶନର ଉଭୟ ପାର୍ଶ୍ୱରେ ଅଣ୍ଡର ପାସ ନିର୍ମାଣ ଆଦି ଦାବି ଉପରେ ବୈଠକରେ ଆଲୋଚନା ହୋଇଛି। ଉକ୍ତ ଦିନ ସ୍କୁଲ, କଲେଜ, ସରକାରୀ ବେସରକାରୀ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସ, ଦୋକାନ ବଜାର, ଯାନ ବାହନ ଚଳାଚଳ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ନାଗରିକ କମିଟି ଉପସଭାପତି ମନମୋହନ ସାହୁ, ସମ୍ପାଦକ ଜ୍ୟୋତି କୁମାର ଲାଠ, କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଶତପଥି, ବ୍ୟବସାୟୀ ସଂଘ ସଭାପତି ମନୋଜ ଚୌଧୁରୀ, ପ୍ରମୋଦ ପାଲ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ କୁମାର ମିଶ୍ର, ବିଜେଡି ବ୍ଲକ ସଭାପତି ଅରବିନ୍ଦ ସାହୁ, ସନ୍ଦୀପ ଖଣ୍ଡେଲୱାଲ, ଖବରଦାତା ମନୋଜ ରାଜ ଓ ସନ୍ତୋଷ ଶୁକ୍ଳା, ସୁଶିଳ ପ୍ରସାଦ, ରମେଶ ଶର୍ମାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଗଛରେ ପିଟି ହେଲା ବୋଲେରୋ

# ଚାଲିଗଲା ୩ ମଞ୍ଚ ଅଭିନେତ୍ରୀଙ୍କ ଜୀବନ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ତିଆଡ଼ିକଣ୍ଡିଆଠାରେ ଆଜି ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କେନ୍ଦ୍ରାପଡ଼ା ବସଷ୍ଟାଣ୍ଡ୍ ଅଭିମୁଖେ ଆସୁଥିବା ଏକ ବୋଲେରୋ ରାସ୍ତା ପାର୍ଶ୍ୱ ଗଛରେ ପିଟି ହେଇଯିବାରୁ ତିନି ଜଣ ମହିଳା ମଞ୍ଚ ଅଭିନେତ୍ରୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଚାରି ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ଦୁଇ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏହି ଅଭିନେତ୍ରୀମାନେ ଗାଁ ଡ୍ରାମା ରିହର୍ସାଲ୍ ସାରି ଘରକୁ ଫେରୁଥିବା ବେଳେ ଏଭଳି ଭୟାବହ ଦୁର୍ଘଟଣାର ଶିକାର ହୋଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ୍ ଆୟେବା ପଞ୍ଚାୟତର ନରଣପୁର ଗାଁରେ ପ୍ରତିବର୍ଷ ଜାଗରରେ ଡ୍ରାମା ହୋଇଥାଏ। ଗାଁ ଲୋକେ ମିଶି ଏହି ଡ୍ରାମା କରୁଥିବା ବେଳେ ଅଭିନେତ୍ରୀଙ୍କୁ ବାହାରୁ ଅଣାଯାଇଥାଏ। ଏହି କ୍ରମରେ ଚଳିତବର୍ଷ ୫ ଜଣ ଅଭିନେତ୍ରୀ ଭଦ୍ରକ ଜିଲ୍ଲା ସବରଙ୍ଗ ଥାନା ସାହାଡ଼ା ଗ୍ରାମର ବେବିରାଣୀ ଦାସ, ବାଲେଶ୍ୱର ଭୋଗରାଇ ସାହାବାଜପୁର ଜ୍ୟୋସ୍ନାମୟୀ ପରମାଣିକ, କଟକ ୪୨ମୌଜାର ସବଳପୁର ରାଜଲକ୍ଷ୍ମୀ ରାଉତ, କଟକ ରାଣୀହାଟ ମାଳିସାହିର କୁସୁମ ମଞ୍ଜରୀ ଆଚାରୀ ଏବଂ କଟକ ନେମାଳର ରୁବିନା ନାଥ ଆସିଥିଲେ। ଗଲା ତିନି ଦିନ ହେବ ସେମାନେ ଗାଁରେ ରହି ରିହର୍ସାଲ୍ କରିଥିଲେ। ଆଜି ଭୋର ପ୍ରାୟ ସାଢ଼େ ୫ଟା ବେଳେ ଏମାନଙ୍କୁ ବୋଲେରୋ ଗାଡ଼ି (ଓଡି ୦୫ ବିଏ-୮୯୦୧)ରେ ଧରି ବସଷ୍ଟାଣ୍ଡ୍‌ରେ ଛାଡ଼ିବା ପାଇଁ ନରଣପୁର ଗାଁର ଉତ୍କଳ କେଶରୀ ସ୍ୱାଇଁ ଓ ଅଲେଖ ସ୍ୱାଇଁ ଆସୁଥିଲେ। ଉତ୍କଳ ଗାଡ଼ି ଚଳାଉଥିଲେ। ଗାଁଠୁ ପାଖାପାଖି ୯ କିଲୋମିଟର ଆସିବା ପରେ ସଦର ଥାନା ଓସ୍ତପୁର ପେଟ୍ରୋଲ ପମ୍ପ୍ ପାଖ ବାଙ୍କମୁଣ୍ଡ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ସିଧାସଳଖ ଏକ ଗଛରେ ପିଟି ହେଇଯାଇଥିଲା। ଦୁର୍ଘଟଣା ଏତେ ପ୍ରଚଣ୍ଡ ଥିଲା ଯେ ପଛ ସିଟ୍‌ରେ ବସିଥିବା ଜଣେ ମହିଳା କଳାକାର ଆଗକୁ ଛିଟ୍‌କି ଆସି ଗାଡ଼ି ବନେଟ୍ ଉପରେ ପଡ଼ିଥିଲେ। ଘଟଣାସ୍ଥଳରେ ବେବିରାଣୀ ଦାସ, ଜ୍ୟୋସ୍ନାମୟୀ ପରମାଣିକ ଓ ରାଜଲକ୍ଷ୍ମୀ ରାଉତଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି କଟାଯାଇ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ବାହାର କରାଯାଇଥିଲା। ଡ୍ରାଇଭର ଉତ୍କଳଙ୍କ ସମେତ ଅନ୍ୟ ଚାରି ଜଣଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସମସ୍ତଙ୍କୁ କଟକ ବଡ଼ ମେଡିକାଲ୍‌କୁ ରେଫର କରିଦେଇଥିଲେ। ଗୁରୁତର ଉତ୍କଳ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ତିନି ଜଣଙ୍କର ବଡ଼ ମେଡିକାଲ୍ ଚିକିତ୍ସା ଚାଲିଛି। ମୃତ ତିନି ମହିଳାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ହସ୍ପିଟାଲ୍‌ରେ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଗାଡ଼ିକୁ ଜବତ୍ କରି ଥାନାକୁ ଆଣିଛି। ଥାନା ଅଧିକାରୀ ସରୋଜ ସାହୁ କହିଛନ୍ତି ଯେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ।

## ପାନୀୟଜଳ ଯୋଗାଣ ଦାବିରେ ମହିଳାଙ୍କ ରାସ୍ତା ଅବରୋଧ



**କେନ୍ଦୁଝରଗଡ଼(ଅମୃତ ମିଡିଆ):** ପାନୀୟଜଳ ଯୋଗାଣ ଦାବିରେ କେନ୍ଦୁଝର ସହର ଉପକଣ୍ଠ ଗୋବିନ୍ଦପୁର ଓ ବାମ୍ପାର ଗ୍ରାମର ଶତାଧିକ ମହିଳା ମଙ୍ଗଳବାର ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ କେନ୍ଦୁଝର-ପାଟଣା ରାସ୍ତାକୁ ଦୀର୍ଘ ୪ଘଣ୍ଟା ଧରି ଅବରୋଧ କରି ରଖିଥିଲେ। ଏହି ଦୁଇ ଗ୍ରାମରେ ବର୍ଷତମାମ ପାନୀୟଜଳ ସହ ଗାଧୋଇବା ପାଇଁ ଜଳାଭାବ ଥିବାନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ସ୍ଥାନୀୟ ୱାର୍ଡ ସଭ୍ୟ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ବାଧ ହୋଇ ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ବିଡିଓ ତିଳୋତ୍ତମା ପୃଷ୍ଟି, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ସ୍ଥାନୀୟ ମଣ୍ଡୁଆ ପଞ୍ଚାୟତ ସମିତିସଭ୍ୟା କିରଣବାଳା ନାଏକ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ଗ୍ରାମରେ ଥିବା ଅଚଳ ନଳକୂପକୁ ତୁରନ୍ତ ସଚଳ କରିବା ସହ ଆବଶ୍ରକତା ଦୃଷ୍ଟିରୁ ଦୁଇଟି ନଳକୂପ ନିର୍ମାଣ ନିମନ୍ତେ ଆନ୍ଦୋଳନରତ ଗ୍ରାମବାସୀ ଜିଦ୍ ଧରି ବସିଥିଲେ। ଦୁଇଦିନ ମଧ୍ୟରେ ଅଚଳ ନଳକୂପ ମରାମତି ସହ ନୂତନ ନଳକୂପ ନିର୍ମାଣ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ସହ ପାଇପଯୋଗେ ଘରକୁ ଘର ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ ଆସନ୍ତା ୨ମାସ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବା ଲିଖିତ ପ୍ରତିଶ୍ରୁତି ପରେ ପୂର୍ବାହ୍ନ ୧୧ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# ଲକ୍ଷାଧିକ ଟଙ୍କାର ଧଳାଜହର ଜବତ

**ବିଞ୍ଝାରପୁର(ଅମୃତ ମିଡିଆ) :** ବିଞ୍ଝାରପୁର ଥାନା ଅଞ୍ଚଳରେ ଧଳାଜହର କାରବାର ଚାଲିଥିବା ନେଇ କିଛି ଦିନ ପୂର୍ବରୁ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଞ୍ଝାରପୁର ଥାନା ପୁଲିସ ଜଣେ ଧଳାଜହର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘଦିନ ହେବ ପଡୋଶୀ ଜିଲ୍ଲା ମାନଙ୍କରୁ କେତେକ ଅସାମାଜିକ ଯୁବକ ବିଭିନ୍ନ ସ୍ପୋର୍ସ ବାଇକରେ ଆସି ବିଞ୍ଝାରପୁର ଅଞ୍ଚଳରେ ଧଳାଜହର କାରବାର କରୁଛନ୍ତି। ଏମାନେ ବିଞ୍ଝାରପୁର ଅଞ୍ଚଳର ଏକାଧିକ ବ୍ୟବସାୟୀଙ୍କୁ ଧଳାଜହର ଯୋଗାଇଥାଆନ୍ତି। ବ୍ୟବସାୟୀ ମାନେ ବିଭିନ୍ନ ସ୍ଥାନରେ ଏହାକୁ ବିକ୍ରୀ କରିଥାନ୍ତି। ଏହି ଖବର ବିଶେଷ ସୂତ୍ରରୁ ପୁଲିସ ନିକଟରେ ପହଁଚିବା ପରେ ବିଞ୍ଝାରପୁର ଥାନା ଅଧିକାରିଣୀ ଅଶୁଂମାଳା ଦାସ ଏହି ଟିମକୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଶନିବାର ରାତିରେ ନାଇଟ ପାଟ୍ରୋଲିଂ କରୁଥିବା ବେଳେ ଆଇଆଇସି ଦାସ କଏଣା ରଘୁନାଥପୁର ଅଞ୍ଚଳର ମୁଖ୍ୟ ରାସ୍ତାର ଅନତି ଦୂରରେ ଥିବା ଏକ ଇଟାଭାଟି ନିକଟରେ କିଛି ଯୁବକ ମୋବାଇଲ ଆଲୁଅରେ ରୁଣ୍ଡ ହୋଇଥିବା ଦେଖି ପୁଲିସ ଟିମ ସହ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ପୁଲିସ ସେଠାରେ ଧଳାଜହର ସେବନ ଓ ବିକ୍ରୟ କରାଯାଉଥିବା ଜାଣିବାକୁ ପାଇଥିଲା। ବ୍ରାଉନସୁଗାର ବିକ୍ରେତା ରଘୁନାଥପୁର ଗ୍ରାମର କୃଷ୍ଣ ମଲ୍ଲିକଙ୍କ ପୁଅ କୈଳାସ ମଲ୍ଲିକ (୩୭)ଙ୍କୁ ଘଟଣାସ୍ଥଳରୁ ଗିରଫ କରିବା ସହିତ ତା ନିକଟରୁ ୭.୨୯୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ ବିଞ୍ଝାରପୁର ଥାନା ଅଧିକାରିଣୀ ଅଶୁଂମାଳା ଦାସ ଓ ପୁଲିସ ଟିମ । ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୮ ହଜାର ବୋଲି ଜଣାପଡିଛି। ଏହି ଘଟଣାରେ ଏକାଧିକ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ପରେ ସେମାନଙ୍କୁ ପୁଲିସ ଛାଡିଥିବା ବେଳେ ମୁଖ୍ୟ ଅଭିଯୁକ୍ତ କୈଳାସ ମଲ୍ଲିକଙ୍କୁ ପୁଲିସ ଗିରଫ କରି ବିଞ୍ଝାରପୁର ଥାନା କେସ ନଂ ୧୩୯/୨୪ ଧାରା ୨୧ବି ଏନ.ଡି.ପି.ଏସ ଅନୁଯାୟୀ କୋର୍ଟ ଚାଲାଣ କରିଛି। ତେବେ ଏହି ଘଟଣାରେ ପୁଲିସ ଅଧିକ ତଥ୍ୟ ସଂଗ୍ରହ ଓ ବ୍ୟବସାୟୀ ମାନଙ୍କୁ ଧରିବା ପାଇଁ ଲିଙ୍କ୍ ଖୋଜୁଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଓ ଗ୍ରାହକ ମାନଙ୍କୁ ପୁଲିସ ପଚରା ଉଚରା କରୁଛି। ତେବେ ବିଞ୍ଝାରପୁର ଥାନା ଗଠନ ପର ଠାରୁ ଏହା ପ୍ରଥମ ଧଳାଜହର ଜବତ ଓ ଅପରାଧି ଗିରଫ ଘଟଣା ବୋଲି ଜଣାପଡିଛି। ତେବେ ଏହାକୁ ନେଇ ଏବେ ବିଭିନ୍ନ ସ୍ଥାନରେ ମଧ ପୁଲିସ ଚଢାଉ କରୁଛି।




## ବିଶ୍ୱ ବାଣିଜ୍ୟ ସଂଗଠନ ଛାଡ଼ ଦିବସ ପାଳନ ବିରୋଧରେ ପ୍ରତିବାଦ ସଭା




**କଲ୍ୟାଣସିଂହପୁର(ଅମୃତ ମିଡିଆ):** ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଗ୍ରାମପଞ୍ଚାୟତର ଧାମଲିମା ନିକଟସ୍ଥ ଆମ୍ବତୋଟାରେ କିଷାନ ମୋର୍ଚ୍ଚା ଓ ସିପିଆଇ(ଏମଏଲ) ଲିବରେସନ ତରଫରୁ ପ୍ରତିବାଦ ବୈଠକ କରାଯାଇଛି। ସେଥିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ରାମଚନ୍ଦ୍ର ପ୍ରାସ୍କା, ମୂର୍ତ୍ତି ମିଣିଆକା, ମେଦିରି ଗରଡିଆ, ଆଛାନା ମଣ୍ଡାଙ୍ଗି, ବୈଷ୍ଣମ ଉଲକା, ଆଶ୍ରିଗା ଅଟକା, ଚୈତନ୍ୟ ଗରଡିଆ, ସୁଧୁଂରୁ ମିଣିଆକା ଉପସ୍ଥିତ ରହିଥିଲେ। ଏଥିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର୍, ଗୃହମନ୍ତ୍ରୀ ଅନୀଲ ଭିଜ୍ ?ଙ୍କ ଇସ୍ତଫା ଦେବା, ଏହି ତିନି ଜଣଙ୍କ ସହ ଅନ୍ୟ ସଂପୃକ୍ତ ପୁଲିସ ଓ ରାଜସ୍ୱ ଅଧିକାରୀଙ୍କ ବିରୋଧରେ ଆଇପିସି ଧାରା ୩୦୨ ଅନୁଯାୟୀ ଏତଲା ଦାୟର କରିବା, ଯୁବ ଶୁଭ କିରଣ ସିଂହ କୃଷକଙ୍କୁ ୧ କୋଟି ଟଙ୍କା ପ୍ରଦାନ କରିବା, ରାଷ୍ଟ୍ର ପରିଚାଳିତ ନୃଶଂସ ଦମନ ଓ ଟ୍ରାକ୍ଟର କ୍ଷୟକ୍ଷତିର ନ୍ୟାୟିକ ତଦନ୍ତ କରିବା, ୨୬ ଫେବୃଆରୀ ୨୦୨୪କୁ 'ବିଶ୍ୱ ବାଣିଜ୍ୟ ସଂଗଠନ ଛାଡ଼ ଦିବସ' ଭାବେ ପାଳନକୁ ବନ୍ଦ କରିବା, ମନ୍ତ୍ରୀସ୍ତରୀୟ ସମ୍ମିଳନୀ ସଂଯୁକ୍ତ କୃଷକ ମୋର୍ଚ୍ଚା ମୋଦୀ ସରକାରଙ୍କ କୃଷକ ବିରୋଧି ନୀତିକୁ ବିରୋଧ କରିବା, ଆଳାପ-ଆଲୋଚନା ବନ୍ଦ କରିବା, ଭାରତ ସରକାର କୃଷକମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ କରିବା, ଖାଦ୍ୟ ଶସ୍ୟ ବଣ୍ଟନ ବଦଳରେ ସିଧାସଳଖ ନଗଦ ହସ୍ତାନ୍ତର କରିବା, ଦେଶର କୃଷକ ଗରିବ ଲୋକଙ୍କ ଖାଦ୍ୟ ନିରାପତ୍ତା ଏବଂ ଭାରତର ସାର୍ବଭୌମତ୍ୱ ପାଇଁ କ୍ଷତିକାରକ ହେବ ବୋଲି ବୈଠକରେ ଆଲୋଚନା କରାଯାଇଛି।

# ଏନଏସି ଦାବିରେ ବାଲିଆପାଳ ବନ୍ଦ



**ବାଲିଆପାଳ(ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲା ବାଲିଆପାଳକୁ ଏନଏସି ମାନ୍ୟତା ଦାବିରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ୮ ଘଣ୍ଟିଆ ବାଲିଆପାଳ ବନ୍ଦ ଡାକରା ଦିଆଯାଇଛି।ସକାଳ ୬ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ଦିଆଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ଦୋକାନ ଛାଡି ଦେଲେ ସବୁ ବନ୍ଦ ରହିଛି। ବାଲିଆପାଳକୁ ଏନଏସି ମାନ୍ୟତା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ପୂର୍ବତନ ବିଧାୟକ ଜୟ ନାରାୟଣ ମହାନ୍ତି ଦାବି କରିବା ପରେ ସର୍ଭେ କରାଯାଇ ସବୁ ପ୍ରକାର ପ୍ରସ୍ତୁତି ସରିଥିଲା। ମାତ୍ର ଜୟନାରାୟଣ ମହାନ୍ତିଙ୍କ ପରେ ଏ ଅଞ୍ଚଳର କ୍ଷମତା ୨୦୦୪ ମସିହା ଠାରୁ ବିଜୁ ଜନତା ଦଳର ବିଧାୟକଙ୍କ ପାଖରେ ଦୀର୍ଘ ଦିନ ଧରି ରହିଆସିଛି। ଏନେଇ ବିଧାୟକ କିମ୍ବା ସରକାରୀ ଦଳର ନେତୃବୃନ୍ଦ କୌଣସି ପଦକ୍ଷେପ ନେଇନାହାଁନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ୩୪ଟି ନୂଆ ଏନଏସି ଗଠନ ଘୋଷଣା ପରେ ପ୍ରବଳ ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ଘୋଷଣାର ଦୁଇଦିନ ପରେ ପୁଣି ଆଉ ଏକ ଏନଏସି ଏହିଭଳି ୩୫ଟି ନୂତନ ଏନଏସି ଗଠନ ହେବାର ଘୋଷଣା କରାଯାଇଥିଲେ ମଧ ବାଲିଆପାଳକୁ ବାଦ ଦିଆଯାଇଛି। ଏନଏସି ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିଲେ ମଧ ସରକାରଙ୍କ ବୈମାତୃକ ମନୋଭାବ ଏବଂ ସରକାରୀ ଦଳର ନେତୃବୃନ୍ଦଙ୍କ ନୀରବତା ଅଞ୍ଚଳବାସୀଙ୍କୁ ନିରାଶ କରିଛି। ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ କାହିଁକି ବାଲିଆପାଳକୁ ଏନଏସି ଗଠନରୁ ବାଦ ଦିଆଗଲା , ତାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି।ତେଣୁ ଏହାର ପ୍ରତିବାଦରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ଦିଆଯାଇଛି। ବନ୍ଦକୁ ଜନସାଧାରଣ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

## ଭିଡିଓ କନଫରେନ୍ସ ମାଧ୍ୟମରେ ଚକୁଲିଫାର୍ମ ରେଲୱେ ଅଣ୍ଡରପାସର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**ରେଙ୍ଗାଲିକ୍ୟାମ୍ପ(ଅମୃତ ମିଡିଆ):** କେନ୍ଦ୍ର ସରକାର ଙ୍କ ଅମୃତ ଭାରତ ଷ୍ଟେସନ ଯୋଜନା ରେ ଅନ୍ତର୍ଭୁକ୍ତ କରି ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ ଅନ୍ତର୍ଗତ ଚକୁଲିଫାର୍ମ ଦେଇ ଯାଇଥିବା ପୂର୍ବତଟ ରେଳପଥରେ ୩ କୋଟି ୨୮ ଲକ୍ଷ ବ୍ୟୟ ଅଟକଳ ମୂଲ୍ୟରେ ରେଲୱେ ଅଣ୍ଡରପାସ ନିର୍ମାଣ କରିବା ପାଇଁ ଆଜି ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସମ୍ବଲପୁର ରେଲୱେ ବିଭାଗର ସିନିୟର ଡିଭିଜନାଲ ଇଂଜିନିୟର ସେଣ୍ଟ୍ରାଲ ଏମ ଶ୍ରୀନିବାସ ରାଓଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।ସରପଞ୍ଚ ମଞ୍ଜୁଲତା ସେଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅମୃତ ଭାରତ ଷ୍ଟେସନ ଯୋଜନା ମାଧ୍ୟମରେ ୨୩୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶାରେ ଆଜି ଏହିପରି ୨୧ ଟି ଷ୍ଟେସନ ଓ ୫୨ ଟି ରୋଡ ଓଭର ବ୍ରିଜ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଧୁନିକ ସଂଯୋଗ କୁ ସୁନିଶ୍ଚିତ କରିବା ପାଇଁ ଦେଶରେ ରେଳପଥ ର ବିକାଶ ଓ ସୁରକ୍ଷିତ ଯାତାୟାତ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ବୋଲି ମାନ୍ୟବର ପ୍ରଧାନ ମୋଦି ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଏହି ଅବସରରେ ନିକଟରେ ଥିବା କୋଶଳ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।ରେଲୱେ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।ଏହାଦ୍ୱାରା ଉପକୃତ ହେଉଥିବା ଅଞ୍ଚଳର ଜନସାଧାରଣ ,ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।




# 'ଛାତ୍ରଛାତ୍ରୀଙ୍କ ନୂଆ ପରିଚୟ ସୃଷ୍ଟି ସହ ପରବର୍ତ୍ତୀ ପୀଢ଼ିକୁ ପ୍ରେରଣା ଯୋଗାଇବ'



**କେନ୍ଦୁଝରଗଡ଼(ଅମୃତ ମିଡିଆ):** କେନ୍ଦୁଝର ସହର ଉପକଣ୍ଠ ଶଙ୍କରପୁରସ୍ଥିତ ଧରଣୀଧର କ୍ରୀଡା ପରିସରରେ ମଙ୍ଗଳବାର ଅପରାହ୍ନରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗୌରୀମଣି ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନକ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ, ପଞ୍ଚାୟତ, ପୁରାତନ ଛାତ୍ର ମାନଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝରର ପ୍ରଶିକ୍ଷିକା ଦେବସ୍ମିତା ଚକ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ଅବସରରେ ବ୍ଲକସ୍ତରୀୟ ଛାତ୍ର ଏକାଡେମୀ ଭାବେ ୧୩୪୫ଜଣଙ୍କୁ, ଛାତ୍ର ଲିଡରସିପ୍ ଭାବେ ୮୦୬ଜଣଙ୍କୁ, ଜିଲାସ୍ତରୀୟ ଛାତ୍ର ଏକାଡେମୀ ଭାବେ ୧୫୨ଜଣଙ୍କୁ, ପ୍ରାଥମିକ ବିଦ୍ୟାଳୟ ଭାବେ ୩୬, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭାବେ ୩୯, ପୁରାତନ ଛାତ୍ର ଭାବେ ପ୍ରତି ବ୍ଲକରୁ ଜଣେ ଲେଖାଏଁ ମିଶାଇ ୧୩ଜଣଙ୍କୁ, ଶ୍ରେଷ୍ଠ ପଞ୍ଚାୟତ ଭାବେ କେନ୍ଦୁଝର, ଯୋଡା ଓ ଆନନ୍ଦପୁର ବ୍ଲକର ଗୋଟିଏ ଲେଖାଏଁ ପଞ୍ଚାୟତକୁ ଏବଂ ଶ୍ରେଷ୍ଠ ପ୍ରାଥମିକ ଶିକ୍ଷକ ଭାବେ ପ୍ରତି ବ୍ଲକରୁ ଜଣେ ଲେଖାଏଁଙ୍କୁ ମିଶାଇ ମୋଟ ୧୩ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଶିକ୍ଷାକ୍ଷେତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିଥିବା ବେଳେ ଏହା ଆଗକୁ ପରବର୍ତ୍ତୀ ପୀଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶାପ୍ରକଟ କରିଥିଲେ। ୫-ଟି ଅର୍ନ୍ତଗତ ବିଦ୍ୟାଳୟ ରୂପାନ୍ତରୀକରଣରେ କେନ୍ଦୁଝର ଜିଲା ସମଗ୍ର ରାଜ୍ୟରେ ଦ୍ୱିତୀୟସ୍ଥାନ ହାସଲ କରିଥିବା ବେଳେ ଏହା ଆଗକୁ କିଭଳି ପ୍ରଥମସ୍ଥାନ ହାସଲ କରିବ ସେ ନେଇ ଜିଲା ଶିକ୍ଷା ଅଧିକାରୀ ଜିତେନ୍ଦ୍ର ମହାକୁଡ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଏହା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀ ତୃପ୍ତୀମୟୀ ପାତ୍ର, ତେଲକୋଇ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାନ୍ତ, ପାଟଣା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସଦର ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ଝୁମ୍ପୁରା ବ୍ଲକ ଶିକ୍ଷା ଅଧିକାରୀ ଦୁଃଶାସନ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ କର୍ମଚାରୀ ସଚ୍ଚିଦାନନ୍ଦ ମହାକୁଡ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ପୀତବାସ ସାହୁ, ଶିକ୍ଷକ ବିଜୟ କୁମାର ମିଶ୍ର, ବିଜୟ କୁମାର ବେହେରା, ସୌଭାଗ୍ୟ କୁମାର ଦାସ, ପ୍ରଦୀପ କୁମାର ମିଶ୍ର, ପଲ୍ଲବୀ ପଣ୍ଡା, ଲଳିତ କୁମାର ବାରିକ, ବିବେକାନନ୍ଦ ରାଉତ, ତିଳୋତ୍ତମା ସାହୁ, ରଶ୍ମୀତା ଦାସ, ମଧୁସ୍ମୀତା ଚକ୍ର, ତେଜସ୍ୱିନୀ ପାତ୍ର, ରାକ୍ଷୀ ମହାନ୍ତ, ଅଜ୍ଞାନ କୁମାର ଚାନ୍ଦ, ବିଜୟଲକ୍ଷ୍ମୀ ଦାସ, ପ୍ରିୟଙ୍କା ମହାନ୍ତ, ସମରଜିତ ସିଂହ, ସୁଧାଂଶୁ କୁମାର ରାଉତ ପ୍ରମୁଖ ସହଯୋଗ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




# କୋଭିଡ୍ ପରେ ବଦଳିଛି ଭାଇରାଲ୍ ଜ୍ୱରର ରୂପ



**ଭୁବନେଶ୍ୱର(ବ୍ୟୁରୋ):** କୋଭିଡ୍ ପରେ ବଦଳି ଯାଇଛି ଭାଇରାଲ୍ ଜ୍ୱରର ରୂପ। ପୂର୍ବରୁ ପାଗ ବଦଳିବା ସମୟରେ ଜ୍ୱରହେଲେ କାଶ ଅତିବେଶିରେ ୭ ଦିନ ପର୍ଯ୍ୟନ୍ତ ରହୁଥିଲା। ବର୍ତ୍ତମାନ କାଶ ଏକ ମାସରୁ ଅଧିକ ସମୟ ଲୋକଙ୍କୁ ଘାଣ୍ଟୁଛି। ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଥିବାରୁ ଏଭଳି ହେଉଥିବା କହିଛନ୍ତି କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଇପ୍‌ସିତା ମହାନ୍ତି। ଆସୁଛି ଗରମ, କିନ୍ତୁ ଶୀତ ବି ସମ୍ପୂର୍ଣ୍ଣ ଭାବରେ ବିଦାୟ ନେଇନାହିଁ। ଫ୍ୟାନ୍ ଲଗାଇ ଦେଲେ ଦେହ ଶୀତେଇ ଯାଉଛି, କିନ୍ତୁ ନଲଗାଇଲେ ଗରମ ଲାଗୁଛି। ପାଣିପାଗର ଏଭଳି ବିଚିତ୍ର ସ୍ଥିତି ଯୋଗୁଁ ବର୍ତ୍ତମାନ ରାଜଧାନୀର ଘରେ ଘରେ ଲୋକଙ୍କୁ ଜ୍ୱର, ଥଣ୍ଡା, କାଶ ତଥା ଗଳାଦରଜ ରୋଗ। କିଛି ଲୋକଙ୍କୁ ବାନ୍ତି ମଧ ହେଉଛି। ଡାକ୍ତର ମହାନ୍ତିଙ୍କ ତଥ୍ୟ ଅନୁସାରେ, କ୍ୟାପିଟାଲ ହସ୍ପିଟାଲର ଓପିଡିକୁ ଏବେ ପ୍ରତିଦିନ ଭାଇରାଲ୍ ଜ୍ୱରରେ ପୀଡ଼ିତ ୧୦୦ରୁ ଅଧିକ ରୋଗୀ ଆସୁଛନ୍ତି। କିଛି ରୋଗୀଙ୍କର ଅବସ୍ଥା ଏତେ ଗୁରୁତର ରହୁଛି ଯେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡୁଛି। ଏଭଳି ସ୍ଥିତି ଏକମାସରୁ ଅଧିକ ସମୟ ହେଲା ଦେଖାଯାଉଛି। ଏଥିମଧ୍ୟରୁ ଅନେକଙ୍କର କାଶ ଏତେ ଅଧିକ ଦିନ ରହୁଛି ଯେ ଅନ୍ୟ ରୋଗ ହୋଇଥିବା ଆଶଙ୍କାରେ ମ୍ୟାଲେରିଆ ଓ ଡେଙ୍ଗୁ ଆଦିର ପରୀକ୍ଷା ମଧ କରିବାକୁ ପଡୁଛି। କାଶ ଏତେଦିନ ରହିବା ଚିନ୍ତାର ବିଷୟ ପାଲଟିଛି। ଏମ୍‌ସର ମେଡିସିନ୍ ବିଭାଗର ଡାକ୍ତର ଅନୁପମ ଦେ' କହିଛନ୍ତି, ଏମ୍‌ସକୁ ଅତି ଗୁରୁତର ରୋଗୀ ଆସନ୍ତି। ଏହାସତ୍ତ୍ୱେ କିଛିଦିନ ହେଲା ଭାଇରାଲ୍ ଜ୍ୱର ସମସ୍ୟା ନେଇ ଓପିଡିକୁ ୧୫-୨୦ ରୋଗୀ ଆସୁଛନ୍ତି। ଏହା ସାଧାରଣ ସମୟ ଠାରୁ ୨ରୁ-୩ ଗୁଣ ଅଧିକ। ଭାଇରାଲ୍ ଜ୍ୱରରେ ବର୍ତ୍ତମାନ ରୋଗୀମାନଙ୍କ ଅନ୍ୟାନ୍ୟ ସମସ୍ୟା ସହିତ ଶରୀର ପ୍ରବଳ ବିନ୍ଧୁଛି। ମାତ୍ର କୌଣସି ରୋଗୀ ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ କିମ୍ବା ପେନ୍‌କିଲର ନଖାଇବାକୁ ଡାକ୍ତର ଦେ' ପରାମର୍ଶ ଦେଇଛନ୍ତି। ଏହା ଏକ ଡିଆଁରୋଗ। ଛିଙ୍କ ଓ କାଶ ଜରିଆରେ ଏହା ବ୍ୟାପୁଥିବାରୁ, ଏହି ରୋଗୀଙ୍କ ସଂଖ୍ୟା ବଢୁଛି। ତେବେ ଏଥିପାଇଁ ଅଧିକ ବ୍ୟସ୍ତ ହେବାରେ କାରଣ ନାହିଁ ବୋଲି ସେ କହିଛନ୍ତି। କେବଳ ଉପରୋକ୍ତ ଦୁଇ ଡାକ୍ତରଖାନା ନୁହେଁ, ରାଜଧାନୀର ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥଣ୍ଡା ଜ୍ୱରରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାମାନ୍ୟ ଲକ୍ଷଣ ଥିଲେ ସାଧାରଣ ବର୍ଗର ରୋଗୀଙ୍କୁ ଅଦା ଓ ଗୋଲମରିଚ ଭଳି ପ୍ରାକୃତିକ ଉପଚାର ଅନୁସରଣ କରିବା ପାଇଁ ପରାମର୍ଶ ଦିଆଯାଉଛି। ତେବେ ପାଣିପାଗ ବଦଳିବା ସମୟରେ ଗର୍ଭବତୀ, ଶିଶୁ, ୬୫ ବର୍ଷରୁ ଅଧିକ ବୟସ୍କ, ମଧୁମେହ ଓ କିଡ୍‌ନି ରୋଗୀ, ସିଗାରେଟ ପିଇ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଥିବା ରୋଗୀଙ୍କ ପାଇଁ ଭାଇରାଲ୍ ଜ୍ୱର ମାରାତ୍ମକ ହୋଇପାରେ। ତେଣୁ ସେମାନେ ଅଧିକ ସାବଧାନ ହେବାକୁ କୁହାଯାଇଛି।

# ଆରଟିଇ ସୁବିଧାରୁ ବଞ୍ଚିତ ହେବେ ୩୫ ହଜାର ପିଲା



**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ୩୫ହଜାରରୁ ଊର୍ଦ୍ଧ୍ୱ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ର ଚଳିତବର୍ଷ ଶିକ୍ଷା ଅଧିକାର ଆଇନ(ଆରଟିଇ) ଅନୁସାରେ ୨୫% ମାଗଣା ସିଟ୍‌ରେ ନାମ ଲେଖାରୁ ବଞ୍ଚିତ ହେବେ। ଗତବର୍ଷ ୪,୨୬୪ଟି ବେସରକାରୀ ବିଦ୍ୟାଳୟ ଆରଟିଇରେ ପଞ୍ଜୀକରଣ କରିଥିବାବେଳେ ପ୍ରାୟ ୬୦ହଜାରରୁ ଊର୍ଦ୍ଧ୍ୱ ସିଟ୍ ଥିଲା। ଫଳରେ ୧୮ହଜାରରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ହେଲେ ଚଳିତ ବର୍ଷ ଏଯାଏ ମାତ୍ର ୨,୭୩୦ଟି ବେସରକାରୀ ସ୍କୁଲ ପଞ୍ଜୀକରଣ କରିଛନ୍ତି। ଆଉ ୧,୫୩୪ଟି ବିଦ୍ୟାଳୟ ପଞ୍ଜୀକରଣ କରିନାହାନ୍ତି। ସେଥିପାଇଁ ଉପଲବ୍ଧ ସିଟ୍ ସଂଖ୍ୟା ମଧ ୩୩ ହଜାରକୁ ଖସି ଆସିଛି। ଫଳରେ ବହୁ ଆର୍ଥିକ ଅନଗ୍ରସର ପିଲା ଆରଟିଇ ସୁବିଧା ପାଇବାରୁ ବଞ୍ଚିତ ହେବେ। ପଞ୍ଜୀକରଣ ସମୟରେ ସମସ୍ତ ଘରୋଇ ବିଦ୍ୟାଳୟ ପୋର୍ଟାଲରେ ସଂରକ୍ଷଣ ବ୍ୟବସ୍ଥା ଦେଖାଉ ନ ଥିବାରୁ ଆବେଦନ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ଏଥିସହ ଏହାର ପ୍ରତିବାଦ ମହାସଂଘ ପକ୍ଷରୁ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ ତଥା ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଭିଯୋଗ ପ୍ରକୋଷ୍ଠରେ ଥିବା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାଶ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ମିଶ୍ର କହିଛନ୍ତି, ସମସ୍ତ ଘରୋଇ ବିଦ୍ୟାଳୟ ଆରଟିଇରେ ପଞ୍ଜୀକରଣ କରିବାକୁ ତାଗିଦ କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବା ସହ ଆବେଦନ ଅବଧି ବୃଦ୍ଧି କରାଯିବ ବୋଲି ସେମାନେ କହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାବେଳେ ସମାଧାନ ନ ହେଲେ ପୁଣି ଧାରଣା ଦିଆଯିବ ବୋଲି ମହାସଂଘର ସଭାପତି ବାସୁଦେବ ଭଟ୍ଟ ଚେତାବନୀ ଦେଇଛନ୍ତି।

# ୧୩ ବର୍ଷ ପରେବି ମିଳୁନି ଗ୍ରାହକଙ୍କୁ ଫ୍ଲାଟ



**ଭୁବନେଶ୍ୱର(ବ୍ୟୁରୋ):** ଫ୍ଲାଟ ପାଇଁ ଟଙ୍କା ନେଲେ କିନ୍ତୁ ୧୩ ବର୍ଷ ହେଲା ଘର ଦେଉ ନାହାନ୍ତି। ଏହାକୁ ବିରୋଧ କରି ଖାରବେଳ ଏନକ୍ଲେଭ୍ ଆସୋସିଏନ ପକ୍ଷରୁ ହାଉସିଂ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯଥାଶୀଘ୍ର ଘର ଦିଆନଗଲେ ଅନଶନ ଓ ନ୍ୟାୟାଳୟର ଆଶ୍ରା ନେବାକୁ ଧମକ ଦିଆଯାଇଛି। ଆନ୍ଦୋଳନକାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ୨୦୧୧ ମସିହାରେ ଜାଗମରାସ୍ଥିତ ଖାରବେଳ ଏନକ୍ଲେଭ୍ ନାମରେ ବହୁତଳ ପ୍ରାସାଦର ଶିଳାନ୍ୟାସ କରିଥିଲେ। ପ୍ରଥମେ ୨୦୧୪ ଓ ପରେ ୨୦୨୦ ମସିହା ଜୁନ୍ ମାସରେ ଏହାର ହସ୍ତାନ୍ତରଣ ହେବ ବୋଲି ବିଜ୍ଞପ୍ତି ଜାରି ହୋଇଥିଲା। ଲଟେରି ମାଧ୍ୟମରେ ୧୦୪ ଜଣ ଘର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହି ଅନୁଯାୟୀ ଫ୍ଲାଟ ଆବଣ୍ଟିତ ହୋଇଥିଲା। ଲକ୍ଷାଧିକ ଟଙ୍କା ମୂଲ୍ୟର ଏହି ଘର ପାଇଁ ଲୋକେ ବ୍ୟାଙ୍କରୁ ଋଣ କରି ଅର୍ଥ ଜମା କରିଥିଲେ। ପ୍ରଥମେ କରୋନା ପାଇଁ ନିର୍ମାଣ ବିଳମ୍ବିତ ହେଲା ବୋଲି କୁହାଗଲା। ସାଢ଼େ ୩ ବର୍ଷ ପରେ ମଧ ଘରଗୁଡ଼ିକ ମାଲିକମାନଙ୍କୁ ଦିଆଯାଉ ନାହିଁ। ସ୍ଥିତି ଏଭଳି ହୋଇଛି ଯେ ଫ୍ଲାଟକୁ ଅପେକ୍ଷା କରିକରି ଅନେକଙ୍କ ଦେହାନ୍ତ ହୋଇ ସାରିଛି। ଏଣେ ଲୋକେ ଫ୍ଲାଟ ତ ପାଉ ନାହାନ୍ତି କିନ୍ତୁ ଋଣର ସୁଧ ଗଣି ଗଣି ନୟାନ୍ତ ହେଲେଣି।

# ୟୁନିଟ୍-୧ ହାଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ କି ଗାଡ଼ି ପଶିବାକୁ ରାସ୍ତା ନାହିଁ

**ଭୁବନେଶ୍ୱର(ବ୍ୟୁରୋ):** ୟୁନିଟ୍-୧ ହାଟରେ ପରିସ୍ଥିତି ଏମିତି ହୋଇଛି ଯେ ନିଆଁ ଲାଗିଲେ ନିମିଷକେ ପୂରା ମାର୍କେଟ ଜଳିଯିବ। ଏ ନେଇ ଏକଦା 'ସମ୍ବାଦ'ରେ ଖବର ପ୍ରକାଶ ପାଇବା ପରେ ତନାଘନା ହୋଇଥିଲା। ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍‌ଆରସି) ବିଏମ୍‌ସି ଅନ୍ୟ ସଂପୃକ୍ତ ବିଭାଗଗୁଡ଼ିକୁ ଚିଠି ଲେଖି ଅଗ୍ନି ସୁରକ୍ଷାକୁ ନେଇ ବିଭିନ୍ନ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମାମଲା ମଧ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଥିଲା। ମାନବାଧିକାର କମିସନ ମାମଲାର ବିଚାର କରିବା ପାଇଁ ଡିସିପିଙ୍କ ଠାରୁ ରିପୋର୍ଟ ତଲବ କରିଥିଲେ। ଏହା ସମ୍ପୂର୍ଣ୍ଣ ଭାବରେ ବିଏମ୍‌ସିର ନିୟନ୍ତ୍ରଣରେ ରହିଛି। ଯେ କୌଣସି ସମୟରେ ବିଏମ୍‌ସି ପୁଲିସର ସହାୟତା ଚାହୁଁଛି, ସେତେବେଳେ ଦିଆଯାଉଛି। ଏହାଛଡ଼ା ଏଥିରେ ପୁଲିସର କିଛି ଭୂମିକା ନାହିଁ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଆସନ୍ତ ମେ' ୧୫ ତାରିଖରେ ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ମାମଲାର ଶୁଣାଣି ହେବାର ଅଛି। ଗତ ବର୍ଷ ଫେବ୍ରୁଆରି ମାସରେ ଖବର ପ୍ରକାଶ ପାଇବା ପରେ ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍‌ଆରସି) ବିଏମ୍‌ସି କମିସନର, ଓସ୍‌ଡ୍‌ମା ଓ ମୁଖ୍ୟ ଅଗ୍ନିଶମ ଅଧିକାରୀ(ସିଏଫ୍‌ଓ)ଙ୍କୁ ଚିଠି ଲେଖି ଅଗ୍ନି ସୁରକ୍ଷାକୁ ନେଇ ବିଭିନ୍ନ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିରେ କୁହା ଯାଇଥିଲା, ପ୍ରତ୍ୟେକ ଦୋକାନୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ସଂଗ୍ରହ କରିବେ। ଏହାକୁ ଉଭୟ ବିଏମ୍‌ସି ଓ ସିଏଫ୍‌ଓ ନିଶ୍ଚିତ କରିବେ। ଜଣେହେଲେ ବ୍ୟବସାୟୀ ବିନା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ବ୍ୟବସାୟ କରିପାରିବେ ନାହିଁ। ମାର୍କେଟ୍‌ର ପ୍ରବେଶ ଓ ପ୍ରସ୍ଥାନ ରାସ୍ତାକୁ ଜବରଦଖଲ ମୁକ୍ତ କରାଯିବ। ମାର୍କେଟ୍ ଭିତରକୁ ଯେଭଳି ଅନାୟାସରେ ଦମକଳ ଗାଡ଼ି ପ୍ରବେଶ କରିପାରିବ, ସେ ନେଇ ବିଏମ୍‌ସି ନିଶ୍ଚିତ କରିବ। ତା' ଛଡ଼ା କୌଣସି ଅଘଟଣ ଘଟିଲେ ସେଠାରୁ ବାହାରିବା ପାଇଁ ସାଧାରଣ ଗ୍ରାହକ ଯେଭଳି ସମସ୍ୟାର ସମ୍ମୁଖୀନ ହେବେନାହିଁ, ତାହାର ବ୍ୟବସ୍ଥା କରାଯିବ। ଏହା ଭିତରେ ଯେଉଁ ଦୋକାନରେ ଜ୍ୱଳନଶୀଳ ପଦାର୍ଥ ବିକ୍ରି ହେଉଛି, ଯଥା ରନ୍ଧନ ଗ୍ୟାସ୍, ରନ୍ଧନଗ୍ୟାସ୍ ରିଫିଲିଂ, ଘିଅ, କର୍ପୂର, ଗନ୍ଧକ, କିରାସିନି, ଖଲି, କାଗଜ ପ୍ଲେଟ୍, ଝାଡୁ, କପଡ଼ା, ଜୋତା ଭଳି ଦୋକାନକୁ ଖୋଲାଜାଗାକୁ ସ୍ଥାନାନ୍ତର କରିବାକୁ କୁହାଯାଇଥିଲା। ହେଲେ ବିଏମ୍‌ସି ଏଥିପ୍ରତି ଆଦୌ ଧ୍ୟାନ ଦେଇନି। ବଡ଼କଥା ହେଉଛି, ମାର୍କେଟ୍ ଭିତରେ ୨୦୦ରୁ ଅଧିକ ଭୂତଳ ବା ଅଣ୍ଡରଗ୍ରାଉଣ୍ଡ ଗୋଦାମ ରହିଛି। ଏହାକୁ ଯାଞ୍ଚ କରି ତୁରନ୍ତ ବନ୍ଦ କରିବାକୁ କୁହାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗତବର୍ଷ ଫେବ୍ରୁଆରି ମାସରେ ଏଠାରେ ଅଗ୍ନିକାଣ୍ଡ ଘଟିଥିଲା। ଦମକଳ ହାଟ ଭିତରେ ପଶି ପାରିନଥିଲା। ଦୂରରେ ଛିଡ଼ାହୋଇ ପାଣି ପକାଇବାକୁ ନୟାନ୍ତ ହୋଇଥିଲା। ଅଗ୍ନିଶମ ସେବାସଂସ୍ଥା ମଧ ଅଗ୍ନି ନିରାପତ୍ତା ନେଇ ପରାମର୍ଶ ଦେଇଥିଲା। ହେଲେ ବିଏମ୍‌ସି ସେ ପ୍ରସଙ୍ଗରେ ମଧ କୌଣସି ପଦକ୍ଷେପ ନେଇନାହିଁ। ୨୦୧୯ରୁ ୨୦୨୧ ମଧ୍ୟରେ ୩ ଦଫାରେ ବିଏମ୍‌ସି ୧ ନମ୍ବର ହାଟରେ ଥିବା ଦୋକାନୀଙ୍କ ମଧ୍ୟରୁ ୫୦୭ ଜଣଙ୍କ ନାମରେ ମ୍ୟୁଟେସନ କରିଛି। ଏହା ବେଆଇନ ବୋଲି ଅଭିଯୋଗ ହୋଇଛି। ଏହି ହାଟ ଭିତରେ ମୋଟ୍ ୨୮୩୯ ଜଣ ବ୍ୟବସାୟୀ ରହିଛନ୍ତି।

# ଭରତପୁର ଜଙ୍ଗଲରେ ୧,୧୦୦ ମିଟର ଝୁଲନ୍ତା ସୌର ବାଡ଼ ଲାଗିଲା



**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀ ଉପକଣ୍ଠରେ ହାତୀ-ମଣିଷ ଲଢ଼େଇ ରୋକିବାକୁ ବନ ବିଭାଗ ଅଭିନବ ପନ୍ଥା ଆପଣାଇଛି। ହାତୀଗୁଡ଼ିକ ଯେପରି ଜନବସତି ଆଡ଼କୁ ନ ଆସିବେ, ସେଥିପାଇଁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ହାଙ୍ଗିଂ (ଝୁଲନ୍ତା) ସୋଲାର ଫେନ୍ସ (ବାଡ଼) ବ୍ୟବସ୍ଥା ହୋଇଛି। ଅନ୍ଧାରୁଆର ଡାହାଣ ପାର୍ଶ୍ୱର ସୌଉରା ବାଙ୍କ ନିକଟରେ ୧,୧୦୦ ମିଟର ଲମ୍ବର ଫେନ୍ସ ନିର୍ମାଣ କରାଯାଇଛି। ଏହାଦ୍ୱାରା ହାତୀ-ମଣିଷ ଲଢ଼େଇକୁ କିଛି ମାତ୍ରାରେ ରୋକା ଯାଇ ପାରିବ ବୋଲି ଆଶା କରା ଯାଉଛି। ଅଭୟାରଣ୍ୟରେ ରହିଥିବା ହାତୀଗୁଡ଼ିକ ପ୍ରତିଦିନ ଅନ୍ଧାରୁଆ ଦେଇ ଭରତପୁର ଜଙ୍ଗଲକୁ ଯିବା ଆସିବା କରିଥାନ୍ତି। ସେମାନଙ୍କ ଚଲାବାଟ ହୋଇଥିବାରୁ ବିନାବାଧାରେ ସେମାନେ ଯିବାକୁ ଚାହିଲେ ମଧ ଗଢ଼ି ଉଠୁଥିବା ଜନବସତି ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। ହାତୀ କେତେବେଳେ ଲୋକଙ୍କ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରୁଛନ୍ତି ତ ଆଉ କେବେ ହାତୀଙ୍କୁ ଘଉଡ଼ାଇବାକୁ ଲୋକେ ନିଆଁହୁଳା ପକାଉଛନ୍ତି। ବେଳେବେଳେ ହାତୀଙ୍କ ଉତ୍ପାତ ସୀମା ଟପି ଯାଉଛି। ସଂରକ୍ଷିତ ଜଙ୍ଗଲର ଏହି ଏକ କିମି ଅଞ୍ଚଳରେ ପାଚେରି ନଥିବାରୁ ହାତୀଗୁଡ଼ିକ ବିନାବାଧାରେ ଜନବସତି ଆଡ଼କୁ ମାଡ଼ିଯାଉଛନ୍ତି। ତାହା ନିକଟସ୍ଥ ବସ୍ତି ଓ ଆବାସିକ ଅଞ୍ଚଳରେ ଥିବା ଲୋକଙ୍କୁ ଆତଙ୍କିତ କରି ରଖୁଛି। ଏହାକୁ ରୋକିବାକୁ ଝୁଲନ୍ତା ସୋଲାର ଫେନ୍ସର ବ୍ୟବସ୍ଥା ହୋଇଛି। ୧୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଫେନ୍ସରେ ୪.୫ ଭୋଲ୍ଟ କରେଣ୍ଟ ରହିଛି। ଝୁଲି ରହିଥିବା ଏହି ଫେନ୍ସର ତଳପାର୍ଶ୍ୱରୁ ୨.୫ରୁ ୩ ଫୁଟ୍ ଫାଙ୍କ ରହିଛି। ହାତୀ ପରି ବଡ଼ ବନ୍ୟଜନ୍ତୁ ଏହି ରାସ୍ତା ଦେଇ ଯିବାକୁ ଉଦ୍ୟମ କଲେ କରେଣ୍ଟ ଥିବା ଫେନ୍ସଟି ସେମାନଙ୍କ ଶରୀରରେ ବାଜୁଛି ଏବଂ କରେଣ୍ଟ ଖାଇ ସେମାନେ ଫେରି ଯାଉଛନ୍ତି। ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦଙ୍କ କହିବାନୁଯାୟୀ, ଫେନ୍ସ ଲଗାଯିବା ପରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ପ୍ରତି ସେକେଣ୍ଡରେ ବାହାରୁଥିବା ଡିସି କରେଣ୍ଟ ହାତୀଙ୍କ ଦେହରେ ବାଜିବା ଦ୍ୱାରା ସେମାନେ ପଛକୁ ଫେରିବା ସହ ଜନବସତି ମୁହାଁ ହୋଇପାରୁ ନାହାନ୍ତି। ସେହିପରି ଚନ୍ଦକା ଡିଏଫ୍‌ଓ ଶରତ କୁମାର ବେହେରା କହିଛନ୍ତି, ଫେନ୍ସର ପରିଚାଳନା ପାଇଁ ଏକ କଣ୍ଟ୍ରୋଲ ପାନେଲ୍ ପ୍ରତିଷ୍ଠା ହୋଇଛି, ଯାହାକୁ ବନ ବିଭାଗ କର୍ମଚାରୀମାନେ ପରିଚାଳନା କରୁଛନ୍ତି। ଚନ୍ଦକା ଚାରିପାଖରେ ବସ୍ତି ଓ ଆବାସିକ ଅଞ୍ଚଳ ରହୁଥିବାରୁ ହାତୀଙ୍କୁ ନିୟନ୍ତ୍ରଣ କରିବାଲାଗି ଏଭଳି ପଦକ୍ଷେପ ନେବା ଜରୁରି ଥିଲା। ଏହାର ତଳେ ୩ ଫୁଟ୍ ଛଡ଼ାଯାଇଛି, ଫଳରେ ଛୋଟ ଛୋଟ ବୁଦାଗୁଡ଼ିକ ଫେନ୍ସକୁ ସ୍ପର୍ଶ କରି ପାରୁନାହିଁ।

## ରାଜ୍ୟବ୍ୟାପୀ ଗ୍ରାମ ପରିକ୍ରମା ଚାଲ ଅଭିଯାନ କରିବ ଭାଜପା

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟର ସବୁ ପଞ୍ଚାୟତରେ ଗ୍ରାମ ପରିକ୍ରମା ଚାଲ ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବାକୁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ସୋମବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ଉପସ୍ଥିତ ରହି ରାଜ୍ୟରେ ଗ୍ରାମ ପରିକ୍ରମା ଚାଲ ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଚାଷୀଙ୍କ ଆୟକୁ ୨ଗୁଣା କରିବା ପାଇଁ କେନ୍ଦ୍ର ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ କୃଷକ ପଞ୍ଚାୟତ କରି ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବ୍ୟାପକ ଭାବେ କରିବାକୁ କୁହାଯାଇଛି। ବୈଠକରେ ମନମୋହନ କହିଛନ୍ତି, ଭାରତବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଆୟକୁ ୨ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ଆଣିଛନ୍ତି।


## ଶତାବ୍ଦୀ ମେଟ୍ରେସ ପକ୍ଷରୁ କ୍ୟୁସେନ୍ସ ଟେକ୍ନୋଲୋଜି ଦ୍ୱାରା ଚାଳିତ କ୍ୟୁ-ଜେଲ ମେଟ୍ରେସର ଶୁଭାରମ୍ଭ

**ନୂଆଦିଲ୍ଲୀ :** ଶତାବ୍ଦୀର ମେଟ୍ରେସ ପୋର୍ଟଫୋଲିଓରେ କୁଲେଷ୍ଟ ଯୋଗ ପ୍ରସ୍ତୁତ କରି ଭାରତର ଶୋଇବା ବିଶେଷଜ୍ଞ ଶୋଇବା ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବାକୁ ଅଭିନବ କ୍ୟୁସେନ୍ସ ଟେକ୍ନୋଲୋଜି ସହିତ ଏହାର କ୍ୟୁ-ଜେଲ ମେଟ୍ରେସ ପରିସରକୁ ଅନାବରଣ କରିଛି । ଏକ ସଂପୂର୍ଣ୍ଣ ନୂତନ ସ୍ତରର ଆରାମକୁ ବୃଦ୍ଧି କରିବାକୁ ପ୍ରତିଜ୍ଞା କରି ଏକ ଆରାମଦାୟକ ଏବଂ କୁଲ ଶୋଇବା ଅଭିଜ୍ଞତାର ଆବଶ୍ୟକତାକୁ ସମାଧାନ କରିବାକୁ ବିବର୍ତ୍ତନଶୀଳ ମେଟ୍ରେସ ସର୍ବଶେଷ କ୍ୟୁସେନ୍ସ ପ୍ରଯୁକ୍ତିବିଦ୍ୟାର ଲାଭ ଉଠାଇଛି । ଗ୍ରାହକମାନେ ଭଲ ନିଦ୍ରାର ଗୁରୁତ୍ୱକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଏହି ଉଦ୍ଭାବନ ବର୍ଦ୍ଧିତ ବିଶ୍ରାମ ଏବଂ ଆରାମକୁ ସୁନିଶ୍ଚିତ କରେ । ସଠିକତା ସହିତ ନିର୍ମିତ ଏହି ମେଟ୍ରେସ'ରେ ୟୁରୋ ଟପ ଫିନିଶ ସହିତ ଏକ ଭିସ୍କୋଜ କପଡା ବୈଶିଷ୍ଟ୍ୟ ରହିଛି ଯାହା ଏକ ସମୃଦ୍ଧ ଅନୁଭବ ଏବଂ ବର୍ଦ୍ଧିତ ଆରାମ ଯାଚିଥାଏ । କ୍ୟୁସେନ୍ସ ଟେକ୍ନୋଲୋଜିରେ ଭର୍ତ୍ତି ହୋଇଥିବା କ୍ୟୁ-ଜେଲ ତମ୍ବା କ୍ରିଷ୍ଟାଲ ମେମୋରୀ ଫୋମ ଏକ ବିଶ୍ରାମଦାୟୀ ଶୋଇବା ଅଭିଜ୍ଞତା ପାଇଁ ପ୍ରଭାବଶାଳୀ ଉତାପ ପରିଚାଳନାକୁ ସୁନିଶ୍ଚିତ କରିଥାଏ । ଏର୍ଗୋ-ସଫ୍ଟ ଟ୍ରାନ୍ସମିସନ ଫୋମ ପ୍ରୋ ରେସପନ୍ସିଭ କଟେଂାର ଫୋମ ଦ୍ୱାରା ଡିଜାଇନ ହୋଇଥିବା ଏହି ମେଟ୍ରେସ ଅନନ୍ୟ ଶରୀରର ସମର୍ଥନ




ଏବଂ ବାୟୁ ପ୍ରବାହ ନିୟନ୍ତ୍ରଣ ପ୍ରଦାନ କରିଥାଏ । ଏହାର ୟୁରୋ ଟପ ଶେଷସ୍ପର୍ଶ ଦ୍ୱାରା ଏକ ନରମ ଏବଂ ଆରାମ ଅନୁଭବ ପ୍ରଦାନ କରୁଥିବା ୮ ଇଂଚର ମୋଟେଇରେ ଉପଲବ୍ଧ କ୍ୟୁ-ଜେଲ ବିଳାସ ୭ ବର୍ଷର ୱାରେଂଟି ସହିତ ଆସିଥାଏ । ସେର୍ଟିପୁର-ୟୁଏସ ସାର୍ଟିଫିକେଟ ସାମଗ୍ରୀ ଦ୍ୱାରା ନିର୍ମିତ ଏହି ଫୋମ ମେଟ୍ରେସ ଏକ ନୂତନ ଶକ୍ତି ଦେବା ଶୋଇବା ଅଭିଜ୍ଞତାକୁ ସୁନିଶ୍ଚିତ କରିଥାଏ । କ୍ୟୁ-ଜେଲ ବିଳାସ ଟ.୨୪୯୩୮, ଟ.୩୯୪୬୫, ଏବଂ ଟ.୪୭୭୫୨ର ମୂଲ୍ୟ ସହିତ ଏକକ, କୁଇନ ଏବଂ କିଙ୍ଗ ଆକାରରେ ଆସିଥାଏ । କ୍ୟୁ-ଜେଲ ଆରାମ ଏକ ନରମ ଦୃଢତା ସ୍ତର, ଟାଇଟ ଟପ ଫିନିଶ, ୬-ଇଂଚର ଫୋମ ମେଟ୍ରେସ ଏବଂ ୭ ବର୍ଷର ୱାରେଂଟି ସହିତ ଆସିଥାଏ । କ୍ୟୁ-ଜେଲ ଆରାମ ଟ.୨୪,୯୩୮, ଟ.୩୯,୪୬୫ ଟ.୪୭,୭୫୨ର ମୂଲ୍ୟ ସହିତ ଏକକ, କୁଇନ ଏବଂ କିଙ୍ଗ ଆକାରରେ ଆସିଥାଏ ।


# ଶିମିଳିପାଳରେ ୧୩ଟି କଳା ବାଘ



**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶାରେ ୩୦ଟି ମହାବଳ ବାଘ ରହିଛନ୍ତି। ଶିମିଳିପାଳରେ ୧୧ଟି ମହାବଳ ଓ ୧୩ଟି ମେଲାନିଷ୍ଟିକ୍ ଟାଇଗର(କଳା ବାଘ)କୁ ମିଶାଇ ମୋଟ ୨୪ଟି ବାଘ କ୍ୟାମେରାରେ କଏଦ ହୋଇଛନ୍ତି। ଏହାବ୍ୟତୀତ ଆଉ ୩ଟି ମହାବଳଙ୍କ ଉପସ୍ଥିତି ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରମାଣ ରହିଥିଲେ ମଧ ସେମାନେ କ୍ୟାମେରା ଟ୍ରାପ୍‌କୁ ଆସି ନାହାନ୍ତି। ୧୧ଟି ମହାବଳଙ୍କ ମଧ୍ୟରୁ ୭ଟି ମାଈ ଓ ୪ଟି ଅଣ୍ଡିରା ଏବଂ ୧୩ଟି କଳା ବାଘ ମଧ୍ୟରୁ ୭ଟି ମାଈ ଓ ୬ଟି ଅଣ୍ଡିରା ରହିଛନ୍ତି। ୨୭ଟି ବାଘଙ୍କ ମଧ୍ୟରେ ୮ଟି ଛୁଆ ରହିଛନ୍ତି। ୭ଟି ଛୁଆଙ୍କ ବୟସ ୧ ବର୍ଷରୁ କମ୍ ହୋଇଥିବା ବେଳେ ଗୋଟିଏର ବୟସ ଏକ ବର୍ଷରୁ ଅଧିକ। ଶିମିଳିପାଳ ବ୍ୟତୀତ ରାଜ୍ୟର ଆଉ ୩ଟି ସ୍ଥାନରେ ମହାବଳ ଦୃଶ୍ୟମାନ ହୋଇଛନ୍ତି। କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ପାରଳାଖେମୁଣ୍ଡି ଜଙ୍ଗଲ ଓ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡରେ ଗୋଟିଏ ଲେଖାଏଁ ମହାବଳ ରହିଥିବା ରାଜ୍ୟ ସରକାରଙ୍କ ବାଘ ଗଣନା ରିପୋର୍ଟରୁ ଜଣାପଡ଼ିଛି। ସାରା ରାଜ୍ୟରେ ବାଘ ଗଣନା ସମୟରେ ୨୭ଟି ବୟସ୍କ ବାଘ କ୍ୟାମେରା ଟ୍ୟାପ୍‌କୁ ଆସିଥିଲେ। ଯେଉଁଥିରେ ୧୪ଟି ମାଈ ଓ ୧୩ଟି ଅଣ୍ଡିରା ରହିଛନ୍ତି। ଏହାବ୍ୟତୀତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଆଉ ୩ଟି ମହାବଳ ବାଘ ରହିଥିବାର ପ୍ରମାଣ ଲାଗିଛି। ମାତ୍ର ସେମାନେ କ୍ୟାମେରା ଟ୍ୟାପ୍‌କୁ ଆସିପାରି ନାହାନ୍ତି। ରାଜ୍ୟର ସମସ୍ତ ମାଈ ବାଘ କେବଳ ଶିମିଳିପାଳରେ ହିଁ ରହିଛନ୍ତି। ଓଡ଼ିଶାର ଅନ୍ୟ କୌଣସି ଅଭୟାରଣ୍ୟ କିମ୍ବା ଜଙ୍ଗଲରେ ମାଈ ବାଘ ଦେଖାଯାଇ ନାହାନ୍ତି। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ବାଘ ଶୂନ୍ୟ ରହିଛି। ୨୦୨୨ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ବାଘ ଗଣନା ଅପେକ୍ଷା ୨୦୨୩ ରାଜ୍ୟ ସରକାରଙ୍କ ଗଣନାରେ ଶିମିଳିପାଳରେ ମହାବଳଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ଘଟିଛି। ୨୦୨୧-୨୨ ଗଣନାରେ ମାତ୍ର ୧୬ଟି ଦୃଶ୍ୟମାନ ହୋଇଥିବା ବେଳେ ବର୍ତ୍ତମାନ ୨୭ରେ ପହଞ୍ଚିଛି। ଅଭୟାରଣ୍ୟରେ ବାଘମାନଙ୍କ ସୁରକ୍ଷା ପାଇଁ କଠୋର ପଦକ୍ଷେପ, ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯିବା ଦ୍ୱାରା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୮ଟି ଛୁଆ ବାଘ କ୍ୟାମେରାରେ ଦୃଶ୍ୟମାନ ହେବା ଶିମିଳିପାଳ ଅଭୟାରଣ୍ୟ ପାଇଁ ଶୁଭ ସଙ୍କେତ ଦେଉଛି। ବିଶ୍ୱର ଏକମାତ୍ର ଅଭୟାରଣ୍ୟ ଭାବେ ଶିମିଳିପାଳରେ କଳା ବାଘ ରହିଛନ୍ତି। କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ପାରଳାଖେମୁଣ୍ଡି ଅଞ୍ଚଳ ଓ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡରେ ମହାବଳଙ୍କ ଉପସ୍ଥିତି ଏଠାରେ ବାଘ ବଂଶ ବୃଦ୍ଧି ନେଇ ଆଶା ସଞ୍ଚାର ହୋଇଛି। ଏହାବ୍ୟତୀତ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଓ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ଉପଯୁକ୍ତ ପରିବେଶ ରହିଥିବା ବନ ବିଭାଗ ଅନୁଭବ କରିଛି। କେନ୍ଦ୍ରୀୟ ଭାରତ ଓ ପୂର୍ବଘାଟ ଅଞ୍ଚଳରେ ଆସୁଥିବା ଓଡ଼ିଶାରେ ଗୋଟିଏ ଜାତୀୟ ପାର୍କ, ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଓ ୧୯ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି। ୨୦୨୨ କେନ୍ଦ୍ର ସରକାରଙ୍କ ବ୍ୟାଘ୍ର ଗଣନା ଅନୁଯାୟୀ ଓଡ଼ିଶାରେ ୧୭ଟି ବାଘ କ୍ୟାମେରାରେ କଏଦ ହୋଇଥିଲେ। ଏଥର ରାଜ୍ୟ ସରକାରଙ୍କ ପକ୍ଷରୁ ୪୭ଟି ଫରେଷ୍ଟ ଡିଭିଜନ୍(ଭଦ୍ରକ, ରାଜନଗର ଫରେଷ୍ଟ ଡିଭିଜନ୍, ପୁରୀ ଓ ଚାଲିକା ବ୍ୟତୀତ)ରେ ଓଡ଼ିଶା ବ୍ୟାଘ୍ର ଗଣନା କରାଯାଇଥିଲା। ବାଘଙ୍କ ପଦଚିହ୍ନ, ରାମ୍ପୁଡ଼ା ଚିହ୍ନ, ମଳ, ପଞ୍ଝା ଚିହ୍ନ, ପରିସ୍ରା, ଗର୍ଜନ ଓ ଲାଇଭ୍‌ଷ୍ଟକ ଡିପ୍ରେଡେସନ୍ ଆଦି ଆଧାରରେ ଚଳିତବର୍ଷର ଗଣନା ହୋଇଛି। ଓଡ଼ିଶା ଜଙ୍ଗଲରେ ମୋଟ ୧୪୩୨ଟି କ୍ୟାମେରା ଲଗାଯାଇଥିଲା। ଅକ୍ଟୋବର ୧୫ରୁ ଫେବ୍ରୁଆରି ୧୦ ମଧ୍ୟରେ କ୍ୟାମେରା ଲଗାଯାଇ ଗଣନା ହୋଇଥିଲା। ମୋଟ ଉପରେ ବାଘଙ୍କ ୫୬୭ଟି ଫଟୋ କ୍ୟାମେରାରେ ଦୃଶ୍ୟମାନ ହେବା ପରେ ତାହାର ସମୀକ୍ଷା କରାଯାଇଥିଲା।

# ହିତାଧିକାରୀ ହନ୍ତସନ୍ତ, ଆଙ୍ଗୁଠିଛାପ ଦେବାକୁ ୪ କିମି ଯାତ୍ରା



**ସୁନ୍ଦରଗଡ଼(ଅମୃତ ମିଡିଆ):** ଭତ୍ତା ହେଉ କି ପିଡିଏସ୍ ଚାଉଳ, ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାରେ ହିତାଧିକାରୀଙ୍କ ବୃଦ୍ଧାଙ୍ଗୁଳି ଓ ଆଖି ସ୍କାନ୍ କରାଯିବା ବାଧ୍ୟତାମୂଳକ। ଯୋଜନାର ସ୍ୱଚ୍ଛତା ପାଇଁ ଏ ବ୍ୟବସ୍ଥା କରିଛନ୍ତି ସରକାର। କିନ୍ତୁ, ଏ ବ୍ୟବସ୍ଥା ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତରେ ଥିବା ବଡ଼ଗାଁ ବ୍ଲକ୍ ବାମଡେରା ପଞ୍ଚାୟତ ପାଇଁ ଦୁଃଖ ଆଣି ଦେଇଛି। କାରଣ ବାୟୋମେଟ୍ରିକ୍ ଉପସ୍ଥାନ ପାଇଁ ବୃଦ୍ଧ, ଭିନ୍ନକ୍ଷମ ସହ ସମସ୍ତ ହିତାଧିକାରୀଙ୍କୁ ପଞ୍ଚାୟତଠାରୁ ୪ କିଲୋମିଟର ଦୂର ଏକମା ପଞ୍ଚାୟତକୁ ଆସୁଛନ୍ତି। ଅନ୍‌ଲାଇନ୍ ଉପସ୍ଥାନ ପଡ଼ିବାପରେ ପୁଣି ୪ କିଲୋମିଟର ବାମଡେରା ପଞ୍ଚାୟତକୁ ଯାଇ ଚାଉଳ, ଭତ୍ତା ନେଉଛନ୍ତି। ବାମଡେରା ପଞ୍ଚାୟତରେ ନେଟ୍‌ୱର୍କ ନ ଥିବାରୁ ବହୁବର୍ଷ ହେଲା ଏ ଦଶା ଭୋଗି ଆସୁଛନ୍ତି ହିତାଧିକାରୀ। ଝାଡ଼ଖଣ୍ଡ ସୀମାନ୍ତରେ ଥିବା ୫ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ପଞ୍ଚାୟତରେ ବାମଡେରା ସହ ରାଜଛପଲା, ବାଦୁଲପାନି, ବନଶିକାର ଗାଁ ରହିଛି। କିନ୍ତୁ, ପଞ୍ଚାୟତରେ ମୋବାଇଲ୍ ଟାୱାର ନଥିବା ଏବଂ ଅଞ୍ଚଳରେ କୌଣସି ନେଟ୍‌ୱର୍କ ପହଞ୍ଚୁ ନଥିବାରୁ ହିତାଧିକାରୀଙ୍କଠାରୁ କାର୍ଯ୍ୟ ସମ୍ପାଦନ କରୁଥିବା କର୍ମଚାରୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। କେବଳ ଭତ୍ତା କି ପିଡିଏସ୍ ହିତାଧିକାରୀ ନୁହନ୍ତି, ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ଅନ୍‌ଲାଇନ୍ ବ୍ୟବସ୍ଥା ମଧ୍ୟ ନିଜ କାର୍ଯ୍ୟାଳୟରେ ସମ୍ପାଦନ ହୋଇପାରୁନାହିଁ। ପଞ୍ଚାୟତରେ ଥିବା ବିଦ୍ୟାଳୟ, ଅଙ୍ଗନବାଡ଼ି, ଡାକଘର, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସମଦଶା ଭୋଗି ଆସୁଛନ୍ତି। ସବୁଠାରୁ ବଡ଼କଥା ହେଲା, ରାତିରେ କୌଣସି ବିପଦଆପଦ ଘଟିଲେ ପୁଲିସ କି ଆମ୍ବୁଲାନ୍ସ ଡାକିବାକୁ ଲୋକଙ୍କୁ ୨ କିଲୋମିଟର ଦୂରରେ ଥିବା ପାହାଡ଼ ଚଢ଼ିବାକୁ ପଡୁଛି। ଏ ଦୁର୍ଦ୍ଦଶାରେ ଅତିଷ୍ଠ ପଞ୍ଚାୟତବାସୀ ଶେଷକୁ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୋମବାର ସରପଞ୍ଚ ଶ୍ୟାମସୁନ୍ଦର ଲାକ୍ରା, ସମିତିସଭ୍ୟ ଆନନ୍ଦମାସୀ ହାସା, ଜେରମ ମିଞ୍ଜ, ପରମାନନ୍ଦ ମହାକୁଡ଼ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପଞ୍ଚାୟତ ମୁଖ୍ୟାଳୟରେ ନିର୍ବାଚନ ପୂର୍ବରୁ ମୋବାଇଲ୍ ଟାୱାର ପ୍ରତିଷ୍ଠା କରିବାକୁ ଦାବି କରିଥିଲେ।

# ପାଣି ଛାଡୁନି ଝାଡ଼ଖଣ୍ଡ, ଶୁଖିଲା ପଡ଼ିଛି କୋଏଲ ନଦୀଶଯ୍ୟା

**ରାଉରକେଲା(ଅମୃତ ମିଡିଆ):** ପୂର୍ବ ବର୍ଷ ଅପେକ୍ଷା ଏଥର ତାତି ଅଧିକ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ହେଲେ ତାତି ନ ବଢୁନୁ ଏବେଠୁ ଶୁଖିଲାଣି କୋଏଲ ନଦୀର ଧାରା। ଉପର ମୁଣ୍ଡରେ ଝାଡ଼ଖଣ୍ଡ ନିର୍ମିତ ବ୍ୟାରେଜ୍ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବର୍ତ୍ତମାନ ନଦୀର ଗୋଟିଏ ପାର୍ଶ୍ୱରେ କ୍ଷୀଣ ଜଳଧାର ପ୍ରଭାବିତ ହେଉଥିଲା ବେଳେ ଅନ୍ୟପାର୍ଶ୍ୱ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଯେଉଁ ପାର୍ଶ୍ୱରେ ଜଳଧାର ପ୍ରଭାବିତ ହେଉଛି, ତାହା ବି ଆଉ କିଛି ଦିନ ଭିତରେ ଶୁଖିଯିବାର ଆଶଙ୍କା ରହିଛି। ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ଏଥର ସହରରେ ପୁଣି ଉତ୍କଟ ପାନୀୟ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ସହରକୁ ଆସୁଥିବା ଜଳର ମୁଖ୍ୟ ଉତ୍ସ ହେଉଛି କୋଏଲ, ଶଙ୍ଖ ଓ ବ୍ରାହ୍ମଣୀ ନଦୀ। ଶଙ୍ଖ ଓ ବ୍ରାହ୍ମଣୀର ପାଣି ରାଉରକେଲା ସିଭିଲଟାଉନସିପ୍, ବାସନ୍ତୀକଲୋନି, ଛେଣ୍ଡ କଲୋନି, ପାନପୋଷ, ସାରନଗରୀ, ଡେଲିମାର୍କେଟ ଆଦି ଅଞ୍ଚଳକୁ ଜଳ ଯୋଗାଣ ହୋଇଥାଏ। କୋଏଲନଦୀର ପାଣି ଇସ୍ପାତ ସହରାଞ୍ଚଳ, ଶକ୍ତିନଗର, କୋଏଲନଗର, ଝିରପାଣି, ଶକ୍ତିନଗର ଓ ହମିରପୁର ଆଦି ଅଞ୍ଚଳକୁ ଯୋଗାଣ ହୋଇଥାଏ। ଇସ୍ପାତ



ସହରାଞ୍ଚଳବାସୀ ବ୍ରାହ୍ମଣୀନଦୀ ଅପେକ୍ଷା କୋଏଲନଦୀ ଉପରେ ବେଶି ନିର୍ଭରଶୀଳ। ସହର ପାଇଁ ପାଖାପାଖି ୧୦୦୦ ଏମ୍‌ଏଲ୍‌ଡି (ମିଲିୟନ୍ ଲିଟର ଦୈନିକ) ପାଣି ଦରକାର। ଏଥିରେ ରହିଛି ରାଉରକେଲା ଇସ୍ପାତ କାରଖାନାରେ ବ୍ୟବହୃତ ବିପୁଳ ପରିମାଣର ଜଳ। ତେବେ କେବଳ ପାନୀୟ ଜଳ ହିସାବକୁ ନେଲେ, ଏଥିରୁ ପ୍ରାୟ ୩୦% ପାଣି କେବଳ କୋଏଲ ନଦୀରୁ ଆସେ। ସେମିତି କୋଏଲ ନଦୀ ପାର୍ଶ୍ୱକୁ ଲାଗିଥିବା ୫୦ରୁ ଅଧିକ ଗ୍ରାମବାସୀ ମଧ୍ୟ ଏହା ଉପରେ ନିର୍ଭର କରନ୍ତି। କହାଯାଉଛି କୋଏଲନଦୀରେ ନିର୍ମାଣାଧୀନ ବ୍ୟାରେଜ୍ ସଂପୂର୍ଣ୍ଣ ହେଲେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଅଞ୍ଚଳର ଜଳକଷ୍ଟ ଦୂର ହେବ। କୋଏଲନଗର, ଜଗଦା, ଶକ୍ତିନଗର ସମେତ ଆରଏମ୍‌ସିର ଅନ୍ୟ ପ୍ରମୁଖ ଅଞ୍ଚଳରେ ଆଉ ଜଳକଷ୍ଟ ରହିବ ନାହିଁ। ଏଥିସହ କୁଆରମୁଣ୍ଡା ପାର୍ଶ୍ୱରେ ପାଖାପାଖି ୧୨୦୦ ହେକ୍ଟର ଚାଷଜମି ଜଳସେଚିତ ହେବ। ହେଲେ ଚାଲିଥିବା ବ୍ୟାରେଜ୍? କାମ କେବେ ସରିବ, କାହା ପାଖରେ ଉତ୍ତର ନାହିଁ। ଉଲ୍ଲେଖନୀୟ, ରାଉରକେଲା ସହରର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଓ ଏହାର ଚତୁଃପାର୍ଶ୍ୱରେ ପନିପରିବା ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିକୁ ଲକ୍ଷ୍ୟ ରଖି ୨୦୧୩ ଜୁଲାଇ ମାସରେ ସେକ୍ଟର-୨୦ ବୈକୁଣ୍ଠ ଘାଟରେ ମୁଖ୍ୟମନ୍ତ୍ରୀ କୋଏଲ ବ୍ୟାରେଜ୍ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ୬-୭ ବର୍ଷ ଯାଏ ବ୍ୟାରେଜ୍ ନିର୍ମାଣ ହୋଇ ନଥିଲା। ଏହାକୁ ବିଭିନ୍ନ ରାଜନୈତିକ ଦଳ ପ୍ରସଙ୍ଗ କରିଥିଲେ। ବିଧାନସଭାରେ ପୂର୍ବତନ ବିଧାୟକ ଦିଲୀପ ରାୟ ପ୍ରଶ୍ନ ଉଠାଇଥିଲେ। ଶେଷରେ କୋଏଲ ବ୍ୟାରେଜ୍ ନିର୍ମାଣକୁ ସବୁଜ ସଙ୍କେତ ମିଳିଥିଲା। ତେବେ ବିଭିନ୍ନ କାରଣରୁ ସେକ୍ଟର-୨୦ ବୈକୁଣ୍ଠ ଘାଟ ପରିବର୍ତ୍ତେ ସେକ୍ଟର-୧୬ ହମିରପୁର ପାର୍ଶ୍ୱରେ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି।

## ଅତାବିରା ବ୍ଲକରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ରେଙ୍ଗାଲିକ୍ୟାମ୍ପ(ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗଙ୍କ ପକ୍ଷରୁ ପ୍ରଦତ୍ତ ମଧୁବାବୁ ପେନସନ ଯୋଜନା ଆନୁକୂଲ୍ୟରେ ଅତାବିରା ବ୍ଲକ ପରିସରରେ ବ୍ଲକ୍ ଅଧକ୍ଷା ଗୀତାଞ୍ଜଳି ନାଏକ ଙ୍କ ଅଧ୍ୟକ୍ଷତାରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଭାବେ ଭତ୍ତା ପାଇବାକୁ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ।ଗୋଷ୍ଠି ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ନାୟକ,ଅତାବିରା ପଞ୍ଚାୟତ ଅଧିକାରୀ ମହମ୍ମଦ ଅକବର,ବ୍ଲକ୍ ଉପାଧକ୍ଷ ଅନନ୍ତ ମେହେର ମଞ୍ଚାସିନ ଥିଲେ।ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରିନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକର ୩୮ ଜଣ ସ୍ୱାମୀ ପରିତ୍ୟକ୍ତା,୭୭ ଜଣ ବିକଳାଙ୍ଗ,୧୫୫୬ ବୃଦ୍ଧା,ବୃଦ୍ଧା,୧୦୫ ଜଣ ଅବିବାହିତା ଓ୧୪୦ ଜଣ ବିଧବା ଆଦି ମୋଟ ୧୯୧୬ ଜଣ ହିତାଧିକାରୀ ଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୪ ଟି ଜୋନର ଜିଲ୍ଲା ପରିଷଦ,ସରପଞ୍ଚ,ସମିତି ସଭ୍ୟା,ସଭ୍ୟ ତଥା ହିତାଧିକାରୀ ମାନେ ଉପସ୍ଥିତ ରହିଥିଲେ ।



# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକ ହଟହଟା

**ରଣପୁର(ଅମୃତ ମିଡିଆ) :**ନୟାଗଡ଼ ଜିଲା ରଣପୁରସ୍ଥିତ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ତରଫରୁ ଚାଲିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଅତିଥି ଥିଲେ। ହେଲେ ସେ ଗୋପାଳପୁର ପଞ୍ଚାୟତର ବିଜେଡି ସଭାପତିଙ୍କୁ ଅତିଥି ଭାବେ ମଞ୍ଚରେ ବସାଇବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିଧାୟକଙ୍କୁ ହଟହଟା ହେବାକୁ ପଡିଥିଲା। ମଞ୍ଚ ସମ୍ମୁଖରେ ବସିଥିବା ଲୋକମାନଙ୍କ ସହିତ ଜିଲା ପରିଷଦ ସଭ୍ୟାମାନେ ହୋହାଲ୍ଲା କରି ଏହାକୁ ବିରୋଧ କରିଥିଲେ। ଏହାପରେ ସଭାପତିଙ୍କୁ ମଞ୍ଚ ଉପରୁ ହଟାଇ ଦିଆଯାଇଥିଲା। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚିତ୍ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସଭାକାର୍ଯ୍ୟ ପୁଣି ଥରେ ଆରମ୍ଭ ହୋଇଥିଲା। ସୂଚନା ଅନୁଯାୟୀ, ରବିବାର ଗୋପାଳପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାପାତ୍ର, ସରପଞ୍ଚ ସୁଜାତା ସେଠୀ ଓ ସମସ୍ତ ୱାର୍ଡସଭ୍ୟଙ୍କ ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଉପାଧକ୍ଷ ପ୍ରଭାତ କୁମାର ଦଳବେହେରା ଉପସ୍ଥିତ ଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ହେଲେ ଗୋପାଳପୁର ବିଜେଡି ସଭାପତି ସଦାଶିବ ନନ୍ଦଙ୍କୁ ବିଧାୟକ ଅତିଥି ଭାବେ ଡାକି ମଞ୍ଚରେ ବସାଇଥିଲେ। ଏହାକୁ ଦେଖି ଗୋପାଳପୁର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତାରାଇଙ୍କ ସହିତ ମଞ୍ଚ ସମ୍ମୁଖରେ ଥିବା ଲୋକମାନେ ବିରୋଧ କରିଥିଲେ। ତାଙ୍କୁ କାହିଁକି ମଞ୍ଚରେ ବସା ଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ କାହିଁକି ଜଣେ ଦଳୀୟ ନେତାଙ୍କୁ ମଞ୍ଚାସୀନ କରାଗଲା ବୋଲି ସେମାନେ କହିବା ସହ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା।ସେ ମଞ୍ଚରୁ ଓହ୍ଲାଇଲେ ସଭା କାର୍ଯ୍ୟ ଚାଲିବ ବୋଲି ଲୋକମାନେ କହିଥିଲେ। ସ୍ଥାନୀୟ ସରପଞ୍ଚ ମଧ୍ୟ ଏହି ଦାବିକୁ ସମର୍ଥନ କରିଥିଲେ। ଏହାକୁ ନେଇ ସ୍ଥାନୀୟ ବିଧାୟକଙ୍କୁ ହଟହଟା ହେବାକୁ ପଡିଥିଲା। ବିଧାୟକ କହିବା ପରେ ପଞ୍ଚାୟତ ସଭାପତି ମଞ୍ଚରୁ ଓହ୍ଲାଇଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏ ସଂକ୍ରାନ୍ତରେ ବିଧାୟକ ପ୍ରଧାନଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଏ ନେଇ ଗୋପାଳପୁର ଜିଲା ପରିଷଦ ସଭ୍ୟା ତାରାଇଙ୍କୁ ପଚାରିବାରୁ ସେ କୁହନ୍ତି, ଏହା ଏକ ସରକାରୀ କାର୍ଯ୍ୟକ୍ରମ। ବିଧାୟକ ସବୁ ଜାଣିଶୁଣି ତାଙ୍କ ଦଳର ଜଣେ ନେତାଙ୍କୁ ଆଣି ଅତିଥି କରି ମଞ୍ଚରେ ବସାଇଥିଲେ। ସେଥିପାଇଁ ଏପରି ପରିସ୍ଥିତି ସୃଷ୍ଟି ହେଲା।

## ବରପଦା ଇଂଜିନିୟରିଂ କଲେଜରେ ଅନିୟମିତତା ଅଭିଯୋଗ



**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ବରପଦା ଇଂଜିନିୟରିଂ କଲେଜରେ ଦୁର୍ନୀତି ଅଭିଯୋଗରେ ବରପଦା ବିକାଶ ମଞ୍ଚ ପକ୍ଷରୁ ବନ୍ଦ ପାଳନ କରାଯାଉଛି। ସକାଳ ୬ରୁ ସଂଧ୍ୟା ୬ଟା ଯାଏ ବନ୍ଦ ପାଳନ ହେଉଛି। ବନ୍ଦକୁ ସମର୍ଥନ କରି ବରପଦା ଛକରେ ଥିବା ଦୋକାନ ବଜାର ବନ୍ଦ ରହିଛି। ଫଳରେ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥ ଓ ଭଦ୍ରକ-ଆଗରପଡା ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଏହି ଅନିୟମିତତାରେ ବିଧାୟକ ପ୍ରଫୁଲ ସାମଲଙ୍କ ପରିବାରର ସଂପୃକ୍ତି ଥିବା ସ୍ଥାନୀୟ ଲୋକେ କହିଛନ୍ତି। କଲେଜରେ ପରିଚାଳନା ଦାୟିତ୍ୱରୁ ବିଧାୟକଙ୍କ ପରିବାରକୁ ହଟାଯାଉ। ନଚେତ ସରକାର କଲେଜକୁ ନିଜ ହାତକୁ ନିଅନ୍ତୁ ବୋଲି ଦାବି କରିଛି ବିକାଶ ମଞ୍ଚ। ନିକଟରେ କଲେଜରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଇଡି ଚଢ଼ଉ କରିଥିଲା। ଅନିୟମିତତା ଅଭିଯୋଗ ପୁରୁଣା। ହେଲେ ଜିଲ୍ଲା ପ୍ରଶାସନ ନିରବ ରହିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି ବରପଦା ବିକାଶ ମଞ୍ଚ। ଏପରିକି ଯେଉଁମାନେ ଆନ୍ଦୋଳନକୁ ସମର୍ଥନ କରୁଥିଲେ ସେମାନଙ୍କୁ ମିଥ୍ୟା ଅଭିଯୋଗରେ ପୁଲିସ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳ ଆସି ସମସ୍ୟାର ସମାଧାନ କରିବା ଆବଶ୍ୟକ ବୋଲି ଦାବି ହୋଇଛି। ଯଦି ଦାବି ଅନୁଯାୟୀ ସମସ୍ୟାର ସମାଧାନ ନହୁଏ ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି କୁହାଯାଇଛି।

# ବିଲାତି ଚାଷୀଙ୍କ ମୁଣ୍ଡରେ ଚଡ଼କ

**ଜଳେଶ୍ୱର(ଅମୃତ ମିଡିଆ):** ବଜାରରେ ବିଲାତି (ଟମାଟୋ) ଦର ବଢ଼ିଲେ ତାହା ଖବର ଶିରୋନାମା ପାଲଟିଯାଉଛି। ଅଥଚ ବିଲାତିର ପ୍ରଚୁର ଉତ୍ପାଦନ ସମୟରେ ଚାଷୀମାନେ ଅସହାୟ ହୋଇ ପଡୁଛନ୍ତି। ଶୀତଳଭଣ୍ଡାରର ଅଭାବ ହେଉ ବା ବଜାରରେ ଚାହିଦା ନଥିବା କାରଣରୁ ହେଉ; ବେପାରୀମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଅଭାବୀ ବିକ୍ରିର ଶିକାର ହୋଇ ଚାଷୀ ଉତ୍ପାଦିତ ବିଲାତିକୁ ମାତ୍ର ୫ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ସୁବର୍ଣ୍ଣରେଖା ନଦୀତଟରେ ରହିଛି ମାକିଡ଼ିଆ ପଞ୍ଚାୟତ। ଉର୍ବର ମାଟି ଯୋଗୁଁ ମାକିଡ଼ିଆ ଓ କୁଆଁରପୁର ଗାଁରେ ପ୍ରତିବର୍ଷ ବହୁଳ ପରିମାଣରେ ପନିପରିବା ଚାଷ ସହିତ ବିଲାତି ଚାଷ କରାଯାଏ। ଏହି ଦୁଇ ଗାଁ'ରେ ଏଥର ୩୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ବିଲାତି ଚାଷ ହୋଇଛି। ଅନୁକୂଳ ପାଗ ଯୋଗୁଁ ଗଛରେ ଭଲ ଫଳ ମଧ୍ୟ ଫଳିଛି। ଚାଷୀମାନେ ଭାବିଥିଲେ, ଏଥର ଅମଳ କରି ଭଲ ଦି' ପଇସା ରୋଜଗାର କରିବେ। ହେଲେ, ସେମାନଙ୍କର ସବୁ ଆଶା ମଉଳିଯାଇଛି। ଦେଢ଼ ସପ୍ତାହ ତଳେ ବିଲାତି ଅମଳ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ବେପାରୀମାନେ କିଲୋ ପିଛା ୨୦ ଟଙ୍କା ଦରରେ କିଣି ନେଇଥିଲେ। ହେଲେ ଦିନ କେଇଟାରେ ସ୍ଥିତି ବଦଳିଯାଇଛି। ଗୋଟିଏପଟେ ବାହାର ରାଜ୍ୟରୁ ବିଶେଷ କରି ପଶ୍ଚିମବଙ୍ଗରୁ ଦେଖିବାକୁ ସୁନ୍ଦର ଓ ମନଲୋଭା ବିଲାତି ଆମଦାନି ହେଉଛି। ଅନ୍ୟପଟେ ବଜାରରେ ଦେଶୀ ବିଲାତିର ବିଶେଷ ଚାହିଦା ନାହିଁ। ତେଣୁ ବେପାରୀମାନେ ଚାଷୀଙ୍କୁ କିଲୋ ପିଛା ମାତ୍ର ୫ ଟଙ୍କା ଦେଉଛନ୍ତି। କୁଇଣ୍ଟାଲ୍ କୁଇଣ୍ଟାଲ୍ ଅମଳ ବିଲାତି ପଡ଼ି ରହିଥିବାରୁ କମ୍ ଦର ହେଉ ପଛେ, ଚାଷୀମାନେ ବାଧ୍ୟ ହୋଇ ନତୁବା ଯାଚିକି ବିକି ଦେଉଛନ୍ତି। ତେବେ ବିଡ଼ମ୍ବନାର ବିଷୟ ହେଉଛି, ବେପାରୀମାନେ ୫ ଟଙ୍କାରେ ବିଲାତି କିଣି ବଜାରରେ ଖାଉଟିଙ୍କୁ ୧୫ରୁ ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ଗୋଟିଏ ଏକର ବିଲାତି ଚାଷ ପାଇଁ ୩୫ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ବେଳେ ଚାଷୀମାନେ ମୂଳ ଟଙ୍କା ମଧ୍ୟ ଫେରି ପାଉନାହାନ୍ତି।

## ଆଶ୍ରୟ କେନ୍ଦ୍ରରୁ ୩ ଅନ୍ତେବାସୀ ଫେରାର




**ରାଉରକେଲା(ଅମୃତ ମିଡିଆ):** ରାଉରକେଲା ଜେଲ୍ ରୋଡ୍‌ସ୍ଥିତ ସୁରକ୍ଷିତ ଆଶ୍ରୟ କେନ୍ଦ୍ରରୁ ସୋମବାର ୩ ଜଣ ଅନ୍ତେବାସୀ ନାବାଳକ ଫେରାର ହୋଇଯାଇଛନ୍ତି। ଏ ନେଇ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଉମେଶ ସାବତ ରଘୁନାଥପାଲି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସୁପରିଣ୍ଟେଣ୍ଡେଣ୍ଟ ସାବତ ସୂଚନା ଦେଇ କହିଛନ୍ତି, ସୋମବାର ସକାଳେ ଅନ୍ତେବାସୀଙ୍କ ଉପସ୍ଥାନ କରାଯାଉଥିବା ବେଳେ ଉକ୍ତ ୩ ଜଣଙ୍କ ଅନୁପସ୍ଥିତି ସମ୍ପର୍କରେ ଜଣାପଡ଼ିଥିଲା। ସେମାନଙ୍କୁ ଖୋଜାଖୋଜି କରି ନ ମିଳିବାରୁ ସ୍ଥାନୀୟ ଥାନାରେ ଏତଲା ସହ ଜୁଭେନାଇଲ୍ କୋର୍ଟ, ସିଡବ୍ଲ୍ୟୁସିକୁ ଅବଗତ କରାଯାଇଥିଲା। ସେମାନଙ୍କୁ ତୁରନ୍ତ ଧରାଯାଇ କେନ୍ଦ୍ରକୁ ଅଣାଯିବ। ନାବାଳକ ମାମଲା ଥିବାରୁ ସବୁ ତଥ୍ୟ ପ୍ରଦାନ କରାଯାଇ ପାରିବନାହିଁ ବୋଲି ସାବତ କହିଥିଲେ।

# ଜୁଗାର ବର୍ଛିକିଆ ବିଶେଷ ସଂଖ୍ୟା ଉନ୍ମୋଚନ୍ ଉଚ୍ଛବ୍ ଅସ୍ମିତା-୨୦୨୩



**ସମ୍ବଲପୁର(ଅମୃତ ମିଡିଆ):** 'ଆମର ଭାଷାକୁ ଉନ୍ନତ କରିବା ପାଇଁ ନିଜ ଭାଷାରେ ଲେଖାଯିବା ସହିତ ଦେଶ ବିଦେଶର କ୍ଲାସିକ୍ ସାହିତ୍ୟକୁ ଆମ ଭାଷାରେ ଅନୁସୃଜନ କରାଯାଉ। ସ୍ଥାନୀୟ ଗଙ୍ଗାଧର ମଣ୍ଡପଠାରେ ଅନୁଷ୍ଠିତ 'ଜୁଗାର ବଛରିକିଆ ବିଶେଷ ସଂଖ୍ୟା ଉନ୍ମୋଚନ ଉଛବ ଅସ୍ମିତା-୨୩'ରେ ଯୋଗଦେଇ ଝାଡ଼ଖଣ୍ଡ ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଏହା କହିଛନ୍ତି। ଏହି ଉତ୍ସବରେ ଜଷ୍ଟିସ୍ ମିଶ୍ର ଉଦ୍‌ଘାଟକ ଭାବରେ ଯୋଗଦେଇଥିଲେ। ସେ କହିଥିଲେ ଯେ ଆମ ଭାଷାର ଉନ୍ନତି ପାଇଁ ନିଷ୍ଠାପର ଉଦ୍ୟମ କରିବା, କିନ୍ତୁ ଅନ୍ୟାଭାଷାକୁ ଅପମାନିତ କରିବା ନାହିଁ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ବଙ୍ଗଳା ଭାଷାଭାଷୀ ଲୋକେ ଯେଉଁଳି ଓଡ଼ିଆ ଭାଷାକୁ ଉପଭାଷା ଦର୍ଶାଇଥିଲେ, ସେପରି କରିବା ଉଚିତ ନୁହେଁ। ତେବେ ଓଡ଼ିଆ ଭାଷା ପ୍ରତି ସେମାନଙ୍କ ଏଭଳି ଆଚରଣ ହିଁ ଓଡ଼ିଆ ଭାଷାରେ ଲେଖିବା ପାଇଁ ଲେଖକଙ୍କୁ ପ୍ରୋତ୍ସାହିତ କରିଥିଲା ବୋଲି ଜଷ୍ଟିସ ମିଶ୍ର କହିଥିଲେ। ଏହି ପରିପ୍ରେକ୍ଷୀରେ ଆମ ଭାଷାରେ ସାହିତ୍ୟ ସୃଷ୍ଟି କରିବା ସହିତ ଅନ୍ୟଭାଷାର ସାହିତ୍ୟକୁ ଆମ ଭାଷାରେ ଅନୁବାଦ କଲେ ଆମ ଭାଷାର ପରିଚିତି ବ୍ୟାପକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଚାଷୀନେତା ତଥା ସ୍ତମ୍ଭକାର ଲିଙ୍ଗରାଜ ଓଡ଼ିଆ ଖବର କାଗଜ 'ସମ୍ବାଦ' ଜୁଗାର ମାଧ୍ୟମରେ ସମ୍ବଲପୁରୀ ଭାଷା ଆନ୍ଦୋଳନର ଯେଉଁଭଳି ଭାବରେ ପ୍ରତିନିଧିତ୍ୱ କରୁଛି, ବାସ୍ତବରେ ତାହା ପ୍ରଶଂସନୀୟ ବୋଲି କହିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆହୁରି କହିଥିଲେ, 'ଏକବିଂଶ ଶତାବ୍ଦୀର ଜଗତୀକରଣ ସମୟରେ ପ୍ରତି ୧୪ ମିନିଟ୍‌ରେ ବିଶ୍ୱରୁ ଏକ ଭାଷାର ମୃତ୍ୟୁ ଘଟୁଥିବା ବେଳେ ଆମର ଭାଷାକୁ ମାନ୍ୟତା ଦେବା ପାଇଁ ଚାଲିଥିବା ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ୧୯୮୦ ଦଶକ ଯାଏ ସମ୍ବଲପୁରୀ ଭାଷା ସାହିତ୍ୟକୁ ରାଜ୍ୟସ୍ତରୀୟ ପ୍ରକାଶନ ପାଇଁ କୁଣ୍ଠାବୋଧ କରାଯାଉଥିବାବେଳେ ୯୦ ଦଶକ ବେଳକୁ ଏଥିରେ ପରିବର୍ତ୍ତନ ହେଲା ଏବଂ ସମ୍ବଲପୁରୀ ସାହିତ୍ୟକୁ ମାନ୍ୟତା ମିଳିଲା ବୋଲି କହିଥିଲେ। ତେବେ ବର୍ତ୍ତମାନ ମଧ୍ୟ ସମ୍ବଲପୁରୀ-କୋଶଲି ଭାଷା ସମ୍ବିଧାନର ଅଷ୍ଟମସୂଚୀରେ ସାମିଲ୍ ନହେବା ଦୁଃଖର ବିଷୟ'। ସମ୍ବଲପୁରୀ ଶାଢ଼ି, ରଙ୍ଗବତୀ ଗୀତ, ସରସତିଆ, ଆମ୍ବିଳର ଯେମିତି ତୁଳନା ନାହିଁ, ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ, ଗଙ୍ଗାଧରଙ୍କ କାବ୍ୟ କବିତା ଏବଂ ଭୀମ ଭୋଇଙ୍କ ଉତ୍ସର୍ଗୀକୃତ ଚେତନାର ମଧ୍ୟ ତୁଳନା ନାହିଁ ବୋଲି କହିଥିଲେ। ସମ୍ବଲପୁରୀ/କୋଶଲି ଭାଷା ଅଦ୍ୟାବଧି ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ ହୋଇନପାରିବା, ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବାର ୧୦ ବର୍ଷ ପରେ ବି ଭାଷା ମାନ୍ୟତା ଦିଗରେ ପାଦେ ବି ନଆଗେଇବା, ଭାଷା ବିବାଦ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତେ ଚିନ୍ତନ କରିବାର ସମୟ ଆସିଛି ବୋଲି ସେ କହିଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ଗବେଷକ ଡ. ଦୋଳଗୋବିନ୍ଦ ବିଶି, ଐତିହାସିକ ଦୀପକ କୁମାର ପଣ୍ଡା ଏବଂ ସଂଗୀତଜ୍ଞ ନବ ମହନ୍ତଙ୍କୁ 'ଜୁଗାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏମ୍‌ସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ, ସମ୍ବଲପୁରର ସହପ୍ରତିଷ୍ଠାତା ଶ୍ରୀମନ୍ତ ପାତ୍ର ଓ ସୁଇଟ୍ ଲାଇଫ୍ ଡାଏବେଟିକ୍ସ କେୟାର, ରାଉରକେଲାର ସତ୍ତ୍ୱାଧିକାରୀ ପ୍ରଫେସର ଡା. ଅଂଶୁମାନ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରୁ ବାଦ୍ୟ ସହିତ 'ଜୁଗାର ଯାତ୍ରା' ଅଧିଷ୍ଠାତ୍ରୀ ଦେବୀ ମା' ସମେଲଶ୍ୱରୀଙ୍କ ମନ୍ଦିରରୁ ବାହାରି ସଭାସ୍ଥଳ ଗଙ୍ଗାଧର ମଣ୍ଡପରେ ପହଞ୍ଚିଥିଲା। ସଭା ଆରମ୍ଭରେ ମା' ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ସହିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ବାଦ ସମ୍ବଲପୁର ସଂସ୍କରଣ ଉପ ମହାପ୍ରବନ୍ଧକ ସୁବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ ନୃତ୍ୟ ଅନୁଷ୍ଠାନ ନଟରାଜ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସଭା ପରେ ଓଲିଉଡ଼ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସମେତ ନବ ମହନ୍ତମ, ଉମାକାନ୍ତ ବାରିକ ଓ ପଦ୍ମଶ୍ରୀ ଖଟେଇଙ୍କ ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା ।

## ସବଡିଭିଜନ୍ ଘୋଷଣା ଦାବି: ୧୨ଘଣ୍ଟିଆ ବିନିକା ବନ୍ଦ

**ସୁବର୍ଣ୍ଣପୁର(ଅମୃତ ମିଡିଆ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରକୁ ସବଡିଭିଜନ୍ ଘୋଷଣା ଦାବି ନେଇ ଆଜି (ମଙ୍ଗଳବାର) ବିନିକା ବନ୍ଦ ପାଳନ କରୁଛନ୍ତି ବିନିକା ବାସିନ୍ଦା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ଯୋଗୁଁ ସହରରେ ଥିବା ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ବନ୍ଦ ରହିଛି। ରାସ୍ତା କଡରେ ଶହ ଶହ ଭାରି ଯାନ ଏବଂ ଛୋଟ ବଡ ଗାଡି ମଟର ଗୁଡିକ ଅଟକି ରହିଛି । ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ବନ୍ଦ ପାଳନରେ ଅତ୍ୟାବଶ୍ୟକୀୟ ସେବାକୁ ବାଦ୍ ଦିଆଯାଇଛି। ସୋମବାର ସହରବାସୀ ବୈଠକରେ ଏ ନେଇ ନିଷ୍ପତ୍ତି କରିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି।



# ମନ ଜିଣୁଛି ନାଟକ 'ପବିତ୍ର ପାପ'
















# ପ୍ରଶାସନର ପୁଣି ପ୍ରତିଶ୍ରୁତି : ନ୍ୟାଯ୍ୟ ଦାବିରେ ଆଦିବାସୀ ସମାଜ ଅଟଳ, ଧାରଣା ଅବ୍ୟାହତ



**ଭଞ୍ଜନଗର (ଅମୃତ ମିଡିଆ) :** ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା, ବିଜୁଳି ଆଲୁଅ ଓ ପାନୀୟ ଜଳ ଦାବିରେ ତାଲଖମଣ, ମଣ୍ଡା ପଥର, ଡାଙ୍ଗିଭୁଇଁ ଆଦିବାସୀ ଗ୍ରାମବାସୀଙ୍କ ଅହରାତ୍ର ଗଣଧାରଣା ଆଜି ୨ୟ ଦିନରେ ପହଞ୍ଚିଛି। ବିଭାଗୀୟ ଅଧିକାରୀମାନେ ଆସି ଆଲୋଚନା କରି ପୁଣି ଥରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଯେ ତୁରନ୍ତ ଏ ସମସ୍ୟାର ସମାଧାନ ହେବ କିନ୍ତୁ ଆଦିବାସୀ ସମାଜ ରୋକ ଠୋକ ଶୁଣାଇଛନ୍ତି ଯେ ଆପଣ ପ୍ରଥମେ ଅଞ୍ଚଳ ପରିଦର୍ଶନ କରି ବାସ୍ତବିକ ତଥ୍ୟ ଆକଳନ କରନ୍ତୁ ଏବଂ ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହ କେଉଁ ଦିନ କାମ ଆରମ୍ଭ ହେବ ଲିଖିତ ପ୍ରତିଶୃତି ଦିଅନ୍ତୁ । ଏହି ଲିଖିତ ପ୍ରତିଶୃତି ଆମର ଗ୍ରହଣ ଯୋଗ୍ୟ ହେଲେ ଗଣଧାରଣା ପ୍ରତ୍ୟାହାର ହେବ। ଆଜି ଧାରଣାସ୍ଥଳରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ସ୍ୱାସ୍ଥ୍ୟ ଅଧିକାର ଆନ୍ଦୋଳନ ର ଜନପ୍ରିୟ ନେତା ଅବନୀ ଗୟା ମୁଖ୍ୟମନ୍ତ୍ରୀଙ୍କ ଆଦିବାସୀଙ୍କ ପ୍ରତି ହତାଦର ଓ ଭୁଆଁ ବୁଲା ବିକାଶ ନୀତିକୁ କଠୋର ଭାଷାରେ ନିନ୍ଦା କରିଥିଲେ। ରୟତ ପ୍ରଥା ଆନ୍ଦୋଳନ ର ନେତା ତଥା ଘୁମୁସର ଜିଲ୍ଲା ଆନ୍ଦୋଳନ ର ନେତା ବର୍ଷୀୟାନ ଆଇନଜୀବୀ ସୋମନାଥ ନାୟକ, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଗଠନ ର ନେତ୍ରୀ ପି ପାର୍ବତୀ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ର ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା, ଆଦିବାସୀ ନେତ୍ରୀ ମଞ୍ଜରୀ ଜାନି, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ, ରଶ୍ମିତା ମଲ୍ଲିକ, ଯଶୋବନ୍ତ ଜାନି ଆଦି କଡ଼ା ଭାଷାରେ ଆଦିବାସୀ ବିରୋଧୀ ନୀତିର ସମଲୋଚନା କରିଥିଲେ। ୨୦୧୬ ମସିହାରେ ମୌଳିକ ସୁବିଧା ପାଇଁ ଆନ୍ଦୋଳନ ଏବଂ ତାଲଖମଣ ଗାଁ ପାଇଁ ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ନେଇ ପ୍ରତାରଣା କରିବା ଅତ୍ୟନ୍ତ ଦୁଃଖଦାୟକ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖନ୍ଧା ଖୋଳି ହଣ୍ଡା ଲଗାଇ ରୋଷେଇ କରି ଖାଇବା ସହ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରୀ ଲଗାଇ ରାତି ବିତାଇଥିଲେ। ସକାଳକାର୍ଯ୍ୟ ସାରି ନାରାବାଜି ଦେଇଥିଲେ। ଭଞ୍ଜନଗର ଇତିହାସରେ ଆଦିବାସୀଙ୍କ ଏଭଳି ଧାରଣା ପ୍ରଥମ ଘଟଣା ଅଟେ। ଶାନ୍ତ ସରଳ ଆଦିବାସୀଙ୍କ ଏଭଳି ଅଣ୍ଡା କାକରରେ ପଡ଼ି ରହିବା ଘଟଣାକୁ ବହୁ ମହଲରେ ନାପସନ୍ଦ କରାଯାଇଛି। ଚକରା ବିଷୋଇ ମାଟିରେ ଯଦି ପ୍ରଶାସନିକ ଏହି ଅବହେଳା ବିରୁଦ୍ଧରେ ଆଦିବାସୀ ମେଳି ବାନ୍ଧିବ ଆଇନଶୃଙ୍ଖଳା ବିପର୍ଯ୍ୟୟ ହେବାର ସମ୍ଭାବନା ରହିବ। ଏଦିଗରେ ବିହୀତ ପଦକ୍ଷେପ ନେଇ ଆଦିବାସୀ ଙ୍କ ନ୍ୟାଯ୍ୟ ଦାବିକୁ ତୁରନ୍ତ ପୂରଣ କରିବା ପାଇଁ ମତପୋଷଣ କରିଛନ୍ତି। ଏହି ଧାରଣାରେ ଭାଗ୍ୟ ଲତା ଜାନି, ସନାତନ ଜାନି, ପ୍ରଭାତ ଜାନି, ବିକ୍ରମ ମଲ୍ଲିକ, ଅର୍ଜୁନ ମଲ୍ଲିକ, ରଶ୍ମିତା ମଲ୍ଲିକ, ଯଶୋବନ୍ତ ଜାନି, ପ୍ରଭାତ ଜାନି, ମାନି ଜାନି, ଶୁଶାନ୍ତ ମଲ୍ଲିକ, ପ୍ରମୋଦ ମଲ୍ଲିକ ଆଦି ଶତାଧିକ ଧାରଣାରେ ଅଛନ୍ତି। କେତେ ଗ୍ରାମବାସୀ ଗାଁ ଜଗିବା ପାଇଁ ରାତିରେ ଯାଉଛନ୍ତି। ଆସନ୍ତା କାଲି ସୁଦ୍ଧା ଦାବି ପୂରଣ ନହେଲେ ସମସ୍ତ ଆଦିବାସୀ ଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହେବା ପାଇଁ ଅଭିଯାନ ଆରମ୍ଭ ହେବ ବୋଲି ଆଦିବାସୀ ଭାରତ ମହାସଭା ର ନେତା ଟୁନା ମଲ୍ଲିକ କଡ଼ା ଚେତାବନୀ ଦେଇଛନ୍ତି।

# ରାଧାରାଣୀ ଓ ଦୟାଭାଇ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବାରିପଦା (ଅମୃତ ମିଡିଆ) :** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୪ ନଂ ୱାର୍ଡ ସ୍ଥିତ ରାଧାରାଣୀ ଓ ଦୟଭାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ 'ଫାଲଗୁନୀ' - ୨୦୨୪ ମହାସମାରୋରେ ସହିଦ୍ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ରାଜକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥଭାବେ ଯୋଗଦେଇ ବାରିପଦା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପୁରସ୍କାର ବିତରଣ କରିବା ସହ ବିଦ୍ୟାଳୟର ପ୍ରଗତି ପାଇଁ ସମସ୍ତଙ୍କର ଅବଦାନକୁ ପ୍ରଶଂସା କରିଥିଲେ ଓ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ପ୍ରଧାନ ଯୋଗ ଦେଇ କହିଥିଲେ କି ଚରିତ୍ର ଗଠନରେ ପିତା ମାତା ଓ ଶିକ୍ଷକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନୀତ ଅତିଥି ଭାବେ ଅନ୍ୟ ମାନଙ୍କ ମଧ୍ୟରେ ବ୍ରଜ ମୋହନ ମୁର୍ମୁ, ଡ: ସ୍ନେହଲତା ବେହେରା ଓ ତପସ୍ୱିନୀ ଦାଶ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିକଲେ। ପ୍ରଧାନ ଶିକ୍ଷକ ନାରାୟଣ କିଙ୍କର ଦତ୍ତ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଉତ୍ସବରେ ବିଦ୍ୟାଳୟର ଦୁଇ ଅଲରାଉଣ୍ଡର ଛାତ୍ରୀ ଏମ ସାଇ ଜ୍ୟୋତି ଓ ଏମ ସାଇ ପ୍ରୀତିଙ୍କୁ ମୁଖ୍ୟ ଅତିଥିଙ୍କ ହାତରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ତତସହିତ ସାଇଦା ତାଜ, ପ୍ରତ୍ୟୁଷ ମହାନ୍ତି, ସୁନୀଲ କୁମାର ମଲ୍ଲିକ, ପ୍ରତ୍ୟୁଷା ଦାସ, ଦିବ୍ୟାଂଶି ସାହୁ, ତୁଷାର ରାଉଳ, ପ୍ରିୟଦର୍ଶିନୀ ବେହେରା, ଭୂମିକା ବୋର୍ଡ ଓ ଆଇସା ପରବିନଙ୍କୁ ନିଜ ନିଜର କୃତିତ୍ୱ ପାଇଁ ପୁରସ୍କୃତ ହୋଇଥିଲେ। ତୃତୀୟ ଶ୍ରେଣୀର ଓମପ୍ରକାଶ ଦାଶ ଓ ପଞ୍ଚମ ଶ୍ରେଣୀର ଏମ ସାଇ ପ୍ରୀତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସି ଆର ସି ସି, ଶିକ୍ଷକ ପ୍ରଦୀପ କୁମାର ଦେ, ସୋମନାଥ ସିଂହ , ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ଲେଙ୍କା ସହଯୋଗର ହାତ ବଢ଼ାଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ମିନତୀ ରଥ ଅଧିକାରୀ, ରୁନୀ ମହାପାତ୍ର, ସସ୍ମିତା ପାଣିଗ୍ରାହୀ, ମୀନା କୁମାରୀ ବେହେରା, ପରିଚାଳନା କମିଟି ସଦସ୍ୟ /ସଦସ୍ୟା, ଶିକ୍ଷକ ତାଲିମ ପ୍ରତିଷ୍ଠାନର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ବାରିପଦା ଷ୍ଟାଡିୟମରେ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ



**ବାରିପଦା (ଅମୃତ ମିଡିଆ) :** ବାରିପଦା ଷ୍ଟାଡିୟମ ପରିସରରେ ନିର୍ମିତ ୪ ଟି ଟର୍ଫ ଉଇକେଟ ସମେତ ଗୋଟିଏ ସିନଥେଟିକ ଉଇକେଟକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଗାମୀ ଦିନରେ ତାଲିମପ୍ରାପ୍ତ କୋଚଙ୍କ ଦ୍ୱାରା ଯୁବ ଖେଳାଳୀ ମାନଙ୍କୁ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରକାଶ କରିଛନ୍ତି ଓ ଏଥିସହିତ ଓଡିଶା କ୍ରିକେଟ ଏସୋସିଏସନ ତରଫରୁ ଅତ୍ୟାଧୁନିକ ବୋଲିଂ ମେସିନ, ରୁଲୋର ଓ ଗ୍ରାସ କଟର ଯୋଗାଇ ଦେଇଥିବାରୁ ଉପସ୍ଥିତ ସଦସ୍ୟ ମାନେ ବେଶ ଆନନ୍ଦିତ ହୋଇଥିଲେ ଓ ଏହି ଆଭାସୀ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ମୟୁରଭଞ୍ଜରେ କ୍ରିକେଟର ଏକ ନୂଆ ଯୁଗ ଆରମ୍ଭ ହେଲା ବୋଲି ପ୍ରକାଶ କରିଥିଲେ। ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ପରେ ବହୁ ଯୁବ ଖେଳାଳୀ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ ଓ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ନାୟକ ଜିଲ୍ଲାପ୍ରଶାସନ ତରଫରୁ ଆଗାମୀ ପିଢ଼ିର ଖେଳାଳୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସୁବ୍ରମନିୟମ ମହାନ୍ତି ଓ ମନୋଜ କୁମାର ସାଓ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠି, ରବୀନ୍ଦ୍ର କୁମାର ମହାନ୍ତି, କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ମୟୁରଭଞ୍ଜରେ କ୍ରିକେଟକୁ ପ୍ରୋତ୍ସାହିତ କରିଥିବାରୁ ସାଧାରଣ ସମ୍ପାଦକ ଶ୍ରୀ ଦାସ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓସି ଏ ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ବର୍ତ୍ତମାନର ସମ୍ପାଦକ ସଞ୍ଜୟ ବେହେରା ତଥା ସୌନ୍ଦର୍ଯ୍ୟକରଣ ପାଇଁ ହାତ ବଢାଇଥିବା ବାରିପଦା ନଗରପାଳଙ୍କୁ ଧନ୍ୟବାଦ ଦେଇଥିଲେ।

# ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ



**ଦଶରଥପୁର (ଅମୃତ ମିଡିଆ) :** ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀ ମାନଙ୍କୁ ପ୍ରଦାନ କରୁଥିବା ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଟଙ୍କା ଉପରେ ସୁଧ ଛାଡ଼ କରିବା ସହିତ ସେ ବାବଦରେ ଆଦାୟ ହୋଇଥିବା ଅର୍ଥକୁ ସମ୍ପୃକ୍ତ ଗୋଷ୍ଠୀକୁ ଫେରସ୍ତ କରିଛନ୍ତି । ଏ ସମ୍ପର୍କରେ ଆଜି ଦଶରଥପୁର ବ୍ଲକ ପରିସରରେ ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସରକାର ସର୍ବଦା ମା ମାନଙ୍କର ଉନ୍ନତି ନିମନ୍ତେ ଚେଷ୍ଟିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ଆକାଶ ପଟ୍ଟନାୟକ, ସିଡିପିଓ ଶାନ୍ତିଲତା ସେଠୀ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି,ଜିଲ୍ଲା ପରିଷଦ ସଭ୍ୟ ପାର୍ଥ ସାରଥୀ ମହାପାତ୍ର, ସଭ୍ୟା ନିନାରାଣୀ ସାମଲ, ମାମିନା ମଲ୍ଲିକ, ମନସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୧୮୭ ଗୋଟି ଗୋଷ୍ଠୀକୁ ମୋଟ ୮୦ ଲକ୍ଷ ୨୨ ହଜାର ୪୦୭ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିପିସି ସଞ୍ଜୟ ମଲ୍ଲିକ ଓ ବିପିଏମ ମିନତୀ ସାମଲ ସହଯୋଗ କରିଥିଲେ।

# ନିର୍ଦ୍ଦେଶକ ସାଧୁ ମେହେରଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା



**ବଲାଙ୍ଗୀର (ଅମୃତ ମିଡିଆ) :** ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ସାଧୁ ମେହେରଙ୍କୁ ସ୍ମୃତି ଅର୍ଘ୍ୟ ପ୍ରଦାନ କରାଯାଇଛି। ଆଜି ସଂଧ୍ୟାରେ ବଲାଙ୍ଗିର ଅମଲା ଭବନରେ ସାଧୁ ମେହେର ସ୍ମୃତି କମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଉପସ୍ଥିତ ସାଧୁ ମେହେର ପ୍ରେମୀମାନେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଂଜଳି ଜଣାଇଥିଲେ। ସୋନପୁର ଜିଲ୍ଲାରେ ଜନ୍ମଗ୍ରହଣ କରି ଅଭିନୟ ଜଗତରେ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ ସାଧୁ ମେହେର। ତାଙ୍କ କଠୋର ସାଧନା ତାଙ୍କୁ ଏଭଳି ସ୍ତରକୁ ନେଇ ପହଂଚାଇଥିଲା। ତାଙ୍କ ଅମାୟିକ ବ୍ୟକ୍ତିତ୍ୱ ଏବଂ ତରୁଣ କଳାକାରମାନଙ୍କ ପ୍ରତି ତାଙ୍କ ସ୍ନେହ ଶ୍ରଦ୍ଧା ସବୁଦିନ ପାଇଁ ଆମ ସମାଜରେ ବଂଚି ରହିବ ବୋଲି ସ୍ମୃତି ସଭାରେ ମତପ୍ରକାଶ ପାଇଛି। ଚଳଚ୍ଚିତ୍ର କର୍ମୀ ତଥା ସାହିତ୍ୟିକ ପ୍ରଦୀପ କୁମାର ମହାପାତ୍ର, ଚଳଚ୍ଚିତ୍ର ଅଭିନେତା ତଥା କବି ବିଜୟ କୁମାର ତ୍ରିପାଠୀ, 'କୋଶଳ ପ୍ରବାହ'ର ସଂପାଦକ ତଥା କବି ଆନଂଦ ଚଂଦ୍ର ସାହୁ, ବିଶିଷ୍ଟ ସିନେ ଅଭିନେତା ରତନ ମେହେର, ବିଶିଷ୍ଟ ଅଭିନେତା ଉଗ୍ରେସନ ଷଡ଼ଙ୍ଗୀ, ଫିଲ୍ମ ନିର୍ଦ୍ଦେଶକ ତଥା ଅଭିନେତା ଅଶୋକ କୁମାର ମିଶ୍ର, ଅଭିନେତା ହିମାଂଶୁ ଖମାରୀ, ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ମୁରଲିଧର ପତି, ଅଭିନେତା ବିରେନ୍ଦ୍ର ବନ୍‌ଛୋର, ସାହିତ୍ୟିକ ତଥା ସାମ୍ବାଦିକ ବିରେନ୍ଦ୍ର ଝାଙ୍କର, କବି ଗୋପୀନାଥ ଦଣ୍ଡସେନା, କବି ଗଣେଶ ବାରିକ, ବିଶିଷ୍ଟ କଳାକାର ବ୍ରଜକିଶୋର ପଣ୍ଡା, ବରିଷ୍ଠ ସାମ୍ବାଦିକ ନବୀନ ପଶାୟତ, ସାମ୍ବାଦିକ ସଚ୍ଚିଦାନନ୍ଦ ବରର୍ଗ୍ଡ, ସମାଜସେବୀ ଅଜୟ କୁମାର ନାଗଙ୍କ ସହ ଆହୁରି ଅନେକ କଳାକାର ଓ ବୁଦ୍ଧିଜୀବୀ ଏହି ସଭାରେ ସାଧୁ ମେହେରଙ୍କ ସ୍ମୃତି ଚାରଣ କରିଥିଲେ।

# ବିଜେପିରେ ସାମିଲ ହେଲେ ଯୁବନେତା ଦେବେନ୍ଦ୍ର ପଣ୍ଡା



**ରସୁଲପୁର (ଅମୃତ ମିଡିଆ) :** ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ନିର୍ବାଚନ ମଣ୍ଡଳିରେ ମିଶାଣ ଫେଡାଣ ଧାରା ଜାରି ରହିଛି । ଯାଜପୁର ଜିଲାର ବରୀ ନିର୍ବାଚନ ମଣ୍ଡଳିରେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ବିଜେପି ଦଳରେ ସାମିଲ ହେବାର ଦିନ କେଇଟା ପରେ ମଙ୍ଗଳବାର ସଂଧ୍ୟାରେ ଯୁବନେତା ତଥା କଂଗ୍ରେସର ପୂର୍ବତନ ବିଧାୟକ ସ୍ୱର୍ଗତ କାଂଗାଳି ଚରଣ ପଣ୍ଡାଙ୍କ ପୁତୁରା ବିଜେପିରେ ସାମିଲ ହୋଇଛନ୍ତି । ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ ଯୁବନେତା ପଣ୍ଡାଙ୍କୁ ଦଳୀୟ ଟୋପି ଓ ଉତ୍ତରଣୀୟ ପିନ୍ଧାଇ ଦଳରେ ସାମିଲ କରିଛନ୍ତି । ଯୁବନେତା ତାଙ୍କର ସମର୍ଥକମାନଙ୍କୁ ନେଇ ପାର୍ଟି କାର୍ଯ୍ୟାଳୟରେ ସାମିଲ ହୋଇଥିବା ବେଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ, କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି । ଏହାଛଡା ସେ ଦଳରେ ଜଣେ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ଦେବେନ୍ଦ୍ର ବିଜେପିରେ ସାମିଲ ହେବା ପରେ ଧର୍ମଶାଳା ରାଜନୀତି ଏକ ଭିନ୍ନ ମୋଡ ନେବାକୁ ଯାଉଛି ବୋଲି କୁହାଯାଉଛି । ଦଳ ବଦଳ ଜରିଆରେ ବିଜେଡି ଓ ପ୍ରମୁଖ ବିରୋଧୀ ବିଜେପି ଦଳ ତାଙ୍କର ପତିଆରା ବଢାଇବାରେ ଲାଗି ପଡିଛନ୍ତି । ପ୍ରକାଶଥାଉ କି ପୂର୍ବତନ ବିଧାୟକ ସ୍ୱର୍ଗତ ପଣ୍ଡା ଧର୍ମଶାଳାର କଂଗ୍ରେସ ଦଳର ଏକ ଲୋକପ୍ରିୟ ବିଧାୟକ ଭାବରେ ପରିଚିତ ଥିଲେ । ସେ ଦୁଇଥର ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ଏପରି କି ସ୍ୱାଧୀନ ଭାବରେ ନିର୍ବାଚିତ ହୋଇ ତାଙ୍କର ଲୋକପ୍ରିୟତାକୁ ପ୍ରମାଣିତ କରିଥିଲେ । ସେହି ଧାରାରେ ଦେଖିଲେ ଏହି ନିର୍ବାଚନ ମଣ୍ଡଳିରେ ତାଙ୍କ ପରିବାରର ଅନୁକମ୍ପା ଭୋଟ ରହିଛି । ତାଙ୍କ ପୁତୁରାଙ୍କୁ ଦଳରେ ସାମିଲ କରାଇ ବିଜେପି ଦଳ କାଂଗାଳୀ ପ୍ରେମୀଙ୍କ ଭୋଟକୁ ସପକ୍ଷରେ ନେବାକୁ ପ୍ରୟାସ କରିଛନ୍ତି । ଅନ୍ୟପକ୍ଷରେ ଦେବେନ୍ଦ୍ର ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିଲେ । ସେ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଥିଲେ । ସେ କିଛି ବର୍ଷ ହେବ ରାଜନୀତିରୁ ନିଜକୁ ଦୂରେଇ ରଖୁଥିଲେ । ପୁଣି ଥରେ ରାଜନୀତିରେ ପ୍ରବେଶ କରିବେ ବୋଲି କୁଆଖିଆ ବଜାରର ଟ୍ରେକର ଷ୍ଟାଣ୍ଡ ଠାରେ ସ୍ୱର୍ଗତ ଦାଦାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଆଳରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲାଙ୍କୁ ଅତିଥି କରାଇ ତାଙ୍କର ଲୋକପ୍ରିୟତା ପ୍ରଦର୍ଶିତ କରାଇଥିଲେ । ସେତେବେଳେ ସେ ତାଙ୍କ ଭାଷଣରେ ଧର୍ମଶାଳାବାସୀଙ୍କ ଆଶ୍ରିର୍ବାଦ କାମନା କରିବା ସହ ସେମାନଙ୍କର ସେବା କରିବାର ସୁଯୋଗ ମିଳିଲେ ସେ ସେଥିପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଥିଲେ । ଏବେ ବିଜେପିରେ ସାମିଲ ହୋଇ ତାଙ୍କର ରାଜନୀତି ଗତିବିଧିକୁ ନେଇ ଜାରି ରହିଥିବା ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି ।

# ଖୋର୍ଦ୍ଧାରେ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ



**ଖୋର୍ଦ୍ଧା (ଅମୃତ ମିଡିଆ) :** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଅବସରରେ ୫ଟି ସଚିବ ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ଓ ବେଗୁନିଆ ଗ୍ରସ୍ତ କରିଥିଲେ। ନୂଆ ଓ ବୃତିରାଶି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂଆ-ଓ ବୃତିରାଶି ବିତରଣ ବିଷୟରେ ଛାତ୍ର ମାନଙ୍କୁ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ଜଣାଇ ଛାତ୍ରୀଛାତ୍ରଙ୍କ ଉଜଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ୩୦ଟି କଲେଜର ୧୬୬୧୩ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧୬.୧୩ କୋଟି ଟଙ୍କା ଛାତ୍ରବୃତି ଦିଆଯାଇଛି। ଏଥିସହ ଛାତ୍ରୀଛାତ୍ରଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ନୂତନ ଭାବରେ ନବୀନ ଓଡ଼ିଶା ମ୍ୟାଜିକ କାଡର ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ମ୍ୟାଜିକ କାର୍ଡ ଧାରଣା ଦେଇ କହିଲେ ଛାତ୍ର ମାନଙ୍କ ପାଇଁ ଏହା ଏକ ସ୍ମାର୍ଟ କାର୍ଡ। ଯାହା ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ପାଇଁ ଏକ ଜୀବନ୍ତ ଇକୋ ସିଷ୍ଟମ କରିବ। ଏହା ଏକ ପଏଂଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ, ଯାହା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ଓ ଦକ୍ଷତା ବିକାଶ ଏବଂ ନିଯୁକ୍ତରେ ସହାୟକ ହୋଇପାରିବ। ଯୁବପିଢିଙ୍କ ସ୍ୱପ୍ନକୁ ସାକାର ପାଇଁ ଏହା ଏକ ପ୍ଲାଟଫର୍ମ। ଏହି ପୋର୍ଟାଲ ମାର୍ଚ୍ଚ ୫ତାରିଖରେ ଶୁଭାରମ୍ଭ ହେବ ଏବଂ ଅଗଷ୍ଟ ୧୫ରେ କାର୍ଡ ବଂଟନ କରାଯିବ। ୟୁଜି ଓ ପିଜି ପାଠ୍ୟକ୍ରମର ସମସ୍ତ ଛାତ୍ର ମ୍ୟାଜିକ କାର୍ଡ ପାଇଁ ଯୋଗ୍ୟ ହେବେ। ଏହି ଯୋଜନାରେ ସ୍ନାତକୋତର ଓ ସ୍ନାତକ ପଢୁଥିବା ଛାତ୍ର ମାନଙ୍କୁ ବାର୍ଷିକ ୯ହଜାର ଏବଘ ଛାତ୍ରୀ ମାନଙ୍କୁ ୧୦ହଜାର ଟଙ୍କାର ବୃତିରାଶି ପ୍ରଦାନ କରାଯିବ। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ମହା ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏହି ବୃତିରାଶି ପାଇବେ। ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ଏହି କାର୍ଡ ଛାତ୍ରୀଛାତ୍ରଙ୍କ ପାଇଁ ସମୃଦ୍ଧିର ପାସପୋର୍ଟ ହେବ। ଛାତ୍ରୀଛାତ୍ର ମାନେ ପାଇଥିବା କାର୍ଡ ଗୁଡିକ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ଅର୍ଜନ ହୋଇଥିବା ପଏଂଟ ଉପରେ ଆଧାର କରି କାର୍ଡ ଗୁଡିକୁ ସିଲଭର, ସୁନା ଏବଂ ପ୍ଲାଟିନମ ସ୍ତରକୁ ଉନ୍ନୀତ କରାଯିବ। ଉପସ୍ଥାନ, ଅନୁଶାସନ, ଏକାଡେମୀକ ପ୍ରଦର୍ଶନ, ବର୍ହିବିଭାଗ କାର୍ଯ୍ୟକଳାପରେ ଅଂଶଗ୍ରହଣ, କ୍ରୀଡା, ଅନଲାଇନ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ଇତ୍ୟାଦିରେ ଛାତ୍ରଙ୍କ ପ୍ରଦର୍ଶନ ଉପରେ ଆଧାର କରି କାର୍ଡ ବଂଟନ କରାଯିବ ଏବଂ ନବୀକରଣ କରାଯିବ। ଏହି କାର୍ଡରେ ବସ, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲ ଇଂଟରନେଟ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, ଜାତୀୟ ଓ ଅନ୍ତଜାତୀୟ ସ୍ତରରେ ପ୍ରତିଯୋଗିତା ସମୟରେ ଷ୍ଟାଡିୟମରେ ପ୍ରବେଶ, ଜର୍ନାଲ, ଆଲୋଚନା ଚକ୍ରରେ ପ୍ରବେଶ, ସଂଗ୍ରାହଳୟ, ପର୍ଯ୍ୟଟନ ସ୍ଥଳକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ। ଏହି କାର୍ଡ ଛାତ୍ର ମାନଙ୍କୁ ଶିଳ୍ପ ସହିତ ଯୋଗାଯୋଗ କରିବା ପାଇଁ ସମ୍ଭାବ୍ୟ ନିଯୁକ୍ତ କମ୍ପାନୀ-ଏ ଲିଙ୍କଡଇନ ପ୍ରକାରେ ପ୍ଲାଟଫର୍ମ ସହିତ ଏହି ତଥ୍ୟ ବାଂଟିବା ଦ୍ୱାରା ଚାକିରୀ ଓ ପ୍ଲେସେମେଂଟ ସୁଯୋଗ ମଧ୍ୟ ପ୍ରଦାନ କରାଯିବ। ଏବଂ ଷ୍ଟାଟଅପ ଇକୋସିଷ୍ଟମ ସହିତ ଏକୀଭୂତ ହେବେ। ଛାତ୍ର ମାନଙ୍କୁ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ ଏହି ସ୍ମାର୍ଡ କାର୍ଡ ମାଧ୍ୟମରେ ଛାତ୍ର ମାନଙ୍କୁ ଅଧିକ ଅଧିକ ସୁବିଧାଯୋଗାଇବା ପାଇଁ ଘରୋଇ କ୍ଷେତ୍ର ସହିତ ସକ୍ରିୟ ଭାବରେ ଜଡିତ ହେବେ। ଏହି କାର୍ଡ ସମସ୍ତ ଛାତ୍ରଙ୍କ ଦିଆଯିବ।

## ବିଜେଡି ସାଧାରଣ ସମ୍ପାଦିକାଙ୍କ ମହିଳା ସମାବେଶ




**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳର ଆଶାଇ ପ୍ରାର୍ଥୀମାନେ ସଭା, ରାଲି ଓ ସମାବେଶ ମାନ କରୁଥିବାର ଦେଖିବାକୁ ମିଳିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ବିଜେଡ଼ି ମହିଳା ସାଧାରଣ ସମ୍ପାଦିକା ମନୋରମା ଆଚାର୍ଯ୍ୟ ବିଜୁ ଜନତା ଦଳର ବଡଚଣା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ପ୍ରାର୍ଥୀଭାବେ ଆଶା ବାନ୍ଧି ବାଲିଚନ୍ଦ୍ରପୁର ଠାରେ ମଙ୍ଗଳବାର ଏକ ବିଶାଳ ମହିଳା ରାଲି କରି ସ୍ଥାନୀୟ ଅଞ୍ଚଳର ସାଧାରଣ ଲୋକମାନଙ୍କ ପାଖରେ ନବୀନ ସରକାରଙ୍କ ଲୋକାଭିମୁଖୀ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବଜାରର ପ୍ରାରମ୍ଭ ଥାନା ରୋଡ଼ସ୍ଥିତ ମା'ତାରିଣୀ ମନ୍ଦିର ନିକଟରେ ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପକ୍ଷରୁ ହଜାର ହଜାର ସଂଖ୍ୟାର ମହିଳା ଏକ ପଟୁଆରରେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ପାଛୁଟି ଆଣିଥିଲେ। ଏହି ରାଲି ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରିବା ପରେ ନିକଟସ୍ଥ ରବୀନ୍ଦ୍ର ମଣ୍ଡପ ଠାରେ ପହଞ୍ଚିବା ପରେ ଉପସ୍ଥିତ ଶତାଧିକ ମହିଳାମାନଙ୍କୁ ନବୀନ ସରକାରଙ୍କର ସାଧାରଣ ଲୋକଙ୍କ ପ୍ରତି ବିଭିନ୍ନ ପ୍ରକାର ଯୋଜନା ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଉଦବୋଧନ ଦେବା ସହ ନବୀନ ସରକାରଙ୍କ କାର୍ଯ୍ୟକ୍ରମକୁ ଭୂୟଶି ପ୍ରଶଂସା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳର ସୁପ୍ରିମୋ ଏବଂ ୫ଟି ଅଧ୍ୟକ୍ଷ ନିର୍ବାଚନ ଲଢିବାର ସୁଯୋଗ ଦେବେ ତେବେ ମୁଁ ବଡ଼ଚଣାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ନବୀନ ସରକାରଙ୍କ ବିକାଶ ଧାରାକୁ ଆଗକୁ ନେବି ବୋଲି ମନୋରମା ପ୍ରକାଶ କରିଥିଲେ। ଏହି ମହିଳା ସମାବେଶରେ ନାରୀନେତ୍ରୀ ସୁମିତ୍ରା ଦାସ, ବର୍ଷାରାଣୀ ସିଂହ, ଲକ୍ଷ୍ମୀପ୍ରିୟା ଲେଙ୍କା, ମାମୁନୀ ରାୟ, ରୀନାରାଣୀ ବାରିକ, ସୁରେଖା ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ମନୋଜ ରାୟ, ଅଜୟ ବଳ, ପ୍ରଭାଶ ଜେନା, ଅକ୍ଷୟ କୁମାର ସାହୁ, ଦେବପ୍ରକାଶ ବିଶ୍ୱାଳ, ରଞ୍ଜନ କୁମାର ସିଂହ, ସଚିତ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମହିଳା ସମାବେଶକୁ ଉଦବୋଧନ ଦେଇଥିଲେ। ମହିଳାମାନେ ନାରୀନେତ୍ରୀ ମନୋରମା ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଶଙ୍ଖ ଧ୍ୱନି ଓ ହୁଳହୁଳି ଦେବା ସହ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଖୋର୍ଦ୍ଧା କ୍ରିକେଟ୍ ଏକାଡେମୀକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ




**ଖୋର୍ଦ୍ଧା (ଅମୃତ ମିଡିଆ) :** କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଆଜି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ରିକେଟ୍ ଷ୍ଟାଡ଼ିୟମ, କ୍ରିକେଟ୍ ଏକାଡ଼େମୀ ଏବଂ ସ୍ପୋର୍ଟସ କମ୍ପ୍ଲେକ୍ସ ଭଳି ସମଗ୍ର ଓଡ଼ିଶାରେ ୪୨ଟି ସ୍ଥାନରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆ ସ୍ଥିତ ମିନି ଷ୍ଟାଡ଼ିୟମକୁ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ କ୍ରିକେଟ୍ ଆସୋସିଏସନର ସଭାପତି ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜିଲ୍ଲାପାଳ ଚଂଚଳ ରାଣା, ଚଣ୍ଡିପ୍ରସାଦ ଆଚର୍ଯ୍ୟ, ସହ ସଂପାଦକ କାଜଲ ବଳିୟାରସିଂ ପ୍ରମୁଖ ଷ୍ଟାଡ଼ିୟମରେ ଉପସ୍ଥିତ ରହିଥିଲେ। ଏଥିସହ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଖେଳାଳୀ ଉପସ୍ଥିତ ରହି ଏଲିଡ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ତେବେ ଏହି ମିନି ଷ୍ଟାଡ଼ିୟମରେ କ୍ରିକେଟ୍ ଏକାଡ଼େମୀ ସହ ଟର୍ଫ ଉ୍ୱିକେଟ୍, ଆଷ୍ଟ୍ରୋଟର୍ଫ, ବୋଲିଂ ମେସିନ୍ ଭଳି ଅନେକ କ୍ରୀଡ଼ା ସାମଗ୍ରୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ ଯୋଗାଇ ଦେଇଥିବା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବ୍ରିଜେଶ ପ୍ରଧାନ କରିଛନ୍ତି । ଲୋକର୍ପଣ ଉତ୍ସବ ପରେ ପରେ କଟକ ବାରବାଟି ଷ୍ଟାଡ଼ିୟମରେ ଅନୁଷ୍ଠିତ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ କ୍ରୀଡ଼ାବିତ୍ ଓ ଅତିଥିମାନେ ଉପଭୋଗ କରିଥିଲେ।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ପଞ୍ଚାୟତର ବାଲିପଡ଼ିଆ ଗ୍ରାମରେ ଅଷ୍ଟପ୍ରହର ନାମ ସଂକ୍ରୀର୍ତ୍ତନ ଅନୁଷ୍ଠିତ ହୋଇଯାଇଅଛି। ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ମା'ବୁଢୀଜାଗୁଳାଇ ପୀଠ ପରିସରରେ ଅନୁଷ୍ଠିତ ଏହି ନାମ ସଂକ୍ରୀର୍ତ୍ତନରେ ବିଭିନ୍ନ ଜିଲ୍ଲାରୁ ୪ ଗୋଟି ମହିଳା ଓ ୪ ଗୋଟି ପୁରୁଷ ସଂକ୍ରୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ନରେନ୍ଦ୍ରନାଥ ଜେନା କର୍ତ୍ତା ଭାବେ ଅଷ୍ଟପ୍ରହର ନାମ ଯଜ୍ଞରେ ଦଧିହାଣ୍ଡି ଧାରଣ କରିଥିବା ବେଳେ ସୀତାରାମ ଅଧିକାରୀ ପୂଜକ ଭାବେ ଯୋଗଦେଇ ଅଧିବାସ ଓ ପୂଜାର୍ଚ୍ଚନା ଯଥା ରିତି ନୀତି ଅନୁଯାୟୀ କରିଥିଲେ। ରବିବାର ଅଧିବାସ ହୋଇଥିବା ବେଳେ ସୋମବାର ନାମ ସଂକ୍ରୀର୍ତ୍ତନ ଓ ମଙ୍ଗଳବାର ନଗର ପରିକ୍ରମା କରାଯାଇଥିଲା। ଏହି ନାମ ସଂକ୍ରୀର୍ତ୍ତନରେ ମା'ବୁଢୀଜାଗୁଳାଇ ପୂଜା କମିଟି ସହ ସମସ୍ତ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ। ନଳିନୀ ଯେନାଙ୍କ ତତ୍ତ୍ୱାବଧାନରେ ବ୍ଲକ କଳାସଂସ୍କୃତି ସଂଘ ବରୀ ଅଲିଆବାଦ ଅଞ୍ଚଳର ମହିଳା ସଂକ୍ରୀର୍ତ୍ତନ ମଣ୍ଡଳୀ କଳାକାର ମାନଙ୍କ ଦ୍ୱାରା ପରିବେଶିତ ନାମ ସଂକ୍ରୀର୍ତ୍ତନ ବହୁ ଉଚ୍ଚ କୋଟିର ହୋଇଥିବା ବେଳେ ନାମ ସଂକ୍ରୀର୍ତ୍ତନ ପ୍ରେମୀ ଓ ଶ୍ରଦ୍ଧାଳୁ ମାନେ ଏହାକୁ ଉପଭୋଗ କରିବା ସହ ପ୍ରସାଦ ସେବନ କରି ବିଭୁକୃପା ଲାଭ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବିତରଣ




**ଆଳି (ଅମୃତ ମିଡିଆ) :** ଆଳି ବ୍ଲକ ନିଆଳ ପଞ୍ଚାୟତର ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗତ କୋଭିଡ ସମୟରୁ ଖାଦ୍ୟ ବିତରଣ, ଅସହାୟଙ୍କୁ ସହାୟତା ପ୍ରଦାନ ଭଳି ସେବା ମୂଳକ କାର୍ଯ୍ୟ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଦିନ ଅନୁଷ୍ଠାନର ଅଧକ୍ଷ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ସଦସ୍ୟ ମାନେ କଟକ ସିଡିଏ ସ୍ଥିତ ସ୍ୱାମୀ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟରେ ପହଞ୍ଚି ସେଠାରେ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହିତ ସମୟ କାଟିବା ସହିତ ଶତାଧିକ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନରେ ଖାଦ୍ୟ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଟ୍ରଷ୍ଟର ଏଭଳି ନିଆରା ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ରାଜ୍ୟ ଓ କେନ୍ଦ୍ର ସରକାର କେନ୍ଦ୍ରାପଡାର ବିକାଶପ୍ରତି ସମ୍ପୂର୍ଣ୍ଣ ଉଦାସୀନ : କଂଗ୍ରେସ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ତରଫରୁ କେନ୍ଦ୍ରାପଡା ପ୍ରତି ଅବହେଳା ପ୍ରତିବାଦରେ "ମାଟି ପାଇଁ ଜେଲ ଚାଲ" ଆନ୍ଦୋଳନ କରାଯାଇଥିଲା । କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା, ମୁନିସିପାଲଟିରେ ସିଟି ହସପିଟାଲ ପ୍ରତିଷ୍ଠା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ କେନ୍ଦ୍ରାପଡାକୁ ରେଳ ସେବା ଯୋଗାଇଦେବା କ୍ଷେତ୍ରରେ ରାଜ୍ୟ ବିଜେଡି ସରକାର ଓ କେନ୍ଦ୍ର ବିଜେପି ସରକାରର ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ରାଜ୍ୟ ସେକାର ଇତି ମଧ୍ୟରେ ୧୫ଗୋଟି ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ ମଧ୍ୟ କେନ୍ଦ୍ରାପଡାକୁ ଅଣଦେଖା କରି ଚାଲିଛନ୍ତି । ଜିଲ୍ଲା ସଦର ମହକୁମାର ଚିକିତ୍ସାଳୟ ଗତ ୨୦୨୩ ଜାନୁୟାରୀରେ ମିନିସିପାଲଟି ବାହାରକୁ ସ୍ଥାନାନ୍ତରିତ ହେତୁ ପୌରବାସୀ ତଥା ପଡୋସୀ କେନ୍ଦ୍ରାପଡା ଓ ଡେରାବିଶର ପ୍ରାୟ ୧ଲକ୍ଷ ଲୋକ ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଏଥି ନିମନ୍ତେ ଦୀର୍ଘ ୫୪ଦିନ ବ୍ୟାପି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଗଣ ଧାରଣା ଦିଆଯାଇଥିଲା । ମୁଖ୍ୟ ଚିକିତ୍ସାଳୟ ସ୍ଥାନରେ ଅର୍ବାନ ସିଏଚସି ବା ସିଟି ହସପିଟାଲ ପ୍ରତିଷ୍ଠା ପାଇଁ ଦାବିକୁ ସରକାର ଉପେକ୍ଷା କରି ଚାଲିଛନ୍ତି । ଏଥି ସହ କେନ୍ଦ୍ରପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜ୍ୟର ସର୍ବ ବୃହତ ମହାବିଦ୍ୟାଳୟ ହୋଇଥିଲେ ହେଁ ଛାତ୍ର, ଶିକ୍ଷକ ଓ ଅଭିଭାବକ ମିଳିତ ଦାବି ସତ୍ତ୍ୱେ ସରକାର ଏହାକୁ ବିଶ୍ୱବିଦ୍ୟାଳୟରେ ମାନ୍ୟତା ଦେଉନାହାନ୍ତି । ରାଜ୍ୟର କେତେକ ମହାବିଦ୍ୟାଳୟର ଆକାର ଓ ଉତ୍କୃଷ୍ଟତା ଦୃଷ୍ଟିରୁ ପଛରେ ଥାଇ ମଧ୍ୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇସାରିଛନ୍ତି । କିନ୍ତୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଉପରେ ମୁଖ୍ୟମନ୍ତ୍ରୀଙ୍କ ଶୁଭ ଦୃଷ୍ଟି ପଡିପାରୁନାହିଁ । ସୁତରାଂ କଂଗ୍ରେସ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଧାନ ସଭା ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲାର ଏହି ଦାବି ଗୁଡିକୁ ନେଇ "ମାଟି ପାଇଁ ପାଟି ଖୋଲ", "ମାଟି ପାଇଁ ମାଡି ଚାଲ" ଆନ୍ଦୋଳନ କରି ବିଫଳ ହେବାରୁ "ମାଟି ପାଇଁ ଜେଲ ଚାଲ" ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା । ଶାସକ ଦଳର ଲୋକପ୍ରତିନିଧିମାନେ ଏ ସମ୍ପର୍କରେ ନୀରବ ରହୁଥିବା ଦୃଷ୍ଟିରୁ ସରକାର ଦାବି ଗୁଡିକୁ ବିଚାରକୁ ନେଉନାହାଁନ୍ତି । ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପୌରହିତ୍ୟ କରି କହିଥିଲେ ଯେ, ସେ ଏବଂ କଂଗ୍ରେସ ଦଳ କେନ୍ଦ୍ରାପଡାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଦାବି ପୂରଣ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ । କେନ୍ଦ୍ରାପଡା ବାସୀଙ୍କୁ ପ୍ରତିଶ୍ରୁତି ଦେଇ ଶ୍ରୀ ବେହେରା କହିଥିଲେ ଯେ "ମୋତେ ବିଧାନସଭା ପଠାନ୍ତୁ, ବିଧାନ ସଭାରୁ କେନ୍ଦ୍ରାପଡାର ସ୍ୱର ଶୁଣନ୍ତୁ" । "ମାଟି ପାଇଁ ଜେଲ ଚାଲ" ଆନ୍ଦୋଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଜିଲ୍ଲା କଂଗ୍ରେସ ସଭାପତି ଲୋକାନାଥ ମହାରଥୀ, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ଯୁବ ନେତା ତଥା ଯୁବ ଇଂ ସିଦ୍ଧାର୍ଥ ସ୍ୱରୁପ ଦାସ, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ପୂର୍ବତନ ପିସିସି ସମ୍ପାଦକ ମୁକ୍ତାର ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପରଭେଜ ଅକ୍ତର, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ଜିଲ୍ଲା ଓବିସି କଂଗ୍ରେସ ସଭାପତି ମଳୟ ଦାସ, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା, ଡିସିସି ସାଧାରଣ ସମ୍ପାଦକ ଅଭିସେକ ବିଶ୍ୱାଳ ଓ ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ ଭାଷଣ ଦେଇ କେନ୍ଦ୍ରାପଡାର ଅବିଚାର ଅନ୍ତ ଘଟାଇବା ନିମନ୍ତେ ଆଗାମୀ ବିଧାନସଭା ନିର୍ବାଚନରେ ଗଣେଶ୍ୱର ବେହେରାଙ୍କୁ ବିଧାନସଭାକୁ ନିର୍ବାଚିତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରର ଶେଷରେ ଶହଶହ କଂଗ୍ରେସ କର୍ମୀ ଜେଲ ଭରୋ ଆନ୍ଦୋଳନରେ ସାମିଲ ହୋଇ ପୋଲିସ ସହ ଧସ୍ତାଧସ୍ତି ହେବାରୁ ପୋଲିସ ଆଇନ ଅମାନ୍ୟ ଆନ୍ଦୋଳନରେ ସମସ୍ତଙ୍କୁ ଗିରଫ କରାଗଲା ବୋଲି ଘୋଷଣା କରିଥିଲା ଓ ଶତାଧିକ କର୍ମୀଙ୍କୁ ଗିରଫ କରି ପୋଲିସ ଭ୍ୟାନରେ ଏସପି କାର୍ଯ୍ୟାଳୟକୁ ନେଇଯାଇଥିଲେ।


## ପୁଣି ବଦଳିଲେ ବେତନଟୀ ବିଡିଓ

**ବେତନଟୀ (ଅମୃତ ମିଡିଆ) :** ଯୋଗଦାନକୁ ମାସେ ନପୁରୁଣୁ ନୂଆକରି ବେତନଟୀବ୍ଲକ ବିଡିଓ ଦାୟୀତ୍ୱ ସମ୍ଭାଳିଥିବା ଡ.ଅମୃତ କୁମାର ରାଉଳଙ୍କର ରାୟଗଡା ଜିଲ୍ଲା କଶୀପୁର ବ୍ଲକକୁ ବିଡିଓ ଭାବରେ ବଦଳିନେଇ ମଙ୍ଗଳବାର ପୁଣି ନିର୍ଦ୍ଦେଶ ଜାରି କରିଛନ୍ତି ରାଜ୍ୟ ସରକାର। ତେବେ ଚଳିତବର୍ଷ ୨୫ତାରିଖରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ୧୧୧ଜଣ ପ୍ରଶାସନିକ ଅଧିକାରୀଙ୍କର ଅଦଳବଦଳ କରିଥିଲେ।ଏଥିରେ ବେତନଟୀର ତତ୍କାଳୀନ ବିଡିଓ ନିର୍ଲିପ୍ତା ମହାନ୍ତିଙ୍କର ବାଲେଶ୍ୱର ଜିଲ୍ଲା ମୁଖ୍ୟଡାକ୍ତରଖାନାର ପ୍ରଶାସନିକ ଅଧିକାରିଣୀ ଭାବରେ ବଦଳି ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲାର ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟରତ ଡ. ଅମୃତ କୁମାର ରାଉଳଙ୍କର ବେତନଟୀ ବ୍ଲକ ବିଡିଓ ଭାବରେ ବଦଳି ହୋଇଥିଲା। ତେବେ ବେତନଟୀ ବ୍ଲକରେ ବିଡିଓ ଭାବରେ ଯୋଗଦାନକୁ ମାସେ ନପୁରୁଣୁ ମଙ୍ଗଳବାର ପୁଣି ରାଜ୍ୟ ସରକାର ୩୫ଜଣ ପ୍ରଶାସନିକ ଅଧିକାରୀଙ୍କର ବଦଳି ନିର୍ଦ୍ଦେଶ ଜାରିକରିଛନ୍ତି।ଏଥିରେ ବେତନଟୀ ବିଡିଓ ଡ. ଅମୃତ କୁମାର ରାଉଳଙ୍କର ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ବିଡିଓ ଭାବରେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାପାଳ ଗୋପୀନାଥ ଖୋଖାଙ୍କର ବେତନଟୀ ବ୍ଲକ ବିଡିଓ ଭାବରେ ବଦଳି ହୋଇଛି।ତେବେ ଗୋଟିଏ ଲୋକସଭା ନିର୍ବାଚନମଣ୍ଡଳୀରେ ଘର ହୋଇଥିଲେ ସେହି ସମାନ ଲୋକସଭା କ୍ଷେତ୍ର ଅଧୀନରେ କୌଣସି ଅଧିକାରୀ ରହିପାରିବେ ନାହିଁ ବୋଲି ମାନ୍ୟବର ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି।ଏହି ନିର୍ଦ୍ଦେଶବଳରେ ଅଧିକାରୀ ମାନଙ୍କର ବ୍ୟାପକ ଅଦଳ ବଦଳ କରାଯାଇଛି ।

## ଆଡମ୍ବର ସହକାରେ ମାଗେ ପରବ ଉଦ୍‌ଯାପିତ

**ବାରିପଦା /କରଞ୍ଜିଆ (ଅମୃତ ମିଡିଆ) :** କରଞ୍ଜିଆ ବ୍ଲକ୍ କେରେକେରା ଗ୍ରାମପଞ୍ଚାୟତ ରାମଚନ୍ଦ୍ରପୁର ଡୁପେଇ ସାହି ଠାରେ ହୋ ସମ୍ପ୍ରଦାୟ ପକ୍ଷରୁ ୩ ଦିନ ଧରି ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଚାଲିଥିବା ମାଗେ ପର୍ବ ଆଜି ରାତି ୮ ଘଟିକା ସମୟରେ ଉଦଯାପିତ ହୋଇଯାଇଛି । ସଭାପତି ଦିପୁ ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟିକା ତଥା ରାଜ୍ୟ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ,ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ବିଜୟ କୁମାର ନାଏକ,ସମିତି ସଭ୍ୟ ଜୁଆଲ ମୁଣ୍ଡା,କ୍ଲବର ଉପସଭାପତି ସୁନିଲ କୁମାର୍ ମୁଣ୍ଡୁରି, ସମ୍ପାଦକ ଚୈତନ୍ୟ ପ୍ରସାଦ କାଣ୍ଡିଆନ୍,ସହ ସମ୍ପାଦକ ସାଗର ପୂର୍ତ୍ତି, କେରକେରା ସରପଞ୍ଚ ପ୍ରତିନିଧି ଭାବେ ବିନୋଦ ବିହାରି ସୁଣ୍ଡି, ଦରି ସରପଞ୍ଚ ମନମୋହନ ପୂର୍ତ୍ତି, ବଡଦେଉଳୀ ସରପଞ୍ଚ କମଳ କୁମାର ନାଏକ, ସାରଙ୍ଗଗଡ ସରପଞ୍ଚ କୃଷ୍ଣଚନ୍ଦ୍ର ଚାମ୍ପିଆ, ସମାଜସେବୀ ଜଗନ୍ନାଥ ହେମ୍ବ୍ରମ ଓ ପାଟବିଲ ସରପଞ୍ଚ ପ୍ରତିନିଧି ଦିପୁ ନାଏକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନେ ଯୋଗ ଦେଇଥିଲେ। ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଗୁଡିକୁ କ୍ଲବର ସଦସ୍ୟ ତଥା ଭାରତୀୟ ସେନା କର୍ମଚାରୀ ମଙ୍ଗଲ ସିଂ କାଣ୍ଡିଆନ, ଶତ୍ରୁଘ୍ନ ଗାଗରାଇଙ୍କ ସମେତ ସଦସ୍ୟ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ। ତେବେ ଉତ୍ସବରେ ହୋ ସମାଜ ପକ୍ଷରୁ ଏହି ଦିବସକୁ ସରକାରୀ ଛୁଟି ଭାବେ ଘୋଷଣା କରିବାକୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ପରେ ମୁଣ୍ଡା ସମ୍ପ୍ରଦାୟର ଜାଲାଙ୍ଗୀ ସୁସୁନ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ବ୍ଲକ୍ ଅଧିନସ୍ଥ ତେଲିପାଳ ପଞ୍ଚାୟତ, ଗୁଡ଼ିବଣିଆଁ ଗାଁର ବରିଷ୍ଠ ସମାଜସେବୀ, ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ରାମଚନ୍ଦ୍ର ମୁର୍ମୁଙ୍କ ପ୍ରତିମୂର୍ତ୍ତୀ ତିରୋଧାମ ତିଥିରେ ନିଜ ଗ୍ରାମର ଦ୍ୱାରଦେଶରେ ଉନ୍ମଚନ କରାଯାଇ ତାହାକୁ ଖୁବ୍ ଧୁମଧାମରେ ପାଳିତ କରାଯାଇଅଛି। ଶୁଣାଯାଏକି ସ୍ୱର୍ଗତ ମୁର୍ମୁ ଆଲ୍ ? ଚିକ୍ ଭାଷାକୁ ପ୍ରାଧାନ୍ୟ ଦେଇ ତାର ପ୍ରଚାର ଓ ପ୍ରସାର କରିଥିଲେ। ଏବଂ ସେ ଜଣେ ଟାଣୁଆ ଆଦିବାସୀ ନେତା ରହିବା ସହିତ ବିଭିନ୍ନ ସ୍ଥାନରେ ଉନ୍ନତି ମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। ୨୦୦୭ ମହିସାରେ ତେଲିପାଳ ପଞ୍ଚାୟତରେ ସରପଞ୍ଚ ରୂପେ ସେ ଦାୟିତ୍ୱ ତୁଲାଇଥିଲେ।୭୨ ବର୍ଷ ବୟସରେ ସେ ସ୍ୱର୍ଗବାସୀକୁ ଗମନ କରିଥିଲେ। ଏହି ମହାନ ସମାଜସେବୀ ତଥା ଲଢୁଆ ନେତାଙ୍କ ସ୍ମୃତିକୁ ବଜାଇ ରଖିବା ପାଇଁ ମହାସମାରହରେ ଏକ ବିଶାଳ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଅଛି। ଉକ୍ତ ସ୍ଥାପନ ଦିବସରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରଦିପ୍ତ ପଣ୍ଡା ଉପସ୍ଥିତ ରହି ପ୍ରତିମୂର୍ତ୍ତୀକୁ ମାଲ୍ୟାର୍ପଣ କରି ଉଦ୍‌ଘାଟିତ କରିଥିଲେ। ଏଥିରେ ବଣସୀମାର ସଭାପତି ଅକ୍ଷୟ ବେହେରା ସଭାପତିତ୍ୱ କରିଥିବା ବେଳ ସମାଜସେବୀ ଉପେନ୍ଦ୍ର ନାଥ ଦାସ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ପିଟାହତା ପୂର୍ବତନ ସରପଞ୍ଚ ମାନ ମୁର୍ମୁ, ପୂର୍ବତନ ରେଞ୍ଜର ବଙ୍ଗରାଜ ମୁର୍ମୁ, ତେଲିପାଳ ସରପଞ୍ଚ ବାହାମଣି ମାର୍ଣ୍ଡି ଙ୍କ ସମେତ ସମାଜସେବୀ ଗୋବିନ୍ଦ ହାସଦାଃ, ସେରାଲ ବାସ୍କେ, ଯୋଗେନ୍ଦ୍ର ମାଝୀ, ଭୀମ ମୁର୍ମୁ, ରଂଜନ କୁମାର ବାରିକ୍, ଲକ୍ଷ୍ମଣ ମାର୍ଣ୍ଡି, କଶୁନୁ ମୁର୍ମୁ, ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସମସ୍ୟାରେ କେନ୍ଦୁପାଟଣା ଆରଏମ୍‌ସି : ସୁଧୁରି ପାରୁନି ଚାଷୀର ସମସ୍ୟା

**ସାଲେପୁର (ଅମୃତ ମିଡିଆ) :** କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିଲା ବେଳେ ତାହା ଚାଷୀଙ୍କ ପାଖରେ ପହଞ୍ଚୁନଥିବା ଦେଖିବାକୁ ମିଳିଛି । କେନ୍ଦୁପାଟଣା ଆର.ଏମ୍.ସି.ଦୀର୍ଘ ୬୫ ବର୍ଷର ଅନୁଷ୍ଠାନ ଦିନକୁ ଦିନ ଅଫିସ ଘରଠାରୁ ଆରମ୍ଭ କରି ଗୋଦାମ ଘର ପର୍ଯ୍ୟନ୍ତ ନଷ୍ଟ ହେବାକୁ ବସିଲାଣି । ସରକାର ୧୯୫୯ ମସିହାରେ ଚାଷୀମାନଙ୍କର ବିଭିନ୍ନ ଉତ୍ପାଦିତ ଦ୍ରବ୍ୟକୁ ଇ-ନାମ୍ (ଜାତୀୟ କୃଷି ବଜାର)ମାଧ୍ୟମରେ ବିକ୍ରି କରିବା ପାଇଁ ଯୋଜନା ଥିଲେ ମଧ୍ୟ କେନ୍ଦୁପାଟଣା ଆର.ଏମ୍.ସି.ରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏହି ଆର.ଏମ୍.ସି.ରେ ଅଧିନରେ ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, କଟକ ସଦର, ଟାଙ୍ଗୀ-ଚୌଦ୍ୱାର, ବାରଙ୍ଗ, ତିଗିରିଆ, ନିଆଳି, କଣ୍ଟାପଡା ପ୍ରଭୃତି ବ୍ଲକକୁ ନେଇ ଗଠିତ । ଏହି ଆର.ଏମ୍.ସି.ରେ କିଛି ଦିନ ହେବ ଚାଷୀମାନଙ୍କର ବିକାଶ ପାଇଁ କେନ୍ଦୁପାଟଣା




କୁଜିଆ ବଜାର ନିକଟରେ ଗଠିତ ହୋଇଥିଲା ନୂତନ ହାଟ । ଏହି ହାଟକୁ ଦୈନନ୍ଦିନ ବହୁ ଚାଷୀ ତାଙ୍କର ବିଭିନ୍ନ ପନିପରିବା ଧରି ବିକ୍ରୟ କରିବାକୁ ଆସୁଥିଲେ । କର୍ମଚାରୀଙ୍କର ଦୌରାତ୍ମ୍ୟ ହେତୁ ବର୍ତ୍ତମାନ ଏହି ହାଟଟି ବନ୍ଦ୍ ହେବାକୁ ବସିଲାଣି । ଏହି ହାଟ ସପ୍ତାହକୁ ଦୁଇ ଦିନ ଅନୁଷ୍ଠିତ ହେଉଛି । ହାଟଟି ଆରମ୍ଭ ହେବାର ଦୁଇମାସ ପର୍ଯ୍ୟନ୍ତ ଠିକ୍ ଠାକ୍ ଚାଲିଲା । ହାଟଟି ପ୍ରତିଷ୍ଠା କରିବା ପାଇଁ ଆଖପାଖ ଅଂଚଳର ବହୁ ଶାସକ ଦଳର ସଦସ୍ୟ ଓ ଆରଏମ୍‌ସିର କର୍ମକର୍ତ୍ତାମାନେ ଯୋଗଦେଇ ହାଟଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ବର୍ତ୍ତମାନ ଏହି ହାଟିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା ବେଳେ ହାଟଟି ସଂପୂର୍ଣ୍ଣ ଭାବେ ବନ୍ଦ୍ ହୋଇଯିବାକୁ ବସିଲାଣି । ତାହାହେଲେ କାହା ସ୍ୱାର୍ଥରେ ଏହି ହାଟ ନିର୍ମାଣ କରାଯାଇଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆର.ଏମ୍.ସି.ର ବହୁ ଘର ଭଡା ସୂତ୍ରରେ ଦିଆଯାଇ ମୋଟା ଅଙ୍କରେ ଅର୍ଥ ଆଦାୟ କରାଯାଉଥିବାର ଜଣାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଆର.ଏମ୍.ସି.କୁ ବହୁ ପରିମାଣରେ ଅର୍ଥ ଯୋଗାଇ ଦିଆଯାଉଥିଲା ବେଳେ ଏଠାରେ ପାଲ, ଓଜନକଣ୍ଟା, ଆଦ୍ରତା ମାପିବା ଯନ୍ତ୍ର, ବହୁ ଟଙ୍କାର ଯନ୍ତ୍ରପାତୀ କିଣାଯାଇ ଖତ ଖାଉଥିବା ଦେଖିବାକୁ ମିଳିଛି । ଏସଂପର୍କରେ ସରକାର କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି । ବର୍ତ୍ତମାନ ଦୁଇଜଣ ପରିବା ବ୍ୟବସାୟୀ ଏହି ହାଟ ପିଣ୍ଡି ଛାଡି କଟକ-ଚାନ୍ଦବାଲି ରାସ୍ତାକଡରେ ବସି ବ୍ୟବସାୟ କରୁଥିବାର ଦେଖିବାକୁ ମିଳିଛି । ସାଧାରଣରେ ଅଭିଯୋଗ ହେଉଛି ଯେ ଦୀର୍ଘ ଦିନ ହେବ କେନ୍ଦୁପାଟଣା ଆର.ଏମ୍.ସି.ର ପରିଚାଳନା ବୋର୍ଡ ଗଠନ କରାଯାଇନାହିଁ । ଉପରୁ ତଳ ସ୍ତର ପର୍ଯ୍ୟନ୍ତ ବହୁ କର୍ମଚାରୀ ଓ ଅଧିକାରୀ ଦୁର୍ନୀତିରେ ଲିପ୍ତ ରହିଥିବା ଅଭିଯୋଗରୁ ଜଣାଯାଇଛି । ପ୍ରକାଶ ଥାଉ କି କିଛି ଅସାଧୁ କର୍ମଚାରୀଙ୍କ ବାହୁ ଛାୟା ତଳେ ଏହି ଆର.ଏମ୍.ସି.ର କିଛି କର୍ମକର୍ତ୍ତା ରହି ଆର.ଏମ୍.ସି.ରୁ କୋଟି କୋଟି ଟଙ୍କା ହାତେଇବାକୁ ମସୁଧା କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି ।

# ୫୫୪ଟି ରେଳ ଷ୍ଟେସନର ନବୀକରଣ ପାଇଁ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

## ଓଡିଶାର ୨୧ଗୋଟି ରେଳଷ୍ଟେସନର ନବୀକରଣ ହେବ



**ବାରିପଦା (ଅମୃତ ମିଡିଆ) :** ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଭାରତ ବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ରେଳ ଗମନାଗମନର ବିକାଶ ପାଇଁ ଆଭାସୀ ମାଧ୍ୟମରେ ୫୫୪ ଟି ରେଳ ଷ୍ଟେସନର ନବୀକରଣ ମଧ୍ୟରେ ଓଡିଶାରେ ୨୧ଟି ରେଳ ଷ୍ଟେସନର ବିକାଶ ପାଇଁ ଏବଂ ବିଭିନ୍ନ ରେଳ ଅଣ୍ଡରପାସ, ଓ୍ଵଭରବ୍ରିଜ ଆଦିପାଇଁ ଶିଳାନ୍ୟାସ କରିଛନ୍ତି। ଆଭାସୀ ମାଧ୍ୟମରେ ରେଳମନ୍ତ୍ରୀ ଅଶ୍ଵନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀ ରେ ବାରିପଦାର ତୁଳସୀଚଉରା ଶିବ ମନ୍ଦିର ପରିସର ରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଜଳ ଶକ୍ତି ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ଵେଶ୍ଵର ଟୁଡୁ ଅତିଥି ଭାବେ ଯୋଗଦେଇ ମୋଦୀ ସରକାର ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ କରିଥିବା କାର୍ଯ୍ୟ ବାବଦରେ ଉପସ୍ଥିତ ଲୋକଙ୍କ ଉଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବାରିପଦାର ୩ଟି ଗଳା ପୋଲ ସହ ବାରିପଦା, ବେତନଟି ଏବଂ ବାଙ୍ଗିରିପୋଷି ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ହେବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛୋଟେଲାଲ ମହାନ୍ତ, ରେଳବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇଥିଲେ। ଏହି ଅବସର ରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ରାଇରଙ୍ଗପୁର, ବାଦାମପାହାଡ ଷ୍ଟେସନକୁ ମଧ୍ୟ ନବୀକରଣ ଯୋଜନାରେ ସାମିଲ କରାଯାଇଥିବାରୁ ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ବିଜେପିର ରାଜ୍ୟ ସମ୍ପାଦକ ନବୀନ କୁମାର ରାମ୍, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ପୂର୍ବତନ ମୟୂରଭଞ୍ଜ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ଓ ଚକ୍ରଧର ପୁର ରେଳ ବିଭାଗର ଡିଏମଏମ ଅଶ୍ଵନୀ କୁମାର, ଆଦିତ୍ୟ ପୁର ଡିଏମଇ ଏ.କେ. ଗୁପ୍ତା , ଚକ୍ରଧର ପୁର ରେଳ ବିଭାଗର ଏପିଓ ସାଙ୍କାଇ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିବା ବେଳେ ଟାଟାନଗରର ମୁଖ୍ୟ ସାଧାରଣ ପରିଦର୍ଶକ ସନ୍ତୋଷ କୁମାର ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରେଳ ବିଭାଗ ତରଫରୁ ଭିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବହୁ ପ୍ରତିକ୍ଷୀତ ମନ୍ତେଇ ପୋଲର ଭିତ୍ତିପ୍ରସ୍ତର ଓ ଭୂମି ପୂଜନ ଉତ୍ସବ

## ପୂରଣ ହୋଇଛି ଦୀର୍ଘଦିନର ଆଶା : ବିଷ୍ଣୁବ୍ରତ



**ବାସୁଦେବପୁର (ଅମୃତ ମିଡିଆ) :** ଆଜି ୧୧ ଘଟିକା ସମୟରେ ବହୁ ପ୍ରତିକ୍ଷିତ ମନ୍ତେଇ ନଦୀରେ ବାଲିଆପାଳ ଘାଟ ଓ ଚାରିବାଟିଆ ଘାଟଠାରେ ନୂତନ ସୁଉଚ୍ଚ ସେତୁ ନିର୍ମାଣ ନିମନ୍ତେ ଶୁଭଭିତ୍ତି ପ୍ରସ୍ତର ସ୍ଥାପନ ଓ ଭୂମିପୂଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକର୍ମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଧାୟକ ବ୍ୟୋମକେଶ୍ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ କରକମଳରେ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଅତିଥି ମାନଙ୍କୁ ବାସୁଦେବପୁର ଠାରୁ ସକାଳ ୧୧ଘଟିକା ସମୟରେ ଏକ ବିରାଟ ମୋଟର ସାଇକେଲ ରାଲିରେ ସ୍ଵାଗତ ପୂର୍ବକ ପ୍ରଥମେ ବାସୁଦେବପୁର ମଠାଜୀ ମଠ ଠାରୁ କରଞ୍ଜଆଡିଆ ଭାୟା ଦେଇ ନିଆଯାଇଥିଲା। ବାଲିଆପାଳ ଓ ଚାରିବାଟିଆ ଉଭୟ ସ୍ଥାନରେ ସଭା କାର୍ଯ୍ୟକର୍ମରେ ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସଙ୍କ ସଂଯୋଜନା ରେ ସଭା କାର୍ଯ୍ୟ ପରିଚାଳନା ହୋଇଥିବା ବେଳେ ମନ୍ତ୍ରୀଙ୍କ ସହ ସାଂସଦ ଓ ଦୁଇ ବିଧାୟକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ଵାଳ, ଜିଲ୍ଲା ପରିଷଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡାଇ ଉପସ୍ଥିତ ଥିଲେ। ମଞ୍ଚାସିନ ଅତିଥି ମାନେ ଦୀର୍ଘଦିନର ଆଶା ସଫଳ ହୋଇଛି ବୋଲି କହିଥିଲେ। ଆଗରୁ ଅନେକ ଥର ପୂର୍ବତନ ମନ୍ତ୍ରୀ ସ୍ଵର୍ଗତ ବିଜୟ ଶ୍ରୀ ରାଉତରାୟଙ୍କ ଉଦ୍ୟମ ଜାରି ରହିଥିବା ବେଳେ ବିଭିନ୍ନ କାରଣରୁ ସଫଳ ହୋଇ ପାରି ନାହିଁ। ଏବେ କିନ୍ତୁ ଆଉ ବିଫଳ ହେବ ନାହିଁ, ସମସ୍ତ ବିଷୟକୁ ସମାଧାନ କରାଯାଇଛି ଓ ଏଥର ସଫଳ ମିଳିଛି ବୋଲି ଅତିଥି କହିଥିଲେ। ଆଜିର କାର୍ଯ୍ୟକର୍ମରେ ଉଭୟ ସ୍ଥାନରେ ବହୁ ଜନ ସାଧାରଣ ଯୋଗ ଦେଇଥିଲେ।

# ମିଶନ ଶକ୍ତି ଦ୍ୱାରା ବ୍ୟାଙ୍କ ଋଣ ଓ ସୁଧର ଫେରସ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ



**ନୀଳଗିରି (ଅମୃତ ମିଡିଆ) :** ମିଶନ ଶକ୍ତି ଦ୍ୱାରା ବ୍ୟାଙ୍କ ଋଣ ଓ ସୁଧ ର ଫେରସ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ ନୀଳଗିରି ଏନ୍.ଏ.ସି କଲ୍ୟାଣ ମଣ୍ଡପ ପରିସରରେ ମଗଂଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଦାସ, ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷୀ ମାଝୀ, ନୀଳଗିରୀ ବିଡିଓ ରାହୁଲ ମଣ୍ଡଳ, ବ୍ଲକ ପ୍ରକଳ୍ପ ଅଧିକାରି ଅର୍ଜୁନ ପାଲ, ବ୍ଲକ ପ୍ରକଳ୍ପ ସଂଯୋଜିକା ବିଭାବରି ରାଉତ, ବି.ଏଲ.ସି ଅନୁଜ କୁମାର ସ ପ୍ରମୁଖ ଉପସ୍ଥିତ ରହି ମିଶନ ଶକ୍ତି ଦ୍ୱାରା ବ୍ଲକ ର ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ କିପରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ସ୍ୱାବଲମ୍ବୀ କରିପାରିବେ ଓ ଋଣ ନେଇ କିପରି ଋଣ ପରିଶୋଧ କରିବେ ତା ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ମିଶନ ଶକ୍ତି କୁ ଅଧିକ ସଶକ୍ତିକରଣ ଓ କ୍ରିୟାଶୀଳ କରି ମହିଳା ମାନଙ୍କର ଦକ୍ଷତା ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ସକାଶେ ପ୍ରତି ଗ୍ରୁପ କୁ ଦଶ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା କହିଥିଲେ। ନୀଳଗିରି ବ୍ଲକ ୨୫ ପଞ୍ଚାୟତର ୧୨୮୧ ମହିଳା ସ୍ୱୟଂ ସହାୟକ ଗ୍ରୁପକୁ ଆସିଛି ୬୯ ଲକ୍ଷ ୭୨ ହଜାର ଟଙ୍କା ସୁଧ ଫେରସ୍ତ ହୋଇଛି। ଏହା ଦ୍ୱାରା ମିଶନ ଶକ୍ତି ଦ୍ୱାରା ମହିଳା ମାନେ ଛେଳି, କୁକୁଡ଼ା ମାଛ, ଫୁଲ ଚାଷ, ଆଚାର, ବଡ଼ି ପାମ୍ପଡ, ସିଲେଇ କେନ୍ଦ୍ର, ବିଉଟି ପାର୍ଲର ଏପରି ଅନେକ କାରବାର କରି ନିଜର ଆର୍ଥିକ ଅଭିବୃଦ୍ଧି ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ପଞ୍ଚାୟତର ୫୦ ମହିଳା ସ୍ୱୟଂ ସହାୟକ ଗ୍ରୁପ ର ସଭାପତି ଓ ସମ୍ପାଦିକା ସଦସ୍ୟା ସହ ଏମ୍ବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ମାନେ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରଦାନ କାର୍ଯ୍ୟକ୍ରମ



**ଖଣ୍ଡପଡା (ଅମୃତ ମିଡ଼ିଆ) :** ସାରା ରାଜ୍ୟବ୍ୟାପି ୦% ସୁଧରେ ମହିଳା ଗ୍ରୁପ୍‌ମାନଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ପ୍ରଦାନ, ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ସହିତ ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ପ୍ରଦାନ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୭ ତାରିଖ ମଙ୍ଗଳବାର ଦିନ ଠାରୁ ଶୁଭାରମ୍ଭ ହୋଇଛି। ଏନେଇ ଖଣ୍ଡପଡ଼ା ବ୍ଲକ୍ ପରିସରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଆଭାଷି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉକ୍ତ ଶୁଭାରମ୍ଭ କାର୍ଯକ୍ରମକୁ ପ୍ରଦର୍ଶିତ କରାଯାଇ ସହାୟତା ରାଶିର ବଂଟନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ୍‌ର ୨୨ ଗୋଟି ଗ୍ରାମପଂଚାୟତ ସହିତ ଗୋଟିଏ ସହରାଂଚଳ ମଧ୍ୟରୁ ଯୋଗଦେଇଥିବା ସମୁଦାୟ ୧୧୫୩ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୭୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚେକ୍ ପ୍ରଦାନ କରାଯାଇଛି। ଖଣ୍ଡପଡ଼ା ବ୍ଲକ୍ ମଧ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସଂଯୋଜନାରେ ଅତିଥିଭାବେ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଲତା ଦିଗାଲ୍, ନୟାଗଡ଼ ଜିଲ୍ଲାପରିଷଦ ଉପସଭାପତି ବିଷ୍ଣୁପ୍ରିୟା ବେହେରା, ଜିଲ୍ଲାପରିଷଦ ସଦସ୍ୟ ରାମେଶ୍ୱର ଶତପଥି ପ୍ରମୁଖ ଯୋଗଦେଇ ସ୍ୱବକ୍ତବ୍ୟ ମାଧ୍ୟମେ ମିଶନ ଶକ୍ତି ଗୁଡ଼ିକର କାର୍ଯ୍ୟକାରୀତା, ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା କ୍ଷେତ୍ରରେ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ବଜାର ପ୍ରତିଷ୍ଠା ଓ ତନ୍ମଧ୍ୟରେ ବିଭିନ୍ନ ସରକାରୀ ସହାୟତାକୁ ନେଇ ପ୍ରତିପାଦିତ କରିଥିଲେ। ଉପାଧ୍ୟକ୍ଷ-ସାହୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ମହିଳାମାନଙ୍କ ନିମନ୍ତେ ବିଭିନ୍ନ ମଙ୍ଗଳକାରୀ କାର୍ଯ୍ୟକ୍ରମ ଓ ଆଜିର ଐତିହାସିକ ସହାୟତା କାର୍ଯ୍ୟକ୍ରମର ଶୁଭାରମ୍ଭ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଭିତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଖଣ୍ଡପଡ଼ା ବ୍ଲକ୍ ପୋଗ୍ରାମ ମ୍ୟାନେଜର (ମିଶନଶକ୍ତି) ସୌମ୍ୟଶାଶ୍ୱତ ମିଶ୍ରଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ବିପିଏମ୍ ରଞ୍ଜିତା ରାଣୀ ପଟ୍ଟନାୟକ ସହାୟତା ପ୍ରଦାନ କରିଥିଲେ ଓ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ଆର୍ଥିକ ଚେକ୍ ପ୍ରଦାନ କରାଯାଇଥିଲା। ଶେଷରେ ବିପିଏମ୍ ସୌମ୍ୟ ଶାଶ୍ୱତ ଉପସ୍ଥିତ ଅତିଥି, ମହିଳା ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ପରେ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଶିଶୁ କଳାକାରଙ୍କ ଦ୍ୱାରା ମନୋରଞ୍ଜନ ଭିତିକ ନୃତ୍ୟ ସଂଗୀତ ଅନୁଷ୍ଠିତ ହୋଇଥିବାର ଦେଖାଯାଇଥିଲା।

# ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ



**ବାରିପଦା (ଅମୃତ ମିଡିଆ) :** ବାରିପଦା ସହରର ତୁଳସୀଚଉରା ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ର ସଂପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂପାଦକ ଅମୀୟ ଶଙ୍କର ସାହୁ, ମୁଖ୍ୟବକ୍ତା ଭାବରେ କଣ୍ଟାପାଳ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇ ପିଲାଙ୍କୁ ପ୍ରାଥମିକ ସ୍ତରରୁ ଭଲ ମଣିଷ କରିବା ପାଇଁ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେଶ୍ୱର ବାର୍ଷିକ ବିବରଣୀ ପାଠ କରି ଏହି ବିଦ୍ୟାଳୟ ଦୀର୍ଘବର୍ଷ ଧରି ତାର ପ୍ରଚେଷ୍ଟା ଫଳରେ ୨୦୦୮ ମସିହାରେ ଏମଇଟି ୟୁନିର୍ଭରସିଟି କିଟିସି କ୍ରାଫ୍ଟ ଦ୍ୱାରା ପ୍ରଥମ ଆନ୍ତର୍ଜାତୀୟ ପୁରସ୍କାର ପାଇଥିଲା ବେଳେ ଦିଲ୍ଲୀର ଗୁରୁଗାଁଓ ଠାରେ ୨୦୨୨ ମସିହାରେ ବେଷ୍ଟ ଏଜୁକେଶନ ପୁରସ୍କାର ପାଇଥିଲା। ସେହିପରି ୨୦୨୩ ମସିହା ଫେବୃଆରୀ ମାସ ୨୫ ତାରିଖ ରେ ବେଷ୍ଟ ପ୍ଲେ ସ୍କୁଲ ହିସାବରେ ଦକ୍ଷତା ହାସଲ କରିଥିବା କହିଥିଲେ। ବିଦ୍ୟାଳୟର ସଭାପତି ବିନୟ କୁମାର ମାଣ୍ଡୋଇ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଶେଷରେ ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ନୂତନ ମିଶନ ଶକ୍ତି ଭବନ ଉଦ୍‌ଘାଟିତ



**ସାହାରପଡା (ଅମୃତ ମିଡ଼ିଆ) :** ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଜଗନ୍ନାଥ ନାୟକଙ୍କ କରକମଳରେ ଆଜି ସାହାରପଡା ବ୍ଲକ ସ୍ତରୀୟ ନୂତନ ମିଶନ ଶକ୍ତି ଭବନ ଗୃହ ଉଦଘାଟିତ ହୋଇଯାଇଛି । ଏହା ପରେ ଆୟୋଜିତ ଏକ ସମାରୋହରେ ବିଧାୟକ ଉପସ୍ଥିତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାନଙ୍କୁ ନିଜ ଜୀବନରେ ଥିବା ଲକ୍ଷ୍ ସ୍ଥଳରେ ପହଞ୍ଚିବା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବେ ସମର୍ପିତ କରି କାର୍ଯ୍ୟ କଲେ ଲକ୍ଷ୍ ସ୍ଥଳରେ ପହଞ୍ଚିବା ସମ୍ଭବପର ହେବ ବୋଲି କହିଥିଲେ। ସହିତ ସମସ୍ତ ଏସଏଚଜି ଗ୍ରୁପ ମାନଙ୍କୁ ନିଜର ରିଜୋଲ୍ୟୁସନ ଖାତା, କ୍ୟାସ ବୁକ ଏବଂ ପାସ ବହିକୁ ସବୁ ସମୟରେ ପ୍ରସ୍ତୁତ ରଖିବା ପାଇଁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବ୍ଲକ ଅଧକ୍ଷା ରୀନା ନାୟକ, ଜିଲ୍ଲା ପରିଷଦ ସଭ୍ୟ ବୁଦ୍ଧଦେବ ମହାକୁଡ଼, ଚମ୍ପାବତୀ ଟୁଡୁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍ତମ କୁମାର ନାୟକ, ମିଶନ ଶକ୍ତି ଡିପିସି ଶିଶିର କୁମାର ଷଡଙ୍ଗୀ, ସାହାରପଡା ବ୍ଲକ ମିଶନ ଶକ୍ତି ଟିଏଲଏଫ ସମ୍ପାଦିକା ତୁଷାରୀକା ମହାନ୍ତ ଏସଏଚଜି ସଦସ୍ୟା ମାନଙ୍କୁ ସଫଳତା ପାଇବା ପାଇଁ ବହୁ ଉପଯୋଗୀ ପରାମର୍ଶ ମାନ ଦେଇଥିଲେ। ସାହାରପଡା ବ୍ଲକ ଶିଶୁ ଓ ମହିଳା ବିକାଶ ଅଧିକାରିଣୀ ଦିପ୍ତିମୟୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୀତା ମୁର୍ମୁ,ବ୍ଲକ ଉପାଧକ୍ଷା ଛବିରାଣୀ ସେଠୀ,ସାହାରପଡା ମିଶନ ଶକ୍ତି ବିପିଏମ ମନୋରଞ୍ଜନ ମହାପାତ୍ର, ବିପିସି ପ୍ରିୟରଞ୍ଜନ ଟୁଡୁ, ବିପିଏସିଏ ଦିପାଞ୍ଜଳି ରାଉତ ପ୍ରମୁଖ ଉପସ୍ଥିତ ରହି ସଭ୍ୟା ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହାରପଡା ମିଶନ ଶକ୍ତି ସଂଘର ସଦସ୍ୟା, ବ୍ୟାଙ୍କ ମିତ୍ର, ଇସି, ଏମବିକେ, ସିଆରପିସିଏମ ସଦସ୍ୟା ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସାହାରପଡା ବ୍ଲକର ୮୮୭ ଟି ଏସଏଚଜି ଗ୍ରୁପ ମିଶନଶକ୍ତି ରୁ ନେଇଥିବା ବ୍ୟାଙ୍କ ଋଣର ସୁଧ ଫେରସ୍ତ ବାବଦରେ ପଚିଶ ଲକ୍ଷ୍ କୋଡ଼ିଏ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଧାୟକ ଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସଭ୍ୟା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ଦୁଇ ହଜାରରୁ ଉର୍ଦ୍ଧ ଏସଏଚଜି ସଭ୍ୟା ଯୋଗ ଦେଇଥିବାବେଳେ ତାଙ୍କର ମନୋରଞ୍ଜନ ପାଇଁ ବିଲେଇପଦା ରୁ ଆସିଥିବା ଏକ ନୃତ୍ୟ ଦଳ ସଭା ମଝି ମଝି ରେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ଆମୋଦିତ କରିଥିଲେ।

# ଶିବାନନ୍ଦ ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥଙ୍କ ବୃକ୍ଷରୋପଣ

**କେନ୍ଦ୍ରାପଡା (ଅମୃତ ମିଡିଆ) :** ଚକେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥ ଦାସ ଆଶ୍ରମ ପରିସରରେ ଏବଂ ଆଳିଜଙ୍ଗା ରାସ୍ତା କଡରେ ବିଭିନ୍ନ ଫଳ ଓ ଫୁଲ ଗଛର ଚାରା ରୋପଣ କରିଛନ୍ତି। ଆଗକୁ ଆସୁଥିବା ପ୍ରବଳ ଗୀଷ୍ମପ୍ରବାହରେ ପଥଚାରୀମାନେ ସେହିସବୁ ବୃକ୍ଷମୂଳରେ ଆଶ୍ରୟ ନେବା ସହ ଗଛର ଫଳ ଓ ଫୁଲକୁ ବ୍ୟବହାର କରିପାରିବେ ବୋଲି ବ୍ରହ୍ମଚାରୀ ଶ୍ରୀ ଦାସ କହିଛନ୍ତି। ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଠାରୁ ପ୍ରେରଣା ପାଇ ଏଭଳି ମହତ କାର୍ଯ୍ୟ କରୁଥିବା ଶ୍ରୀ ଦାସ କହିଛନ୍ତି। ବିଭିନ୍ନ ସମୟରେ ଏଭଳି ସାମାଜିକ କାର୍ଯ୍ୟ ନିମନ୍ତେ ଆଗେଇ ଆସିବାକୁ ଶ୍ରୀ ଦାସ ଲୋକମାନଙ୍କୁ କହିଛନ୍ତି।

# ପାଟଣାଗଡରେ ଗର୍ଜିଲା ଦଳିତ ସମାଜ

## କେଉଟ, କୈବର୍ତ୍ତ ଓ ଧୀବର ଜାତିକୁ ତହସିଲଭୁକ୍ତ ଜାତି ତାଲିକାରୁ ବାଦ ଦେବାକୁ ଦାବି



**ବଲାଙ୍ଗୀର (ଅମୃତ ମିଡିଆ) :** ଦଳିତ, କୃଷକନେତା, ବରିଷ୍ଠ ସମାଜସେବ ତଥା ଉପଖଣ୍ଡସ୍ତରୀୟ ଲକ୍ଷେ ଘର ଗଣ୍ଡାସମାଜର ସଭାପତି ଓ କେକେଡି ହଟାଅ କମିଟିର ଉପସଭାପତି ଡିକ୍‌ସନ ନନ୍ଦଙ୍କ ନେତୃତ୍ୱରେ ଆଜି ହଜାର ହଜାର ଦଳିତ ନାଗରିକ ବଲାଙ୍ଗିର ଜିଲ୍ଲା ପାଟଣାଗଡରେ ଗର୍ଜନ କରିଛନ୍ତି । ଅନୁସୂଚୀତଜାତି ତାଲିକାରୁ କେଉଟ, କୈବର୍ତ୍ତ ଓ ଧୀବରଜାତିକୁ ବାଦ ଦେବା ପାଇଁ ଦୀର୍ଘ ଦିନ ହେଲା ସେମାନେ ଦାବିକରିଆସୁଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ସେମାନଙ୍କ ନାମ ଅନୁସୂଚୀତଜାତି ତାଲିକାରୁବାଦ ଦିଆ ଯାଇନଥିବାରୁ ପଶ୍ଚିମ ଓଡିଶାର୯୨ ଦଳିତ ଅସ୍ପୃଶ୍ୟଜାତି ର ହଜାର ହଜାର ଲୋକଆନ୍ଦୋଳନକୁ ଓହ୍ଲାଇଛନ୍ତି। କେବଳ ପାଟଣାଗଡ ନୁହେଁ, ସମଗ୍ର ପଶ୍ଚିମ ଓଡିଶାର ଦଳିତସଂଗଠନର କର୍ମକର୍ତା ମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କେହିବି ଅଛୁଆଁ କିମ୍ବା ଅସ୍ପୃଶ୍ୟ ନୁହଁନ୍ତି । ଆଜି ବି ସେମାନେ ସ୍ୱଚ୍ଛଳ ଏବଂ ବିଭିନ୍ନ ମନ୍ଦିରରେ ପୂଜକଭାବେ କାମ କରୁଛନ୍ତି । କେହି କେହି ମୁଡିଭାଜି ନିଜରଜୀବିକା ନିର୍ବାହ କରୁଛନ୍ତି । ତେଣୁ ସେମାନଙ୍କୁ କାହିଁକି ଅନୁସୂଚୀତଜାତି ତାଲିକା ଭୁକ୍ତ କରାଯାଇଛି ବୋଲି ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି । ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକର କରିଥିବା ସମ୍ବିଧାନକୁ ଭଲ ଭାବେ ତର୍ଜମା କରି ତାର ପ୍ରକୃତ ଭାବାର୍ଥ ବୁଝିବା ଦରକାର ଏବଂ ସେହି ଅନୁସାରେ ତାଲିକା ପ୍ରସ୍ତୁତକରିବା ଦରକାର ବୋଲି ଦଳିତ ମହାସଂଘ ପକ୍ଷରୁ କୁହାଯାଇଛି। ଆଜି ସମଗ୍ର ପଶ୍ଚିମ ଓଡିଶାର ହଜାର ହଜାର ଦଳିତ ମହିଳା ଓ ପୁରୁଷ, ଡିକ୍‌ସନ ନନ୍ଦଙ୍କ ନେତୃତ୍ୱରେ ପାଟଣାଗଡ ସହର ପରିକ୍ରମା କରିଥିଲା । ଏହା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜାତୀୟ ଅନୁସୂଚୀତଜାତି ତାଲିକାରେ ଥିବା କେଉଟ, କୈବର୍ତ୍ତ ଓ ଧୀବରମାନଙ୍କୁ ବାଦ ଦେବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପାଟଣାଗଡ ଉପଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ତେବେ ପୂର୍ବରୁ ସେମାନଙ୍କ ଦାବିକୁ ରାଜ୍ୟ ସରକାର ୨୦୧୬ରେ କେନ୍ଦ୍ରସରକାରଙ୍କ ନିକଟକୁ ପଠାଇ ଦେଇଛନ୍ତି । କେନ୍ଦ୍ର ନିକଟରୁ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି । ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ନେତାମାନେ । ନିର୍ବାଚନ ଅବ୍ୟବହିତ ପୂର୍ବରୁ ରାଜ୍ୟ ଓ କେନ୍ଦ୍ରସରକାର ଅନୁସୂଚୀତ ଜାତି ତାଲିକାରୁ କେକେଡି କୁବାଦ ଦେବାକ ସଂଗଠନର ସଂପାଦକ ଜୟନ୍ତ କୁମ୍ଭାର ଦାବିକରିଛନ୍ତି । ନ ହେଲେ ଆଗାମୀ ଦିନରେ ପଶ୍ଚିମ ଓଡିଶାର ହଜାର ହଜାର ଦଳିତ ପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ପଶ୍ଚିମ ଓଡିଶା କେକେଡି ଆକ୍ସନ କମିଟିର କନଭେନ୍‌ର ଡିଙ୍ଗର କୁମ୍ଭାରଙ୍କ ସମେତ ଦ୍ରୋଣକୁମ୍ଭାର-ସଭାପତି, ବଲାଙ୍ଗିରଜିଲ୍ଲା କେକେଡି ହଟାଅ, ଲକ୍ଷ୍ମଣବରାସାଗର-ସୋନପୁର ଜିଲ୍ଲାସଭାପତି, କେକେଡି ହଟାଅ ଗରିବବାଗ- ସୋନପୁର ଜିଲ୍ଲା ଉପସଭାପତି, କେକେଡିହଟାଅ, ସୁଧାଂଶୁଡାଙ୍ଗ-ସଭାପତି ବୌଦ୍ଧ ଜିଲ୍ଲା କେକେଡିହଟାଅ,ଧନେଶ୍ୟାମ ନାଗ, ମଣିକୁମ୍ଭାର, ମନୋରଂଜନ ବାରିକ, ଭକ୍ତବାଗ, ଭକ୍ତ ନାଗ, ରସେନ୍ଦ୍ରକୁମ୍ଭାର, ପ୍ରଦୀପ କୁମ୍ଭାର, ଲଛବାଗ, ପଙ୍କଜଭୋଇ, ବନମାଳୀ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର କୁମ୍ଭାର, ଗନ୍ଧର୍ବ ସୁନା, ବସନ୍ତ ଗଣ୍ଡି, ପିତାମ୍ବର ବାଗ, ରାଜେନ୍ଦ୍ର ନାଗ, ପୁନିତସୁନା, ଲବସୁନା, କ୍ଷେତ୍ର ଲୁହା, ବରଗଡ, ବାସୁଦେବ ମୁଗ୍ରୀ, ରମେଶ ନାଗ ପ୍ରମୁଖ ନେତାମାନେ ପାଟଣାଗଡ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘର ରାଜ୍ୟସ୍ତରୀୟ ଦ୍ୱାଦଶତମ ଦ୍ୱିବାର୍ଷିକ ସମ୍ମିଳନୀ




**ଭୁବନେଶ୍ୱର (ବ୍ୟୁରୋ) :** ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ରାଜ୍ୟସ୍ତରୀୟ ଦ୍ୱାଦଶତମ ଦ୍ୱିବାର୍ଷିକ ସମ୍ମିଳନୀ ଭୁବନେଶ୍ୱର ମଣ୍ଡଳର ଯାଁଆଳା ଗ୍ରାମ ପଞ୍ଚାୟତ ସଭାଗୃହରେ ତା ୨୪.୨.୨୦୨୪ରିଖ ଓ ତା ୨୫.୨.୨୦୨୪ରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀ ସଂଘର ସ୍ଥାୟୀ ସଭାପତି ସାଥୀ ପର୍ଶୁରାମ ଦାସ ଏବଂ ସର୍କଲ ସମ୍ପାଦକ ସାଥୀ ହିମାଂଶୁ ଶେଖର ଦାସଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମ୍ମିଳନୀରେ ପୂର୍ବତନ ସର୍କଲ ସମ୍ପାଦକ ସାଥୀ କଳ୍ପବଟ ପଟ୍ଟନାୟକ, କେନ୍ଦ୍ର ସଂଘର କାର୍ଯ୍ୟକାରୀ ସଭାପତି ସାଥୀ ରାଜେନ୍ଦ୍ର ପ୍ରସାଦ ସାହୁ, ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ସର୍କଲର ୧୭ ଗୋଟି ଡିଭିଜନ୍‌ର ମଣ୍ଡଳ କର୍ମକର୍ତ୍ତା ଏବଂ ସର୍କଲ କାର୍ଯ୍ୟକାରୀ କମିଟିର ଶତାଧିକ କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ସମସ୍ୟାର ସମାଧାନର ଆଲୋଚନାରେ ଭାଗ ନେଇଥିଲେ। ଗ୍ରାମୀଣ ଡାକ ସେବକ ମାନଙ୍କୁ ଟାରଗେଟ୍ ନାମରେ ମଣ୍ଡଳ ସ୍ତରୀୟ ଉଚ୍ଚ ଉପାଧିକାରୀମାନେ ବିଭିନ୍ନ ପ୍ରକାର ଧମକ ଦେଇ ହଇରାଣ କରି ଦରମା ବନ୍ଦ କରାଯାଉଛି। କର୍ମଚାରୀ ମାନେ ଗଣତାନ୍ତ୍ରିକ ପଦ୍ଧତିରେ ନିଜର ନ୍ୟାର୍ଯ୍ୟଦାବି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କିମ୍ବା ସରକାରଙ୍କୁ ଜଣାଇବା ଅଧିକାର ଥିଲେ ମଧ କେନ୍ଦ୍ର ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ଗତ ଡିସେମ୍ବର ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରିଦିନ ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟ ସର୍ବଭାରତୀୟରେ ୧୦ ଦଫା ଦାବିକୁ ନେଇ ଅନୁଷ୍ଠିତ ହୋଇଥିଲା। ଦାବି ଥିଲା ଜି.ଡି.ଏସ୍. ମାନଙ୍କ କାର୍ଯ୍ୟ ନିର୍ଘଣ୍ଟବୃଦ୍ଧି କରାଯାଉ। ଜି.ଡି.ଏସ୍. ମାନଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ। ଜି.ଡି.ଏସ୍. ମାନଙ୍କୁ ୫୦୦୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉ। ୨୦୧୬ ମସିହାରେ ଜି.ଡି.ଏସ୍. ଦରମା କମିଟିର ଅଧକ୍ଷ କମଲେସ୍ ଚନ୍ଦ୍ରାଙ୍କ ସୁପାରିଶକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯାଉ ଏବଂ ଜି.ଡି.ଏସ୍. ମାନଙ୍କୁ ପ୍ରମୋସନ ମଞ୍ଜୁର କରାଯାଉ। କିନ୍ତୁ ଦୁଃଖର ବିଷୟ ୨୦୧୬ ମସିହାରୁ କରିଆସୁଥିବା ଦାବିକୁ ସରକାର ପ୍ରତ୍ୟାଖ୍ୟାନ କରି ଓଲଟା ଜି.ଡି.ଏସ୍. ମାନଙ୍କ ଏନ୍‌ଗେଜମେଣ୍ଟ ରୁଲ୍-୨୦୨୦ ଥିବା ରୁଲ୍ ୮ ଏବଂ ରୁଲ୍ ୧୦ବ ଧର୍ମଘଟରେ ନେତୃତ୍ୱ ନେଇଥିବା ସଂଘୀୟ ଡିଭିଜନ୍ କର୍ମକର୍ତ୍ତାମାନଙ୍କୁ ଦୋଷି ଘୋଷଣା କରି ହଇରାଣ କରିବାକୁ ମଣ୍ଡଳ ଅଧିକାରୀମାନେ ପ୍ରୟାସ କରୁଛନ୍ତି। ଯଦି ଅନ୍ୟାୟରେ ଜି.ଡି.ଏସ୍.ମାନଙ୍କୁ ରୁଲ୍ ୧୦ବି କୁ ପ୍ରତ୍ୟାହାର ନ କରନ୍ତି, ତେବେ ରାଜ୍ୟସ୍ତରୀୟ ସମସ୍ତ ଜି.ଡି.ଏସ୍. ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀକୁ ଭୁବନେଶ୍ୱର ମଣ୍ଡଳ ସମ୍ପାଦକ ଶରତ ମାନସିଂ ସର୍କଲ ସାଙ୍ଗଠନିକ ସମ୍ପାଦକ ଖଗେଶ୍ୱର ବାରିକ, ଜିତୁ ପଟ୍ଟନାୟକ, ସଭାପତି ବିଚିତ୍ରାନନ୍ଦ ପାତ୍ର, ସହସମ୍ପାଦକ ନାରାୟଣ ବିଶୋଇ, ଚିରଞ୍ଜିବି ସାମନ୍ତସିଂହାର, ଲକ୍ଷ୍ମୀକାନ୍ତ ଘଡ଼େଇ, ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସର୍କଲ ଉପସଭାପତି ସୁଶିଲ୍ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଖେଳ ସହ ଶିକ୍ଷା ହିଁ ଶିଶୁଙ୍କୁ ବିଦ୍ୟାପ୍ରତି ଆକର୍ଷିତ କରିବ'



**ଭୁବନେଶ୍ୱର (ବ୍ୟୁରୋ) :** ଜ୍ଞାନ ଦ୍ୱାରା ସମାଜରେ ଅନ୍ଧକାର ଦୂର ହୋଇପାରିବ। ଏଥିପାଇଁ ସମସ୍ତେ ଜ୍ଞାନ ଆହରଣ କରିବା ସହ ନୈତିକତା ଶିକ୍ଷା ଗ୍ରହଣ କରିବା ଉଚିତ୍। ତେବେ ଶିଶୁମାନଙ୍କ ପ୍ରଥମ ଗୁରୁ ହେଲେ ମା'। ତେବେ ଶିଶୁ ମାନଙ୍କୁ ପ୍ରାରମ୍ଭରୁ ନୀତି ଶିକ୍ଷା ଓ ବିଦ୍ୟା ଆରମ୍ଭ କରିବାକୁ ହେବ। ଖେଳ ସହ ଶିକ୍ଷା ହିଁ ଶିଶୁଙ୍କୁ ବିଦ୍ୟାପ୍ରତି ଆକର୍ଷଣ କରିବ ବୋଲି ନୂଆଗାଁ ୟୁରୋ କିଡ଼୍‌ସିର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପୋଷଣ କରିଛନ୍ତି। ଶିଶୁଙ୍କୁ ଖେଳ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଅତିଥି ସମାଜସେବୀ ଚିନ୍ମୟନନ୍ଦ ବଡ଼ଜେନା ଉତ୍ସବରେ ଘୋଷଣା କରିଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ସାହୁ ଏଥିରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅଧକ୍ଷତ କରିଥିଲେ। ଶିକ୍ଷୟତ୍ରୀ ସୋନମ ପ୍ରୀୟଦର୍ଶିନୀ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଏହି ଉତ୍ସବରେ କଳିଙ୍ଗ ବିହାର ୟୁରୋ କିଡ଼୍‌ସର ଅଧକ୍ଷା ଦିପ୍ ଶିଖା ଓ ସ୍ଥାନୀୟ ବହୁ ବିଶିଷ୍ଟବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗୀତା ପାଇଁ ଅଭିଭାବକ ଓ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦେଶ ଜଣେ ସୁନାମ ଗଜଲ ଗାୟକଙ୍କୁ ହରାଇଲା : ମନମୋହନ ସାମଲ



**ଭୁବନେଶ୍ୱର (ବ୍ୟୁରୋ) :** ଆଜି ବିଶିଷ୍ଟ ଗଜଲ ଗାୟକ ପଙ୍କଜ ଉଧାସଙ୍କ ୭୨ବର୍ଷ ବୟସରେ ନିଧନ ଘଟିଛି। ସ୍ୱର୍ଗତଃ ଉଧାସଙ୍କ ପରଲୋକ ପରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ଗଜଲ ଦୁନିଆରେ ଜଣେ ଉଜ୍ଜ୍ୱଳମୟ ତାରକା ଥିଲେ ପଙ୍କଜ ଉଧାସ। ପଙ୍କଜ ବ୍ରିଚ କାଣ୍ଡି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଆଜି ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତଃ ଉଧାସଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଓ ବିରୋଧୀ ଦଳ ନେତା ଶ୍ରୀ ଜୟନାରାୟଣ ମିଶ୍ର ଗଭୀର ଶୋକ ବ୍ୟକ୍ତ କରିବା ସହ ଦେଶ ଜଣେ ସୁନାମ ଗଜଲ ଗାୟକଙ୍କୁ ହରାଇଲା ବୋଲି କହିଛନ୍ତି। ସ୍ୱର୍ଗତଃ ଉଧାସଙ୍କ ମୃତ୍ୟୁ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହିତ ଏଭଳି ଦୁଖଦଃ ସମୟରେ ଶୋକସନ୍ତପ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ଓ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ପ୍ରାର୍ଥନା କରିଛନ୍ତି।

# କଳାକାରଙ୍କ ବିୟୋଗରେ ବରିଷ୍ଠ କଳାକାର ସଂଘର ଶୋକସଭା



**ବ୍ରହ୍ମପୁର (ଅମୃତ ମିଡିଆ) :** ସୁପ୍ରସିଦ୍ଧ ଗଜଲ୍ ଗାୟକ ପଦ୍ମଶ୍ରୀ ପଙ୍କଜ ଉଧାସ (୭୨)ଙ୍କ କର୍କଟ ରୋଗ ଚିକିତ୍ସାଧିନ ଅବସ୍ଥାରେ ଇହଲୀଳା ସମ୍ବରଣ ଏବଂ ଦୁର୍ଘଟଣା ଜନିତ ତିନି ମଞ୍ଚ ଅଭିନେତ୍ରୀ ଜ୍ୟୋତ୍ସ୍ନାରାଣୀ ପରମାଣିକ (୩୪), ବେବିରାଣୀ ଦାଶ (୩୨) ଓ ଟେଲି ଧାରାବାହିକ ଅଭିନେତ୍ରୀ ରାଜଲକ୍ଷ୍ମୀ ରାଉତ (୩୧)ଙ୍କ ଅକାଳ ବିୟୋଗରେ କଳା ଓ କଳାକାର ହିତୈଷୀ ମହାମଞ୍ଚ' ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ଏକ ଶୋକସଭା ସୁବାରାଓ ଛକ ସ୍ଥିତ ଗଞ୍ଜାମ ଜିଲ୍ଲା ଶାଖା ସଂଘ କାର୍ଯ୍ୟାଳୟ ଠାରେ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ପ୍ରାରମ୍ଭିକ ସୂଚନା ଦେବାପରେ ସ୍ୱର୍ଗତ ଆତ୍ମାମାନଙ୍କର ସଦ୍ଗତି କାମନା ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟ-ସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା, ବରିଷ୍ଠ କଳାକାର ଶେଖର ସ୍ୱାମୀ ଏବଂ ସୁନାମଧନ୍ୟ ମଞ୍ଚ ଅଭିନେତା ହିମାଂଶୁ ଶେଖର ବେହେରା ଦିବଙ୍ଗତ କଳାକାର ମାନଙ୍କ କୃତିରାଜିର ସିଂହାବଲୋକନ କରିଥିଲେ। ଏହି ଅବସରରେ ଚିକିତ୍ସାଧିନ କଳାକାର ଉତ୍କଳ କେଶରୀ ସ୍ୱାଇଁ, ଅଲେଖ ସ୍ୱାଇଁ, କୁସୁମଲତା ଆଚାରୀ, ରୁବି ନାଥ ପ୍ରମୁଖଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ କୁମାର ସାହୁ, ଜି. କାମରାଜୁ ପାତ୍ର, ମହେନ୍ଦ୍ର କୁମାର ସାହୁ, ବଳଦେବ ସାହୁ, ସୁଦାମ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଠିକାଦାରଙ୍କୁ ପୋଷିବା ପାଇଁ ଐତିହ୍ୟ ସଂପନ୍ନ ବାରବାଟୀକୁ ନିଶ୍ଚିହ୍ନ କରାନଯାଉ : ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର




**ଭୁବନେଶ୍ୱର (ବ୍ୟୁରୋ) :** ଗତ ୨୪ ବର୍ଷରେ କ୍ରିକେଟ, ଫୁଟବଲ, ହକି ସମେତ ଅନ୍ୟାନ୍ୟ ଖେଳକୁଦରେ 'ଫରଫର୍ମିଙ୍ଗ ରାଜ୍ୟରୁ ପାର୍ଟିସିପେଟିଙ୍ଗ ରାଜ୍ୟ'କୁ ପରିଣତ ହୋଇଛି ଓଡିଶା ରାଜ୍ୟ। ଏହା ହେଉଛି ନବୀନ ସରକାରର ବଡ ବିଫଳତା। ଜାତୀୟ କ୍ରିକେଟ ଟିମରେ ଓଡିଶାର ଜଣେ ହେଲେ ଖେଳାଳୀ ସ୍ଥାନ ପାଇନାହାନ୍ତି। ଏପରିକି ଆଇପିଏଲରେ ମଧ ସ୍ଥାନିତ ହୋଇନାହାନ୍ତି। ରଣଜୀ ପ୍ରତିଯୋଗିତାରେ ଓଡିଶା ତଳଆଡୁ ସ୍ଥାନିତ ହେଉଛି। ଫୁଟବଲ, ଭଲିଭଲ, କବାଡି ଆଦି ଖେଳରେ ଓଡିଶା ବହୁ ପଛରେ। ଓଡିଶାରେ ଥିବା ସମସ୍ତ ଫୁଟବଲ ଆକାଡେମୀ ଆଜି ଅଚଳ। ଏପରିକି ଓସିଏ ଦ୍ୱାରା ପରିଚାଳିତ କ୍ରିକେଟ ଆକାଡେମୀ ଗତ ୩ ବର୍ଷ ଧରି ବନ୍ଦ ପଡିଛି। ତୃଣମୂଳ ସ୍ତରରେ ଖେଳାଳୀ ସୃଷ୍ଟି କରୁଥିବା କ୍ଲବଗୁଡିକୁ ରାଜ୍ୟ ସରକାର କୌଣସି ଅନୁଦାନ ବା ସହାୟତା ଦେଉନାହାନ୍ତି। ରାଜ୍ୟ ସରକାରଙ୍କ ଚକ୍ରାନ୍ତ ପାଇଁ ଆଜି ଓଡିଶାରେ କ୍ରିକେଟ ସମେତ ଫୁଟବଲ ଏବଂ ଅନ୍ୟ ଖେଳାଳୀଙ୍କ ମରୁଡି ସୃଷ୍ଟି ହୋଇଛି। ଜାତୀୟ ଆଥଲେଟିକ ମିଟରେ ଓଡିଶାର ସ୍ଥାନ ସର୍ବଭାରତୀୟ ସ୍ତରରେ ୧୭ ରୁ ୨୦ ଭିତରେ। ଆଜି ପର୍ଯ୍ୟନ୍ତ ଜଣେ ହେଲେ ବି ବ୍ୟକ୍ତିଗତ ଅଲଂପିକ ପଦକ ଓଡିଶାକୁ ମିଳିନାହିଁ। କ୍ରୀଡା ଛାତ୍ରାବାସରେ ଥିବା ଖେଳାଳିଙ୍କୁ ମିଳୁଥିବା ଷ୍ଟାଇପେଣ୍ଡ ପରିମାଣ ସବୁଠୁ କମ୍। ଭିତିଭୂମିର ଅଭାବ କାରଣରୁ ଖେଳାଳିଙ୍କ ପ୍ରତିଭା ବିକଶିତ ହୋଇପାରୁନାହିଁ। ସ୍କୁଲ ଓ କଲେଜରେ ଖେଳ ଶିକ୍ଷକ ପଦବୀ ଖାଲି ପଡିଛି। କ୍ରୀଡାବିତଙ୍କ ପାଇଁ ଥିବା ସରକାରୀ ଚାକିରୀ କୋଟାକୁ ପୂରଣ କରାଯାଉନାହିଁ। କିନ୍ତୁ ରାଜ୍ୟ ସରକାର ଭଲ ଖେଳାଳି ସୃଷ୍ଟି କରିବା ପାଇଁ ଆନ୍ତରିକତା ନରଖି କେବଳ ଭିତିଭୂମି, କୋଠାବାଡି, ଷ୍ଟାଡିୟମ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏହାର ମୂଳ କାରଣ ହେଉଛି ଠିକାଦାରଙ୍କୁ ପୋଷି ବିପୁଳ ମାତ୍ରାରେ ଶହ ଶହ କୋଟି ଟଙ୍କା ଲୁଟ୍ କରିବା। ବର୍ତମାନ ବାରିବାଟୀ ନବୀକରଣ ନାଁରେ ଐତିହ୍ୟ, ସ୍ମୃତିଗୁଡିକୁ ଭାଙ୍ଗିବାକୁ ମସୁଧା କରୁଛନ୍ତି ରାଜ୍ୟ ସରକାର। ଠିକାଦାରଙ୍କୁ ପୋଷିବା ପାଇଁ ଓଡିଶାର ସ୍ୱତବ ପରିଚୟ ସୃଷ୍ଟି କରୁଥିବା ଐତିହ୍ୟ ସଂପନ୍ନ ବାରବାଟୀକୁ ନି୧/୨ହ୍ନ ନକରାଯାଉ ବୋଲି ବିଧାୟକ ତଥା ରାଜ୍ୟ ଉପସଭାପତି ତଥା ପୂର୍ବତନ ରଣଜୀ ଖେଳାଳି ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସା ମ୍ବାଦିକ ସ୧ଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ନିଷ୍ପତି କ୍ରୀଡାବିତଙ୍କ ମନକୁ ଆନ୍ଦୋଳିତ କରୁଛି। ବିଜେଡି ସରକାର ଇଭେଂଟ ମ୍ୟାନେଜମେଂଟ କଂପାନୀ ଏବଂ ନବୀନ ପଟ୍ଟନାୟକ ଜଣେ ଠିକାଦାରମାନଙ୍କ ଶୁଭଚିନ୍ତକ। ଖେଳ ଓ କ୍ରୀଡାର ପ୍ରସାର ଆଳରେ ବ୍ୟାପକ ମାତ୍ରାରେ ଶହ ଶହ କୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ କରି ଠିକାଦାରମାନଙ୍କୁ ପୋଷାଯାଉଛି। ରାଜ୍ୟ ସରକାର ଠିକାଦାରମାନଙ୍କ ପାଇଁ କ୍ରୀଡା ଓ କ୍ରୀଡାବୀତଙ୍କୁ ଅବହେଳା ନକରନ୍ତୁ। ଭଲ ଖେଳାଳି ସୃଷ୍ଟି ହେଲେ ଓଡିଶାର ସୁନାମ ଆସିବ। ନିର୍ବାଚନ, ଭୋଟ, ପ୍ରଚାର ଏବଂ ଘୋଷଣା ସର୍ବସ୍ୱ ବିଜେଡି ସରକାର ଠିକାଦାରମାନଙ୍କ ଜରିଆରେ ମୋଟା ପିସି ଆଦାୟ କରୁଛି। ନିର୍ମିତ ଓ ନିର୍ମାଣାଧିନ ଅନେକ ଷ୍ଟାଡିୟମ ଭାଙ୍ଗିଯିବାର ଦୃଶ୍ୟମାନ ହେଉଛି। ଡିଏମଏଫ ଫଣ୍ଡର ମଧ ଅପବ୍ୟବହାର କରାଯାଇ ଠିକାଦାରମାନଙ୍କୁ ପୋଷାଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ପୂର୍ବରୁ ବାରବାଟୀରେ ଭିତିଭୂମି, ଆନୁସଙ୍ଗିକ ନଥାଇ ମଧ ଓଡିଶା କ୍ରିକେଟ ଦଳରୁ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଓ ସଞ୍ଜୟ ରାଉଳଙ୍କ ଭଳି ଖେଳାଳି ଭାରତବର୍ଷକୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡା ପ୍ରଭଞ୍ଜନ ମଲ୍ଲିକ ଓ ସଞ୍ଜୟ ଶତପଥୀ 'ଭାରତୀୟ ଏ' ଟିମ୍‌ରେ ଖେଳୁଥିଲେ। ୧୯୯୪ ରୁ ୯୯ଭିତରେ ଓଡ଼ିଶାର ୩ଜଣ ଖେଳାଳି ଆନ୍ତର୍ଜାତୀୟ ସ୍ତରରେ ଖେଳୁଥିଲେ। ଦୀର୍ଘ ୨୪ବର୍ଷ ପରେ କୌଣସି ଜଣେ ଖେଳାଳୀ ଭାରତ ଟିମ୍ ଖେଳିବାର ଦୂରର କଥା ଖେଳ ଚର୍ଚ୍ଚାକୁ ଆସୁନାହାନ୍ତି। ୨୦୦୦ ମସିହାରେ ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ରଣଜି ଟ୍ରଫି ଟିମ୍‌ରେ ଓଡ଼ିଶା ସେମିଫାଇନାଲ ଯାଇଥିଲା, କିନ୍ତୁ ଏବେ ତାହାର ଅସ୍ତିତ୍ୱ ନାହିଁ। ଦୀର୍ଘ ୧୦ବର୍ଷ ହେଲା ବିସିସିଆଇ ଦ୍ୱାରା ଆଇପିଏଲ ଖେଳ ହେଉଥିଲେ ମଧ ଓଡ଼ିଶାରୁ ଖେଳାଳି ଖେଳିବାର ସୁଯୋଗ ପାଉନାହାନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ଓ ରାଜ୍ୟ ସରକାର ଜାଣିବା ଉଚିତ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ଭିତିଭୂମି ନିର୍ମାଣ କରିଦେଲେ ଖେଳାଳୀ ସୃଷ୍ଟି ହୁଅନ୍ତି ନାହିଁ। ରାଜ୍ୟ ସରକାର ଭିତିଭୂମିରେ ଟଙ୍କା ନଲୁଟି ବରଂ ଖେଳାଳୀ ସୃଷ୍ଟି କରନ୍ତୁ। ରାଜ୍ୟ ସରକାର କ୍ରୀଡାର ବିକାଶ ଚାହୁଁଥିଲେ ପ୍ରଥମେ ଖେଳ କ୍ଲବଗୁଡିକର ବିକାଶ ନିତ୍ୟାନ୍ତ ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବାରବାଟୀ ଷ୍ଟାଡିୟମ ଭବ୍ୟ ଓ ନବୀକରଣ କରନ୍ତୁ ମୁଖ୍ୟମନ୍ତ୍ରୀ ଆମର କୌଣସି ଅସୁବିଧା ନାହିଁ, କିନ୍ତୁ ଐତିହ୍ୟକୁ ଭାଙ୍ଗି ଦେଇ ନଷ୍ଟ ନକରନ୍ତୁ ରାଜ୍ୟ ସରକାର। କଟକ ଇଣ୍ଡୋର ଷ୍ଟାଡିୟମ ଛାତ ଉପରେ ଜରିପାଲ ପକାଯାଉଛି, ତାହା ବଡ ଦୁଃଖର ବିଷୟ। ବାରବାଟୀ ହେଉଛି କଟକର ପରିଚୟ, ଏହି ଷ୍ଟାଡିୟମ ନାଁରେ କୌଣସି ଠିକାଦାରଙ୍କୁ ଲାଭାନ୍ୱିତ କରିବାକୁ ଷଡଯବ ନକରାଯାଉ। ସୁବ୍ୟବସ୍ଥିତ ଗମନାଗମନ ପାଇଁ ବାରବାଟି ଷ୍ଟାଡିୟମକୁ ମେଟ୍ରୋ ରେଳ ସହ ସଂଯୋଗ କରାଯାଉ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶ୍ରୀତମ ଦାସ ଦାବି କରିଛନ୍ତି। ଏହି ସା ମ୍ବାଦିକ ସ୧ଳନୀରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ଉପସ୍ଥିତ ଥିଲେ।

# ସୋଆ ଓ ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର (ବ୍ୟୁରୋ) :** ଶୈକ୍ଷିକ ଆଦାନ ପ୍ରଦାନ ଓ ସହଯୋଗ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଓ ନ୍ୟୁଜିଲ୍ୟାଣ୍ଡ ସ୍ଥିତ ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ସାଇନ୍‌ସ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍ ୨୦୨୪ରେ ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ବିଶ୍ୱରେ ୬୮ ତମ ସ୍ଥାନ ହାସଲ କରିଛି। ବୁଝାମଣା ଅନୁଯାୟୀ ସୋଆ ଏବଂ ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ସାଇନ୍‌ସ ଶୈକ୍ଷିକ ସହଭାଗିତା, ବିଭିନ୍ନ ଅଧ୍ୟୟନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଗବେଷଣାତ୍ମକ ପ୍ରକଳ୍ପ କ୍ଷେତ୍ରରେ ତଥା ଛାତ୍ରଛାତ୍ରୀଙ୍କୁ ଗବେଷଣା କ୍ଷେତ୍ରରେ ସହଯୋଗ, ଶିକ୍ଷକ ଆଦାନ ପ୍ରଦାନ କାର୍ଯ୍ୟକ୍ରମ, ଭିଜିଟିଙ୍ଗସ ସ୍କଲାର ପ୍ରୋଗ୍ରାମ ଓ ଛାତ୍ରଛାତ୍ରୀଙ୍କ ଇନ୍‌ଟର୍ଣ୍ଣସିପ୍ ମିଳିତ ଭାବେ ସମ୍ପାଦନ କରିବେ। ଦୁଇ ବିଶ୍ୱବିଦ୍ୟାଳୟ ମଧ ମିଳିତ ଭାବେ କର୍ମଶାଳା ଓ ସମ୍ମିଳନୀ ଆୟୋଜନ କରିବେ। ଶୁକ୍ରବାର ଦିନ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ଫ୍ୟାକଲ୍ଟି ଅଫ୍ ସାଇନ୍‌ସର ଡିନ୍ ପ୍ରଫେସର ଜନ୍ ହସ୍‌କିଙ୍ଗ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି।

# ଓଡିଆ ଫାଉଣ୍ଡେସନ ପକ୍ଷରୁ ଯୁବ ପ୍ରତିଭା ଚୟନ ପ୍ରତିଯୋଗିତା

## ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବାଣ୍ଟିଲେ ସାଂସଦ ଅମର ପଟ୍ଟନାୟକ



**ଭୁବନେଶ୍ୱର (ବ୍ୟୁରୋ) :** ଓଡିଶା ଫାଉଣ୍ଡେସନ ପକ୍ଷରୁ ଯୁବ ପ୍ରତିଭା ଚୟନ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ନୀଳାଦ୍ରୀ ବିହାର ସ୍ଥିତ ପଣ୍ଡାପାର୍କ ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଯୋଗଦେଇ ୨ ଶହ ଜଣ କୃତୀ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରିବା ସହିତ ମୋବାଇଲ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫାଉଣ୍ଡେସନର ପ୍ରତିନିଧି ରମେଶ ଜେନା ଯୋଗଦେଇ କହିଥିଲେ ସହରାଞ୍ଚଳ ବସ୍ତି ମାନଙ୍କରେ ବହୁ ଯୁବ ପ୍ରତିଭା ଲୁକ୍କାୟିତ ଭାବରେ ରହିଛନ୍ତି। ସେମାନଙ୍କର ବିକାଶ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଓଡିଆ ଫାଉଣ୍ଡେସନ ପକ୍ଷରୁ ପ୍ରୟାସ ଜାରି ରହିଛି। ପିଲାମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା ପ୍ରତିପାଦନ କରିବା ଏବଂ ଯୁବ ସମ୍ପ୍ରଦାୟର ସଦସ୍ୟ ମାନଙ୍କ ମଧ୍ୟରେ ସମାଲୋଚିତ ଚିନ୍ତାଧାରା ସୃଷ୍ଟି କରିବା ଆମର ଉଦ୍ଦେଶ୍ୟ ରହିଛି। ଏହି ପ୍ରତିଯୋଗିତା ସେମାନଙ୍କୁ ନିଶ୍ଚୟ ସହାୟକ ହେବ ବୋଲି କହିଥିଲେ। ଫାଉଣ୍ଡେସନ ପକ୍ଷରୁ ଏସଆଇଡିବିଆଇ ସହାୟତାରେ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ସପ୍ତମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ ଇତ୍ୟାଦି ପ୍ରତିଯୋବିତା ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ସାଂସଦ ପାଣ୍ଠିରୁ ବାଇଜୁ ଲର୍ଣ୍ଣିଙ୍ଗ ସ୍କିଲ ସବସକ୍ରିପସନ୍ ସହିତ ମୋବାଇଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜିକା ଶ୍ରେଷ୍ଠା ପଟ୍ଟନାୟକ ଓ ଶିବାଶିଷ ସ୍ୱାଇଁ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ଅନୁଦାନ ରାଶିର ପରିମାଣକୁ ନେଇ କେନ୍ଦ୍ର ଓ ରାଜ୍ୟ ଉପରେ ବର୍ଷିଲା କଂଗ୍ରେସ




**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶାକୁ ଆସୁଥିବା କେନ୍ଦ୍ରମନ୍ତ୍ରୀ, ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନେତାମାନେ ବାରମ୍ବାର ବିଭିନ୍ନ ସଭା ସମିତିରେ ଗତ ୯ ବର୍ଷ ଭିତରେ ୧୮ ଲକ୍ଷ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି ବୋଲି କହି ନିଜର ବଦାନ୍ୟତା ଦେଖେଇ ହେବା ଓ ଓଡ଼ିଶାର ଜନସାଧାରଣଙ୍କୁ ଏହି ବିଭ୍ରାନ୍ତିକର ତଥ୍ୟ ଦେବା ସହ ତାହା ମିଛ କହୁଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ନେତା ଶ୍ରୀ ପଂଚାନନ କାନୁନ୍‌ଗୋ। କର ଆଦାୟ ହେବ ଏବଂ କେନ୍ଦ୍ର ସରକାର ଏହି କରକୁ ରାଜ୍ୟମାନଙ୍କ ଭିତରେ ଭାଗ ବାଂଟିବେ ବୋଲି ଏହା ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ହୋଇଛି ଏବଂ ରାଜ୍ୟମାନଙ୍କୁ କେତେ ପରିମାଣରେ ଅର୍ଥ ମିଳିବ ଏହାର ନିଷ୍ପତି ଫାଇନାନ୍‌ସ୍ କମିଶନ ନେଇଥାନ୍ତି। କେନ୍ଦ୍ରମନ୍ତ୍ରୀମାନଙ୍କର ବିବୃତି ଆଧାରରେ ଓଡ଼ିଶାକୁ ୯ ବର୍ଷ ମଧ୍ୟରେ ୧୮ ଲକ୍ଷ କୋଟି ଟଙ୍କା, ବର୍ଷକୁ ୨ ଲକ୍ଷ କୋଟି ଟଙ୍କା ମିଳିବା କଥା କହିବା ତାହାମିଛ। ଓଡ଼ିଶାର ବଜେଟକୁ ଯଦି ଅନୁଧ୍ୟାନ କରାଯାଏ ବାର୍ଷିକ ବଜେଟ ହାରାହାରି ପ୍ରାୟ ଦେଢ଼ଲକ୍ଷ କୋଟି ଟଙ୍କା ହେବ। ଯଦି ଆମର ବାର୍ଷିକ ବଜେଟ ଦେଢ଼ ଲକ୍ଷ କୋଟି ଟଙ୍କା ତେବେ କେନ୍ଦ୍ର ସରକାର ୨ ଲକ୍ଷ କୋଟି ଟଙ୍କା ଅନୁଦାନ ଦେବାର ଘୋଷଣା କେତେଦୂର ଯଥାର୍ଥ ଶ୍ରୀ କାନୁନ୍‌ଗୋ ଆହ୍ୱାନ ଦେଇ କହିଥିଲେ ଯେ କେନ୍ଦ୍ର ସରକାର ଓ କେନ୍ଦ୍ର ମନ୍ତ୍ରୀମାନେ ଏହି ୨ ଲକ୍ଷ କୋଟି ଟଙ୍କା କେଉଁ ଅନୁଦାନ ବାବଦରେ ଖର୍ଚ୍ଚ ହୋଇଛି ତାହା ସାର୍ବଜନୀନ କରନ୍ତୁ। ଏହି ଖର୍ଚ୍ଚ କରାଯାଇଥିବା ଅନୁଦାନ ରାଶିର ସିଏଜି ରିପୋର୍ଟ ରାଜ୍ୟବାସୀଙ୍କ ନିକଟରେ ସ୍ପଷ୍ଟ କରନ୍ତୁ ବୋଲି ଦାବି କରି ଶ୍ରୀ କାନୁନ୍‌ଗୋ କହିଥିଲେ ଯେ ରାଜ୍ୟ ସରକାର ମଧ କେନ୍ଦ୍ର ସରକାରଙ୍କ ଠାରୁ ପାଇଥିବା ଅନୁଦାନର ବିନିଯୋଗ ପ୍ରମାଣ ପତ୍ର ରାଜ୍ୟବାସୀଙ୍କ ସାମ୍ନାରେ ଉପସ୍ଥାପନ କରନ୍ତୁ। କେନ୍ଦ୍ର ସରକାର ରେଲୱେ ବଜେଟରେ ଦେଉଥିବା ଅନୁଦାନର ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ ନ ହୋଇ ଫେରିଯାଇଥିବା ନଜିର ରହିଛି। ଏହି କେନ୍ଦ୍ର ଓ ରାଜ୍ୟ ସରକାର ଲୋକମାନଙ୍କୁ ଭୁଆଁ ବୁଲାଇବା ପାଇଁ ବିଭିନ୍ନ ତଥ୍ୟ ଉପସ୍ଥାପନ କରନ୍ତି, ଯାହାର ବାସ୍ତବିକତା ନଥାଏ। କଂଗ୍ରେସ ପଚାରୁଥିବା ଏହି ପ୍ରଶ୍ନ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ତେଣୁ ମିଳିତ ଭାବେ ଚାଲିଥିବା ଉଭୟ ବିଜେଡ଼ି ଓ ବିଜେପି ସରକାର ଏହାର ଉତର ରଖିବେ ବୋଲି ଆମର ବିଶ୍ୱାସ ରହିଛି। ଓଡ଼ିଶାର ଲୋକମାନଙ୍କୁ ଠକିବା ପାଇଁ କେନ୍ଦ୍ରର ବିଜେପି ସରକାର ଓ ରାଜ୍ୟର ବିଜେଡ଼ି ସରକାର ମଧ୍ୟରେ ହୋଇଥିବା ଭିତିରି ବୁଝାମଣା ସଂପର୍କ ଆଜି ଲୋକମାନଙ୍କ ନିକଟରେ ଉନ୍ମୋଚିତ ହୋଇସାରିଛି। ନିକଟରେ ବିଜେପିର ସର୍ବୋଚ୍ଚ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଓ ନେତାମାନେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟରେ ଚାଲୁଥିବା ଭ୍ରଷ୍ଟାଚାରି ନବୀନ ପଟ୍ଟନାୟକଙ୍କ ବାବଦରେ ମୁହଁ ଖୋଲି ନାହାନ୍ତି। ଗଣମାଧ୍ୟମରେ ପ୍ରସାରିତ ଖବର ଅନୁସାରେ ଏକ ତାରକା ହୋଟେଲରେ ଅମିତ ଶାହା ଓ ଭିକେ ପାଣ୍ଡିଆନଙ୍କ ନିଭୃତ ସାକ୍ଷାତ ବିଜେଡ଼ି ଓ ବିଜେଡ଼ିର ମେଂଟକୁ ବଳ ଯୋଗାଇଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ଉଭୟ ଦଳର ଗଠବନ୍ଧନ ସରକାର ଚାଲୁଛି। ଏମାନେ ରାଜ୍ୟରେ କଳି ଓ ଦିଲ୍ଲୀରେ କୋଳାକୋଳି ହୁଅନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଶ୍ରୀ କାନୁନ୍‌ଗୋ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅମୀୟ ପାଣ୍ଡବ ମଧ ଉପସ୍ଥିତ ଥିଲେ।

# ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନ ତରଫରୁ କର୍ଲାମୁଣ୍ଡା ବ୍ଲକ ଅଫିସ ଘେରାଉ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ବାର୍ଦ୍ଧକ୍ୟ, ବିଧବା, ଅବିବାହିତା ଓ ଭିନ୍ନକ୍ଷମମାନଙ୍କୁ ମଧୁବାବୁ ପେନସନ୍ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତ୍ତା ୫୦୦, ୭୦୦ ଓ ୯୦୦ଟଙ୍କାରେ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇପଡୁଥିଲା। ତେଣୁ ରାଜ୍ୟର ବିଭିନ୍ନ ମହଲରୁ ଭତ୍ତା ବୃଦ୍ଧି ନିମନ୍ତେ ଦାବି ହେଉଥିବା ବେଳେ ଗତ ୦୨/୦୨/୨୦୨୪ରେ କଳାହାଣ୍ଡି ଜିଲ୍ଲାରେ ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଭତ୍ତାଧିକାରୀ ପହଞ୍ଚି ଜିଲ୍ଲାପାଳ ଅଫିସ୍ ଘେରାଉ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭତ୍ତା ଟଙ୍କା ୨୫୦୦ ରୁ ୩୦୦୦ଟଙ୍କା କରିବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ତା ପରେ ରାଜ୍ୟ ସରକାର ଗତ ୧୦/୦୨/୨୦୨୪ରେ ସବୁ ବର୍ଗରେ ମାତ୍ର ୫୦୦ଟଙ୍କା ବୃଦ୍ଧି କଲେ ଯାହା ଏହି ମହଙ୍ଗା ଦୁନିଆରେ ଗରିବ ଓ ଅସହାୟମାନେ ମାତ୍ର ୧୦୦୦ଟଙ୍କାରେ ବଞ୍ଚିବେ କେମିତି ବୋଲି ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରଶ୍ନ କରିବା ସହ ସରକାର ପୁଣି ଥରେ ୧୦୦୦ରୁ ୨୫୦୦ଟଙ୍କା, ୧୨୦୦ ଓ ୧୪୦୦କୁ ୩୦୦୦ଟଙ୍କା କରିବା ଏବଂ ସମସ୍ତ ଭତ୍ତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ଗତ ୧୫ତାରିଖ ଦିନ ଭବାନୀପାଟଣାରେ ସାମ୍ବାଦିକ ସମ୍ମିଳନୀ କରି ଅନୁରୋଧ କରିଥିଲେ। କିଛି ଦିନ ହେଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁ ବୁଲି ବୁଲି ସଚେତନ କାର୍ଯ୍ୟକ୍ରମ କରିବା ସହିତ ଭତ୍ତା ବଢାଇବା ପାଇଁ ଦାବି ଉପସ୍ଥାପନ କରିବା ଦେଖିବାକୁ ମିଳିଥିଲା। ଆଜି ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଭତ୍ତା ୨୫୦୦ ରୁ ୩୦୦୦ଟଙ୍କା ଦାବି ନେଇ କର୍ଲାମୁଣ୍ଡା ବ୍ଲକ ଅଫିସ୍ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୩ଦଫା ଦାବି ପତ୍ର ପ୍ରଦାନ କରାଯାଇଅଛି। ଏହି ସଭାରେ ସଂଗଠନର ଜିଲ୍ଲା ସଭାପତି ସୁରେଶ ସଂଗ୍ରାମ, ବ୍ଲକ ସଭାପତି ଦଶରଥ ସାହୁ, କ୍ଷିରୋଦ କୁମାର ନାଗ, ମୋହନ ସାହୁ, ନାରୀ ନେତ୍ରୀ ଉମାକାନ୍ତି ସାହୁ, ଟୁକୁରାମ ସାହୁ, କୁମୁଦ ଛତ୍ରିଆ, ଶମ୍ଭୁ ସାହୁ ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିବା ସହ ବିଭିନ୍ନ ଗାଁରୁ ୧୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ।

# ନିମ୍ନମାନର ପାଇପ ବିଛା କାର୍ଯ୍ୟ ଅଭିଯୋଗ

## ବିନା ଟଙ୍କାରେ ଘରୋଇ ସଂଯୋଗ ମନା

**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଡଙ୍ଗ ପଂଚାୟତରେ ଏଲ ଏଣ୍ଡ ଟି କଂମ୍ପାନୀ ପକ୍ଷରୁ ପାଣି ପାଇପ କାର୍ଯ୍ୟ ଚାଲୁ ରହିଛି। ଏହି କଂମ୍ପାନୀ ନିଜେ ଏହି ଖନନ କାର୍ଯ୍ୟ ନକରି ସବ କଣ୍ଟ୍ରାକ୍ଟ ଦ୍ୱାରା ଏହି କାର୍ଯ୍ୟ କରୁଥିବାରୁ କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। କାର୍ଯ୍ୟ ସ୍ଥଳରେ କୌଣସି ଠିକାଦାର ଓ ଯନ୍ତ୍ରୀ ରହୁନଥିବାରୁ ଶ୍ରମିକମାନେ ନିଜ ମନମୁଖୀ ଅଳ୍ପ ଗଭୀରରେ ପାଣି ପାଇପ ପୋତି ପକାଉଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଘରକୁ ପାନୀୟ ଜଳ ପାଇଁ ପାଇପ ସଂଯୋଗ କରିବା ସରକାରୀ ନିର୍ଦ୍ଦେଶ ଥିବା ବେଳେ ଏଥିପାଇଁ ଶ୍ରମିକମାନେ ଅର୍ଥ ଦାବୀ କରୁଥିବାନେଇ କବିତା ସେଠୀ, କୃଷ୍ଣ କୁମାରୀ ସେଠି, ଦୀପକ କୁମାର ସେଠୀ, ଶୁକଲତା ସେଠି, ପ୍ରକାଶ ଚନ୍ଦ୍ର ପାଲ, ଦିଲ୍ଲିପ ସ୍ୱାଇଁ, ନାରାୟଣ ନାୟକ, ଅଞ୍ଜନା ଜେନା, ରଂଜନ ଜେନା, ରାଜେସ ରାଉତ, କୃଷ୍ଣ ଚନ୍ଦ୍ର ପାଳ, ସୁଧୀ ରଂଜନ ରାଉତ, କାଳନ୍ଦି ସ୍ୱାଇଁ, ପ୍ରିତବାସ ବାରିକ, ରଶ୍ମୀ ଦାସ ପ୍ରମୁଖ ରଘୁନାଥପୁର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ବାବଦରେ ସରପଂଚ ସୁଶୀଳ ବାରିକଙ୍କୁ ପଚାରିବାରୁ ସେ କିଛି ଜାଣିନଥିବା କହିଥିବା ବେଳେ ଏସଡିଓଙ୍କ ସହିତ ଯୋଗାଯୋଗ ହୋଇ ପାରିନାହିଁ।

# ନୀଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ

**ଜୟପୁର (ଅମୃତ ମିଡିଆ) :** ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି। ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ଘଟଣା ସ୍ଥଳରୁ ୫ ଶହ ଲିଟର ପୋଚ ଓ ୬୦ ଲିଟର ଦେଶି ମଦ ଜବତ କରିନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି।



# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

**ବାଲେଶ୍ୱର (ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ଓ ଓଡିଶା କ୍ରୀକେଟ ଏସୋସିଏସନ ମିଳିତ ଆନୁକୁଲ୍ୟରେ ବାଲେଶ୍ୱର ଜିଲ୍ଲା କ୍ରିକେଟ ଏକାଡେମି ଆଭାସୀ ମାଧ୍ୟମରେ ଆଜି ସଂଧ୍ୟା ୫.୩୦ ମିନିଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ ପରେ ପରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ତରଫଂରୁ ବାଲେଶ୍ୱର ବିଧାୟକ ସ୍ୱରୁପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା, ଜିଲ୍ଲା କ୍ରୀଡାଧୀକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ କେତେ ଜଣ ବିଶିଷ୍ଟ ଖେଳାଳି ପ୍ରଦିପ ଜାଳି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଓଡିଶା କ୍ରିକେଟ ଏସୋସିଏସନ ଦ୍ୱାରା ଯୁବ କ୍ରୀକେଟ ଖେଳାଳୀ ମାନଙ୍କୁ ଟୋପି, ଟି- ସାଟ ଏବଂ ପ୍ୟାଂଟ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା କ୍ରୀଡାସଂଘର ସଭ୍ୟ ସନ୍ତୋଷ କୁମାର ଦାସ, ସୁକାନ୍ତ ନାୟକ, ଉପସଭାପତି ଜଗଦିଶ ବେହେରା,ଅମର ମହାନ୍ତି, ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତୀକ ଚନ୍ଦ୍ର ନାୟକ, ନିମାଇଁ ଚରଣ ରାଉତରାୟ, ସଂଜୟ ଲେଙ୍କା, ଅଜିତ କୁମାର ପାତ୍ର , ଜନ୍ମେଜୟ ଦେ, ସୁଜୟ ଆଚାର୍ଯ୍ୟ, ପ୍ରଦିପ କୁମାର ଦାସ, ସୁବିର ନାୟକ, ରବିନ୍ଦ୍ର କୁମାର ସାହୁ, ଦିଲିପ ଜେନା, ଗୋପାଳ ସେଠି, ଅକ୍ଷୟ ଆସ, ସୋମେନ ଘୋଷ, ରବିନ ମିତ୍ର, ସତ୍ୟରଂଜନ ଦାସ, ଓ ଅନ୍ୟ କର୍ମକର୍ତା ଏବଂ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ କ୍ରୀଡାବିତ ଓ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ ବୋଲି ଜିଲ୍ଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଶ୍ରୀ ଅଧୀପ ଦାସ ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ କୋଶଳୀ ନାଟବାଦୀ-ନାଟଯାତ୍ରା



**ବଲାଙ୍ଗୀର (ଅମୃତ ମିଡିଆ) :** ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ଚାଲିଥିବା କୋଶଲି ନାଟବାଦୀ-ନାଟଯାତ୍ରା ର ଦ୍ୱିତୀୟ ଦିବସରେ ବଲାଙ୍ଗିର ନଟରାଜ କଳାପରିଷଦ ତରଫରୁ ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶିତ କୋଶଲି ପୌରାଣିକ ନାଟକ "ରାବଣ" ମଂଚସ୍ତ ହୋଇଥିଲା । ଦଶାନନ ରାବଣ କିପରି ଭାବରେ ସୁବର୍ଣ୍ଣଲଙ୍କା ସିଂହାସନ ସହ ପୁଷ୍ପକ ବିମାନ ପାଇଥିଲା, ସେହି ପୁରାଣ ବର୍ଣ୍ଣିତ କଥାବସ୍ତୁ ଉପରେ ଆଧାରିତ ନାଟକଟି ଉଚ୍ଚ ପ୍ରସଂଶିତ ହୋଇଥିଲା। ଦ୍ୱିତୀୟ ନାଟକଟି ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ସୋନପୁର ର ବିଣାପାଣୀ ସାହିତ୍ୟ ସଂସଦର କଳାକାର ମାନେ ମଂଚସ୍ତ କରିଥିଲେ ନାଟକ 'ଟୁକୁ'। ପୁଅଝିଅ ଥାଇ ବୃଦ୍ଧ ପିତାମାତା ହଇରାଣ ହରକତ ହେଉଛନ୍ତି, ନ ଥାଇ ମଧ୍ୟ ସେୟା। ସମାଜ କୁ ସୁଧାରିବା ପାଇଁ ନାଟକ "ଟୁକୁ"ର ପ୍ରୟାସ । ଏହି କଥାବସ୍ତୁ ଉପରେ କଳାକାର ମାନେ ତାଙ୍କ କଳା ପ୍ରଦର୍ଶନ ଉଚ୍ଚକୋଟୀର ଥିଲା । ଶେଷରେ ସଦାଇପାଲିର ନିରାକାର କଳାପରିଷଦ ତରଫରୁ ଗୀତିନାଟ୍ୟ "ସୂର୍ପଣଖା ନାସା ଛେଦନ" ପରିବେଷଣ ହୋଇଥିଲା। ଆଜି ଆୟୋଜକ କମିଟିର ସଂପାଦକ ଡ.ନାରାୟଣ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଏବଂ ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଓ ସ୍ଥାନୀୟ ସମିତି ସଭ୍ୟ ଗୋଲାପ ବାଗ ଅତିଥି ଭାବରେ ଯୋଗଦାନ କରି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମଧୁ ସୁଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁଲୋଚନା ମିଶ୍ର, ହିତିକା ମହାନ୍ତି, ରେସମା ସା, ସୁଶ୍ମିତା ସୁନା, ଅନୁପମା ବାଗ, ପ୍ରଜ୍ଞାପରିମିତା ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଦେଶୀମଦ ଚାଲାଣ ବେଳେ ଚଢଉ, ଜଣେ ଗିରଫ

**ଜୟପୁର (ଅମୃତ ମିଡିଆ) :** ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା କୁଶପୁରୀ ଗ୍ରାମର କୁଲୁ ପୂଜାରୀ। ଜୟପୁର ଅବକାରି ଥାନା ସୁଚନା ଅନୁଯାୟୀ ଦେଶୀମଦ ଚାଲାଣ ହେଉଥିବା ବେଳେ କୁଶପୁରୀ ଗ୍ରାମ ରାସ୍ତାରେ ଚଢାଉ କରିଥିଲା। ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରି ୧୩ ଲିଟର ଦେଶି ମଦ ଜବତ କରିଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୁଚନା ଦେଇଛନ୍ତି।

# ଦାବି ପୂରଣ ନ ହେବାରୁ ଦାନା ବାନ୍ଧୁଛି ଆନ୍ଦୋଳନ



**ବାରିପଦା/ଉଦଳା (ଅମୃତ ମିଡିଆ) :** କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳାକୁ ମ୍ୟୁନସିପାଲଟି, ଖୁଂଟାକୁ ଏନ୍ଏସି, କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଓ ନୁଦଡ଼ିହାକୁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେବା ପାଇଁ ଦିର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ଗୋଟିଏ ହେଲେ ଦାବିକୁ ସରକାର ପୁରଣ କଲେନାହିଁ। ଏଥିପାଇଁ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ପ୍ରବଳ ଜନଅସନ୍ତୋଷର ବାତାବରଣ ଖେଳିଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପୁର୍ବରୁ ସରକାର ଏହିସବୁ ଦାବି ଗୁଡ଼ିକୁ ପୁରଣ ନକଲେ ନିର୍ବାଚନରେ ଏହାର ପ୍ରଭାବ ପରିଲକ୍ଷିତ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପାଇଁ ଆଗାମି ଦିନରେ ଆନ୍ଦୋଳନ ମୁଣ୍ଡ ଟେକୁଥିବାର ସୂଚନା ମିଳିଛି। ପ୍ରକାଶ ଥାଉକି ଉଦଳା ଏନ୍ଏସି ଘୋଷିତ ହେବାର ଦୀର୍ଘ ୫୦ ବର୍ଷ ପୁରିଲା। ଉଦଳା ସହରର ଲୋକ ସଂଖ୍ୟା ଓ ଏହାର ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ କଲେ ଉଦଳାକୁ ମ୍ୟୁନସିପାଲଟି ଘୋଷଣା କରିବାରେ କିଛି ଅସୁବିଧା ନାହିଁ। ସେହିପରି ଖୁଂଟାରେ ୨ଟି ବ୍ଲକ, ୨ଟି ତହସିଲ, ଟ୍ରେଜେରି, ଥାନା ସବୁକିଛି ରହିଛି। ଏଠାକାର ଜନସଂଖ୍ୟାର ସାନ୍ଦ୍ରତାକୁ ନଜରପକାଇଲେ ଏହା ଏନ୍ଏସି ମାନ୍ୟତା ପାଇଁ ଏକ ଯୋଗ୍ୟ ସ୍ଥାନ ଅଟେ। ମୟୂରଭଂଜ ଜିଲ୍ଲାର କପ୍ତିପଦା ହେଉଛି ଦ୍ୱିତୀୟ ବୃହତମ ବ୍ଲକ । ଏହି ବ୍ଲକ ଅଧିନରେ ଶରତ ପାଖକୁ ଲାଗିକରି ଥିବା ୯ ଗୋଟି ପଂଚାୟତ ବ୍ଲକ ସଦର ମହକୁମା ଠାରୁ ୩୦ କିମି ଦୂରରେ ଅବସ୍ଥିତ। ଏହା ଏକ ଉପାନ୍ତ ଅଂଚଳ ହୋଇଥିବାରୁ ଶରତକୁ ଏକ ବ୍ଲକ ଘୋଷଣା ନିହାତି ଜରୁରୀ ହୋଇ ପଡ଼ିଛି। ସେହିପରି ନୁଦଡ଼ିହା ଠାରୁ ବ୍ଲକ ସଦର ମହକୁମା ୨୫ କିମି ଦୂର। ନୁଦଡ଼ିହା ପାଖକୁ ଲାଗିକରିଥିବା ୬ ଗୋଟି ପଂଚାୟତକୁ ନେଇ ଏକ ବ୍ଲକ ଘୋଷଣା କରିବାକୁ ଦିର୍ଘ ବର୍ଷ ତଳୁ ଦାବି ହୋଇ ଆସୁଛି। କପ୍ତିପଦା ଉପଖଣ୍ଡର ଏହିସବୁ ଦାବି ଗୁଡ଼ିକ ପୁରଣ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

# ଆଦିବାସୀ ହୋ ସମାଜର 'ମାଗେ ପର୍ବ'



**ବାରିପଦା (ଅମୃତ ମିଡ଼ିଆ) :** ଆଦିବାସୀ ହୋ ସମାଜ ର ବାର୍ଷିକ ମାଗେ ପର୍ବ ପାଳିତ ହୋଇଯାଇଛି। ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ, ନାଚ ର ତାଳେ ତାଳେ ଝୁମୁଛନ୍ତି ଅଞ୍ଚଳ ର ଲୋକେ। ପାରମ୍ପରିକ ବାଦ୍ୟ ର ତାଳେତାଳେ ନାଚୁଛନ୍ତି ପିଲା ଠାରୁ ବୁଢା ପର୍ଯ୍ୟନ୍ତ। ପ୍ରତ୍ୟେକ ବର୍ଷ ମାଘ ମାସ ଆସିଲେ ଚଳଚଞ୍ଚଳ ହୋଇ ଉଠେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସାଲେଇବେଡା ଅଞ୍ଚଳ। ବେଶ ଧୁମଧାମରେ ପାଳନ କରାଯାଏ ମାଗେ ପର୍ବ। ଏ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ମୁଖ୍ୟ ପର୍ବ ହେଉଛି ଏହି ମାଗେ ପର୍ବ। ୪ ଦିନ ଧରି ଏହା ପାଳନ କରାଯାଇଥାଏ। ପ୍ରଥମ ଦିନରେ ଗୁରିଃ ପର୍ବ (ଗୁହାଳ ପୂଜା), ୨ୟ ଦିନରେ ମାରାଂ ପର୍ବ (କୂଳ ଦେବତା ପୂଜା), ୩ୟ ଦିନରେ ଯାତ୍ରା ପର୍ବ(ପାରମ୍ପରିକ ନାଚଗୀତ) ଓ ୪ର୍ଥ ବା ଶେଷ ଦିନରେ ହାର୍ ମାଗେଆଃ(ଭୂମି ପୂଜା) ଅନୁଷ୍ଠିତ ହୋଇଥାଏ। ଧୀରେଧୀରେ ଆଦିବାସୀଙ୍କ ପରମ୍ପରା ଲୋପ ପାଇ ଆସୁଥିବା ବେଳେ ଏହି ମାଗେ ପର୍ବ ପୁଣିଥରେ ସଂସ୍କୃତି ପରମ୍ପରା କୁ ଉଜ୍ଜୀବିତ କରୁଛି ଭାଇଚାରାର ବଜାଇରଖିଥାଏ । ଏହି ଅବସରରେ ଦୂରଦୂରାନ୍ତରେ ରହୁଥିବା ଏମାନଙ୍କ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ମାନେ ଆସି ଏଥିରେ ସାମିଲ ହୋଇଥାନ୍ତି।

# ମ. ରାମପୁରକୁ ଏନଏସି ଘୋଷଣାରୁ ବାଦ ପ୍ରତିବାଦରେ ୬ ଘଣ୍ଟିଆ ବନ୍ଦ ଡାକରା



**କଳାହାଣ୍ଡି (ଅମୃତ ମିଡ଼ିଆ) :** ମଦନ ରାମପୁର କୁ ଘଇଉ ଘୋଷଣା ରୁ ବାଦ୍ ପ୍ରତିବାଦରେ ୬ଘଣ୍ଟିଆ ଦୋକାନ ବଜାର ବନ୍ଦ ଡାକରା ଦିଆଯାଇଛି। କଳାହାଣ୍ଡି ଜିଲ୍ଲାର ଏମ୍ ରାମପୁର କୁ ଘଇଉ ଓ ସବ୍ ଡିଭିଜନ କରାଯିବାକୁ ସରକାରଙ୍କ ପାଖରେ ଦୀର୍ଘଦିନ ଠାରୁ ଦାବୀ କରାଯାଉଛି। ତିନି ଦଶନ୍ଧି ଧରି ସବ ଡିଭିଜନ କରାଯିବାକୁ ଦାବି କରାଯାଉଛି ଏବଂ ଘଇଉ ମନ୍ୟତା ଦେବାକୁ ଦାବୀ କରାଯାଉଛି। ଆଗାମୀ ୨୦୨୪ ନିର୍ବାଚନ କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତ ମାସ ୨୪ତାରିଖ ଦିନ ୩୫ଟି ନୂତନ ଘଇଉ ଘୋଷଣା କରିଛନ୍ତି କିନ୍ତୁ ଏମ୍ ରାମପୁରକୁ ଏଥିରୁ ବାଦ୍ ଦିଆ ଯାଇଛି । ଯାହା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଜି ଏହାର ପ୍ରତିବାଦ କରି ୬ଘଣ୍ଟିଆ ବନ୍ଦ ଡ଼ାକରା ଦିଆଯାଇଛି। ସକାଳ ୬ ଟା ରୁ ଦିନ ୧୨ଟା ଯାଏଁ ଦୋକାନ ବଜାର, ବନ୍ଦ ରଖିବାକୁ ନିବେଦନ କରିଛି ଏମ୍ ରାମପୁର ବ୍ୟବସାୟୀ ସଂଘକୁ ସମର୍ଥନ କରିଛନ୍ତି କଂଗ୍ରେସ ଦଳ, ଭାରତୀୟ ଜନତା ପାର୍ଟି ଓ ସିପିଆଇ ଏମ ସଙ୍ଗଠନ। ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାଲୁ ରହି ଥିବାରୁ କେବଳ ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତି ନେଇଛନ୍ତି। ଯଦି ସରକାର ନ ଶୁଣନ୍ତି ଆଗାମୀ ଦିନରେ ବଡ ଆନ୍ଦୋଳନ କରାଯିବା ନେଇ ସୂଚନା ଦେଇଛନ୍ତି।

# ମିଶନ ଶକ୍ତି ସୁଧ ଫେରସ୍ତ ଓ ୟୁନିଫର୍ମ ସହାୟତା ଶୁଭାରମ୍ଭ




**ରଘୁନାଥପୁର (ଅମୃତ ମିଡିଆ) :** ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ଦ୍ୱାରା ମିଶନ ଶକ୍ତି ମା ମାନଙ୍କୁ ସୁଧ ଫେରସ୍ତ ଓ ୟୁନିଫର୍ମ ସହାୟତା ଯୋଜନାରେ ଆଜି ରଘୁନାଥପୁର ବ୍ଲକର ମିଶନ ଶକ୍ତି ଦ୍ୱାରା ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରି ଏହି ଯୋଜନାରେ ରଘୁନାଥପୁର ବ୍ଲକର ୧୪୮୯ଟି ମହିଳା ଗ୍ରୁପର ମହିଳାମାନେ ଉପକୃତ ହୋଇ ପାରିବେ। ଏଥି ସହିତ ଶୁନ ଶତକଡା ସୁଧରେ ସ୍ୱୟଂ ସହାୟିକା ଗୋଷ୍ଠି ମାନଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ରିହାତି ମିଳି ପାରିବ। ଏହି ସୁଧ ଫେରସ୍ତ ପ୍ରକ୍ରିୟାରେ ରାଜ୍ୟରେ ୧୪୫କୋଟି ଟଙ୍କାର ସୁଧ ଫେରସ୍ତ କରା ଯିବାକୁ ଥିବାବେଳେ ୭୩୦କୋଟି ଟଙ୍କା ବ୍ୟୟରେ ଇସି ମେମ୍ବର ମାନଙ୍କୁ ୟୁନିଫର୍ମ ଓ ବ୍ଲେଜର ପାଇଁ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ବିଡିଓ ନମିତା ବାରିକ, ଉପାଧ୍ୟକ୍ଷ ଦେବାଶୀଷ ତ୍ରୀପାଠି, ସିଡିପିଓ ତୃପ୍ତିଲତା ମହାନ୍ତି,ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣି ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ବିପିସି ସ୍ନେହପ୍ରୟା ସ୍ୱାଇଁ, ବିଏଲଏଫ ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ବିଏଲସି ବିଶ୍ୱଜିତା ଦାଶ, ତ୍ରୀନାଥ ପ୍ରସାଦ ଦାସ, ବିପିଏ ସୁବୁଲି ସେଠୀ, ଡିଏସସି ତପସ୍ୱୀନି ଚୌଧୁରୀ, ଆଇଡିବିଆଇ ମ୍ୟାନେଜର ରମେଶ ଚନ୍ଦ୍ର ଦଳାଇ, ପିଏନବିର ବିଶ୍ୱ ରଂଜନ ଜେନା, ପିଏନବି ମ୍ୟାନେଜର ସ୍ୱରାଜ ମିଶ୍ର, ପିଏନବିର ଧର୍ଯ୍ୟଧର ବେହେରା ପ୍ରମୁଖ ଯୋଗ ଦେଇଥିଲା ବେଳେ ଶତାଧୀକ ଏସଏଚଜି ମହିଳାମାନେ ଯୋଗ ଦେଇଥିଲେ। ଏହି ସଭାକୁ ବିଏଲସି ମୀନାରାଣି ଦାସ ପରିଚାଳନା କରିଥିବା ବେଳେ ବିପିଏମ ଲିପିକା ଷଢଙ୍ଗି ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାକାମ ପାଇଁ ପାଇପ୍ ଲାଇନ ଫାଟିଯିବା ଯୋଗୁଁ ବସୁଧା ଜଳ ଯୋଗାଣ ବନ୍ଦ



**ଚଣ୍ଡିଖୋଲ (ଅମୃତ ମିଡିଆ) :** ଛତିଆ ଚମ୍ପାପୁର ପୂର୍ତ୍ତ ବିଭାଗ ରାସ୍ତା କାମ ଯୋଗୁଁ ରାସ୍ତା କଡରେ ବିଛା ଯାଇଥିବା ବସୁଧା ଯୋଜନାର ପାଣି ପାଇପଗୁଡିକ ବହୁ ଜାଗାରେ ଫାଟିଯିବାରୁ ଜନସାଧାରଣ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ବିଭିନ୍ନ ସ୍ଥାନ ମାନଙ୍କରେ ବଡ ବଡ ପାଣି ଟାଙ୍କି, ବୋରୱେଲ ଓ ପାଇପ ମାନ ବିଛାଯାଇ ବିଭିନ୍ନ ସ୍ଥାନ ମାନଙ୍କରେ ଛୋଟ ଛୋଟ ଟାଙ୍କି ମାନ ନିର୍ମାଣ କରାଯାଇ ଅଞ୍ଚଳବାସୀଙ୍କୁ ପାଣି ଯୋଗାଇ ଦେବାପାଇଁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ୍ୟ ବ୍ୟବସ୍ଥା କରାଯାଇଛି। ମାତ୍ର ଉକ୍ତ କାର୍ଯ୍ୟ ନିର୍ମାଣ ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିତ ହୋଇ ବହୁ ସ୍ଥାନ ମାନଙ୍କରେ ନିମ୍ନମାନର କାମ କରି ପାଇପଗୁଡିକୁ ମାଟି ତଳେ ନପୋତି ଉପରେ ରଖିଦେଇ କାମ ସାରି ପଳାଇ ଯିବା ଯୋଗୁଁ ଅଳ୍ପଦିନ ପରେ ମୁଖ୍ୟ ଟାଙ୍କିରୁ ପାଣି ଲିକ୍ କରିବା ସହ ବିଭିନ୍ନ ସ୍ଥାନରେ ପାଇପ ଗୁଡିକ ଫାଟି ରାସ୍ତାରେ ପାଣି ଭାସୁଛି। ଏହିପରି ଘଟଣା ଚମ୍ପାପୁର ଠାରେ ନିର୍ମାଣ କରାଯାଇଥିବା ବସୁଧା ଯୋଜନାର କାର୍ଯ୍ୟରେ ଦେଖାଯାଇଛି। ୪ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି କାର୍ଯ୍ୟଟି ପ୍ରଥମ ଠିକାଦାର ନିମ୍ନ ମାନର କାର୍ଯ୍ୟକରି ପଳାଇ ଯିବା ପରେ ବିଭାଗୀୟ ଅଧିକାରୀ ମାନେ ତା ଠାରୁ ବହୁ ଅର୍ଥ ଖାଇ ତାର ସମ୍ପୂର୍ଣ୍ଣ ବିଲ୍ କରାଇ ଦେଇଥିଲେ। ମାତ୍ର ଅଳ୍ପ ଦିନପରେ ସେହି ଟାଙ୍କିରୁ ପାଣି ଲିକ୍ କରିବା ସହ ପାଇପ ଗୁଡିକ ବହୁ ଜାଗାରେ ଫାଟିଗଲା। ସ୍ଥାନୀୟ ଅଞ୍ଚଳବାସୀଙ୍କର ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ପୁଣି ଯେଉଁ ଠିକଦାରଙ୍କୁ ସେହି କାମକୁ ରିପାରିଙ୍ଗ ପାଇଁ ଆଦେଶ ଦେବା ପରେ ସେ ବ୍ୟକ୍ତି ପାଇପ ଗୁଡିକୁ ତଳେ ନପୋତି ଉପରେ ରଖିଦେଇ ଟାଙ୍କି ଗୁଡିକୁ ବାଲି ସିମେଣ୍ଟ ରେ ପ୍ୟାଚ ପକେଇ କାମସରି ଚାଲିଯିବା ପରେ, ପୂର୍ବରୁ ଯାହା ଅବସ୍ଥା ଥିଲା ସେହି ଅବସ୍ଥା ଭଳି ଲୋକେ କିଛି ମାତ୍ରାରେ ପାଣି ପାଉଥିଲେ। ଗତ ମାସରେ ଛତିଆ



ଚମ୍ପାପୁର ପୁର୍ତ ବିଭାଗ ରାସ୍ତା କାର୍ଯ୍ୟ ସଂପ୍ରସାରଣ ଜୈନିକ ଠିକାଦାର କାର୍ଯ୍ୟ ଆରମ୍ଭ କଲାପରେ ମେସିନ ଲଗାଇ ରାସ୍ତା ଗୁଡିକୁ ସାଫା କରିବା ସମୟରେ ପାଇପ ଲାଇନ ଗୁଡିକୁ ବହୁ ଜାଗାରେ ଓପାଡିଦେବା ସହ କେତେକ ସ୍ଥାନରେ ପାଇପ ଗୁଡିକ ଫାଟିଯାଇଛି ଫଳରେ ପାଣି ରାସ୍ତାରେ ଭାସୁଛି ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ମାତ୍ର ପାନୀୟ ଜଳ ଯୋଗାଣ ଅଧିକାରୀ ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଉପରେ ଦୋଷ ଦେଉଥିବା ବେଳେ ଠିକାଦାର ମଧ ବିଭାଗୀୟ ଅଧିକାରୀଙ୍କ ଉପରେ ଦୋଷ ଦେଉଛି। ଦୁହେଁ ଦୁହିଁଙ୍କର ଦୋଷ ଦେଉଥିବା ବେଳେ ସ୍ଥାନୀୟ ଲୋକେ ଓ ଏହି ପାଣି ଉପରେ ନିର୍ଭର କରୁଥିବା ଚମ୍ପାପୁର ହାଟର ବ୍ୟବସାୟୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିତ ଭାବେ ରାସ୍ତା କଡରେ ବିଛାଯାଇଥିବା ପାଇପ ଗୁଡିକୁ ବସାଇ ପାନୀୟ ଜଳ ବ୍ୟବସ୍ତା ପୂର୍ବ ପରି ଚାଲୁ କଲେ ଅଞ୍ଚଳବାସୀଙ୍କର ଜଳ ସମସ୍ୟା ଦୂର ହେବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

### ମିଲେଟ ମୋର ପକ୍ଷରୁ ମାଣ୍ଡିଆଜନିତ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

# ବିଶ୍ୱ ବଜାରରେ ଆଦର ଲାଭ କରିବ ଓଡିଶା ମାଣ୍ଡିଆ ଉତ୍ପାଦ




**ଭୁବନେଶ୍ୱର (ବ୍ୟୁରୋ) :** ଶରୀରକୁ ସୁସ୍ଥ ରଖିବା ପାଇଁ ଶାରୀରିକ ପରିଶ୍ରମ ଓ ବେୟାମର ଯେତିକି ଆବଶ୍ୟକତା ରହିଛି ତାଠାରୁ ଅଧିକ ଆବଶ୍ୟକତା ରହିଛି ଉପଯୁକ୍ତ ଖାଦ୍ୟ ପଦାର୍ଥ ଗ୍ରହଣ କରିବା ଉପରେ। ସାଧାରଣ ଜୀବନ ଶୈଳୀରେ ଲୋକମାନେ ଚାଉଳ, ଗହମକୁ ମୁଖ୍ୟ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ବେଳେ ବର୍ତ୍ତମାନ ମିଲେଟ ବା ମାଣ୍ଡିଆକୁ ଏଥିରେ ସାମିଲ କରିଛନ୍ତି। ମାଣ୍ଡିଆ ସ୍ୱାସ୍ଥ୍ୟ ଉପଯୋଗୀ ଓ ଭିଟାମିନ ଯୁକ୍ତ ହୋଇଥିବାରୁ ବଜାରରେ ଏହାର ଚାହିଦା ବଢିବାରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମାଣ୍ଡିଆ ଉତ୍ପାଦନ ବୃଦ୍ଧି, ଉଦ୍ୟୋଗ ସୃଷ୍ଟି ଓ ଏଥିରୁ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ପାଇଁ ପ୍ରସାହନ ଯୋଗାଇ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ମିଲେଟମୋର ଆଗ୍ରୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଇନ୍ଫୋସିଟି ସ୍ଥିତ ଓ-ହବରେ ଏକ ଶହରୁ ଉର୍ଦ୍ଧ୍ୱ ଏସଏଚଜି ଓ ଏଫପିଓ ମହିଳା ଉଦ୍ୟୋଗୀଙ୍କୁ ନେଇ ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଡାଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀ ବ୍ରଜକିଶୋର ସ୍ୱାଇଁ ଯୋଗଦେଇ କହିଥିଲେ ପୂର୍ବରୁ ଓଡିଶାର ଲୋକମାନେ ମାଣ୍ଡିଆକୁ କେବଳ ଜାଉ ଭାବରେ ବ୍ୟବହାର କରୁଥିଲେ। ବର୍ତ୍ତମାନ ସ୍ଥିତି ବଦଳି ଯାଇଛି। ଓଡିଶାରେ ମାଣ୍ଡିଆରୁ ବିଭିନ୍ନ ପ୍ରକାର ରୁଚିପୂର୍ଣ୍ଣ ଖାଦ୍ୟ ମିଠା, ପିଠା ବିସ୍କୁଟ, ଲଡୁ, ନୁଡୁଲ୍ସ, କେକ୍ ଓ ବ୍ରେଡ ଇତ୍ୟାଦି ପ୍ରସ୍ତୁତ ହୋଇ ପାରୁଛି। ଏହି ଉତ୍ପାଦ ବିଶ୍ୱ ବଜାରରେ ନିଶ୍ଚିତ ଆଦର ଲାଭ କରିବ। ଓଡିଶାର ଚାଷୀ ଓ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ନିର୍ଦ୍ଦେଶକ ସୁଶିଲ କୁମାର ଦାସ, ସାଧାରଣ ପରିଚାଳକ ଶ୍ରୀଶ୍ ଲେଙ୍କା, ବ୍ୟବସାୟ ସହଭାଗୀ ସୁମିତ୍ରା ସାହୁ ଅଂଶଗ୍ରହଣ କରି ଭବିଷ୍ୟତରେ ୫୦୦ରୁ ଉର୍ଦ୍ଧ୍ୱ ଏଫପିଓ ସହିତ ଯୋଡି ହେବାକୁ ଯୋଜନା ପ୍ରସ୍ତୁତ କରିଥିବା କହିଥିଲେ। କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀମାନଙ୍କୁ ବିଭିନ୍ନ ଖାଦ୍ୟ ପ୍ରଦାର୍ଥ ପ୍ରସ୍ତୁତି ପ୍ରଣାଳୀ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଗ୍ରୋଦ୍ୟାନ ନିର୍ଦ୍ଦେଶକ ହର ପ୍ରସାଦ, ମହିରା ଫାର୍ମର ପ୍ରଡ୍ୟୁସର ନିର୍ଦ୍ଦେଶକ କୁମୁଦିନୀ ସ୍ୱାଇଁ, ସ୍ମାଇଲ ଫାଉଣ୍ଡେସନ ନିର୍ଦ୍ଦେଶକ ଆଶିଷ ଝା ଓ ସୀମା ଆଗ୍ରୋ ଫୁଡ ଉଦ୍ୟୋଗର ପ୍ରଭାକର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ



**ବଲାଙ୍ଗୀର (ଅମୃତ ମିଡିଆ) :** ଯାଦବ ଭବନ ବଲାଙ୍ଗିର ଠାରେ ଚକ୍ରପାଣି ରଣାଙ୍କ ଅଧ୍ୟକ୍ଷତାରେ ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପଶ୍ଚିମ ଓଡିଶା ୧୨ ଗୋଟି ଜିଲ୍ଲାରୁ ସଭାପତି, ସଂପାଦକ ତଥା ପଦାଧିକାରୀ ଉପସ୍ଥିତ ହୋଇଥିଲେ। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଅରୁଣ ରଣା, ସୁରେଶ ଚନ୍ଦ୍ର ରଣା, କମ୍ବୁପାଣି ରଣା ଉପସ୍ଥିତ ଥିଲେ। ଏହି ସଭାରେ ନୂତନ ଭାବରେ ପଶ୍ଚିମ ଓଡିଶାର କୁମ୍ଭାର ସମାଜର କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଶୁଶିଲ କୁମାର ରଣା, ସାଧାରଣ ସଂପାଦକ ବିଶ୍ୱନାଥ ରଣା, ଉପ-ସଭାପତି ମଣ୍ଡଳି ଓମ୍ ପ୍ରକାଶ ରଣା, ଶିବ ପ୍ରସାଦ ରଣା, ବିନୋଦ କୁମାର ରଣା, କାହ୍ନୁ ଚରଣ ରଣା, ଶ୍ରୀକାନ୍ତ ରଣା, ସୁରେଶ ଚନ୍ଦ୍ର ରଣା, ଯୁଗ୍ମ ସଂପାଦକ ତିଲୋତ୍ତମା ରଣା, କଳ୍ପନା ରଣା, ବିଜୟଲକ୍ଷ୍ମୀ ରଣା, ମଦନା ରଣା, ଉପଦେଷ୍ଟା ମଣ୍ଡଳି ଅରୁଣ ରଣା, ଚକ୍ରପାଣି ରଣା, ରଘୁରାଜ ରଣା, ନିଳାକାର ରଣା, ଗଣେଶ୍ୱର ରଣା, ଭକ୍ତଚରଣ ରଣା, ଯୁଗଲ କିଶୋର ରଣା, କମ୍ବୁପାଣି ରଣା, ଅରୁଣ ରଣା ରହିଥିଲେ। ଏହି ସଭାକୁ ସହଯୋଗ କରିଥିଲେ ଶଶିଭୂଷଣ ରଣା, ଅନିଲ କୁମାର ରଣା, ପ୍ରମୋଦ ରଣା, ସୁବଳ ରଣା। ଶେଷରେ ସଭାପତି ସମସ୍ତ ଉପସ୍ଥିତ କୁମ୍ଭାର ସମାଜ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

### ଆମ ସନାତନ ପରମ୍ପରା ଓ ବେଦର ବିକଳ୍ପ ନାହିଁ: ଗବେଷିକା ମମତା ମହାନ୍ତି

**ଭୁବନେଶ୍ୱର (ବ୍ୟୁରୋ) :** ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଶ୍ୱ ମାତୃଭାଷା ଦିବସ ଅବସରରେ ବେଦ ଗବେଷିକା ତଥା ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କୁ ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ। ବରେଣ୍ୟ ଅତିଥି ସଂସ୍କୃତି ପୁରୁଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ପାଇ ଗବେଷିକା ଶ୍ରୀମତୀ ମହାନ୍ତି ମତବ୍ୟକ୍ତ କରିଥିଲେ ଯେ, ସନାତନ ପରମ୍ପରା, ମାତୃଭାଷା ଓ ବେଦର କୌଣସି ବିକଳ୍ପ ନାହିଁ। ଆଧ୍ୟାତ୍ମିକତା ଓ ପୂଜ୍ୟପୂଜାକୁ ଆଜିର ସମାଜରେ ସମସ୍ତେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।



# ଯୁବଛାତ୍ର ବନ୍ଧୁ ମିଳନରେ ଉଠିଲା ନେତୃତ୍ୱ ପରିବର୍ତ୍ତନର ସ୍ୱର




**ଭୁବନେଶ୍ୱର (ବ୍ୟୁରୋ) :** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟିଆ ସ୍ଥିତ ମା ପନିକିପଟା ମନ୍ଦିର ପ୍ରାଙ୍ଗଣରେ ବିଶାଳ ଯୁବ-ଛାତ୍ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀର ସମସ୍ତ ୱାର୍ଡ ଓ ପଞ୍ଚାୟତର ଯୁବ-ଛାତ୍ରମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ଆଗାମୀ ନିର୍ବାଚନରେ ନେତୃତ୍ୱ ପରିବର୍ତ୍ତନ ପାଇଁ ସ୍ୱର ଉଠାଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ପୁଣି ଥରେ ବିଧାୟକ ପ୍ରାର୍ଥୀ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେମାନେ କହିଛନ୍ତି ପ୍ରିୟ ଭାଇ ସମସ୍ତଙ୍କର ପ୍ରିୟ ଅଟନ୍ତି। ବିଧାୟକ ଥିବା ସମୟରେ ଯେମିତି ଲୋକମାନଙ୍କ ସୁଖରେ ଦୁଃଖରେ ଭଗୀଦାର ହୋଇ ସମସ୍ତଙ୍କ କଥା ବୁଝୁଥିଲେ। ବିଧାୟକ ନଥାଇ ମଧ୍ୟ ସେ ସମସ୍ତଙ୍କ ପାଖରେ ସୁବିଧା ଅସୁବିଧାରେ ଠିଆ ହୋଇ ଆସୁଛନ୍ତି। ବାସ୍ତବରେ ସେ ଜଣେ ଦରଦୀ ନେତା ଓ ଲୋକସେବକ। ତାଙ୍କ ସମୟରେ ଉତ୍ତର ବିଜେଡିର ଯୁବ ଓ ଛାତ୍ର ସଙ୍ଗଠନ ଦୃଢିଭୂତ ହୋଇଛି। ଗଣେଶ ପୂଜା, ସରସ୍ୱତୀ ପୂଜା ଠାରୁ ଆରମ୍ଭ କରି ଖେଳ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୁବ- ଛାତ୍ର ମାନଙ୍କୁ ଉତ୍ସାହିତ କରିଥାନ୍ତି। ଯୁବକ ଓ ଛାତ୍ର ମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହିତ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥାନ୍ତି। ପ୍ରଭୁ ଜଗନ୍ନାଥ ତାଙ୍କୁ ଆଶୀର୍ବାଦ କରନ୍ତୁ ସେ ପୁଣିଥରେ ଉତ୍ତର ବିଧାୟକ ହୁଅନ୍ତୁ। ଦରକାର ପଡିଲେ ଆମ୍ଭେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ନିବେଦନ କରିବୁ ବୋଲି ଯୁବ-ଛାତ୍ରମାନେ ଏକ ସ୍ୱରରେ କହିଥିଲେ। ପଟିଆ ବିଗ ବଜାର ଛକରୁ ବିରାଟ ବାଇକ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଯୁବକ ଛାତ୍ର ପ୍ରିୟଙ୍କୁ ସଭା ସ୍ଥଳକୁ ପାଛୋଟି ଆଣିଥିଲେ। ସେଠାରେ ଯୁବନେତା ପ୍ରକାଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଥିଲେ ଯୁବକ ଛାତ୍ର ହେଉଛନ୍ତି ସମାଜର ମେରୁଦଣ୍ଡ। ସେମାନଙ୍କର ଉନ୍ନତି ପାଇଁ ମାନ୍ୟବର ମୁଖ୍ୟମନ୍ତରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଶିକ୍ଷା କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆଣିଛନ୍ତି। ସ୍କୁଲ କଲେଜ ଗୁଡିକାର ରୂପାନ୍ତକରଣ ହେବା ସହ ଛାତ୍ରଛାତ୍ରୀ ମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀମାନେ ରାଜନୀତିରେ ସାମିଲ ହୋଇ ନେତୃତ୍ୱ ନିଅନ୍ତୁ ଓ ଉପଯୁକ୍ତ ନେତୃତ୍ୱ ଚୟନ କରନ୍ତୁ। ମୁଁ ବିଧାୟକ ଥାଏ ବା ନଥାଏ ସବୁବେଳେ ସେମାନଙ୍କ ସହିତ ରହିଥିଲି, ରହିଛି ଆଗକୁ ମଧ୍ୟ ରହିବି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ଅଭିନେତା ବିଜୁ ବଡଜେନା, କର୍ମଚାରୀ ନେତା ସରୋଜକାନ୍ତ ମଲ୍ଲିକ, ବରିମୁଣ୍ଡ ଗ୍ରାମ ସଭାପତି ପବିତ୍ର ସ୍ୱାଇଁ, ଯୁବନେତା ଆଲୋକ ପାଣିଗ୍ରାହୀ, ଛାତ୍ରନେତା ଆଦର୍ଶ ସେନ୍, ନାରୀନେତ୍ରୀ ଦୀପା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାଳିଚରଣ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ୟାରେଜ ମାଲିକଙ୍କ ଖାମଖିଆଲି ଯୋଗୁଁ ସ୍କୁଟି ପୋଡି ପାଉଁଶ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ସହରର ଜଣେ ଗ୍ୟାରେଜ ମାଲିକଙ୍କ ଖାମଖିଆଲି ଯୋଗୁଁ ଏକ ସ୍କୁଟି ପୋଡି ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ପଞ୍ଚାୟତର ଖଣ୍ଡିଆବନ୍ଧ ଗ୍ରାମର ଶିକ୍ଷକ ସ୍ୱର୍ଗତ ଉତ୍ସବ ସ୍ୱାଇଁଙ୍କ ପୁତ୍ର ରଣଜିତ କୁମାର ସ୍ୱାଇଁ ତାଙ୍କ ଭଉଣୀଙ୍କ ସ୍କୁଟିର ସାଇଲେନ୍ସରରେ ଏକ ହୋଲ ହୋଇଯାଇଥିବାରୁ ତାକୁ ନେଇ ଓଲଡିଂ କରିବାକୁ କଜଳାର ଜ୍ଞାନପିଠ ପାଖରେ ଥିବା ଏକ ଗ୍ୟାରେଜ କୁ ଆଜି ଅପରାହ୍ନରେ ଯାଇଥିଲେ। ସେହି ଗ୍ୟାରେଜର ମାଲିକ ସହରର ବଡହାଟସ୍ଥିତ ସେକ ଅନିସୁଦ୍ଦିନଙ୍କ ପୁଅ ସେକ ଟିକି ସାଇଲେନ୍ସରକୁ ସ୍କୁଟିରୁ ଖୋଲି ଓଲଡିଂ କରିବା ପରିବର୍ତ୍ତେ ସ୍କୁଟିକୁ ଗୋଟିଏ କଡକୁ ଓଲଟାଇ ଓଲଡିଂ କରିଥିଲେ। ଫଳରେ ସ୍କୁଟିର ଟାଙ୍କିରେ ଥିବା ପେଟ୍ରୋଲ ଗୋଟିଏ କଡକୁ ଚାଲିଯାଇଥିଲା। ସେହି ଅବସ୍ଥାରେ ଓଲଡିଂ କରାଯିବାରୁ ସ୍କୁଟିରେ ନିଆଁ ଲାଗିଯାଇ ସଂପୂର୍ଣ୍ଣ ପୋଡିଯାଇଥିଲା। ସ୍କୁଟି ନେଇ ଗ୍ୟାରେଜ ଯାଇଥିବା ରଣଜିତ ସ୍କୁଟିକୁ ନିଆଁ ଦାଉରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେବି ସ୍କୁଟି ଟି ପୋଡି ପାଉଁଶ ହୋଇଯାଇଥିଲା।

# ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ୍ ଆନୁକୂଲ୍ୟରେ ଜାତୀୟ ଟ୍ୟାକ୍ସ ସମ୍ମିଳନୀ ଆୟୋଜିତ

**ଭୁବନେଶ୍ୱରବ୍ୟୁରୋ) :** ଅଲ ଇଣ୍ଡିଆ ଫେଡେରେସନ୍ ଅଫ୍ ଟ୍ୟାକ୍ସ ପ୍ରାକ୍ଟିସନର୍ସର ସହଭାଗିତା ଏବଂ ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ ଦ୍ୱାରା ଆୟୋଜିତ ଏକଦିବସୀୟ ଟ୍ୟାକ୍ସ କନ୍ଫରେନ୍ସ ଭୁବନେଶ୍ୱର ଶହୀଦନଗରସ୍ଥିତ ହୋଟେଲ୍ ଏମ୍ପୟାର୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଡ. ବି.ଆର. ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଇନ୍କମ୍ ଟ୍ୟାକ୍ସ ପ୍ରିନ୍ସିପାଲ୍ କମିଶନର ସରୋଜ କୁମାର ମହାପାତ୍ର, ଏ.ଆଇ.ଏଫ୍.ଟ.ପି. ନ୍ୟାସ୍ନାଲ୍ ପ୍ରେସିଡେଣ୍ଟ ନାରାୟଣ ପ୍ରସାଦ ଜେନ୍, ଓଡ଼ିଶା ଷ୍ଟେଟ୍ ବାର କାଉନ୍ସିଲ୍ର ପୂର୍ବତନ ଚେୟାରମ୍ୟାନ ମାନସ ରଂଜନ ମହାପାତ୍ର ଯୋଗଦେଇଥିଲେ। ଏହି କନ୍ଫରେନ୍ସ ଏ.ଆଇ.ଏଫ୍.ଟି.ପି. ଇଷ୍ଟର୍ଣ୍ଣ ଜୋନ୍ ଅଧ୍ୟକ୍ଷ ବିବେକାନନ୍ଦ ମହାନ୍ତି ଓ ଭୁବନେଶ୍ୱର ଟ୍ୟାକ୍ସ ବାର୍ ସଭାପତି ରମେଶ ଧଳଙ୍କୁ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ରାଜ୍ୟ ତଥା ବାହାରୁ ଅନେକ ଟ୍ୟାକ୍ସ ପରାମର୍ଶଦାତା ଏଥିରେ ଯୋଗଦେଇ ଜି.ଏସ୍.ଟି. ଓ ଆଇକର ଆଇନ୍ର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ସହିତ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟର ସଫଳ ରୂପାୟନ ପାଇଁ ତୁଷାର ସାହୁ, ଗୋପାଳ ରାଉତ, ସରୋଜ ସାହୁ, ନିଳାଦ୍ରୀ ସାହୁ, ଦେବାଶିଷ ମିଶ୍ର, ତ୍ରୈଲୋକ୍ୟ ଶତପଥି, ସୁଶୀଲ୍ ସାମନ୍ତରାୟଙ୍କୁ ଧନ୍ୟବାଦ ଦେଇଥିଲେ କନ୍ପରେନ୍ସର ସେକ୍ରେଟାରୀ ପ୍ରଦେଶଚ ପଟ୍ଟନାୟକ। କନ୍ଫରେନ୍ସର ସଫଳତା ପାଇଁ ଏଥିରେ ଯୋଗ ଦେଇଥିବା ପ୍ରତ୍ୟେକ ଟ୍ୟାକ୍ସ ପରାମର୍ଶଦାତାଙ୍କୁ ପ୍ରଶାନ୍ତ ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ।




# ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ରାଜ୍ୟ ଯୁବ ସଂସଦ ଉତ୍ସବ ଆୟୋଜିତ



**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫେବୃୟାରୀ ୨୫, ୨୦୨୪ ଦିନ ରାଜ୍ୟସ୍ତରୀୟ ଯୁବ ସଂସଦ ଉତ୍ସବ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତଟ ରେଳବାଇର ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ ଜ୍ୟୋତି ପ୍ରକାଶ ମିଶ୍ର ଓଡିଶାର ୬୦ଜଣ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ସଂଗଠନର ଆଞ୍ଚଳିକ ନିର୍ଦ୍ଦେଶିକା ଶ୍ରୀମତୀ ହନି ସିହ୍ନା, କେନ୍ଦ୍ର ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋ, କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ସ୍ମୃତିରଞ୍ଜନ ଦାଶ, ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡିଶା ଭାଷା ଓ ସାହିତ୍ୟ ସ୍ନାତକୋତ୍ତର ବିଭାଗ ସଂଯୋଜକ ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ଉପ ନିର୍ଦ୍ଦେଶକ ମନୋଜ କୁମାର ଜାଲି, ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ହିନ୍ଦି ବିଭାଗ ମୁଖ୍ୟ ଡକ୍ଟର ସ୍ନେହଲତା ଦାସ ଓ ଭୁବବେଶ୍ୱର କମଳା ନେହେରୁ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ମଧୁସ୍ମିତା ଦାସ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଏନଏସଏସ୍ ଯୁବ ଅଧିକାରୀ ଅଜିତ କୁମାର, କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ କାର୍ଯ୍ୟକ୍ରମ ଅଧିକାରୀ ମହେନ୍ଦ୍ର ଜେନା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ଯୁବ ସଂସଦ ପକ୍ଷରୁ ଆୟୋଜିତ ଯୁବ ସାଂସଦ ପ୍ରତିଯୋଗିତାରେ ପ୍ରତି ଜିଲ୍ଲାରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମୋଟ ୬୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲ୍ଲାର କୁମାରୀ ସୁଶ୍ରୀ ସଂଗୀତା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ବରଗଡ ଜିଲ୍ଲାର କୁମାରୀ ଅର୍ଚ୍ଚିତା ମିଶ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନୂଆପଡା ଜିଲ୍ଲାର ଅନ୍ୱେଷ ପାଢୀ ତୃତୀୟ ସ୍ଥାନ ?ଅଧିକାର କରିଥିଲେ। ଏହି ତିନିଜଣ ବିଜେତା ମାର୍ଚ୍ଚ ୪ ଓ ୫, ୨୦୨୪ ଦିନ ନୂଆଦିଲ୍ଲୀ ସଂସଦ ଭବନଠାରେ ଆୟୋଜିତ ହେବାକୁ ଥିବା ୨୦୨୩-୨୪ ଜାତୀୟ ଯୁବ ସଂସଦ ଉତ୍ସବରେ ଓଡିଶାର ପ୍ରତିନିଧିତ୍ୱ କରିବେ।

# ସମସ୍ୟା ସମାଧାନକୁ ନେଇ ସରକାରଙ୍କ ନୀରବତା ଶିକ୍ଷକ କର୍ମଚାରୀଙ୍କୁ ବ୍ୟଥିତ କରିଛି : ଓଷ୍ଟା

**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ୨୦ ଦିନରେ ପହଞ୍ଚିଛି। ସମସ୍ୟା ସମାଧାନର ପଦକ୍ଷେପ ସ୍ୱରୂପ ବିଜ୍ଞପ୍ତି ବାହାର କରିବାରେ ସରକାର ଅହେତୁକ ବିଳମ୍ବ କରିଚାଲିଛନ୍ତି ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଦୀର୍ଘ ୨୦ ଦିନ ଧରି ଅହୋରାତ୍ର ଧାରଣା ଚାଲିଥିଲେ ସୁଦ୍ଧା ସମସ୍ୟା ସମାଧାନର ସୂତ୍ର ବାହାରୁ ନାହିଁ। ସରକାରଙ୍କ ଏତାଦୃଶ ନୀରବତା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟଥିତ କରିଛି। ସୂଚନାଥାଉ କି, ୨୦ ଦିନ ଧରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଦାବୀ ହାସଲ ପାଇଁ ଅହୋରାତ୍ର ଧାରଣାରେ ବସି ରହିଛନ୍ତି। ଅନ୍ୟ ପଟରେ ସରକାର ସେମାନଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଶିକ୍ଷକମାନଙ୍କର ନ୍ୟାର୍ଯ୍ୟ ଦାବୀଗୁଡ଼ିକ ମଧ୍ୟରେ ୨୦୧୩ ଅନୁଦାନ ଆଇନରୁ ବଞ୍ଚିତ ହୋଇଥିବା ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକ ସମସ୍ତ ମାନଦଣ୍ଡକୁ ପରିପୂର୍ଣ୍ଣ କରିଥିଲେ ମଧ୍ୟ ସେହି ବିଦ୍ୟାଳୟଗୁଡ଼ିକୁ ଅନୁଦାନ ନମିଳିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସେହି ବର୍ଗର ଶିକ୍ଷକ ଓ ଶିକ୍ଷାକର୍ମଚାରୀ ପ୍ରାୟ ୨୫ରୁ ୩୦ ବର୍ଷ ନିଜ ଜୀବନକୁ ଜଳାଞ୍ଜଳି ଦେଇ କାର୍ଯ୍ୟ କଳାପରେ ବିନା ପାରିଶ୍ରମିକରେ ଅବସର ନେଇ ସାରିଛନ୍ତି ଓ କେତେକ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଏହି ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କୁ ତୁରନ୍ତ ଅନୁଦାନ ପରିସରଭୁକ୍ତ କରାଯାଉ। ୨୬୦୮ଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଓ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କ ପାଇଁ ପେନ୍ସନ୍ ଓ ଅବସରକାଳୀନ ସୁବିଧା ମିଳୁନାହିଁ। ୩୦ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରି ଶିକ୍ଷକଟି ୬୦ ବର୍ଷରେ ଅବସର ନେଲାପରେ ଶୂନ୍ୟହସ୍ତରେ ଅବସର ନେଉଛନ୍ତି ଓ ତାଙ୍କୁ ଅବସରକାଳୀନ ସୁବିଧା ଦବାର ବ୍ୟବସ୍ଥା ନାହିଁ। ତେଣୁ ସରକାରଙ୍କୁ ଅନୁରୋଧ କରି ଜଣାଉଛୁ କି ଅବସର ନେଉଥିବା ଓ ନେବାକୁ ଅପେକ୍ଷା କରିଥିବା ଶିକ୍ଷକମାନଙ୍କ ପାଇଁ ପେନ୍ସନ୍ ଓ ଅବସରକାଳୀନ ସୁବିଧା ଯୋଗାଇ ଦିଆଯାଉ। ସରକାରୀ କର୍ମଚାରୀମାନଙ୍କର ଅବସର ବୟସସୀମା ୫୮ବର୍ଷ ଥିବାବେଳେ ବେସରକାରୀ ତଥା ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ କର୍ମଚାରୀଙ୍କ ଅବସର ବୟସସୀମା ୬୦ ବର୍ଷ ଥିଲା। ବର୍ତ୍ତମାନ ସରକାର ସରକାରୀ କର୍ମଚାରୀଙ୍କ ବୟସସୀମାକୁ ୬୦ ବର୍ଷକୁ ବୃଦ୍ଧି କରିଥିବା ବେଳେ ବେସରକାରୀ ତଥା ଅନୁଦାନପ୍ରାପ୍ତ କର୍ମଚାରୀମାନଙ୍କର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରାଯାଇନାହିଁ। ତେଣୁ ଅବସର ବୟସସୀମାକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ। ଏତଦବ୍ୟତୀତ ସରକାର ସୁପ୍ରିମକୋର୍ଟ ଓ ହାଇକୋର୍ଟ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଟ୍ରେଣ୍ଡ ଗ୍ରାଜୁଏଟ୍ ସ୍କେଲ ପ୍ରଦାନ କରନ୍ତୁ। ନୂତନ ଅନୁଦାନପ୍ରାପ୍ତ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ କରାଯାଉ। ଗ୍ରେଡ୍ ପେ ରେ ଥିବା ଅସଙ୍ଗତିକୁ ତୁରନ୍ତ ଦୂରୀକରଣ କରାଯାଉ। ୨୦୦୪ରୁ ୨୦୧୩ ଭିତରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ୬ଟି ନୋସ୍ନାଲ ଇନ୍କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ କରାଯାଉ। ବି.ଏ.ବି.ପି.ଏଡ୍, ବି.ଏ.ସି.ପି.ଏଡ୍ ଯୋଗ୍ୟତାଧାରୀ ଖେଳ ଶିକ୍ଷକମାନଙ୍କୁ ପଦୋନ୍ନତି ଦିଆଯାଉ। ବର୍ତ୍ତମାନ ନୂତନ ଅନୁଦାନ ପାଉଥିବା ବିଦ୍ୟାଳୟରେ କାର୍ଯ୍ୟରତ ୨ୟ ଓ ୩ୟ ପିଅନ ଏବଂ କିଛି ବିଦ୍ୟାଳୟ ଯଥା- ୩୭, ୪୬, ୬୩ ବିଦ୍ୟାଳୟଙ୍କୁ ୦୧.୦୪.୨୦୦୮ ପରିବର୍ତ୍ତେ ୦୧.୦୧.୨୦୦୪ରୁ ଆଣ୍ଟିଡ଼େସନ୍ ପ୍ରଦାନ କରାଯାଉ। ଆର୍.ଏ. ସ୍କିମ୍ର ପୁନଃପ୍ରଚଳନ କରାଯାଉ। ସେହିଭଳି ଅଫିସ୍ ସହାୟକମାନଙ୍କୁ ମଧ୍ୟ ଉଚ୍ଚତର ଗ୍ରେଡ଼ପେ ପ୍ରଦାନ କରାଯାଉ। ଉର୍ଦ୍ଦୁ ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ କରାଯାଉ। ସରକାର ତୁରନ୍ତ ଏହିସବୁ ନ୍ୟାୟୋଚିତ ଦାବୀଗୁଡ଼ିକ ପ୍ରତି ଦୃଷ୍ଟି ନିକ୍ଷେପ କରି ଏହାର ସମାଧାନର ସୂତ୍ର ବାହାର କରନ୍ତୁ ବୋଲି ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲାୱାରୀ ପାଳିରେ ଆଜି ପୁରୀ, ନୂଆପଡ଼ା, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ସୁନ୍ଦରଗଡ଼ ଜିଲ୍ଲାଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲାମାନଙ୍କ ତରଫରୁ ସର୍ବଶ୍ରୀ ମାଣିକେଶ୍ୱର ସ୍ୱାଇଁ, ମଧୁସୂଦନ ଦେ, ଅଜୟ କୁମାର ଆଚାର୍ଯ୍ୟ, ବିଜୟ କୁମାର ବେହେରା, ବିଜୟ କୁମାର ବରାଳ ପ୍ରମୁଖ ଧାରଣାରେ ଉପସ୍ଥିତ ରହି ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସରକାର ତୁରନ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ସମ୍ପର୍କରେ ହସ୍ତକ୍ଷେପ କରି ସମାଧାନର ରାସ୍ତା ବାହାର କରନ୍ତୁ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଓଷ୍ଟାର ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, ନୀଳମଣି ପୁରୋହିତ, ରଞ୍ଜନ କୁମାର ଦାଶ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବୀ ଉପସ୍ଥାପନ କରିଛନ୍ତି।



₹ 5/-
NB
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.